# କୁନାଲ କାମରାଙ୍କ ମନ୍ତବ୍ୟକୁ ନେଇ ବିବାଦ

ମୁମ୍ବାଇ,୨୪।୩(ଏଜେନ୍ସି): ଶିବସେନା ଏବଂ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ପ୍ରତି ଷ୍ଟାଣ୍ଡ ଅପ୍ ହାସ୍ୟ ଅଭିନେତା କୁନାଲ କାମରାଙ୍କ କଟାକ୍ଷକୁ ନେଇ ମହାରାଷ୍ଟ୍ର ରାଜନୀତିରେ ବିବାଦ ତୀବ୍ର ହୋଇଛି। ବିଶେଷକରି ଏହି ପ୍ରସଙ୍ଗରେ ଶିବସେନା ଏବଂ ଉଦ୍ଧବ ଠାକରେଙ୍କ ଦଳ ମୁହାଁମୁହିଁ ହୋଇଥିବା ଦେଖାଯାଇଛି। କୁନାଲ ନିକଟରେ ମୁମ୍ବାଇସ୍ଥିତ ହାବିଟାଟ୍ ଷ୍ଟୁଡିଓରେ ଏକ କାର୍ଯ୍ୟକ୍ରମ ରେକର୍ଡିଂ କରିଥିଲା ବେଳେ ଏଥିରେ ସେ ଉପ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ କମେଡି ମାଧ୍ୟମରେ କଟାକ୍ଷ କରିଥିଲେ। ସେ ସିନ୍ଦେଙ୍କୁ ବିଶ୍ୱାସଘାତକ ବୋଲି ଅଭିହିତ କରିବା ସହିତ ୨୦୨୨ରେ ଦଳ ବିଭାଜନକୁ ନେଇ ହୋଇଥିବା ଘଟଣା ସମ୍ପର୍କରେ ଏକ ଗୀତ ମଧ୍ୟ ଗାଇଥିଲେ। ହେଲେ ଏହାପରେ ଶିବସେନା ପକ୍ଷରୁ କୁନାଲଙ୍କୁ ଦୃଢ଼ ବିରୋଧ କରାଯିବା ସହିତ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ତାଙ୍କ ବିରୋଧରେ ବିଭିନ୍ନ ସ୍ଥାନରେ ଗଦାଗଦା ଏତଲା ଦାଏର କରାଯିବା ସହିତ ଶିବସେନା କର୍ମୀମାନେ କୁନାଲ ରେକର୍ଡ କରିଥିବା ଷ୍ଟୁଡିଓରେ ଭଙ୍ଗା ରୁଜା କରିଛନ୍ତି। ସେମାନେ କୁନାଲଙ୍କୁ ମାଡ଼ ମାରିବାକୁ ମଧ୍ୟ ଧମକ ଦେଇଛନ୍ତି। କୁନାଲଙ୍କ ବିରୋଧରେ ଏତଲା ଦାଏର କରାଯିବା ପରେ ପୁଲିସ ତାଙ୍କୁ ଫୋନରେ ପଚରାଉଚରା କରିଛି। ହେଲେ ସେ ନିଜର କମେଡି ପାଇଁ କାହାକୁ କ୍ଷମା ମାଗିବେ ନାହିଁ ବୋଲି କହିଛନ୍ତି। ଯଦି ତାଙ୍କ ଅଭିନୟକୁ ନେଇ ଅଦାଲତ କିଛି ନିର୍ଦ୍ଦେଶ ଦିଅନ୍ତି ତେବେ ତାହାକୁ ସେ ମାନି ନେବେ ବୋଲି କହିଛନ୍ତି। କୁନାଲଙ୍କ ଏଭଳି ଆଭିମୁଖ୍ୟକୁ ନେଇ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ ତାଙ୍କୁ ଅର୍ବାନ ନକ୍ସଲ ଭାବେ ଅଭିହିତ କରିଛନ୍ତି।

**ଏତଲାପରେ ପୁଲିସର ପଚରାଉଚରା**

**କ୍ଷମା ମାଗିବାକୁ ମନାକଲେ କୁନାଲ**



### କୁନାଲ କିଛି ଭୁଲ କହିନାହାନ୍ତି : ଉଦ୍ଧବ ଠାକ୍‌ରେ

କୁନାଲଙ୍କ କମେଡିକୁ ନେଇ ସିନ୍ଦେ ସେନା ଓ ଉଦ୍ଧବ ସେନା ମଧ୍ୟରେ ରାଜନୀତିକ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। କମେଡିରେ କୁନାଲଙ୍କ ଅଭିନୟ ଏବଂ ଆଚରଣ ଶିବସେନା ଏବଂ ଏକନାଥ ସିନ୍ଦେଙ୍କ ପ୍ରତି ଅପମାନ ଓ ଆପତ୍ତିଜନକ ବୋଲି ଶିବସେନା କହିଛି। କିନ୍ତୁ ଉଦ୍ଧବ ଠାକେରଙ୍କ ଶିବସେନା କୁନାଲଙ୍କ ସମର୍ଥନରେ ଛିଡ଼ା ହେବା ସହିତ ଏହା ତାଙ୍କର ବାକ୍ ସ୍ୱାଧୀନତା ବୋଲି କହିଛି। ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ କହିଛନ୍ତି ଯେ, କୁନାଲ କିଛି ଭୁଲ କହିନାହାନ୍ତି। ସମାଜ ଏବଂ ସର୍ବସାଧାରଣରେ ଶିବସେନା ପ୍ରତି ଯେଉଁ ଭାବନା ରହିଛି ତାହାକୁ ସେ କେବଳ ଅଭିନୟ ମାଧ୍ୟମରେ ଦର୍ଶାଇଛନ୍ତି। ହେଲେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ ସିଧାସଳଖ କୁନାଲଙ୍କୁ ଟାର୍ଗେଟ କରିବା ସହ ଏପରି ବ୍ୟବହାରକୁ ବାକ୍ ସ୍ୱାଧୀନତା ଆଳରେ ଯଥାର୍ଥ କୁହାଯାଇ ପାରିବ ନାହିଁ ବୋଲି କହିଛନ୍ତି। ସେ କହିଛନ୍ତି ଯେ ଷ୍ଟାଣ୍ଡ ଅପ କମେଡି ପାଇଁ ସ୍ୱାଧୀନତା ରହିଛି। କିନ୍ତୁ ଏହାର ଅର୍ଥ ନୁହେଁ ଯେ ଯିଏ ଯାହା ପାରିବ ତାହା କହିଦେବ। କିଏ ବିଶ୍ୱାସଘାତକ ସେ କଥା ମହାରାଷ୍ଟ୍ରବାସୀ ଭଲଭାବେ ଜାଣିଛନ୍ତି। ତେଣୁ କୁନାଲ ତାଙ୍କ ଟିପ୍ପଣୀ ପାଇଁ କ୍ଷମା ମାଗନ୍ତୁ ବୋଲି ଫଡ଼ନଭିସ୍ କହିଛନ୍ତି।



# ବିମାନରେ ଆତଙ୍କ

ସିମ୍‌ଲା, ୨୪।୩ (ଏଜେନ୍ସି): ହିମାଚଳ ପ୍ରଦେଶ ସିମ୍‌ଲାର ଜୁବଡହଟ୍ଟି ବିମାନବନ୍ଦରରେ ଏକ ବଡ଼ ଅଘଟଣ ଅଳ୍ପକେ ଟଳି ଯାଇଛି। ସୋମବାର ସକାଳେ ଆଲାଏନ୍ସ ଏୟାରର ବିମାନ (୯୧୮୨୧) ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛି। ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ଦିଲ୍ଲୀରୁ ସିମ୍‌ଲା ମଧ୍ୟରେ ଚାଲୁଥିବା ଏହି ବିମାନର ଜରୁରୀ ଅବତରଣ କରାଯାଇଥିଲା। ଏଥିରେ ୪୨ ଯାତ୍ରୀ ଏବଂ ୨ କ୍ରୁ ସଦସ୍ୟଙ୍କ ସମେତ ୪୪ ଜଣ ଯାତ୍ରା କରୁଥିଲେ। ଏମାନଙ୍କ ମଧ୍ୟରେ ହିମାଚଳ ଉପ-ମୁଖ୍ୟମନ୍ତ୍ରୀ ମୁକେଶ ଅଗ୍ନିହୋତ୍ରୀ ଏବଂ ଡିଜିପି ଡ. ଅତୁଲ ବର୍ମା ମଧ୍ୟ ସାମିଲ ଥିଲେ।

**ଦୌଡ଼ିଲା, ଉଡ଼ିପାରିଲାନି**

**ଏମର୍ଜେନ୍ସି ବ୍ରେକ୍‌ରେ ଅଟକିଲା**

**କାନ୍ଦିଲେ ଯାତ୍ରୀ; ବସିଥିଲେ ଉପ-ମୁଖ୍ୟମନ୍ତ୍ରୀ, ଡିଜିପି**

ଅବତରଣ ସମୟରେ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖା ଯାଇଥିଲା। ଏଥିଯୋଗୁଁ ରନୱେରେ ବିମାନର ଗତି ବଢି ନ ଥିଲା। ଏହା ଦେଖି ଯାତ୍ରୀ ଭୟଭୀତ ହୋଇ ଯାଇଥିଲେ। କାରଣ ଏହି ବିମାନବନ୍ଦର ଏକ ପାହାଡ଼ ଉପରେ ରହିଛି। ଏଠାରେ ଥିବା ୧୨୦୦ ମିଟର ଲମ୍ବ ରନୱେର ଆଗପଛରେ ବିରାଟ ଖାଇ ରହିଛି। ବିମାନ ଖାଇ ଅଭିମୁଖେ ବଢୁଥିବା ଦେଖି ଯାତ୍ରୀ ଚିତ୍କାର କରି କାନ୍ଦିବାକୁ ଲାଗିଥିଲେ। ମାତ୍ର ପାଇଲଟ ଉପସ୍ଥିତ ବୁଦ୍ଧି ଖଟାଇ ଏମର୍ଜେନ୍ସି ବ୍ରେକ ଲଗାଇ ବିମାନକୁ ଅଟକାଇ ଦେଇଥିଲେ। ଏହି ଘଟଣା ଯୋଗୁ ପରେ ଆଉ ତିନୋଟି ଫ୍ଲାଇଟକୁ ରଦ୍ଦ କରି ଦିଆଯାଇଥିଲା। ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରନୱେ ଛୋଟ ଥିଲା କି ଅବତରଣରେ ସମସ୍ୟା ଥିଲା ତାହା ଜଣାନାହିଁ, ମାତ୍ର ଅଚାନକ ବ୍ରେକ ଲଗା ଯାଇଥିଲା। ଶେଷ ମୁଣ୍ଡରେ ବିମାନକୁ ଅଟକା ଯାଇଥିଲା। ଏହା ପରେ ପ୍ରାୟ ୨୫ ମିନିଟ ପର୍ଯ୍ୟନ୍ତ ବିମାନରେ ଅପେକ୍ଷା କରିବାକୁ ପଡ଼ିଥିଲା। ନିଶ୍ଚିତ ପକ୍ଷେ କିଛି ଯାନ୍ତ୍ରିକ ତ୍ରୁଟି ଥିଲା।

# ତୁର୍କୀ ରାଷ୍ଟ୍ରପତିଙ୍କ ବିରୋଧରେ ସବୁଠୁ ବଡ଼ ବିକ୍ଷୋଭ

ଅଙ୍କାରା, ୨୪।୩ (ଏଜେନ୍ସି): ତୁର୍କୀ ରାଷ୍ଟ୍ରପତି ରେସେପି ଏର୍ଦୋଗାନଙ୍କ ବିରୋଧରେ ସବୁଠାରୁ ବଡ଼ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ ହୋଇଛି। ବିରୋଧୀ ଦଳ ନେତା ତଥା ମେୟର ଇକରମ ଇମାମୁଲୁ (୫୪)ଙ୍କ ଗିରଫ ଏବଂ ୨୨ ବର୍ଷ ହେଲା କ୍ଷମତାସୀନ ଏର୍ଦୋଗାନଙ୍କ ଏକଛତ୍ରବାଦ ନୀତିକୁ ବିରୋଧ କରି ଲକ୍ଷାଧିକ ଲୋକ ରାସ୍ତାକୁ ଓହ୍ଲାଇଛନ୍ତି। ଗତ ୨୩ରେ ଇମାମୁଲୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା କରାଯାଇଥାନ୍ତା। ମାତ୍ର ଏହା ପୂର୍ବରୁ ଦୁର୍ନୀତି ଏବଂ ଆତଙ୍କବାଦୀ ସଂଗଠନକୁ ସହାୟତା ଅଭିଯୋଗ କରି ତାଙ୍କୁ ସରକାର ଗିରଫ କରି ନେଇଥିଲେ। ଏହାକୁ ବିରୋଧରେ ୮୧ ରୁ ୫୫ ପ୍ରଦେଶର ଦୁଇ ତୃତୀୟାଂଶ ଅଞ୍ଚଳରେ ରାଲି ଆୟୋଜନ କରାଯାଉଛି। ବିକ୍ଷୋଭକାରୀ ରାସ୍ତାଘାଟ, ୟୁନିଭର୍ସିଟି, ମେଟ୍ରୋ ଷ୍ଟେସନ ଆଦିରେ ରୁଣ୍ଡ ହୋଇ ସରକାର ବିରୋଧୀ ସ୍ଲୋଗାନ ଦେଉଛନ୍ତି। ବିରୋଧୀ ନେତାଙ୍କୁ ଛାଡ଼ିବାକୁ ଦାବି କରୁଛନ୍ତି। ଏହାକୁ ନେଇ ଅନେକ ସ୍ଥାନରେ ହିଂସା ମଧ୍ୟ ହୋଇଛି। ପୁଲିସ ଏବଂ ପ୍ରଦର୍ଶନକାରୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ସ୍ଥିତିକୁ ଦେଖି ସରକାର ସବୁଠାରୁ ବଡ଼ ସହର ଇସ୍ତାନବୁଲରେ ୪ ଦିନ ପାଇଁ ସାର୍ବଜନୀନ କାର୍ଯ୍ୟକ୍ରମ ଉପରେ କଟକଣା ଲଗାଇ ଦେଇଛନ୍ତି। ଗତ ୫ ଦିନରେ ୧୨୦୦ରୁ ଅଧିକ ପ୍ରଦର୍ଶନକାରୀଙ୍କୁ ଗିରଫ କଲେଣି। ଟ୍ୱିଟରରେ ୭୦୦ରୁ ଅଧିକ ଆକାଉଣ୍ଟକୁ ବ୍ଲକ କରିଦେଲେଣି।

ଅନ୍ୟପକ୍ଷରେ ତୁର୍କୀ ମନ୍ତ୍ରୀ ଅଲି ୟେରଲିକାୟା କହିଛନ୍ତି ଯେ ସଡ଼କରେ ଆତଙ୍କ ସୃଷ୍ଟି ଏବଂ ଦେଶର ଶାନ୍ତି ଓ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବାକୁ କେବେ ବି ବରଦାସ୍ତ କରାଯିବ ନାହିଁ।



**୧୫ ଲକ୍ଷ ଟଙ୍କାର ଲାଞ୍ଚ କାରବାର**

# ଏନ୍‌ଏଚ୍‌ଏଆଇ ଜେନେରାଲ ମ୍ୟାନେଜରଙ୍କ ସହ ୩ ଗିରଫ

ନୂଆଦିଲ୍ଲୀ,୨୪।୩(ଏଜେନ୍ସି): ଏକ ଘରୋଇ କମ୍ପାନୀକୁ ସୁବିଧା ଦେବା ସହିତ ବିଲ୍ ପାସ୍ କରାଇବା ଲାଗି ୧୫ ଲକ୍ଷ ଟଙ୍କାର ଲାଞ୍ଚ କାରବାରକୁ ନେଇ ସିବିଆଇ ଜାତୀୟ ରାଜପଥ ପ୍ରାଧିକରଣ(ଏନଏଚଏଆଇ)ର ଜଣେ ଜେନେରାଲ ମ୍ୟାନେଜରଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଏକ ଘରୋଇ କମ୍ପାନୀର ଜେନେରାଲ ମ୍ୟାନେଜର ରହିଛନ୍ତି। ଏକ ଘରୋଇ କମ୍ପାନୀକୁ ଜାତୀୟ ରାଜପଥ ପ୍ରାଧିକରଣର କିଛି କାର୍ଯ୍ୟ କରିବାକୁ ଦିଆଯାଇଥିଲା ବେଳେ ଏଥିପାଇଁ ବିଲ୍ କରାଇ ପ୍ରାପ୍ୟ ପୈଠ କରିବା ଲାଗି ଏନଏଚଏଆଇ'ର ଜେନେରାଲ ମ୍ୟାନେଜର ରାମପ୍ରୀତ ପାଶୱାନ ରାମ କୃପାଲ ସିଂ କନଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଡ୍ ନାମକ ଘରୋଇ କମ୍ପାନୀ ଠାରୁ ୧୫ ଲକ୍ଷ ଟଙ୍କାର ଲାଞ୍ଚ ଦାବି କରିଥିଲେ। ଏହି ଘଟଣାକୁ ନେଇ ରାମପ୍ରୀତଙ୍କୁ ସିବିଆଇ ଗିରଫ କରିଥିଲା ବେଳେ ସଂପୃକ୍ତ ଘରୋଇ କମ୍ପାନୀରେ ଜେନେରାଲ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ସୁରେଶ ମହାପାତ୍ରଙ୍କୁ ମଧ୍ୟ ଗିରଫ କରାଯାଇଛି। ଏହାବ୍ୟତୀତ ଏହି କମ୍ପାନୀର ଅନ୍ୟ ଦୁଇ ଅଧିକାରୀ ମଧ୍ୟ ଗିରଫ ହୋଇଛନ୍ତି।

# ଏପ୍ରିଲ ୨୮ ରେ କାନାଡ଼ା ନିର୍ବାଚନ

ଓଟାୱା, ୨୪।୩ (ଏଜେନ୍ସି): ଏପ୍ରିଲ ୨୮ରେ କାନାଡ଼ାରେ ସାଧାରଣ ନିର୍ବାଚନ ହେବ। ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ରବିବାର ଏହି ଘୋଷଣା କରିଛନ୍ତି। ଏହି ନିର୍ବାଚନରେ କ୍ଷମତାସୀନ ଲିବରାଲ ପାର୍ଟି ଅଫ୍ କାନାଡ଼ା (ଏଲପିସି) ଏବଂ ବିରୋଧୀ ଦଳ କଞ୍ଜରଭେଟିଭ ପାର୍ଟି (ସିପିସି) ମଧ୍ୟରେ ମହାମୁକାବିଲା ହେବ। କାର୍ଣ୍ଣି କହିଛନ୍ତି ଯେ କାନାଡ଼ା ଲୋକ ଏକ ମଜଭୁତ ଜନାଦେଶ ଚାହୁଁଛନ୍ତି। କାନାଡ଼ାକୁ ସୁରକ୍ଷିତ ରଖିବା ପାଇଁ ଏବେ ବହୁତ କିଛି କାମ କରିବାକୁ ବାକି ରହିଛି। ଆମେରିକା ରାଷ୍ଟ୍ରପତି ଶୁଳ୍କ ଯୁଦ୍ଧ ଏବଂ କାନାଡ଼ାକୁ ଆମେରିକାର ୫୧ତମ ରାଜ୍ୟ କରିବାକୁ ଧମକ ଦେଇ ଚାଲିଥିବାବେଳେ ଏହି ନିର୍ବାଚନ ଅତିବ ଗୁରୁତ୍ୱପୂର୍ଣ୍ଣ ହୋଇଯାଉଛି।

# 'ପରକୀୟା ପ୍ରୀତି ପରେ ଏବେ ଉତ୍ପୀଡ଼ନ ଦେଉଛନ୍ତି ପତ୍ନୀ'

ଚେନ୍ନଇ, ୨୪।୩ (ଏଜେନ୍ସି): ପରକୀୟା ପ୍ରୀତି ପାଇଁ ମର୍ଚାଣ୍ଟ ନେଭି ଅଧିକାରୀଙ୍କୁ ପ୍ରେମିକ ସହ ମିଶି ପତ୍ନୀ ମୁସ୍କାନ ହତ୍ୟା କରିବା ମାମଲାକୁ ନେଇ ଦେଶରେ ଚର୍ଚ୍ଚା ଥମି ନାହିଁ। ଏପରି ସମୟରେ ଜଣେ ଟେକ୍ ଉଦ୍ୟୋଗୀ ପ୍ରସନ୍ନ ଶଙ୍କର ନିଜ ପତ୍ନୀ ଦିବ୍ୟା ବିରୋଧରେ ଗୁରୁତର ଅଭିଯୋଗ ଲଗାଇଛନ୍ତି। ଛାଡ଼ପତ୍ର ମାମଲା ଚାଲିଥିବାବେଳେ ପୁଅର ହେପାଜତକୁ ନେଇ ପତ୍ନୀ ଉତ୍ପୀଡ଼ନ ଦେଉଥିବା ସେ କହିଛନ୍ତି। ସେ ଚେନ୍ନଇ ପୁଲିସ ଭୟରେ ବାହାରେ ଲୁଚିଥିବା କହିଛନ୍ତି। କାରଣ ପତ୍ନୀ ରୁଜୁ କରିଥିବା ଅପହରଣ ମାମଲାରେ ପୁଲିସ ୨୫ ଲକ୍ଷ ଟଙ୍କା ମାଗୁଥିବା ସେ ଅଭିଯୋଗ କରିଛନ୍ତି। ବିନା ଏତଲାରେ ପୁଲିସ ତାଙ୍କ ଲୋକେସନ, ୟୁପିଆଇ, କାର୍ ଏବଂ ଆଇପି ଆଡ୍ରେସ ଟ୍ରାକ କରୁଥିବା କହିଛନ୍ତି। ସେ ରବିବାର ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପତ୍ନୀଙ୍କ ବିରୋଧରେ ଅନେକ ଅଭିଯୋଗ ଲଗାଇଛନ୍ତି। ଆଉ ଜଣଙ୍କ ସହ ଦିବ୍ୟାଙ୍କ ସମ୍ପର୍କ ଥିବା କହିଛନ୍ତି। ଏଥିପାଇଁ ସେ ଛାଡ଼ପତ୍ର ଆବେଦନ କରିଛନ୍ତି। ମାତ୍ର ପୁଅର ହେପାଜତକୁ ନେଇ ପତ୍ନୀ ତାଙ୍କୁ ଉତ୍ପୀଡ଼ନ ଦେଉଛି। ପୂର୍ବରୁ ସିଙ୍ଗାପୁରରେ ପତ୍ନୀ ତାଙ୍କ ବିରୋଧରେ ଘରୋଇ ହିଂସା ମାମଲା ଦାଖଲ କରିଥିଲେ। କିନ୍ତୁ ପୁଲିସ ଯାଞ୍ଚ କରି ପ୍ରସନ୍ନାଙ୍କୁ କ୍ଲିନ୍‌ଚିଟ୍ ଦେଇଥିଲା। ଏହା ସତ୍ତ୍ୱେ ପତ୍ନୀ ତାଙ୍କ ପଛରେ ପଡିଛନ୍ତି।



# କର୍ଣ୍ଣାଟକ ସଂରକ୍ଷଣ ପ୍ରସଙ୍ଗ; ସଂସଦରେ ଝଡ଼



ନୂଆଦିଲ୍ଲୀ,୨୪।୩(ଏଜେନ୍ସି): କର୍ଣ୍ଣାଟକର ସିଦ୍ଧରମେୟା ସରକାର ରାଜ୍ୟରେ ମୁସଲମାନଙ୍କ ସମେତ ଅନ୍ୟ ସଂଖ୍ୟାଲଘୁଙ୍କ ପାଇଁ ସରକାରୀ ସ୍ତରରେ ୪ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ଅନୁମୋଦନ ଦେଇଛନ୍ତି। କିନ୍ତୁ ଏହି ପ୍ରସଙ୍ଗରେ ଉପମୁଖ୍ୟମନ୍ତ୍ରୀ ଡି କେ ଶିବକୁମାରଙ୍କ ଏକ ମନ୍ତବ୍ୟ ସଂସଦରେ ଝଡ଼ ସୃଷ୍ଟି କରିଛି। ଯାହାକୁ ନେଇ ଶାସକ ବିଜେପି ଏବଂ ବିରୋଧୀ କଂଗ୍ରେସ ମଧ୍ୟରେ ସଂସଦରେ ହଙ୍ଗାମା ହୋଇଛି। ଶିବକୁମାର ଦେଇଥିବା ବୟାନକୁ ନେଇ ବିଜେପି ସଦସ୍ୟମାନେ ଉଭୟ ଗୃହରେ ହଙ୍ଗାମା କରିବା ସହିତ ଏହାକୁ ଅସାମ୍ବିଧାନିକ ବୋଲି କହିଛନ୍ତି। ଏହି ପ୍ରସଙ୍ଗରେ ବିଜେପି କଂଗ୍ରେସ ଠାରୁ ସ୍ପଷ୍ଟୀକରଣ ମଧ୍ୟ ଦାବି କରିଛି। ଲଘୁ ସଂପ୍ରଦାୟକୁ ୪ ପ୍ରତିଶତ ସଂରକ୍ଷଣ ଦେବା ଲାଗି କର୍ଣ୍ଣାଟକ ସରକାର ବିଲ୍ ଆଣି ଏହାକୁ ଅନୁମୋଦନ ଦେବା ପରେ ଏ ସମ୍ପର୍କରେ ଉପ ମୁଖ୍ୟମନ୍ତ୍ରୀ ଶିବକୁମାରଙ୍କୁ ପ୍ରଶ୍ନ କରାଯାଇଥିଲା। ଧର୍ମ ଆଧାରରେ କାହାରିକୁ ସଂରକ୍ଷଣ ଦେବାକୁ ସମ୍ବିଧାନ ଅନୁମତି ଦେଇ ନ ଥିଲା ବେଳେ କର୍ଣ୍ଣାଟକ ସରକାର ସଂଖ୍ୟାଲଘୁ ସଂପ୍ରଦାୟ ପାଇଁ କିଭଳି ସଂରକ୍ଷଣ ବ୍ୟବସ୍ଥା କଲେ ବୋଲି ପ୍ରଶ୍ନ କରାଯାଇଥିଲା। ହେଲେ ଏ ସମ୍ପର୍କରେ ସେ ଅବଗତ ରହିଥିବା କହିଥିଲା ବେଳେ ଆଗକୁ କ'ଣ ହେଉଛି ତାହା ଦେଖିବାକୁ ହେବ ବୋଲି ଶିବକୁମାର କହିଥିଲେ। ଆଗକୁ ସମସ୍ତେ ଅଦାଲତ ଯିବେ ଏବଂ ଲୋକମାନେ ଭଲ ଦିନ ଦେଖିବେ। ଏହାବ୍ୟତୀତ ସମ୍ବିଧାନ ମଧ୍ୟ ବଦଳିବ ବୋଲି ଶିବକୁମାର କହିଥିଲା ବେଳେ ଏହି ବିଷୟକୁ ନେଇ ବିଜେପି କଂଗ୍ରେସକୁ ଘେରିଛି।

**ଶିବକୁମାରଙ୍କ ବୟାନକୁ ନେଇ ବିବାଦ**

**ସ୍ପଷ୍ଟୀକରଣ ମାଗିଲା ବିଜେପି**

**ମନ୍ତ୍ରୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ**

ସୋମବାର ସଂସଦ କାର୍ଯ୍ୟ ଆରମ୍ଭ ହେବା ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ଏହି ବିଷୟକୁ ଲୋକସଭାରେ ଉତ୍‌ଥାପନ କରି କଂଗ୍ରେସ ଉପରେ ବର୍ଷିଥିଲେ। ଯେଉଁ ଦଳ ସମ୍ବିଧାନର ରକ୍ଷକ ବୋଲି ସବୁ ଆଡେ ଡିଣ୍ଡିମ ପିଟୁଛି ସେହି ଦଳ ସମ୍ବିଧାନକୁ ବଦଳାଇବାକୁ ଷଡ଼ଯନ୍ତ୍ର କରୁଛି ବୋଲି ରିଜିଜୁ କହିଥିଲେ। ସାମ୍ବିଧାନିକ ପଦରେ ରହିଥିବା ଜଣେ ଉପ ମୁଖ୍ୟମନ୍ତ୍ରୀ ଏଭଳି କଥା କହିବା ପଛରେ ନିଶ୍ଚିତ କିଛି ଉଦ୍ଦେଶ୍ୟ ନିହିତ ରହିଛି ବୋଲି ରିଜିଜୁ କହିବା ସହିତ ଏଥିପାଇଁ କଂଗ୍ରେସ ସ୍ପଷ୍ଟୀକରଣ ଦେବା ଦରକାର ବୋଲି ଦାବି କରିଥିଲେ।

# ରାହୁଲ ଗାନ୍ଧୀଙ୍କ ଦ୍ୱୈତ ନାଗରିକତା ବିବାଦ

ପ୍ରୟାଗରାଜ, ୨୪।୩ (ଏଜେନ୍ସି): କଂଗ୍ରେସ ସାଂସଦ ତଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଦ୍ୱୈତ ନାଗରିକତା ମାମଲାକୁ ନେଇ ପୁଣି ପ୍ରଶ୍ନ ଉଠିଛି। ବିଜେପି ନେତା ସୁବ୍ରମଣ୍ୟନ ସ୍ୱାମୀ ପୂର୍ବରୁ ଏ ନେଇ ଦାବି କରି ଆସୁଥିଲେ। ରାହୁଲଙ୍କ ପାଖରେ ଉଭୟ ଭାରତ ଏବଂ ବ୍ରିଟେନର ନାଗରିକତା ଥିବା କହିଥିଲେ। ଦୀର୍ଘ ଦିନ ହେଲା ଏହି ପ୍ରସଙ୍ଗ ଚର୍ଚ୍ଚାରେ ଥିବାବେଳେ ଆହ୍ଲାବାଦ ହାଇକୋର୍ଟଙ୍କ ଲକ୍ଷ୍ନୌ ଖଣ୍ଡପୀଠ ସୋମବାର ଏ ସମ୍ବନ୍ଧିତ ଏକ ମାମଲାର ଶୁଣାଣି କରିଛନ୍ତି। ରାହୁଲଙ୍କ ନାଗରିକତା ଉପରେ ନିଷ୍ପତ୍ତି ନେବା ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟକୁ ହାଇକୋର୍ଟ ୪ ସପ୍ତାହ ସମୟ ଦେଇଛନ୍ତି। ତେବେ ମନ୍ତ୍ରାଳୟ ଏଥିପାଇଁ ୮ ସପ୍ତାହ ମାଗିଥିଲା, କିନ୍ତୁ ଖଣ୍ଡପୀଠ ଏହାକୁ ଖାରଜ କରି ଦେଇଥିଲେ।

କର୍ଣ୍ଣାଟକର ବିଜେପି କର୍ମୀ ଶିଶିର ଏହି ଆବେଦନ ଦାଏର କରିଥିଲେ। ସେ ରାହୁଲଙ୍କ ନାଗରିକତା ସମ୍ବନ୍ଧରେ ନୂଆ ସୂଚନା ପାଇଥିବା ଦାବି କରିଥିଲେ। ତାଙ୍କ ପାଖରେ ବ୍ରିଟେନ ସରକାରଙ୍କ ଦ୍ୱାରା ଇ-ମେଲରେ ପ୍ରଦତ୍ତ ପ୍ରମାଣ ଥିବା କହିଥିଲେ। ଦେଶର ନାଗରିକତା ରିପୋର୍ଟରେ ରାହୁଲଙ୍କ ନାମ ଥିବା ବ୍ରିଟେନ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ବୋଲି ସେ ଦାବି କହିଥିଲେ। ସେ ଏହି ମାମଲାର ସିବିଆଇ ତଦନ୍ତ ମଧ୍ୟ ଦାବି କରିଛନ୍ତି। ଆବେଦନକାରୀ କହିଛନ୍ତି ଯେ ସମସ୍ତ ପ୍ରମାଣ ହାଇକୋର୍ଟରେ ଦାଖଲ କରାଯାଇଛି। ଭାରତରେ ଦ୍ୱୈତ ନାଗରିକତାକୁ ଅନୁମତି ଦିଆଯାଇ ନାହିଁ। ମାତ୍ର ରାହୁଲଙ୍କ ପାଖରେ ଏହା ରହିଛି। ଯଦି କୌଣସି ବ୍ୟକ୍ତି ଅନ୍ୟ ଦେଶର ନାଗରିକତା ଗ୍ରହଣ କରନ୍ତି ତେବେ ତାଙ୍କର ଭାରତୀୟ ନାଗରିକତା ଆପେ ଆପେ ରଦ୍ଦ ହୋଇଯାଏ। କିନ୍ତୁ ରାହୁଲଙ୍କ କ୍ଷେତ୍ରରେ ଏପରି ହୋଇନାହିଁ।



**କେନ୍ଦ୍ରକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

**୪ ସପ୍ତାହ ମଧ୍ୟରେ ନିଷ୍ପତ୍ତି ନିଅ**

# ୩ ମିନିଟରେ ୪୦୦ ସିଲିଣ୍ଡର ବିସ୍ଫୋରଣ

ବରେଲି, ୨୪।୩ (ଏଜେନ୍ସି): ଉତ୍ତର ପ୍ରଦେଶ ବରେଲିର ରଜଓ ପରସପୁର ଗାଁର ବାହାରେ ଥିବା ମହାଲକ୍ଷ୍ମୀ ଗ୍ୟାସ ଏଜେନ୍ସିରେ ବଡ଼ ଅଘଟଣ ଘଟିଛି। ଗୋଦାମ ବାହାରେ ଛିଡା ହୋଇଥିବା ଗ୍ୟାସ୍ ସିଲିଣ୍ଡର ଭର୍ତ୍ତି ଟ୍ରକ୍‌ର କ୍ୟାବିନ୍‌ରେ ଅଚାନକ ନିଆଁ ଲାଗିଯାଇଛି। ଏହି ନିଆଁ ଦ୍ରୁତଗତିରେ ବ୍ୟାପିଯିବାରୁ ଟ୍ରକ୍‌ରେ ଥିବା ଏକ ସିଲିଣ୍ଡର ବିସ୍ଫୋରଣ ହୋଇଛି। ଏଥିଯୋଗୁଁ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ଏହା ପରେ ଗୋଟିଏ ପରେ ଗୋଟିଏ ସବୁ ସିଲିଣ୍ଡର ବିସ୍ଫୋରଣ ହୋଇଛି। ୩ ମିନିଟ୍‌ରେ ୪୦୦ ସିଲିଣ୍ଡର ବିସ୍ଫୋରଣ ଦ୍ୱାରା ଗାଁରେ ଥରି ଉଠିଥିଲା। ତିନି କିମି ପର୍ଯ୍ୟନ୍ତ ଶବ୍ଦ ଶୁଭିଥିଲା। ଏହାକୁ ନେଇ ସାରା ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଥିଲା। ଲୋକେ ଭୟରେ ଘରୁ ବାହାରକୁ ପଳାଇ ଆସିଥିଲେ। ବିସ୍ଫୋରଣ ଯୋଗୁଁ ନିଆଁ ଭୟାବହ ରୂପ ଧାରଣ କରି ୨ ମହଲା ବିଶିଷ୍ଟ ଗୋଦାମକୁ କବଳିତ କରିନେଇଥିଲା। ଏହା ଧରାଶାୟୀ ହୋଇ ଯାଇଥିଲା।

ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ୫୦୦ ମିଟର ଦୂରରେ ଯାଇ ସିଲିଣ୍ଡର ପଡ଼ିଥିଲା। ସୂଚନା ପାଇ ପୁଲିସ ଏବଂ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲା। ପୁଲିସ ଆଖପାଖରେ ଥିବା ଘର ଖାଲି କରିଥିବାବେଳେ ଦମକଳ ବାହିନୀ ଦୀର୍ଘ ୨ ଘଣ୍ଟା ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରିଥିଲା। ତେବେ ଆଶ୍ୱସ୍ତିର ବିଷୟ ଏହି କି ଯେ ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି।



# ସୁପ୍ରିମକୋର୍ଟକୁ ବେଖାତିର

ମୁମ୍ବାଇ, ୨୪।୩ (ଏଜେନ୍ସି): ସୁପ୍ରିମକୋର୍ଟଙ୍କ ମାର୍ଗଦର୍ଶିକାକୁ ବେଖାତିର କରି ମହାରାଷ୍ଟ୍ର ସରକାର ନାଗପୁର ହିଂସା ମାମଲାର ମୁଖ୍ୟ ଅଭିଯୁକ୍ତ ଫହିମ ଖାନ, ୟୁସୁଫ ଶେଖ ସହିତ ତା'ର ସହଯୋଗୀଙ୍କ ଘରେ ବୁଲ୍‌ଡୋଜର ଚଲାଇଛନ୍ତି। ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟ ଏଭଳି କାର୍ଯ୍ୟାନୁଷ୍ଠାନ ନ ନେବାକୁ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ସରକାର ଏହାକୁ ଅବମାନନା କରିଛନ୍ତି। ମାର୍ଗଦର୍ଶିକା ଅନୁଯାୟୀ ନିର୍ଦ୍ଧାରିତ ପ୍ରକ୍ରିୟା ଅବଲମ୍ବନ ନ କରି ଏବଂ ୧୫ ଦିନ ପୂର୍ବରୁ ନୋଟିସ ନ ଦେଇ ଘର ଭାଙ୍ଗି ଦେଇଛନ୍ତି। ଏଭଳି କାର୍ଯ୍ୟାନୁଷ୍ଠାନକୁ ସୁପ୍ରିମକୋର୍ଟ ଅସାମ୍ବିଧାନିକ କହିଥିଲେ ମଧ୍ୟ ସରକାର ସେଥିପ୍ରତି କର୍ଣ୍ଣପାତ କରିନାହାନ୍ତି। ମାତ୍ର ବମ୍ବେ ହାଇକୋର୍ଟଙ୍କ ନାଗପୁର ଖଣ୍ଡପୀଠ ଏହି ମାମଲାରେ ହସ୍ତକ୍ଷେପ କରି ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଉପରେ କଟକଣା ଲଗାଇ ଦେଇଛନ୍ତି। ସମ୍ପତ୍ତି ମାଲିକଙ୍କ ପକ୍ଷ ନ ଶୁଣିବାକୁ ନେଇ ହାଇକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଏହାକୁ ନେଇ ରାଜ୍ୟ ସରକାର ଏବଂ ପୌର ନିଗମ ଅଧିକାରୀଙ୍କୁ ଜବାବ ମାଗିଛନ୍ତି। ଅଭିଯୁକ୍ତଙ୍କ ଆବେଦନ ଉପରେ ଆସନ୍ତା ୧୫ ତାରିଖରେ ଶୁଣାଣି ହେବ ବୋଲି କହିଛନ୍ତି।

- **ନାଗପୁର ଦଙ୍ଗା ଅଭିଯୁକ୍ତ ଘରେ ଚାଲିଲା ବୁଲ୍‌ଡୋଜର**
- **ରୋକ୍ ଲଗାଇଲେ ହାଇକୋର୍ଟ**

ସୂଚନା ଅନୁଯାୟୀ ଆଜି ମହାରାଷ୍ଟ୍ର ସରକାର ଫହିମ ଖାନର ସଞ୍ଜୟ ବାଗ କଲୋନୀର ଯଶୋଧାରା ନଗରରେ ଥିବା ଘରେ ବୁଲଡୋଜର ଚଲାଇ ଥିଲେ। ଏହାର ନିର୍ମାଣରେ ତ୍ରୁଟି ଥିବା ଦର୍ଶାଇ କାର୍ଯ୍ୟାନୁଷ୍ଠାନ ନେବାକୁ ୨୪ ଘଣ୍ଟା ସମୟ ଦିଆଯାଇ ଥିଲା। ତେବେ ଫହିମଙ୍କ ଏହି ଘର ତାଙ୍କ ପତ୍ନୀଙ୍କ ନାମରେ ଥିଲା। ୟୁସୁଫ ଶେଖ୍ ଘରର ବେଆଇନ ନିର୍ମାଣ ମଧ୍ୟ ଭଙ୍ଗା ଯାଇଥିଲା।

**ସଙ୍ଗୀନ ହେଉଛି ବାଂଲାଦେଶ ସ୍ଥିତି**

# ୭ ମାସରେ ୧୪୦ ପୋଷାକ କାରଖାନା ବନ୍ଦ

ଢାକା, ୨୪।୩ (ଏଜେନ୍ସି): ବାଂଲାଦେଶ ପୋଷାକ ଉଦ୍ୟୋଗ ଏବେ ଭୟଙ୍କର ସଙ୍କଟ ଦେଇ ଗତି କରୁଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ଦେଶ ଛାଡ଼ିବାର ୭ ମାସ ମଧ୍ୟରେ ଏହି ଶିଳ୍ପ ସମ୍ପୂର୍ଣ୍ଣ ଭୁଶୁଡି ଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ସମୟ ମଧ୍ୟରେ ୧୪୦ରୁ ଅଧିକ ପୋଷାକ କାରଖାନା ବନ୍ଦ ହୋଇଗଲାଣି। ଏଥିଯୋଗୁଁ ଲକ୍ଷାଧିକ ଶ୍ରମିକ ବେକାର ହୋଇ ଯାଇଛନ୍ତି। କେବଳ ଗାଜିପୁର, ସାୱର, ନାରାୟଣଗଞ୍ଜ ଏବଂ ନର୍ସିଂଦିରେ ୫୦ରୁ ଅଧିକ କାରଖାନା ସମ୍ପୂର୍ଣ୍ଣ ଏବଂ ଆଉ ୪୦ଟି ଅସ୍ଥାୟୀ ଭାବେ ବନ୍ଦ ରହିଛି। ଅନ୍ୟପକ୍ଷରେ ଆର୍ଥିକ ସ୍ଥିତି ଭୁଶୁଡି ଯାଇଥିବାରୁ ଆଉ କିଛି କମ୍ପାନୀ ଶ୍ରମିକଙ୍କୁ ଦରମା ଦେଇପାରୁ ନାହାନ୍ତି। ଅନେକ ଶ୍ରମିକ ୨ରୁ ୧୪ ମାସ ହେଲା ଦରମା ପାଇନାହାନ୍ତି। ଏଥିଯୋଗୁଁ ସେମାନେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ କରୁଛନ୍ତି। ଇଦ୍ ପାଖେଇ ଆସୁଥିବାବେଳେ ସ୍ଥିତି ଆହୁରି ଖରାପ ହେବାକୁ ବସିଛି। ଆହୁରି ଅଧିକ କାରଖାନା ବନ୍ଦ ହେବାର ଆଶଙ୍କା ରହିଛି। ଏହା ସତ୍ତ୍ୱେ ସରକାର ଏବଂ କମ୍ପାନୀ ମାଲିକ କୌଣସି ପଦକ୍ଷେପ ନେଉନାହାନ୍ତି। ଆର୍ଥିକ ମାନ୍ଦାବସ୍ଥା ଏବଂ ରାଜନୈତିକ ଅସ୍ଥିରତା ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି ବୋଲି କୁହାଯାଉଛି। ଶେଖ୍ ହସିନାଙ୍କ ଦଳ ଅୱାମୀ ଲିଗ୍‌ର ଅଧିକାଂଶ ନେତା ଏହି ସବୁ କାରଖାନାର ମାଲିକ ଥିଲେ। ହସିନାଙ୍କ ପରେ ଏହି ମାଲିକମାନେ ଭୟରେ ଦେଶ ଛାଡ଼ି ପଳାଇଛନ୍ତି। ତେଣୁ କମ୍ପାନୀ ବନ୍ଦ ହୋଇଯାଇଛି ବୋଲି କୁହାଯାଉଛି। ରିପୋର୍ଟ ଅନୁଯାୟୀ ଦେଶର ପୋଷାକ ଉଦ୍ୟୋଗକୁ ମିଳିଥିବା ୨୦ ପ୍ରତିଶତ ଅର୍ଡର ଅନ୍ୟ ଦେଶକୁ ଦିଆଯାଇଛି। ଏହି ସବୁ ଅର୍ଡର ଭାରତ, ଭିଏତନାମ, ଶ୍ରୀଲଙ୍କା, ଇଣ୍ଡୋନେସିଆ ଏବଂ ପାକିସ୍ତାନକୁ ମିଳୁଛି।

# ୫ ନିର୍ବାଚନ ପାଇଁ ଖର୍ଚ୍ଚ ହୋଇଛି ୩୮ ୬୧ କୋଟି

ନୂଆଦିଲ୍ଲୀ,୨୪।୩(ଏଜେନ୍ସି): ୨୦୨୪ରେ ଲୋକସଭା ସହିତ ଓଡ଼ିଶା, ଆନ୍ଧ୍ର ପ୍ରଦେଶ,ଅରୁଣାଚଳ ପ୍ରଦେଶ ଏବଂ ସିକିମ୍ ଭଳି ୪ ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ ବିଭିନ୍ନ ଦଳ ୩୮ ୬୧.୫୭ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ସରକାରୀ ସ୍ତରରେ ଏହି ତଥ୍ୟ ଦିଆଯାଇଥିଲେ ମଧ୍ୟ ଏହି ୫ ନିର୍ବାଚନରେ ବେସରକାରୀ ସ୍ତରରେ ଯେଉଁ ତଥ୍ୟ ଦିଆଯାଇଛି ତାହା ବିଶ୍ୱାସ କରିହେବ ନାହିଁ। କେବଳ ଲୋକସଭା ନିର୍ବାଚନରେ ୧.୩୫ ଲକ୍ଷ କୋଟି ଟଙ୍କା ବ୍ୟୟ କରାଯାଇଛି ବୋଲି ସେଣ୍ଟର ଫର୍ ମିଡିଆ ଷ୍ଟଡିଜ୍ ପକ୍ଷରୁ ବେସରକାରୀ ସ୍ତରରେ କୁହାଯାଇଛି। ତେବେ ନିର୍ବାଚନ ବେଳେ ସବୁ ରାଜନୈତିକ ଦଳ ନିଜ ନିଜର ନିର୍ବାଚନୀ ଖର୍ଚ୍ଚକୁ ନେଇ ନିର୍ବାଚନ କମିସନଙ୍କ ଠାରେ ଯେଉଁ ତଥ୍ୟ ରଖିଥିଲେ ତାହାକୁ 'କମନୱେଲ୍ଥ ହ୍ୟୁମାନ ରାଇଟସ୍ ଇନିସିଏଟିଭ୍ (ସି ଏ ଚ ଆ ର୍ ଆ ଇ) ପକ୍ଷରୁ ବିଶ୍ଳେଷଣ କରାଯିବା ସହିତ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବ୍ୟୟ କରାଯାଇଥିବା ରାଶିକୁ ନେଇ ତଥ୍ୟ ରଖାଯାଇଛି। ସବୁ ଦଳର ନିର୍ବାଚନୀ ଖର୍ଚ୍ଚ ୩୮ ୬୧.୫୭ କୋଟି ଟଙ୍କା ରହିଥିଲା ବେଳେ କେବଳ ବିଜେପି ସର୍ବାଧିକ ଭାବେ ୧୭୩୭.୬୮ କୋଟି ଟଙ୍କା ବ୍ୟୟ କରିଥିବା କୁହାଯାଇଛି। ନିର୍ବାଚନ ପୂର୍ବରୁ ବିଭିନ୍ନ ଦଳ ସେମାନଙ୍କ ନିର୍ବାଚନ ଖର୍ଚ୍ଚକୁ ନେଇ ନିର୍ବାଚନ କମିସନଙ୍କ ନିକଟରେ ତଥ୍ୟ ରଖିଥିଲେ। ବିଭିନ୍ନ ଦଳ ପାଇଥିବା ଦାନ ଅର୍ଥ ଅନୁସାରେ ପ୍ରାୟ ୨୨ଟି ପ୍ରମୁଖ ଦଳ ନିର୍ବାଚନ ପାଇଁ ୧୮ ହଜାର ୭୪୨.୩୧ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ତଥ୍ୟ ରଖିଥିଲେ।





ରାହୁଲ-ଆଥିଆଙ୍କ କନ୍ୟା ସନ୍ତାନ

▶କ୍ରୀଡ଼ା ପୃଷ୍ଠାରେ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-266 •BHUBANESWAR •TUESDAY •25 MARCH 2025 •PAGE-14 •₹ 6.00

•ବର୍ଷ-୪୨ •ସଂଖ୍ୟା-୨୬୬ •ଭୁବନେଶ୍ୱର •ମଙ୍ଗଳବାର •୨୫ ମାର୍ଚ୍ଚ ୨୦୨୫ •ପୃଷ୍ଠା-୧୪ •ଟ.୬.୦୦


# ପାଣି ରୋକିଛି କପଟୀ ପଡ଼ୋଶୀ

## ୨ ଫୁଟ କମିଲା ହୀରାକୁଦ ଜଳଭଣ୍ଡାର ସ୍ତର

■ **ସମ୍ବଲପୁର, ୨୪।୩ (ସମିସ):** ଓଡ଼ିଶାକୁ ମାରିବାକୁ ବସିଲାଣି କପଟୀ ଛତିଶଗଡ଼। ଓଡ଼ିଶାକୁ ଆସି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ମିଠାମିଠା କଥା କହୁଛନ୍ତି; ଆପୋଷ ଆଲୋଚନା କରି ମହାନଦୀ ଜଳ ବିବାଦ ସମାଧାନ କରିବାକୁ ପ୍ରସ୍ତୁତ ବୋଲି ଆଶ୍ୱାସନା ଦେଉଛନ୍ତି। ମାତ୍ର ଆଚରଣରେ ପ୍ରଦର୍ଶନ କରୁଛନ୍ତି ବିପରୀତ ଆଭିମୁଖ୍ୟ। ଗତ ୯ ମାସ ମଧ୍ୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ସହ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଦୁଇଥର ବିଭିନ୍ନ ସ୍ଥାନରେ ଭେଟ ହୋଇଛନ୍ତି; ଏହି ସମୟରେ ମହାନଦୀ ପ୍ରସଙ୍ଗରେ ବି ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସୂଚନା ଦେଇଛନ୍ତି । ଦୁଇଦିନ ତଳେ ଲୋକସଭା ଭବନରେ ଉଭୟଙ୍କ ମଧ୍ୟରେ ସୌଜନ୍ୟ ସାକ୍ଷାତ ସମୟରେ ବି ମହାନଦୀ ପ୍ରସଙ୍ଗରେ ଆଲୋଚନା ହୋଇଥିବା କୁହାଯାଇଛି। ମାତ୍ର ବିଡ଼ମ୍ବନା ହେଉଛି ଓଡ଼ିଶାର ସୌଜନ୍ୟତାର ପ୍ରତିଦାନରେ ଛତିଶଗଡ଼ ଦେଇଛି ପ୍ରତାରଣା। ମହାନଦୀ ଉପରମୁଣ୍ଡରେ ବନ୍ଧ ଓ ବ୍ୟାରେଜ କରି ପାଣି ରୋକିବା ମନୋଭାବରେ ଛତିଶଗଡ଼ ପରିବର୍ତ୍ତନ




କରିନାହିଁ। ଫଳରେ ହୀରାକୁଦ ଜଳଭଣ୍ଡାରକୁ ଜଳ ପ୍ରବାହ ହ୍ରାସ ପାଇଛି । ପରିଣତିସ୍ୱରୂପ ଗତବର୍ଷ ତୁଳନାରେ ମହାନଦୀ ଜଳସ୍ତର ୨ଫୁଟ ହ୍ରାସ ପାଇଛି। ଗତବର୍ଷ ଓଡିଶାରେ ବିଜେଡି ସରକାର ଥିବା ସମୟରେ ମାର୍ଚ୍ଚ ୨୪ ତାରିଖରେ ହୀରାକୁଦ ଜଳଭଣ୍ଡାର ଜଳସ୍ତର ୬୨୮.୬୯ ଫୁଟ ଥିବାବେଳେ ଚଳିତବର୍ଷ ଡ଼ବଲ ଇଞ୍ଜିନ ସରକାର ସମୟରେ ହୀରାକୁଦ ଜଳସ୍ତର ୬୨୬. ୬୧ଫୁଟ ରହିଛି।

ଅପରପକ୍ଷରେ ଆଜି ହୀରାକୁଦ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୭୨୩ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ, ଜଳସେଚନ ଓ ଶିଳ୍ପ ବ୍ୟବହାର ପାଇଁ ସେକେଣ୍ଡ ପିଛା ୯୦୬୫ ଘନଫୁଟ ଜଳ ନିଷ୍କାସିତ ହେଉଛି। ପାୱାର ଚ୍ୟାନେଲ ଦେଇ ୩୩୯୯ ଘନଫୁଟ ଜଳ ନିଷ୍କାସିତ ହେଉଥିବାବେଳେ ଜଳସେଚନ ପାଇଁ ବରଗଡ଼ କେନାଲ (୩୮୬୭ ଘନଫୁଟ), ଶାସନ କେନାଲ (୬୩୦ ଘନଫୁଟ) ଓ ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀ (୧୨୪ ଘନଫୁଟ) ଓ ଶିଳ୍ପସଂସ୍ଥା ଗୁଡ଼ିକୁ ୨୪୨ କ୍ୟୁସେକ ଜଳ ଦିଆଯାଉଛି। ଜଳଭଣ୍ଡାରରୁ ଦୈନିକ ପ୍ରାୟ ୮୦୩ ଘନଫୁଟ ଜଳ ବାଷ୍ପୀଭୂତ ହେଉଛି। ଅନ୍ୟପକ୍ଷରେ ଜଳଭଣ୍ଡାରର ଜଳସ୍ତର ହ୍ରାସ ଫଳରେ ବୁର୍ଲା ଓ ଚିପିଲିମା ପାୱାର ହାଉସ ପୂର୍ଣ୍ଣକ୍ଷମତାରେ ଶକ୍ତି ଉତ୍ପାଦନ କରିବାରେ ଅସମର୍ଥ ହେଉଛି। ବୁର୍ଲା ପାୱାର ହାଉସ୍‌ରେ ୨୫.୧୨୫ ମେଗାୱାଟ୍ ଓ ଚିପିଲିମା ପାୱାର ହାଉସ୍‌ରେ ୧୮.୮୩୩ ମେଗାୱାଟ୍ ଜଳବିଦ୍ୟୁତ୍‌ଉତ୍ପାଦନ ହେଉଛି।

ସମ୍ବଲପୁର ସମେତ ସମଗ୍ର ରାଜ୍ୟର ୧୪ଟି ଜିଲ୍ଲାର ଲକ୍ଷ ଲକ୍ଷ ଅଧିବାସୀଙ୍କ ଜୀବନଧାରା ହେଉଛି ମହାନଦୀ। ଏହା ସହିତ ସାତକୋଶିଆ, ଭିତରକନିକା, ଚିଲିକା ଆଦିର ଜୈବ ବିବିଧତା ମହାନଦୀ ଉପରେ ନିର୍ଭରଶୀଳ। ମହାନଦୀ ତଟବର୍ତ୍ତୀ ଗ୍ରାମ ଓ ସହରଗୁଡ଼ିକୁ ▶ପୃଷ୍ଠା-୭

# ଜଷ୍ଟିସ ବର୍ମାଙ୍କ ଅଡୁଆ ବଢୁଛି

## କଲେଜିୟମ୍‌ର ବଦଳି ଆଦେଶକୁ ଆହ୍ଲାବାଦ ବାର୍‌ର ବିରୋଧ



**ଆଜିଠାରୁ ଓକିଲ ଧର୍ମଘଟ**

**ଫୋନ୍ କଲ୍ ଯାଞ୍ଚ ନିର୍ଦ୍ଦେଶ**

■ **ନୂଆଦିଲ୍ଲୀ, ୨୪।୩:** ଘରୁ ୧୫ କୋଟି ଟଙ୍କା ମିଳିବା ଘଟଣାରେ ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ଅଡୁଆ ବଢ଼ିବାରେ ଲାଗିଛି। ସୁପ୍ରିମକୋର୍ଟ କଲେଜିୟମ୍ ତାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରିଥିବା ବେଳେ ଏହାକୁ ଜୋରଦାର ବିରୋଧ କରିଛି ଆହ୍ଲାବାଦ ବାର୍ ଆସୋସିଏସନ୍। ଏହାର ପ୍ରତିବାଦରେ ଆସନ୍ତାକାଲି ଠାରୁ ଧର୍ମଘଟ କରିବାକୁ ଘୋଷଣା କରିଛି ବାର୍। ବାର୍ ନେତାମାନେ କହିଛନ୍ତି, ସେମାନେ ଜଷ୍ଟିସ ବର୍ମାଙ୍କୁ ଗ୍ରହଣ କରିବେ ▶ପୃଷ୍ଠା-୭



ଓଡ଼ିଶା ଆଗମନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବିମାନବନ୍ଦରରେ ସ୍ୱାଗତ କରୁଛନ୍ତି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ

### ଦୂର ହେଉନି ଗୃହ ଅଚଳାବସ୍ଥା; ପ୍ରଶ୍ନକାଳ ଓ ଶୂନ୍ୟକାଳ ବାତିଲ

# ଜିଦ୍‌ରେ ଅଟଳ ଶାସକ-ବିରୋଧୀ

**ଶିକ୍ଷା ଓ ନିଯୁକ୍ତିରେ ସଂରକ୍ଷଣ ଦାବିରେ ଅଡ଼ିବସିଲା ବିଜେଡି**

**ନାରୀ ନିର୍ଯାତନା ଓ ଅପରାଧକୁ ନେଇ ଘେରିଲା କଂଗ୍ରେସ**

**ବାଚସ୍ପତି ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠ ଆଗରେ ବିଜେଡିର ଗର୍ଜନ**



■ **ଭୁବନେଶ୍ୱର,୨୪।୩(ସମିସ):** ଜିଦ୍‌ରୁ ହଟୁନାହାନ୍ତି ବିରୋଧୀ, ଶାସକ ବି ନଇଁବାକୁ ନାରାଜ । ପରିଣତିସ୍ୱରୂପ ବିଧାନସଭା ଅଚଳ; ବାରମ୍ବାର ବାଧାପ୍ରାପ୍ତ ହେଉଛି ପ୍ରଶ୍ନକାଳ ଓ ଶୂନ୍ୟକାଳ। ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ୭ ତାରିଖରୁ ଆରମ୍ଭ ହେବା ପରେ ଆଜି ପର୍ଯ୍ୟନ୍ତ ପ୍ରତିଦିନ ପ୍ରାୟ ସମାନ ପରିସ୍ଥିତି ସୃଷ୍ଟି ହେଉଛି । ବିଗତ ଦିନଗୁଡ଼ିକ ପରି ଆଜି ବି ବିଧାନସଭାରେ ବିରୋଧୀ ବିଜେଡି ଓ କଂଗ୍ରେସ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଘେରିଛନ୍ତି। ଅନୁସୂଚିତ ଜାତି, ଜନଜାତି ତଥା ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କୁ ମେଡିକାଲ ତଥା ଇଞ୍ଜିନିୟରିଂ ଶିକ୍ଷା ଓ ନିଯୁକ୍ତିରେ ୨୭% ସଂରକ୍ଷଣ ଦେବାକୁ ବିଜେଡି ଗୃହରେ ଦାବି କରିଛି। ଅନୁରୂପ ଭାବରେ ରାଜ୍ୟରେ ବଢ଼ି ଚାଲିଥିବା ଅପରାଧ ▶ପୃଷ୍ଠା-୭

# ବଢ଼ିଲା ସାଂସଦଙ୍କ ଦରମା, ପେନ୍‌ସନ୍

■ **ନୂଆଦିଲ୍ଲୀ,୨୪।୩(ଏଜେନ୍ସି):** କେନ୍ଦ୍ର ସରକାର ସାଂସଦମାନଙ୍କ ଦରମା ବୃଦ୍ଧି ସହିତ ପୂର୍ବତନ ସାଂସଦମାନଙ୍କ ପେନସନ ବୃଦ୍ଧି କରାଯାଇଛି। ପ୍ରାୟ ୭ ବର୍ଷ ପରେ ସାଂସଦ ଏବଂ ପୂର୍ବତନ ସାଂସଦଙ୍କ ଦରମା ଓ ଭତ୍ତା ଆଦି ବଢ଼ିଛି। ସାଂସଦଙ୍କ ମୂଳ ଦରମା ୧ ଲକ୍ଷରୁ ୧ ଲକ୍ଷ ୨୪ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିଲା ବେଳେ ସଂସଦୀୟ ଅଧିବେଶନ ସମୟରେ ମିଳୁଥିବା ଦୈନିକ ଭତ୍ତା ୨୦୦୦ ଟଙ୍କାରୁ ୨୫୦୦ ଟଙ୍କାକୁ ବୃଦ୍ଧି ପାଇଛି । ସେହିପରି ପୂର୍ବତନ ସାଂସଦଙ୍କ ପେନସନ ମାସିକ ୨୫ ହଜାର ଟଙ୍କାରୁ ୩୧ ହଜାର ଟଙ୍କାକୁ ବୃଦ୍ଧି ପାଇଛି । ୫ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରିଥିବା ପୂର୍ବତନ ସାଂସଦଙ୍କ ଅତିରିକ୍ତ ପେନସନ ବାର୍ଷିକ ହାରରେ ୨୦୦୦ ଟଙ୍କାରୁ ୨୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। କେନ୍ଦ୍ର ସରକାରଙ୍କ ଏହି ଦରମା ବୃଦ୍ଧି ପ୍ରସ୍ତାବକୁ ଶାସକ ଓ ବିରୋଧୀ ସଦସ୍ୟମାନେ ସମର୍ଥନ କରିଛନ୍ତି ।

ଦରମା, ପେନସନ୍ ବୃଦ୍ଧି ନେଇ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସାଂପ୍ରତିକ ▶ପୃଷ୍ଠା-୭

**ନିଷ୍ପତ୍ତି ଶୁଣାଇଲା ଓଇଆର୍‌ସି**

# ବଢ଼ିବନି ବିଜୁଳି ଦର

■ **ଭୁବନେଶ୍ୱର, ୨୪।୩ (ସମିସ):** ବଢ଼ିବ ନାହିଁ ବିଜୁଳି ଦର। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି)୨୦୨୫-୨୬ ଆର୍ଥିକ ବର୍ଷ ପୂର୍ବ ପ୍ରଚଳିତ ଶୁଳ୍କ ଅପରିବର୍ତ୍ତିତ ରଖିଛନ୍ତି। ତେବେ ସ୍ମାର୍ଟ ମିଟର ଭଡ଼ା କ୍ଷେତ୍ରରେ ଉପଭୋକ୍ତାଙ୍କୁ ପୂର୍ଣ୍ଣ ରିଆତି ମିଳିବ ନାହିଁ। ୨ କିଲୋୱାଟ ପର୍ଯ୍ୟନ୍ତ ବିଜୁଳି ବ୍ୟବହାର କରୁଥିବା ଉପଭୋକ୍ତା ସ୍ମାର୍ଟ ମିଟର ବାବଦରେ ମାସିକ ଦେଉଥିବା ୬୦ଟଙ୍କା ଭଡ଼ା ପ୍ରଦାନରୁ ମୁକ୍ତି ପାଇଛନ୍ତି। ମାତ୍ର ୨ କିଲୋୱାଟରୁ ଅଧିକ ବିଦ୍ୟୁତ୍ ବ୍ୟବହାର କରୁଥିବା ଉପଭୋକ୍ତାଙ୍କୁ ପୂର୍ବପରି ଭଡ଼ା ପ୍ରଦାନ କରିବାକୁ ପଡ଼ିବ । ସମ୍ପ୍ରତି ବିଜୁଳି ଉପଭୋକ୍ତାଙ୍କ ପାଇଁ ପ୍ରଥମ ୫୦ ୟୁନିଟ ପାଇଁ ୟୁନିଟ୍ ପିଛା ଦର ୩ ଟଙ୍କା ରହିଛି। ସେହିପରି ୫୧ରୁ ୧୦୦ ୟୁନିଟ୍ ପାଇଁ ୪.୮୦ ଟଙ୍କା, ୨୦୧ରୁ ୪୦୦ ୟୁନିଟ୍ ପାଇଁ ୫.୮୦ ଟଙ୍କା ଓ ୪୦୦ ୟୁନିଟରୁ ଅଧିକ ବ୍ୟବହାର ପାଇଁ ୟୁନିଟ୍ ପିଛା ଦର ୬.୨୦ ଟଙ୍କା ବର୍ତ୍ତମାନ ଦେବାକୁ ପଡୁଛି। ଓଇଆରସି ସଚିବ ପ୍ରିୟବ୍ରତ ପଟ୍ଟନାୟକ କହିଛନ୍ତି ଯେ ଯେଉଁ ଉପଭୋକ୍ତା ଇ-ବିଲ୍ ଅର୍ଥାତ୍ ଇ-ମେଲ କିମ୍ବା ମେସେଜ ମାଧ୍ୟମରେ ବିଦ୍ୟୁତ୍ ବିଲ ନେବେ ସେମାନଙ୍କୁ ପ୍ରତି ବିଲ୍ ପିଛା ୧୦ ଟଙ୍କା ଛାଡ଼ କରାଯିବ। ସେହିପରି ପ୍ରି-ପେଡ ମିଟର ଓ ଡିଜିଟାଲ ପେମେଣ୍ଟରେ ପୂର୍ବବର୍ଷ ପରି ୪ ପ୍ରତିଶତ ରିଆତି ବ୍ୟବସ୍ଥା ପ୍ରଦାନ କରାଯିବ। ନୂଆ ନିଷ୍ପତ୍ତି ଅନୁଯାୟୀ ୧୦ କିଲୋୱାଟରୁ ଅଧିକ ବିଦ୍ୟୁତ୍ ବ୍ୟବହାର କରୁଥିବା ଉପଭୋକ୍ତାଙ୍କ ପାଇଁ ସ୍ୱତନ୍ତ୍ର ରିଆତି ବ୍ୟବସ୍ଥା କରାଯାଇଛି। ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବ୍ୟବହୃତ ବିଜୁଳିରେ ୟୁନିଟ ପିଛା ୨୦ ପଇସା ରିଆତି ପ୍ରଦାନ କରାଯିବ। ସେହିପରି ସନ୍ଧ୍ୟା ୬ଟାରୁ ରାତି ୧୨ଟା ଯାଏଁ ବିଜୁଳି ବ୍ୟବହାର ପାଇଁ ୟୁନିଟ ପିଛା ୩୦ ପଇସା ଅଧିକ ଦେବାକୁ ପଡ଼ିବ । ପୁନଶ୍ଚ ଯେଉଁମାନେ ଇଏଚ୍‌ଟି ବିଦ୍ୟୁତ୍ ଉପଭୋକ୍ତା ରହିଛନ୍ତି, ସେମାନେ ଯଦି ଆବଶ୍ୟକତାଠାରୁ ଅଧିକ ୮୦ ପ୍ରତିଶତ ବିଦ୍ୟୁତ୍ ବ୍ୟବହାର କରିବେ, ▶ପୃଷ୍ଠା-୭



**୨ କିଲୋୱାଟ ପର୍ଯ୍ୟନ୍ତ ସ୍ମାର୍ଟ ମିଟର ଭଡ଼ା ଛାଡ଼**

**ଇ-ବିଲ୍ ନେଲେ ବିଲ୍ ପିଛା ୧୦ ଟଙ୍କା ରିଆତି**

**ଡିଜିଟାଲ ପେମେଣ୍ଟରେ ୪ % ରିଆତି ବଳବତ୍ତର**

# ଆଜିଠୁ ବଢ଼ିବ ତାତି

■ **ଭୁବନେଶ୍ୱର,୨୪।୩(ସମିସ):** ରାଜ୍ୟରେ ପୁଣି ଉପରମୁହାଁ ହେବ ପାରଦ। ଲଗାତାର ୨-୪ ଦିନ ବର୍ଷା ଯୋଗୁଁ ତାତିରୁ ମୁକ୍ତି ପାଇଥିଲେ ହେଁ ମଙ୍ଗଳବାରଠାରୁ କାଳବୈଶାଖୀ ବର୍ଷା କମିବା ସହ ତାତି ବଢ଼ିବ। ଆଗାମୀ ୪ରୁ ୫ ଦିନ ମଧ୍ୟରେ ଦିନ ତାପମାତ୍ରା ୪-୫ ଡିଗ୍ରୀ ବୃଦ୍ଧି ପାଇବ। ସେହିଭଳି ରାତି ତାପମାତ୍ରାର ମଧ୍ୟ ବୃଦ୍ଧି ଘଟିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। କିଛିଦିନ ତଳେ ବୌଦ୍ଧ ଓ ଝାରସୁଗୁଡ଼ାରେ କ୍ରମାଗତ ପାରଦ ଉପରମୁହାଁ ରହିଥିଲା। କେବଳ ଏହି ଦୁଇଟି ସ୍ଥାନ ନୁହେଁ, ପଶ୍ଚିମ ଓଡ଼ିଶାରେ ଅନେକ ସ୍ଥାନରେ ସ୍ୱାଭାବିକ ଠାରୁ ୫-୭ ଡିଗ୍ରୀ ଉପରେ ତାତି ରହିଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବା ବେଳେ ଗୋପାଳପୁର ୩୦, କୋରାପୁଟ ୨୯ ଓ ରାୟଗଡ଼ାରେ ୨୮ ମିମି ବର୍ଷା ରେକର୍ଡ ହୋଇଛି। ▶ପୃଷ୍ଠା-୭

**ସତର୍କ ରହିବାକୁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ**

### ଚୋର ଧରିବାକୁ ନଖ ଦର୍ପଣ

# ୭ ଭଉଣୀଙ୍କ ପରିବାରକୁ ଚାଉଳ ଖୁଆଇଲେ

■ **ପାଟଣାଗଡ଼, ୨୪।୩ (ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ଅଧୀନ ଖଲିଆ ଗାଁରେ ଆଜି ଅନ୍ଧବିଶ୍ୱାସର ଏକ ନମୁନା ଦେଖିବାକୁ ମିଳିଛି। ବାହାଘର ଉତ୍ସବରେ ପାଞ୍ଚ ଲକ୍ଷ ଟଙ୍କା ଚୋରି ହୋଇଯିବାରୁ ଚୋର ଧରିବାକୁ ବଡ଼ଭଉଣୀ ନଖଦର୍ପଣର ଆଶ୍ରୟ ନେବା ଏବଂ ମନ୍ଦିରରେ ତାଙ୍କ ସାତ ଭଉଣୀ ଓ ସେମାନଙ୍କ ପରିବାରଲୋକଙ୍କୁ ଚାଉଳ ଖୁଆଇ ରାଣ ପକାଇବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ମୁଖ୍ୟ ବିଷୟ ପାଲଟିଛି। ଅପରପକ୍ଷେ, ଏନେଇ ଅଇଲାପାଲି ଗାଁର ସାନ ଭଉଣୀ ସୁକାନ୍ତି କୁମ୍ଭାର ଓ ତାଙ୍କ ସ୍ୱାମୀ କୌସ୍ତୁଭ କୁମ୍ଭାର ସୋମବାର ପାଟଣାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ▶ପୃଷ୍ଠା-୭

**ଅନ୍ଧବିଶ୍ୱାସର ଚକ୍ରବ୍ୟୂହ**

**ଥାନାର ଦ୍ୱାରସ୍ଥ ହେଲେ ସାନ ଭଉଣୀ**

# କମିସନରେଟ୍ ପଞ୍ଝାରେ ନକଲି ଡିଏସ୍‌ପି

■ **ଭୁବନେଶ୍ୱର, ୨୪।୩(ସମିସ):** ଖାକି ବର୍ଦ୍ଦି ସାଙ୍ଗକୁ ପୁଲିସିଆ ଠାଣି। ହାବଭାବ, ରଙ୍ଗଢଙ୍ଗ ଦେଖି ଜାଲିଆଟେ ବୋଲି କେହି ବି ଠଉରାଇ ପାରିବେନି। ନିଜକୁ ପୁଲିସ୍ ଡିଏସ୍‌ପି ପରିଚୟ ଦେଇ ଲୋକଙ୍କୁ ଠକିବାଠାରୁ ଆରମ୍ଭ କରି ନକଲି ନୋଟ୍ କାରବାର ପର୍ଯ୍ୟନ୍ତ କଳାକାରନାମା ଚଳାଇଥିବା ଜଣେ ଧୂର୍ତ୍ତକୁ ଆଜି କମିସନରେଟ୍ ପୁଲିସ୍ ଗିରଫ କରିଛି। ସେ ହେଲା, ଭଦ୍ରକ ବାସୁଦେବପୁରର ମାନସ ରଞ୍ଜନ ସେନାପତି (୨୬)। ସେହିପରି ତାକୁ ସହଯୋଗ କରିଆସୁଥିବା ଆଉ ଜଣେ ଠକକୁ ପୁଲିସ୍ କାବୁ କରିଛି। ସେ ହେଲା, ପିପିଲିର ଆଶିଷ ସ୍ୱାଇଁ (୨୩)। ନିଜକୁ କନଷ୍ଟେବଳ କହି ସେ ମାନସର ପାଖେପାଖେ ରହୁଥିଲା। ସେମାନଙ୍କ ନିକଟରୁ ପୁଲିସ୍ ୧ଲକ୍ଷ ୯୩ ହଜାର ଜାଲ ନୋଟ୍ ସହ ଗୋଟିଏ କାର୍, ନକଲି ଷ୍ଟାମ୍ପ, ପରିଚୟପତ୍ର, ବିଭିନ୍ନ ପୁଲିସ ପୋଷାକରେ ଥିବା ଫଟୋ, ପୁଲିସ୍ ୟୁନିଫର୍ମ, ଜୋତା, ବେଲ୍ଟ, ଟୋପି ଓ ନିଯୁକ୍ତିପତ୍ର ଜବତ କରିଛି। ଏନେଇ ସହିଦନଗର ପୁଲିସ୍ ୨ଟି ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

ପୁଲିସ୍ ସୂଚନାନୁଯାୟୀ, ମାନସ ଯୁକ୍ତ ୩ରୁ ଆଗକୁ ମାଡ଼ିନି। କିନ୍ତୁ ବୁଦ୍ଧି ଆଗରେ ବଡ଼ବଡ଼ ପାଠୁଆ ବି ଫେଲ୍ ମାରିଯିବେ। ଜାଲ୍‌ନୋଟ୍ ଛାପିବାଠାରୁ ଆରମ୍ଭ କରି ନିଯୁକ୍ତି ନାଁରେ ଲୋକଙ୍କୁ ଠକେଇ, ଯୁବତୀଙ୍କୁ ▶ପୃଷ୍ଠା-୭

**୨ ଗିରଫ; ଘରୁ ୧ ଲକ୍ଷ ୯୩ ହଜାର ଜାଲ୍ ନୋଟ୍ ଜବତ**

**ପୁଲିସ ପୋଷାକ ଓ ନକଲି ନିଯୁକ୍ତିପତ୍ର ଜବତ**









## ଜିଲ୍ଲାରେ ବେହାଲ ଆମ୍ବୁଲାନ୍ସ ସେବା

# ଖତଖାଉଛି ସରକାରୀ ଆମ୍ବୁଲାନ୍ସ

**ବଲାଙ୍ଗିର, ୨୪ ।୩(ସମିସ)**

ଜିଲ୍ଲାରେ ବେହାଲ ଆମ୍ବୁଲାନ୍ସ ସେବା । କେଉଁ ଡାକ୍ତରଖାନାରେ ଆମ୍ବୁଲାନ୍ସ ନାହିଁ ତ ଆଉ କେଉଁଠି ଅଛି କିନ୍ତୁ ତାହା ଚାଲୁନି । କେଉଁଠି ଆମ୍ବୁଲାନ୍ସ ଅଛି କିନ୍ତୁ ଡ୍ରାଇଭର ନାହାନ୍ତି ଆଉ କେଉଁଠି ଆମ୍ବୁଲାନ୍ସ ଅଚଳ ପଡ଼ିଛି କିନ୍ତୁ ଡ୍ରାଇଭର ବସି ଦରମା ନେଉଛନ୍ତି । ସବୁଠାରୁ ଗୁରୁତର ବିଷୟ ହେଉଛି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଥିବା ଦୁଇଟି ସରକାରୀ ଆମ୍ବୁଲାନ୍ସରୁ ଗୋଟିଏ ଅଚଳ ଅବସ୍ଥାରେ ଥିବା ବେଳେ ଆଉ ଗୋଟିଏ କେବଳ ଭିଆଇପିଙ୍କ ସେବାରେ ଲାଗୁଥିବା ଅଭିଯୋଗ ହୋଇଛି । ଯଦିଓ ଆମ୍ବୁଲାନ୍ସର ଅଭାବ ୧୦୮ ଆମ୍ବୁଲାନ୍ସ କିଛିଟା ଭରଣା କରୁଛି କିନ୍ତୁ ସେହି ଆମ୍ବୁଲାନ୍ସ ମଧ୍ୟ ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣର ସେବା ଯୋଗାଇବାରେ ବିଫଳ ହୋଇଛି । ଫଳରେ ଜିଲ୍ଲାରେ ଅନେକ ସମୟରେ ରୋଗୀ, ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିମାନଙ୍କୁ ଘରୋଇ, ପୁଲିସ କିମ୍ବା ଅଗ୍ନିଶମ ବିଭାଗ ଭ୍ୟାନ୍‌ରେ ଅଣାଯାଉଥିବା ଦେଖିବାକୁ ମିଳୁଛି ।

ବଲାଙ୍ଗିର ଜିଲ୍ଲାରେ ବେହାଲ ଆମ୍ବୁଲାନ୍ସ ସେବା । ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା ବଲାଙ୍ଗିରରେ ପ୍ରତିଷ୍ଠା ହେବା ବେଳେ ଏହା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବଡ ପରିବର୍ତ୍ତନ ହୋଇଛି । କିନ୍ତୁ ଜିଲ୍ଲାର ବିଭିନ୍ନ ସିଏଚ୍‌ସିରୁ ମେଡିକାଲ କଲେଜ ଡାକ୍ତରଖାନାକୁ ଆସୁଥିବା ରୋଗୀମାନେ ଆମ୍ବୁଲାନ୍ସ ପାଇଁ ଅନେକ ସମୟରେ ହଇରାଣ ହେଉଥିବା ଦେଖିବାକୁ ମିଳୁଛି । ଯଦିଓ ଜିଲ୍ଲାରେ ୧୦୮ ଆମ୍ବୁଲାନ୍ସ ସେବା ରହିଛି କିନ୍ତୁ ବିଭିନ୍ନ ସମୟରେ ୧୦୮ ଆମ୍ବୁଲାନ୍ସ ସେବା ସେମାନଙ୍କୁ ମିଳୁନଥିବାରୁ ଅସନ୍ତୋଷ ପ୍ରକାଶ ପାଇଥାଏ । ବିଶେଷ କରି ଦୁର୍ଘଟଣା ସମୟରେ ଏହି ସମସ୍ୟା ଗୁରୁତର ହୋଇଥାଏ । ସିଏଚ୍‌ସି ରୁ ଗୁରୁତର ରୋଗୀଙ୍କୁ ସ୍ଥାନାନ୍ତର କରିବା ସମୟରେ ଡାକ୍ତରଖାନା ଆମ୍ବୁଲାନ୍ସ ନଥିବାରୁ ୧୦୮କୁ ଅପେକ୍ଷା କରିବାକୁ ପଡ଼ିଥାଏ । ଏତିକିରେ ଅନେକ ସମୟରେ ପୁଲିସ ନିଜ ଭ୍ୟାନରେ ଆଣୁଥିବା ମଧ୍ୟ ଦେଖିବାକୁ ମିଳେ । ତେବେ ବିଭାଗୀୟ ସୂଚନା ଅନୁସାରେ ବିଭିନ୍ନ ସୂତ୍ରରୁ ରୋଗୀଙ୍କ ପାଇଁ ଡାକ୍ତରଖାନାରେ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଥାଏ । ଏହି ଅନୁସାରେ ଜିଲ୍ଲାରେ ୧୩ ଟି ସରକାରୀ ଆମ୍ବୁଲାନ୍ସ ରହିଛି ଯାହାକି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପରିଚାଳିତ ହେଉଛି । ସରକାରୀ ତଥ୍ୟ ଅନୁସାରେ ଆଗଲପୁର ସିଏଚ୍‌ସି ଓ ଦେଓଗାଁ ସିଏଚ୍‌ସିରେ ଥିବା ଆମ୍ବୁଲାନ୍ସ ବର୍ଷାଧିକ କାରଣରୁ ଅଚଳ ଅବସ୍ଥାରେ ପଡ଼ିଥିବା ବେଳେ ଅନ୍ୟ ସବୁ ଚାଲୁ ରହିଥିବା ବିଭାଗ ସୂଚନା ଦେଇଛି । କିନ୍ତୁ ଏହା ବୁଝିବା ପରେ ଅନେକ ଆମ୍ବୁଲାନ୍ସ ଅଚଳ ହୋଇ ପଡ଼ିରହିଥିବା ଜଣାପଡ଼ିଛି ।

**୧୩ ସରକାରୀ ଆମ୍ବୁଲାନ୍ସ ମଧ୍ୟରୁ ୫ ଅଚଳ**



ଚୁଡାପାଲିରେ ଥିବା ଆମ୍ବୁଲାନ୍ସ ଆଠ ମାସ ହେଲା ବନ୍ଦ ପଡ଼ିଥିବା ବେଳେ ନିୟୋଜିତ ହୋଇଥିବା ସରକାରୀ ଡ୍ରାଇଭର ନିୟମିତ ଦରମା ନେଉଛନ୍ତି । ସେହିପରି ଲୋଇସିଂହାକୁ ପାଟଣାଗଡ଼ ଡାକ୍ତରଖାନାରୁ ଦିଆଯାଇଥିବା ଆମ୍ବୁଲାନ୍ସ ଆସିବା ଦିନ ଠାରୁ ଅଚଳ ଅବସ୍ଥାରେ ପଡ଼ିଛି । ତାହା ମରାମତି ହେଉନି କି ତାହା ସ୍ଥାନରେ ନୂତନ ବ୍ୟବସ୍ଥା କରାଯାଉନାହିଁ । ସେହିପରି ଗୁଡଭେଲା ସିଏଚ୍‌ସିରେ ଥିବା ଆମ୍ବୁଲାନ୍ସ ମଧ୍ୟ କିଛି ମାସ ହେଲା ଅଚଳ ହୋଇ ପଡ଼ିରହିଥିବା ଜଣାପଡ଼ିଛି । କଣ୍ଟାବାଞ୍ଜି ଓ ମୁରିବାହାଲରେ ଥିବା ଆମ୍ବୁଲାନ୍ସ ସଚଳ ଥିବା ବିଭାଗୀୟ ଅଧିକାରୀ କହିଥିବା ବେଳେ ତାହା ବହୁତ କମ ବ୍ୟବହାର ହେଉଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ଟିଟିଲାଗଡ଼ ଓ ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ଦୁଇଟି ଲେଖାଏଁ ଆମ୍ବୁଲାନ୍ସ ଦିଆଯାଇଛି ସତ କିନ୍ତୁ ରୋଗୀଙ୍କୁ ସେବା ଠିକ ଭାବେ ମିଳୁନଥିବା ଅଭିଯୋଗ ହୋଇଛି । ସରକାରୀ ଆମ୍ବୁଲାନ୍ସ ବଦଳରେ ରୋଗୀମାନେ ବଡ ଡାକ୍ତରଖାନାକୁ ଆସିବା ପାଇଁ ୧୦୮ କିମ୍ବା ଘରୋଇ ଆମ୍ବୁଲାନ୍ସ ଉପରେ ନିର୍ଭର କରୁଛନ୍ତି । ସେହିପରି ବଲାଙ୍ଗିର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଦିଆଯାଇଥିବା ଦୁଇଟି ଆମ୍ବୁଲାନ୍ସର ଅବସ୍ଥା ନକହିବା ଭଲ । ଗୋଟିଏ ଆମ୍ବୁଲାନ୍ସ ଦୂର ରାସ୍ତା ଯିବାର କ୍ଷମତା ହରାଇ ସାରିଛି ।ଆମ୍ବୁଲାନ୍ସ ଗାଡିରେ ଅନେକ ସମସ୍ୟା ରହିଥିବା ବେଳେ ତାହାର ମରାମତି ମଧ୍ୟ କରାଯାଉନାହିଁ । ସେହିପରି ଆଉ ଗୋଟିଏ ଅତ୍ୟାଧୁନିକ ଆମ୍ବୁଲାନ୍ସ ଅଛି କିନ୍ତୁ ତାହା ରୋଗୀଙ୍କ ବଦଳରେ ଜିଲ୍ଲାକୁ ଆସୁଥିବା ଭିଆଇପିଙ୍କ ସେବାରେ ନିୟୋଜିତ ହେଉଥିବା ଅଭିଯୋଗ ହୋଇଛି । ଏହାବାଦ ଜିଲ୍ଲାର ସମସ୍ତ ସିଏଚସି ପାଇଁ ଦୁଇଟି ୧୦୮ ଆମ୍ବୁଲାନ୍ସ ନିୟୋଜିତ ହୋଇଥିବା ଜଣାପଡ଼ିଛି ।କିନ୍ତୁ ଏହି ଆମ୍ବୁଲାନ୍ସ ଗୁଡିକର ଠିକ ଭାବେ ସମ୍ପୃକ୍ତ ଠିକାସଂସ୍ଥା ରକ୍ଷଣାବେକ୍ଷଣ କରୁନଥିବାରୁ ଅନେକ ସମସ୍ୟା ହେଉଥିବା ଅଭିଯୋଗ ହୋଇଛି ।ଠିକ ଭାବେ ରୋଗୀଙ୍କ ପାଖକୁ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେଉଥିବାର ମଧ୍ୟ ଅଭିଯୋଗ ହୋଇଛି । ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟିଦେଇ ସମସ୍ତ ସିଏଚ୍‌ସି ରୋଗୀ ସେବାକୁ ୧୦୮ ହାତରେ ନଛାଡି ସରକାରୀ ଆମ୍ବୁଲାନ୍ସର ମଧ୍ୟ ପ୍ରାବଧାନ କରିବାକୁ ଦାବି ହୋଇଛି ।

## ପାରିବାରିକ କଳିରୁ କକା-ପୁତୁରା ହଣାହଣି

**ମୁରିବାହାଲ, ୨୪ ।୩(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଗଁରେଇ ଗ୍ରାମରେ ପୂର୍ବ ଶତ୍ରୁତା ଓ ପାରିବାରିକ କଳହକୁ ନେଇ ଜଣେ ସମ୍ପର୍କୀୟ କାକା ଓ ତାଙ୍କ ଦୁଇ ପୁତୁରା ମଧ୍ୟରେ କଟୁରୀରେ ହଣାହଣି ହେବାରୁ ତିନିଜଣ ଗୁରୁତର ହୋଇଛନ୍ତି । ସେମାନଙ୍କରାୟପୁର ସ୍ଥାନାନ୍ତର କରାଯାଇଛି । ଗଁରେଇ ଗ୍ରାମର ପ୍ରଭୁଲାଲ ନାଗ(୮୦)ଥାନାରେ ଦେଇଥିବା ଏତଲା ମୁତାବକ ତାଙ୍କ ପୁଅ ନରସିଂହ ନାଗ(୩୭)ଙ୍କୁ ସମ୍ପର୍କୀୟ ପୁତୁରା ନୂଆଁଖାଉ ନାଗ, ଇନ୍ଦ୍ର ନାଗ,





ଲାଏବାନ ନାଗ, ଚେର ନାଗ ଓ କର୍ପୁର ନାଗ ଶୁକ୍ରବାର ସନ୍ଧ୍ୟାରେ ପୂର୍ବଶତ୍ରୁତା ଓ ପାରିବାରିକ କଳହକୁ ନେଇ ଧାରୁଆ କଟୁରୀରେ ମରଣାନ୍ତକ ଆକ୍ରମଣ କରିଥିଲେ । ଫଳରେ ତାଙ୍କର ହାତ କଟିଯାଇଥିବା ବେଳେ ଅନ୍ୟାନ୍ୟ ସ୍ଥାନରେ ଗୁରୁତର ଆଘାତ ଲାଗିଥିଲା । ଗୁରୁତର ନରସିଂହଙ୍କୁ ପ୍ରଥମେ ମୁରିବାହାଲ ପରେ ବଲାଙ୍ଗିର ଓ ଶେଷ ଖବର ସୁଦ୍ଧା ରାୟପୁର ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି ।ସେହିପରି ଦୁଇ ପୁତୁରା ନୂଆଁଖାଉ ଓ ଇନ୍ଦ୍ର ସନ୍ଧ୍ୟାରେ କଥା ହେଉଥିବା ବେଳେ ହଠାତ୍ ସମ୍ପର୍କୀୟ କାକା ନରସିଂହ ଉଭୟଙ୍କୁ କଟୁରୀରେ ଅତର୍କିତ ଆକ୍ରମଣ କରିଥିଲା । ଉଭୟ ଗୁରୁତର ପୁତୁରା ସେହି କଟୁରୀରେ ହିଁ ନରସିଂହଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଛି । ଗୁରୁତର ଆହତଙ୍କୁ ଉଦ୍ଧାର କରି ପୁଲିସ ମେଡିକାଲରେ ଭର୍ତ୍ତି କରିଥିଲା ।ଗୁରୁତର ଦୁଇ ପୁତୁରା ଏବେ ରାୟପୁର ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ପ୍ରଭୁଲାଲଙ୍କ ଏତଲା ଆଧାରରେ ପୁଲିସ କେସ ନଂ ୭୩/୨୫ରେ ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରଖିଥିବା ଥାନା ଆଇଆଇସି ସିପୋରା ସରାୟ ଲୁଗୁନ୍ କହିଛନ୍ତି ।

## ମନ୍ଦିରର ଉନ୍ନତୀକରଣ ପାଇଁ ଅନୁଦାନ

**ବଲାଙ୍ଗିର, ୨୪।୩(ସମିସ):** ବଲାଙ୍ଗିର ଜିଲ୍ଲା ସାଲେଭଟା ଗ୍ରାମ ଐତିହ୍ୟ ପାଟଣାକ୍ଷେଟ ସମୟରୁ ଗୋଟିଏ ଗମ୍ଭୀରାରେ ପୂଜା ପାଉଛନ୍ତି ମାଁ ପାଟଣେଶ୍ୱରୀ ଓ ମାଁ ସମଲେଶ୍ୱରୀ । କେଉଁ ଆଦିମ କାଳରୁ ଦେବୀ ପୂଜା ପାଇ ଆସୁଥିବା ବେଳେ ପାଟଣା ଷ୍ଟେଟ ସମୟର ଓମ୍ ନଦୀରେ ପ୍ରଭାବିତ ହୋଇଥିବା ସମ୍ବଲପୁର ଓ ପାଟଣା ଷ୍ଟେଟ ୧୫୦୦ ଖ୍ରୀଷ୍ଟାବ୍ଦ ରେ ମାଁ ପାଟଣେଶ୍ୱରୀ ପାଟଣାରାଜ୍ୟ ମୁହାଁ ହୋଇଛନ୍ତି ଏବଂ ମାଁ ସମଲେଶ୍ୱରୀ ସମ୍ବଲପୁର ମୁହାଁ ହୋଇ ପୂଜା ପାଉଛନ୍ତି । ହୁମା ଏବଂ ପାଟଣା ଭାଗ ହୋଇ ଚିହ୍ନଟ ହୋଇଥିଲା । ଏହି ମନ୍ଦିର ପାଇଁ ଦେବାଳୟ ସୁରକ୍ଷା କମିଟି ସାଲେଭଟା ଗ୍ରାମବାସୀ ଓ ପାଟଣେଶ୍ୱରୀ ମନ୍ଦିର ଗତ ୭ ଅଗଷ୍ଟ ୨୦୨୪ରେ ସ୍ଥାନୀୟ ସାର୍କିଟ ହାଉସରେ ଡ.ମୁକେଶ ମହାଲିଙ୍ଗଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରାଯାଇଥିଲା । ମନ୍ଦିର ଉନ୍ନତିକରଣ ସକାଶେ ମୁଖ୍ୟମନ୍ତ୍ରୀ ଏସ୍‌ପିଏଫ୍ ଫଣ୍ଡରୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଦେବାଳୟ ସୁରକ୍ଷା କମିଟି ଏବଂ ସାଲେଭଟା ପାଟଣେଶ୍ୱରୀ ମନ୍ଦିର କମିଟି ଏନେଇ ସୂଚନା ପ୍ରଦାନ କରିଛନ୍ତି ।

## ଚନ୍ଦ୍ରଶେଖର ବାବାଙ୍କ ଦଣ୍ଡଯାତ୍ରା



**ବଲାଙ୍ଗିର, ୨୪।୩(ସମିସ):** ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ଚନ୍ଦନଭାଟି ଗ୍ରାମର ଚନ୍ଦ୍ରଶେଖର ବାବା ଦଣ୍ଡଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗତ ରବିବାର ଦିନ ଫାଲଗୁନ ପୂର୍ଣ୍ଣିମା ମନ୍ଦିରରୁ ସଂକଳ୍ପ ନେଇ ଚନ୍ଦନଭାଟି ଗ୍ରାମର ଯୁବପୀଢିଙ୍କୁ ନେଇ ଦଣ୍ଡଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗିର ସହରର ବିଭିନ୍ନ ଗ୍ରାମକୁ ଯାଇ ଦଣ୍ଡଯାତ୍ରା ପ୍ରଦର୍ଶନ କରିଥିବାବେଳେ ସୋମବାର ବଲାଙ୍ଗିର ସହରର ବ୍ରାହ୍ମଣପଡ଼ା ଠାରେ ଅନୁଷ୍ଠିତ ହୋଇଥିଲା । ସକାଳୁ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରିବା ପରେ ଦ୍ୱିପହରରେ ପାଣି ଦଣ୍ଡଯାତ୍ରା ହୋଇଥିବା ବେଳେ ରାତ୍ରରୁ ପରଭା ନାଚ, ରାଧାକୃଷ୍ଣଙ୍କ ନାଚ, ଚନ୍ଦ୍ରସେନା, ଦୂତି ଅଭିନୟରେ ବେଶ ଦର୍ଶକଙ୍କୁ ମନ ଛୁଇଁଥିବା ବେଳେ ପାର୍ଶ୍ୱ ଦେବାଦେବୀ ଦକ୍ଷିଣେଶ୍ୱରୀ କାଳି, ଛତର ବୈରବ, ଘଣ୍ଟ, ଢୋଲ, ନିଶାନ, ତାସାରେ ବିଭିନ୍ନ ଦିଗରେ ଅଭିନୟ କରି ଯାତ୍ରା ଦେଖାଇଥିଲେ । ମୁଖ୍ୟ ପୂଜକ ପୂଜାର୍ଚ୍ଚନା କରି ପିଙ୍କୁ ମେର୍ଲି ସୂଚନା ଦେଇଛନ୍ତି ଯେ ଏହା ଅକ୍ଷିତୃତୀୟା ରେ ସମାପ୍ତ କରିବେ ।

## 'ମହଖଣ୍ଡ ଗାଁ ରାସ୍ତାକଡ଼ରେ ବେଆଇନ ପଥର ବ୍ଲାଷ୍ଟିଂ

# ନିରବଦ୍ରଷ୍ଟା ଖଣି ବିଭାଗ ଓ ତହସିଲ କର୍ତ୍ତୃପକ୍ଷ



**ତୁରେକେଲା, ୨୪ ।୩(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଅନ୍ତର୍ଗତ ମହଖଣ୍ଡ ଗାଁରୁ ଅଳ୍ପ ଦୂର ଜନଗହଳି ରାସ୍ତାକଡ଼ରେ ପଥର ମାଫିଆ ସରକାରୀ ନିୟମ ଉଲ୍ଲଂଘନ କରି ମନଇଚ୍ଛା ପଥର ବ୍ଲାଷ୍ଟିଂ କରୁଥିବା ଦେଖାଯାଇଛି । ସ୍ଥାନୀୟଲୋକଙ୍କ ଠାରୁ ପ୍ରକାଶ ଯେ ବର୍ଷ ଧରି ମହଖଣ୍ଡ ଗାଁରେ ଥିବା ଏକ କସର ମାଲିକ ମହଖଣ୍ଡରୁ ଭାଲୁମୁଣ୍ଡା ଯିବା ରାସ୍ତା କଡରେ ବେଆଇନ ଭାବେ ପଥର ବ୍ଲାଷ୍ଟିଂ କରି ଆସୁଛନ୍ତି ।ଏହା ଉପରେ ଜିଲ୍ଲା ଖଣି ବିଭାଗ କି କଣ୍ଟାବାଞ୍ଜି ତହସିଲ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନାହାଁନ୍ତି । ସରକାରୀ ନିୟମ ଅନୁଯାଏ କୌଣସି ପଥର ବ୍ଲାଷ୍ଟିଂ ରାସ୍ତା କଡରେ ହୁଏ ନାହିଁ ଯଦି ପଥର ବ୍ଲାଷ୍ଟିଂ ପାଇଁ ଖଣି ବିଭାଗ କି ରାଜସ୍ୱ ବିଭାଗ ଅନୁମତି ଦିଏ ଦେବେ ସର୍ବସାଧାରଣ ରାସ୍ତାରୁ ପ୍ରାୟ ୩ କିଲୋମିଟରରୁ ଅଧିକ ଦୂରତା ହେବା କଥା ଯାହାଦ୍ୱାରା କୌଣସି ଜନଜୀବନ ପ୍ରଭାବିତ ହେବ ନାହିଁ । ହେଲେ ଯେଉଁ ରାସ୍ତା ଦେଇ ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଯାତାୟତ କରୁଛନ୍ତି ସେହି ରାସ୍ତା କଡ଼ରେ ପଥର ବ୍ଲାଷ୍ଟିଂ ହେବା କେତେ ଯୁକ୍ତିସଙ୍ଗତ । ସିଧାସଳଖ କସର ମାଲିକ ସରକାରୀ ନିୟମ ଉଲ୍ଲଂଘନ କରି ପଥର ବ୍ଲାଷ୍ଟିଂ କରିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ସେହି ରାସ୍ତାଦେଇ ଯାତାୟତ କରୁଥିବା ଲୋକମାନେ ପଥର ବ୍ଲାଷ୍ଟିଂ ଶବ୍ଦରେ ଭୟଭୀତ ହେବା ସହ ଅଞ୍ଚଳରେ କମ୍ପନ ସୃଷ୍ଟି ହେଉଛି । କସର ମାଲିକ ବ୍ଲାଷ୍ଟିଂ କରିବାର କୌଣସି ସମୟ ସୀମା ନାହିଁ । ମନଇଚ୍ଛା ବ୍ଲାଷ୍ଟିଂ କରୁଥିବା ବେଳେ କୌଣସି ଡାକବାଜୀ ଯନ୍ତ୍ରରେ ଘୋଷଣା ମଧ୍ୟ କରୁନାହାଁନ୍ତି । ଯଦି କସର ମାଲିକ ପଥର ଖଣି ବ୍ଲାଷ୍ଟିଂ କରିବା ପାଇଁ ସରକାରଙ୍କ ଠାରୁ ଅନୁମତି ନେଇଛନ୍ତି ତେବେ ବାସ୍ତବରେ ସେ କେତେ କିବି ମିଟର ପାଇଁ ସେ ଅନୁମତି ନେଇଛନ୍ତି ଏବଂ ବର୍ତ୍ତମାନ ସେ କେତେ କିବି ମିଟର ପଥର ବ୍ଲାଷ୍ଟିଂ କରି ସାରିଛନ୍ତି ତାହା ତଦନ୍ତ କରାଗଲେ ପ୍ରକୃତ ସତ ଲୋକଲୋଚନକୁ ଆସିବ । ଅନ୍ୟପକ୍ଷରେ କସରରୁ ପଥର ଗୁଣ୍ଡ ଉଡ଼ି ପ୍ରଦୂଷଣ ବୃଦ୍ଧି ପାଉଥିବା ଯୋଗୁଁ ଅଞ୍ଚଳ ବାସୀ ରୋଗାଗ୍ରସ୍ତ ହେଉଥିବା ଅଭିଯୋଗ ହେଉଛି । ଏନେଇ ଜିଲ୍ଲା ଖଣି ଅଧିକାରୀଙ୍କ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରାଗଲେ ବି କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ । ସରକାର ଓ ଜିଲ୍ଲା ପ୍ରଶାସନ ନଜରଦେଇ ତୁରନ୍ତ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ବଙ୍ଗୋମୁଣ୍ଡା, ୨୪ ।୩(ସମିସ):** ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ବଙ୍ଗୋମୁଣ୍ଡା ଠାରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି । ଶିବିରକୁ ସ୍ଥାନୀୟ ଅଧ୍ୟକ୍ଷ ଡ. ଶୋଭେନ୍ଦ୍ର କୁମାର ମେହେର ଅଧ୍ୟକ୍ଷତା କରିଥିଲେ । ସମ୍ମାନୀୟ ଅତିଥି ଭାବରେ ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପକ ଆଲୋକ କୁମାର ରଥ, ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଇଂରାଜୀ ବିଭଗ ମୁଖ୍ୟ ଅଧ୍ୟପକ ନଟବର ବେହେରା ଯୋଗଦେଇ ଛାତ୍ରୀମାନଙ୍କୁ ନିଜ ସୁରକ୍ଷା ନିଜେ କେମିତି କରିବେ ଆଲୋକପାତ କରିଥିଲେ । ମାଷ୍ଟର ଟ୍ରେନର ପଲ୍ଲବି ସାଗରଙ୍କ ତତ୍ତ୍ୱାବଧାନରେ



ଶିବିର ପରିଚାଳିତ ହୋଇଛି । ଶିବିର ୧୩୬ ଜଣ ଛାତ୍ରୀମାନଙ୍କୁ ନେଇ ପରିଚାଳିତ ହୋଇ ୨୨ ତାରିଖ ଉଦଯାପିତ ହୋଇଛି । ଅଧ୍ୟପକ, ଡିଲେଶ୍ୱର ନିଆଲ, ଭାସ୍କର ମେହେର, ଜୟପ୍ରକାଶ ସାହୁ, ଦମୟନ୍ତୀ ମେହେର, ପ୍ରଭାସିନୀ ମେହେର, ଜୟପ୍ରକାଶ ମେହେର ତଥା ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ମାଲଗୋଦାମପଡ଼ାକୁ ସ୍ଥାୟୀ ରାସ୍ତା ଦାବି

# ଜେଲ୍‌ଭରୋ ଆନ୍ଦୋଳନ ପାଇଁ ସଜବାଜ

**ବଲାଙ୍ଗିର, ୨୪ ।୩ (ସମିସ):** ବଲାଙ୍ଗିର ରେଲଷ୍ଟେସନ ନିକଟରେ ଥିବା ଜନବସତି ମାଲଗୋଦାମ ପଡ଼ାକୁ ରାସ୍ତା ସମସ୍ୟା ଘେରିଛି । ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ, ରେଳ ବିଭାଗ ଅଧିକାରୀଙ୍କୁ ଦାବିପତ୍ର ଦେଇ, ନିବେଦନ କରି ଥକିଗଲେଣି । କିନ୍ତୁ ସୁଫଳ ମିଳିନି । ଫଳରେ ସେମାନେ ବାଧହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ଅଣ୍ଟା ଭିଡିଛନ୍ତି । ଆସନ୍ତା ୨୭ ତାରିଖ ଦିନ ସେମାନେ ରେଲ୍‌ରୋକୋ, ଜେଲ୍‌ଭରୋ ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ନେଇଥିବା ସୋମବାର ସାମ୍ବାଦିକ ସମ୍ମିଳନୀର ଆୟୋଜନ କରି ସୂଚନା ଦେଇଛନ୍ତି । ଏହାପରେ ବି ଯଦି କୌଣସି ସୁଫଳ ନମିଳେ ତାହେଲେ ଆଗାମୀ ପଡ଼ାବାସିନ୍ଦା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମଦାହ ଦେବାକୁ ପ୍ରସ୍ତୁତ ରହିଥିବା ପ୍ରତିକ୍ରିୟା ରଖିଛନ୍ତି ।

ସ୍ଥାନୀୟ ମାଲଗୋଦାମପଡ଼ାରେ ବସ୍ତିବାସିନ୍ଦାଙ୍କ ତରଫରୁ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏଲଡିଏ ତରଫରୁ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିବା ବେଳେ ଏଥିରେ ମହିଳା, ପୁରୁଷ ସମସ୍ତେ ଉପସ୍ଥିତ ଥିଲେ । ସେମାନେ କହିଥିଲେ ଯେ ମାଲଗୋଦାମ ପଡ଼ା ୧୯୬୨ ମସିହା ସମୟରୁ ସ୍ଥାପିତ ହୋଇଛି । ସେ ସମୟରେ ଏହି ପଡ଼ାର ଲୋକେ ବଲାଙ୍ଗିର ରେଳ ଷ୍ଟେସନ ନିର୍ମାଣ ସମୟରେ ଶ୍ରମିକ ଭାବରେ କାମ କରୁଥିଲେ । କିନ୍ତୁ ରେଳବିଭାଗ ପଡ଼ାବାସୀ ବ୍ୟବହାର କରୁଥିବା ରାସ୍ତାକୁ ବନ୍ଦ କରିଦେଇଥିବା ସେମାନେ ଅଭିଯୋଗ ଆଣିଥିଲେ । ଯେଉଁ ରାସ୍ତା ମାଲଗୋଦାମ




ପଡ଼ାରୁ ବଲାଙ୍ଗିର ସହରକୁ ସିଧାସଳଖ ସଂଯୋଗ କରୁଥିଲା । ବର୍ତ୍ତମାନ ବିଷ୍ଣୁମୁଣ୍ଡା ଗ୍ରାମଦେଇ ବୁଲାଣି ରାସ୍ତାରେ ଯିବାକୁ ପଡୁଛି । ଯାହାଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା, ରୋଜଗାର, ସ୍ୱାସ୍ଥ୍ୟ ତଥା ଦୈନନ୍ଦିନ ଯାତାୟାତ ଉପରେ ପ୍ରଭାବ ପକାଇଛି । ତେବେ ରେଳଧାରଣା ଡେଇଁବା ପାଇଁ ରେଳବିଭାଗ ତରଫରୁ ଏକ ଭୂତଳପୋଲର ବ୍ୟବସ୍ଥା କରାଗଲେ ପଡ଼ାବସୀ ଉପକୃତ ହୋଇପାରନ୍ତେ ବୋଲି ବାରମ୍ବାର ନିବେଦନ କରିଆସୁଥିଲେ ହେଁ ତାଙ୍କର କଥାକୁ କର୍ଣ୍ଣପାତ କରାଯାଉନଥିବା ଅଭିଯୋଗ ଆଣିଛନ୍ତି । ତାଙ୍କର ମାନବ ଅଧିକାର ପୂରଣ ଦାବିରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି । ଆସନ୍ତା ୨୭ ତାରିଖ ଦିନ ସକାଳ ୬ ଟାରେ ମାଲଗୋଦାମ ପଡ଼ାବାସିନ୍ଦା ବଲାଙ୍ଗିର ଷ୍ଟେସନରେ ରେଳରୋକ ଆନ୍ଦୋଳନ କରିବେ । ଏହା ସହିତ ଆଇନ ଅମାନ୍ୟ ଆନ୍ଦୋଳନ ମଧ୍ୟ କରାଯିବ ବୋଲି ସୂଚନା ରହିଛି ।

## ଡେଙ୍ଗରେ ସର୍କଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ



**ସଇଁତଲା, ୨୪ ।୩(ସମିସ):** ସଇଁତଲା ବ୍ଲକ ଅନ୍ତର୍ଗତ ଡେଙ୍ଗଗ୍ରାମସ୍ଥିତ ଡେଙ୍ଗ ଖ୍ରୀଷ୍ଟୀୟ ଉଦ୍‌ଯୋଗ ସମିତି ପକ୍ଷରୁ ପାଶ୍ଚାତ୍ୟ ଉତ୍କଳ ଖ୍ରୀଷ୍ଟୀୟ ଉଦଯୋଗ ସମିତି ସମ୍ମିଳନୀର ଟିଟିଲାଗଡ଼ ଭ୍ରାମ୍ୟମାଣ ଅଞ୍ଚଳକୁ ନେଇ ସର୍କଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଯାଇଅଛି । ଟୁର୍ଣ୍ଣାମେଣ୍ଟରେ ୮ଟି ଉଦ୍‌ଯୋଗ ସମିତିର ଦଳ ଭାଗ ନେଇଥିଲେ । ମୁଖ୍ୟଅତିଥି ଜ୍ୟୋତିର୍ମୟ ତାଣ୍ଡି ପ୍ରଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଆୟୋଜିତ ସଭାରେ ସାଧାରଣସମ୍ପାଦକ ସୌମ୍ୟରଞ୍ଜନ ବାଗ ଓ ସଇଁତଲା ସରପଞ୍ଚ ସୁବ୍ରତ ନାଗ ଫିତାକାଟି ଖେଳକୁ ଉଦ୍‌ଘାଟନ କରିଥିଲେ । ଟୁର୍ଣ୍ଣାମେଣ୍ଟରେ ଡେଙ୍ଗ ଓ ସଇଁତଲା ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା । ଡେଙ୍ଗ କ୍ରିକେଟ୍ ଦଳ ଚାମ୍ପିଅନ ଏବଂ ସଇଁତଲା ଦଳ ରନର୍ସ ଅପ୍ ହୋଇଥିଲେ । ଶ୍ରେଷ୍ଠ ଖେଳାଳି ତଥା ଶ୍ରେଷ୍ଠ ବୋଲର ଭାବରେ ଆଶିଷ ସୁନା ଡେଙ୍ଗ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବରେ ଆକାଶ ଦୀପ ରେଙ୍ଗାଲି, ଶ୍ରେଷ୍ଠ ଫିଲ୍ଡର କୁଲୁ ନନ୍ଦ ଚାରଭଟା ଫାଇନାଲର ମ୍ୟାନ ଅଫ ଦି ମ୍ୟାଚ୍ ଭାବରେ ଅଭିଷେକ ନନ୍ଦ ସଇଁତଲା ଚାରଭଟା କ୍ରିକେଟ୍ ଦଳ ଯଥାର୍ଥ ଓ ଶୃଙ୍ଖଳିତ ଭାବରେ ଖେଳି ପୁରସ୍କୃତ ହୋଇଥିଲେ । କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ଶିଶିର ରଞ୍ଜନ ପାଣିଗ୍ରାହୀ, ଟିଟିଲାଗଡ଼ ଭ୍ରାମ୍ୟମାଣ ସମ୍ପାଦକ ସୁଜିତ୍ କୁମାର ନନ୍ଦ, ଡେଙ୍ଗ ପାଷ୍ଟୋରେଟର ସମ୍ପାଦକ ଶାମୁଏଲ ନନ୍ଦ, କୋଷାଧ୍ୟକ୍ଷ ରାଜକିଶୋର ସିଂ ସାଗର, ଡେଙ୍ଗ ମଣ୍ଡଳୀର ସମ୍ପାଦକ ଟଙ୍କଧର ସାଗର, କୋଷାଧ୍ୟକ୍ଷା ଶ୍ରୀମତୀ କିରଣମୟୀ ସାଗର, ଶକୁନ୍ତଳା ଚାରିଟେବଲ ଟ୍ରଷ୍ଟର ପରାମର୍ଶଦାତା ବବିଲ କୁମାର ନାଗ, ଡଙ୍ଗ ସରକାରୀ ବିଦ୍ୟାଳୟର ପିଇଟି ଶିକ୍ଷୟିତ୍ରି ଶିବାନୀ, ଡେଙ୍ଗ ଖ୍ରୀଷ୍ଟୀୟ ଉଦଯୋଗ ସମିତିର ଉପସଭାପତି ଏସବି ଇମରସନ, ପରାମର୍ଶଦାତା ପ୍ରଦୀପ ସାଗର ଓ ରିଚପାଲ ସାଗର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ସ୍ଥାନୀୟ ଉଦଯୋଗ ସମିତିର ସଭାପତି ହୋସେନ ସାଗର ଓ ସମ୍ପାଦକ ଶ୍ରୀମାନ ଏସବି ଇଟରସନ ପରିଚାଳନା କରିଥିଲେ ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

# ଖରାରେ ସିଝୁଛନ୍ତି ଅଭିଯୋଗକାରୀ

**ଖପ୍ରାଖୋଲ, ୨୪ ।୩(ସମିସ)**

ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ବ୍ଲକରେ ପ୍ରତି ସୋମବାର ହେଉଥିବା ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଏବେ ନାମକୁ ମାତ୍ର ହେଉଥିବା ଦେଖିବାକୁ ମିଳିଛି । ଗତ ସୋମବାର ଓଡ଼ିଆପାଲି ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିରରେ ମାତ୍ର ଦଶଜଣ ଅଭିଯୋଗକାରୀ ମଧ୍ୟରେ ସୀମିତ ଥିବା ବେଳେ ଅନୁରୂପ ବେନ୍ଦେର ପଞ୍ଚାୟତରେ ସୋମବାର ହୋଇଥିବା ଅଭିଯୋଗ ଶୁଣାଣି ଶିବିର ଦଶଜଣ ଅଭିଯୋଗକାରୀ ମଧ୍ୟ ଉପସ୍ଥିତ ହୋଇ ପାରିନଥିଲେ । ଗୋଟିଏ ପଟରେ ଦିନ ଦଶଟାରେ ସମସ୍ତ ଅଭିଯୋଗକାରୀ ମାନଙ୍କୁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବାକୁ କହି ନିଜେ ବ୍ଲକ ପ୍ରଶାସନ ପ୍ରାୟ ଦିନ ବାରଟାରେ ପହଞ୍ଚିଥିଲେ । ଅନ୍ୟପକ୍ଷରେ ଦିନ ଦଶଟାରୁ ଅଭିଯୋଗକାରୀ ପ୍ରବଳ ତାତିରେ ପ୍ରଶାସନକୁ ଅଭିଯୋଗ ପାଇଁ ଅପେକ୍ଷା କରିଥିଲେ । ଅଭିଯୋଗକାରୀଙ୍କ ମଧ୍ୟରୁ ଜଣେ ବିକଳାଙ୍ଗ ବ୍ୟକ୍ତି ରହିଥିବାର ଦେଖିବାକୁ ମିଳିଥିଲା । ଏହିଭଳି ଅଭିଯୋଗ ଶୁଣାଣି ଶିବିର ଆୟୋଜନରେ ବ୍ଲକ ପ୍ରଶାସନ ପ୍ରାୟ ପ୍ରତ୍ୟେକ ପଞ୍ଚାୟତରେ ଅପମାନିତ ହେଉଥିବା



ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି । ପ୍ରଶାସନର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିରକୁ ଏକ ପ୍ରହସନ ଶିବିର ବୋଲି ଅଭିଯୋଗକାରୀମାନେ ମଧ୍ୟ ଉପହାସ କରି ଅସନ୍ତୋଷ ପ୍ରକାଶ କରିଛନ୍ତି । ପ୍ରଥମଥର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିରରେ ଗୋଟିଏ ଗୋଟିଏ ପଞ୍ଚାୟତରେ ଶହ ଶହ ଅଭିଯୋଗ ଆସୁଥିଲା । କିନ୍ତୁ ଏହାର ପରବର୍ତ୍ତୀ ସମୟରେ ଅଭିଯୋଗ ଶିବିରକୁ ଅଭିଯୋଗକାରୀଙ୍କ ସଂଖ୍ୟା ଧିରେ ଧିରେ କମିବାକୁ ଲାଗିଲା । ଏଥିରୁ ଜଣାପଡେ ଯେ ଅଭିଯୋଗକାରୀ ଅଭିଯୋଗର କୌଣସି ନିଷ୍କର୍ଷ ନପାଇ ଆଉ ବାରମ୍ବାର ଅଭିଯୋଗ କରିବା ପାଇଁ ଅଭିଯୋଗ ଶୁଣାଣି ଶିବିରକୁ ଆସୁ ନଥିବା ବେଳେ ପ୍ରଶାସନ ଏହାକୁ ସମସ୍ତଙ୍କର ଆପତ୍ତି ଅଭିଯୋଗ ଆସିଥିବା ତଥା ଖପ୍ରାଖୋଲ ବ୍ଲକ ଏକ ଦାଦନ ପ୍ରବଣ ଅଞ୍ଚଳ ହୋଇଥିବାରୁ ଲୋକେ ଦାଦନ ଯାଇଥିବାରୁ ଅଭିଯୋଗ କମ୍ ଆସୁଥିବା କହି ସଫେଇ ଦେଇ ଚୁପ୍ ରହି ନିଜ ଦୋଷକୁ ଏଡାଇ ଦେଉଛି । ତେବେ ବେନ୍ଦେର ପଞ୍ଚାୟତରେ ହୋଇଥିବା ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗକାରୀ ଓ ପ୍ରଶାସନର ତାଳମେଳ ଦେଖିବାକୁ ମିଳିଥିଲା ଯେ ପ୍ରଶାସନ କହୁଛି ଅଭିଯୋଗ ଶିବିର ପାଇଁ ପ୍ରଚାରପ୍ରସାର କରାଯାଉଛି ଅନ୍ୟପକ୍ଷରେ ଅଭିଯୋଗକାରୀ କହୁଛନ୍ତି ଆମକୁ ପଞ୍ଚାୟତରେ ମିଟିଂ ହେବ ଏବଂ ଔଷଧ ଦିଆଯିବ । ଅଭିଯୋଗର ସମୟ ଦିନ ଦଶଟା ଥିବା ବେଳେ ଅଧିକାରୀ ଆସୁଛନ୍ତି ଦିନ ବାରଟାରେ । ଏହା ସହିତ ଅଭିଯୋଗକାରୀ ଘଣ୍ଟା ଘଣ୍ଟା ଧରି ଖରାରେ ଭୋକ ଶୋଷରେ ଅଭିଯୋଗ ପାଇଁ ଅଧିକାରୀଙ୍କୁ ଅପେକ୍ଷା କରି ରହୁଛନ୍ତି । ଯଦି ଏହିଭଳି ଚାଲିବ ତେବେ ତେବେ ଅଭିଯୋଗ ଶୁଣାଣି ଶିବିର ପ୍ରହସନରେ ପରିଣତ ହେବ ବୋଲି ଅଭିଯୋଗକାରୀଙ୍କ ପାଖରୁ ମତ ପ୍ରକାଶ ପାଉଛି । ତେବେ ସେ ଯାହା ହେଉନା କାହିଁକି ଅଭିଯୋଗ ଶୁଣାଣି ଶିବିରକୁ ପ୍ରାୟ ପାଞ୍ଚଜଣ ଅଭିଯୋଗକାରୀ ଘଣ୍ଟା ଘଣ୍ଟା ଧରି ଅଧିକାରୀଙ୍କୁ ଅପେକ୍ଷା କରି ନିଜ ଦୁଃଖ ଗୁହାରି କରିଥିଲେ । ଶିବିରରେ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା, କନିଷ୍ଠ ବିଭାର, ପିଇଓ କ୍ଷମାନିଧି ବାଗ, ସରପଞ୍ଚ ସସ୍ମିତା ମାଝୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ତେଜରାଜ ମାଝୀ, ପଞ୍ଚାୟତ ୱାର୍ଡ ସଭ୍ୟମାନେ ଉପସ୍ଥିତ ରହି ଅଭିଯୋଗ ବୁଝିଥିଲେ ।

## ଗୃହରେ ଅଚଳାବସ୍ଥାକୁ ନେଇ ବର୍ଷିଲେ ରାଜସ୍ୱ ମନ୍ତ୍ରୀ

# ଖରାପ ପରମ୍ପରା ସୃଷ୍ଟି କରୁଛି କଂଗ୍ରେସ

ଭୁବନେଶ୍ୱର,୨୪।୩(ସମିସ): ବିଧାନସଭାରେ ଅଚଳାବସ୍ଥାକୁ ନେଇ ବିରୋଧୀଙ୍କ ଉପରେ ବର୍ଷିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ବିଧାନସଭା ଭିତରେ ଓ ବାହାରେ ବିରୋଧୀଙ୍କ ଆଚରଣ, ଉଚ୍ଚାରଣ ସଂସଦୀୟ ଗଣତନ୍ତ୍ରର ପରିପନ୍ଥୀ । ଯେ କୌଣସି ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି । ମାତ୍ର ବିରୋଧୀ



ସହଯୋଗ କରୁନାହାଁନ୍ତି। ବିଧାନସଭା ଗୃହ କାର୍ଯ୍ୟ ୧୮ ଦିନରେ ୩୧ ଘଣ୍ଟା ଚାଲିପାରିନାହିଁ । ସମସ୍ୟାର ସମାଧାନ ପାଇଁ ବାଚସ୍ପତି ୩ ଥର ସର୍ବଦଳୀୟ ବୈଠକ ଡାକିଛନ୍ତି । ତଥାପି ସମସ୍ୟା ଦୂର ହେଉନାହିଁ। ସାଧାରଣ ଲୋକଙ୍କ ଟିକସରେ ବିଧାନସଭା ଚାଲୁଛି । କଂଗ୍ରେସର ଏଭଳି ଆଚରଣ ପାଇଁ ଓଡ଼ିଶାବାସୀ କ୍ଷମା ଦେବେନି। ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ଆଲୋଚନା ନ କଲେ କଂଗ୍ରେସ ଆଗାମୀ ନିର୍ବାଚନରେ ଏକ ସଂଖ୍ୟାକୁ ଆସିଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି ।

ସେ କହିଛନ୍ତି ଯେ ଗଣମାଧ୍ୟମରେ ଚର୍ଚ୍ଚାରେ ରହିବାକୁ କଂଗ୍ରେସ ଏଭଳି ଆଚରଣ କରୁଛି। ଜନସାଧାରଣଙ୍କ ନିକଟରେ ନିଜର ଉପସ୍ଥିତି ଜାହିର କରିବାକୁ ଉଦ୍ୟମ ଚଳାଇଛି। ଗୋଟାଏ ପରେ ଗୋଟାଏ ନିର୍ବାଚନରେ ଦଳ ନିମ୍ନଗାମୀ ହେଉଥିବା ବେଳେ ଦଳର ପ୍ରତିନିଧିମାନେ ଏଥିରୁ କିଛି ବି ଶିକ୍ଷା ଗ୍ରହଣ କରୁନାହାନ୍ତି । ଏକ ସମୟରେ କଂଗ୍ରେସ ଅପ୍ରତିଦ୍ୱନ୍ଦ୍ୱୀ ଥିଲା, ୬୦% ଭୋଟ ପାଉଥିଲା। ୨୦୨୪ ନିର୍ବାଚନରେ କଂଗ୍ରେସ ମାତ୍ର ୧୩ ପ୍ରତିଶତ ଭୋଟ ପାଇ ଅସ୍ତିତ୍ୱ ହରାଇବାକୁ ବସିଲାଣି। ଅଧିକାଂଶ ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ୫ ହଜାର ଭୋଟ ଛୁଇଁ ପାରି ନାହାନ୍ତି । କିଛି ଆସନରେ କଂଗ୍ରେସ ପ୍ରାର୍ଥୀ ନୋଟା ଠାରୁ ମଧ୍ୟ କମ ଭୋଟ ପାଇଛନ୍ତି । ଲୋକଙ୍କ ବିଶ୍ୱାସଭାଜନ ହେବା ପାଇଁ ଏହା ରାସ୍ତା ନୁହେଁ । ମହିଳା ବାଚସ୍ପତିଙ୍କ ଆଗରେ ହୁଇସିଲ ବଜାଇବା, ପୋଡିୟମ୍ ଉପରକୁ ଚଢ଼ିବାକୁ ଉଦ୍ୟମ କରିବା, ମାଇକ ଛଡ଼ାଇବାର ପ୍ରୟାସ କରିବା କେତେ ଦୂର ଠିକ୍ ବୋଲି ରାଜସ୍ୱ ମନ୍ତ୍ରୀ ପ୍ରଶ୍ନ କରିଛନ୍ତି।

ଶ୍ରୀ ପୂଜାରୀ କହିଛନ୍ତି ଯେ ଅତୀତରେ ସଂସଦ, ଓଡିଶା ଓ ଅନ୍ୟ ବିଧାନସଭାରେ ବିରୋଧୀ ଗୃହ ଅଚଳ କରନ୍ତି । କର୍ଣାଟକ ବିଧାନସଭାରେ ୧୮ ଜଣ ବିଜେପି ବିଧାୟକ ୬ ମାସ ପାଇଁ ନିଲମ୍ବିତ ହୋଇଛନ୍ତି। ଦିଲ୍ଲୀ ବିଧାନସଭାରେ ମଧ୍ୟ ୨୧ ଜଣ ବିଧାୟକ ନିଲମ୍ବିତ ହୋଇଛନ୍ତି । ଉତ୍ତର ପ୍ରଦେଶ ବିଧାନସଭାରେ ବିଧାୟକ ରକ୍ତାକ୍ତ ହୋଇ ଆମ୍ବୁଲାନ୍ସରେ ଯିବା ନଜିର ରହିଛି । ବିରୋଧୀ ବିଧାନସଭା କାର୍ଯ୍ୟରେ ପ୍ରତିରୋଧ କରନ୍ତି । ହେଲେ ତାହା କାଁ ଭାଁ ଦେଖିବାକୁ ମିଳିଥାଏ। କିନ୍ତୁ ଓଡିଶା ବିଧାନସଭାକୁ ବିରୋଧୀ ଦୀର୍ଘ ଦିନ ଧରି ଚଳାଇ ଦେଉନାହାନ୍ତି । ରାଜ୍ୟରେ ବାଚସ୍ପତି ଆସନରେ ଜଣେ ମହିଳା ସ୍ଥାନ ଅଳଙ୍କୃତ କରିଛନ୍ତି । ତାଙ୍କୁ

■ ଏକଦା ଅପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ଏବେ ଅସ୍ତିତ୍ୱ ହରାଇ ବସିଛି
■ ଆଲୋଚନା ମାଧ୍ୟମରେ ସବୁ ସମସ୍ୟାର ସମାଧାନ ହେବ

ସମ୍ମାନ ନ ଦେଇ ବିରୋଧୀ ଦଳର ସଦସ୍ୟମାନେ ମାଇକ ଛଡ଼ାଉଛନ୍ତି । ବିଧାନସଭା ଗୃହ ମଧ୍ୟରେ ଘଣ୍ଟ, ବଂଶୀ, ଗିନି ବଜାଇବା କି ପ୍ରକାର ପରମ୍ପରା ବୋଲି ରାଜସ୍ୱ ମନ୍ତ୍ରୀ ପ୍ରଶ୍ନ କରିଛନ୍ତି । ପ୍ରଶ୍ନକାଳକୁ ବିରୋଧୀ ଲଗାତାର ଅଚଳ କରୁଛନ୍ତି । ସେହିଭଳି ଶୂନ୍ୟକାଳ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ତାହା ମଧ୍ୟ ଚାଲିପାରୁନାହିଁ । ବିରୋଧି ଲକ୍ଷ୍ମଣରେଖା ଉଲଂଘନ କରୁଛନ୍ତି। ବିରୋଧୀଙ୍କ ସହ ସବୁ ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ବୋଲି ଶ୍ରୀ ପୂଜାରୀ କହିଛନ୍ତି। ଏହି ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ, ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଜେପି ବିଧାୟକ ଇରାଶିଶ ଆଚାର୍ଯ୍ୟ ଉପସ୍ଥିତ ଥିଲେ।

# ଆମକୁ ନୀତି ଶିକ୍ଷା ଦିଅନାହିଁ: କାଡ଼ାମ୍

## ରାଜସ୍ୱ ମନ୍ତ୍ରୀଙ୍କୁ କଂଗ୍ରେସର ପାଲଟା ଜବାବ

ଭୁବନେଶ୍ୱର,୨୪।୩(ସମିସ): ବିଧାନସଭା ବନ୍ଦ ପ୍ରସଙ୍ଗରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀଙ୍କ ଆକ୍ଷେପର ପ୍ରତି ଜବାବ ଦେଇଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍। ଏକ



■ ସାନି ନିର୍ବାଚନ ହେଲେ ବିଜେପି ଖାତା ଖୋଲିପାରିବ ନାହିଁ: ତାରା
■ ବାଚସ୍ପତି ପ୍ରମିଳା ମଲ୍ଲିକଙ୍କୁ ବିଜେପି ବିଧାୟକ ଜୋତା ଫିଙ୍ଗିଥିଲେ
■ ଗୃହ କମିଟି ଗଠନ ଦାବିରେ କଂଗ୍ରେସର ବିଧାନସଭା ବର୍ଜନ

ସାମ୍ବାଦିକ ସମ୍ମିଳନୀରେ ଶ୍ରୀ କାଡ଼ାମ୍ ତାଙ୍କ ଦଳକୁ କେହି ନୀତିଶିକ୍ଷା ଦେବାର ଆବଶ୍ୟକ ନାହିଁ ବୋଲି ଉଲ୍ଲେଖ କରି ଗତ ବିଧାନସଭା ସମୟରେ ବିଜେପି ବିଧାୟକମାନେ କିପରି ବାଚସ୍ପତି ପ୍ରମିଳା ମଲ୍ଲିକଙ୍କୁ ଜୋତା ଫିଙ୍ଗିଥିଲେ ତାହା ସ୍ମରଣ କରାଇ ଦେଇଛନ୍ତି । ଏହା ସହିତ ନାରୀ ନିର୍ଯାତନା ପ୍ରସଙ୍ଗରେ ଗୃହ କମିଟି ଗଠନ ନ ହେବା ପର୍ଯ୍ୟନ୍ତ କଂଗ୍ରେସ ବିଧାନସଭା ବର୍ଜନ କରିବ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି ।

ସୋମବାର କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ରାମଚନ୍ଦ୍ର କାଡ଼ାମ କହିଛନ୍ତି ଯେ ଓଡ଼ିଶାର ଜନସାଧାରଣ ଆମକୁ ନିର୍ବାଚିତ କରିଛନ୍ତି। ସାଧାରଣ ଜନତାଙ୍କର ଅଭାବ ଓ ଅସୁବିଧା ସମସ୍ୟାକୁ ବିଧାନସଭାରେ ଉତ୍ଥାପନ କରିବା ଓ ଏହାର ନିରାକରଣ ପାଇଁ ସରକାରଙ୍କ ଉପରେ ଚାପ ପକାଇବା ବିରୋଧୀ ଦଳର କାମ। ଏହାକୁ ଆଧାର କରି ରାଜ୍ୟ କଂଗ୍ରେସର ବିଧାୟକମାନେ ରାଜ୍ୟରେ ମହିଳାଙ୍କ ଉପରେ ବୃଦ୍ଧି ପାଉଥିବା ଅତ୍ୟାଚାର, ଦୁଷ୍କର୍ମ ଗଣଦୁଷ୍କର୍ମ ଜନିତ ମୃତ୍ୟୁକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହା କ'ଣ ଆମର ଅପରାଧ? ରାଜ୍ୟ ଜନସଂଖ୍ୟାର ଅର୍ଦ୍ଧାଧିକ ମହିଳା। ସେମାନଙ୍କ ସମସ୍ୟାକୁ ଉଠାଇବା ଆମର ଆମର ଦାୟିତ୍ୱ କି ନୁହେଁ, ସେ ସମ୍ପର୍କରେ ଆମକୁ କେହି ନୀତି ଶିକ୍ଷା ଦେବାର ଆବଶ୍ୟକତା ନାହିଁ । ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଦୁଇଟି ଆଦିବାସୀ ନାବାଳିକାଙ୍କୁ ଦୁଷ୍କର୍ମ କରାଗଲା, ସେମାନେ ଅନ୍ତଃସତ୍ତ୍ୱା ହେଲେ; କିନ୍ତୁ ଘଟଣା ପ୍ରତି ମୁଖ୍ୟମନ୍ତ୍ରୀଙ୍କ ନଜର ଦେଲେ ନାହିଁ। ସରକାର ଏଭଳି ଘଟଣାରେ ସମ୍ପୂର୍ଣ୍ଣ ନିଦାବିଷ୍ଟ ବୋଲି ଶ୍ରୀ କାଡ଼ାମ କହିଛନ୍ତି। ଅନୁରୂପ ଭାବରେ କଂଗ୍ରେସ ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହାନିପତି କହିଛନ୍ତି ଯେ ରାଜ୍ୟରେ ମା' ଭଉଣୀ ଗଣଦୁଷ୍କର୍ମର ଶିକାର ହେଉଛନ୍ତି। ସ୍କୁଲ ଝିଅମାନେ ଗର୍ଭବତୀ ହେଉଛନ୍ତି ଓ ମାତୃତ୍ୱଲାଭ କରୁଛନ୍ତି । ମା' ଭଉଣୀଙ୍କ ସୁରକ୍ଷା ପ୍ରତି ସରକାରଙ୍କର କିଛି ଦାୟିତ୍ୱ ଅଛି କି ନାହିଁ ? ରାଜ୍ୟର ମହିଳାମାନଙ୍କ ସୁରକ୍ଷା ପାଇଁ ଆଇନ୍ ଆଣିବା ସରକାରଙ୍କ ଦାୟିତ୍ୱ। ସରକାର ଏଥିପାଇଁ ଠୋସ୍ ପଦକ୍ଷେପ ନେଉନାହାନ୍ତି କାହିଁକି? ବିଧାନସଭା ଉପରେ ଆମେ ମହିଳାମାନଙ୍କ ଘଟଣାକୁ ନେଇ ଯେଉଁ ପ୍ରଶ୍ନ ଉତ୍ଥାପିତ କରିଥିଲୁ ତାହା କ'ଣ ସମୟର ଆବଶ୍ୟତା ନୁହେଁ କି ବୋଲି ତାରା ପ୍ରଶ୍ନ କରିଛନ୍ତି।

ସେ ପୁଣି କହିଛନ୍ତି ଯେ ପ୍ରମିଳା ମଲ୍ଲିକ ଗତ ବିଧାନସଭାରେ ବାଚସ୍ପତି ଥିଲାବେଳେ ବିଜେପି ବିଧାୟକମାନେ ତାଙ୍କ ଉପରକୁ ଡାଲି ଓ ଜୋତା ଫୋପାଡ଼ିଥିଲେ। ଆମେ କେବେ ହେଲେ ଜୋତା ଫୋପାଡ଼ି ନାହୁଁ। ଆମେ କେବଳ କମିଟି ଗଠନ କରାଯାଉ ବୋଲି ଦାବି କରୁଛୁ। ସରକାର ଏ କଥାକୁ ଗ୍ରହଣ କରୁନାହାନ୍ତି। କଂଗ୍ରେସ ଦଳର ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ଯେ ପର୍ଯ୍ୟନ୍ତ ଗୃହ କମିଟି ଗଠନ କରାଯାଇନାହିଁ କଂଗ୍ରେସ ବିଧାୟକ ଦଳ ଏ ବିରୋଧ ଚାଲୁ ରଖିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଗୃହ କମିଟି ଗଠନ କରିବା ପାଇଁ ସ୍ୱତନ୍ତ୍ର ଆଇନ ଅଛି। ପୂର୍ବରୁ ମଧ୍ୟ ଗୃହ କମିଟି ଗଠନ କରାଯାଇଛି। ସେ ସବୁ ନ କରି କେବଳ ସାମ୍ବାଦିକ ସମ୍ମିଳନୀ କରି ବିରୋଧୀଙ୍କୁ ଦୋଷାରୋପ କଲେ ସମସ୍ୟାର ସମାଧାନ ହେବ ନାହିଁ ବୋଲି ସେ କହିଛନ୍ତି। ଏ ସରକାର କାର୍ଯ୍ୟ ପ୍ରଣାଳୀରେ ଓଡ଼ିଶାର ଜନସାଧାରଣ ଅତିଷ୍ଠ ହୋଇସାରିଲେଣି। ଯଦି ସତ୍‌ସାହସ ଅଛି, ସରକାର ଭାଙ୍ଗି ସାନି ନିର୍ବାଚନ ପାଇଁ ପ୍ରସ୍ତୁତ ହୁଅନ୍ତୁ। ଏବେ ନିର୍ବାଚନ ହେଲେ ବିଜେପି ଖାତା ଖୋଲି ପାରିବନି ବୋଲି ବିଧାୟକ ଶ୍ରୀ ବାହିନିପତି କହିଛନ୍ତି।

# ବିଶ୍ୱାବସୁଙ୍କୁ ମନେ ରଖିବେ ଜଗନ୍ନାଥପ୍ରେମୀ: ରାଷ୍ଟ୍ରପତି

ନୟାଗଡ଼/ଭାପୁର,୨୪।୩(ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ନୀଳମାଧବ ପୀଠ ଓ କାଳିଆପଲ୍ଲୀକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗସ୍ତରେ ଆସିଛନ୍ତି। ହେଲିକପ୍ଟର ଯୋଗେ ସେ ପଲଟନ ପଡ଼ିଆରେ ପହଞ୍ଚିବା ପରେ କାର ଯୋଗେ ନୀଳମାଧବ ଦର୍ଶନଙ୍କ ପାଇଁ ଯାଇଥିଲେ। ସେଠାରେ ଦର୍ଶନ କରିବା ସହ ପୂଜକ ସମାଜ ସହ ଆଲୋଚନା କରିଥିଲେ। ନୀଳମାଧବଙ୍କ ଦର୍ଶନ ପରେ ରାଷ୍ଟ୍ରପତି ଭାପୁର ବ୍ଲକ ଧାନଚାଙ୍ଗଡ଼ା ପଞ୍ଚାୟତର କାଳିଆପଲ୍ଲୀ ଅଭିମୁଖେ ଗସ୍ତ କରି ବିଶ୍ୱାବସୁଙ୍କ ପୀଠ ବୁଲିଥିଲେ। ଶ୍ରୀକୃଷ୍ଣଙ୍କ ମୃତ୍ୟୁ ସହ ଜଡ଼ିତ ଶିଆଳି ଲତାକୁ ରାଷ୍ଟ୍ରପତି ଦେଖିଥିଲେ। ଭାରତୀୟ ବିଶ୍ୱାବସୁ ଶବର ସମାଜ ଦ୍ୱାରା ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞରେ ଆହୂତି ପ୍ରଦାନ କରିଥିଲେ। ଶବର ସମାଜ ଦ୍ୱାରା ଅନୁଷ୍ଠିତ ସଭାରେ ଯୋଗଦେଇ ସେ ଉକ୍ତ ଅଞ୍ଚଳ ପ୍ରାକୃତିକ ଶୋଭାରାଜିରେ ପରିପୂର୍ଣ୍ଣ ବୋଲି କହିବା ସହ ଜଗନ୍ନାଥଙ୍କ ଆଦିପୀଠ ନୀଳମାଧବ ଏବଂ ବିଶ୍ୱାବସୁ ଆଦିସେବକ ବୋଲି କହିଥିଲେ। ସେ ବକ୍ତବ୍ୟରେ କହିଥିଲେ ଯେ ବିଶ୍ୱାବସୁଙ୍କୁ ଜଗନ୍ନାଥପ୍ରେମୀ ସର୍ବଦା ମନେରଖିବେ। ଏହି କାଳିଆପଲ୍ଲୀ ହେଉଛି ଭାରତର ପ୍ରଥମ ସ୍ଥାନ, ଯେଉଁଠି ଆଦିବାସୀ ଓ ଅଣ ଆଦିବାସୀଙ୍କ ମିଳନ ହୋଇଥିଲା। ଉକ୍ତ ସ୍ଥାନକୁ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବାର ଆବଶ୍ୟକତା ରହିଛି। ସେହିପରି ଆଦିବାସୀଙ୍କ ଆର୍ଥିକ ଉତ୍ଥାନ ବିନା ଦେଶର ପ୍ରଗତି ଅସମ୍ଭବ ବୋଲି କହିଥିଲେ।




ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ବାଚସ୍ପତି ସୁରମା ପାଢ଼ୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଯୋଗ ଦେଇଥିଲେ। ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ସହ ସୁରକ୍ଷା ବ୍ୟବସ୍ଥାକୁ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏବଂ ଏସପି ଏସ୍ ସୁଶ୍ରୀ ତଦାରଖ କରିଥିଲେ।

# କୁଆପଥର ମାଡ଼ରେ ମୟୂରଭଞ୍ଜର ୧୩ ବ୍ଲକ ପ୍ରଭାବିତ

ଭୁବନେଶ୍ୱର,୨୪।୩(ସମିସ): ମାର୍ଚ୍ଚ ୨୦ରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ କୁଆପଥର ବର୍ଷାରେ ବାଙ୍ଗିରିପୋଷି, ବିଶୋଇ, କୁଲିଅଣା, ସାରସକଣା, କରଞ୍ଜିଆ, ବହଳଦା, ବିଜତଳା, ଯଶିପୁର, ତିରିଙ୍ଗ, ରରୁଆଁ, ଠାକୁରମୁଣ୍ଡା, ରାଇରଙ୍ଗପୁର ଓ କୁସୁମି ଆଦି ୧୩ଟି ବ୍ଲକ୍ କ୍ଷତିଗ୍ରସ୍ତ ହୋଇଛି । ଏହି ବ୍ଲକଗୁଡ଼ିକର ୫୧ ଟି ଗ୍ରାମର ୮୫୪୭ ଜଣ ବ୍ୟକ୍ତି କୁଆପଥର ମାଡ଼ରେ ପ୍ରଭାବିତ ହୋଇଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି।

ସୋମବାର ବିଧାନସଭାରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ପ୍ରଭାବିତ ଲୋକମାନଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ୨୪ଟି ରିଲିଫ୍ କ୍ୟାମ୍ପରେ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ଯୋଗାଇ ଦେଉଛନ୍ତି। ପ୍ରଭାବିତ ଲୋକମାନଙ୍କୁ ପଲିଥିନ୍ ଯୋଗାଇ ଦିଆଯିବା ସହିତ ସେମାନଙ୍କ ରହିବା ପାଇଁ ଆଶ୍ରୟସ୍ଥଳୀର ସୁବନ୍ଦୋବସ୍ତ କରାଯାଇଛି। ବିପନ୍ନମାନଙ୍କ ସ୍ୱାସ୍ଥ୍ୟସେବା ନିମନ୍ତେ ୧୫ ଡାକ୍ତରୀ ଦଳ ମୁତୟନ କରାଯାଇଛି। ପ୍ରଭାବିତ ଲୋକମାନଙ୍କୁ ପଲିଥିନ୍ ସିଟ୍ ଯୋଗାଇ ଦିଆଯାଇଛି। ପ୍ରାରମ୍ଭିକ କ୍ଷୟକ୍ଷତି ଆଧାରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୨୦ କୋଟି ୩୮ ଲକ୍ଷ ଟଙ୍କା ଆବଣ୍ଟନ ପାଇଁ ଅନୁରୋଧ ପତ୍ର ସରକାରଙ୍କୁ ମିଳିଛି। ଜିଲ୍ଲା ପ୍ରଶାସନର ରିପୋର୍ଟ ଅନୁସାରେ କୁଆପଥର ମାଡ଼ରେ ଜିଲ୍ଲାରେ ୩୫୧୪ଟି ଗୃହ କ୍ଷତିଗ୍ରସ୍ତ ହୋଇଛି। ତନ୍ମଧ୍ୟରୁ ୧୩୫୦ଟି କଚ୍ଚାଘର ସଂପୂର୍ଣ୍ଣ ନଷ୍ଟ ହୋଇଛି। ୨୧୬୦ଟି ଗୃହ ଆଂଶିକ ଓ ୪ଟି ଗୁହାଳଘର କ୍ଷତିଗ୍ରସ୍ତ ହୋଇଛି। ସେହିପରି ୪୪୨ ହେକ୍ଟର କୃଷି ଓ ଉଦ୍ୟାନ କୃଷି କ୍ଷତିଗ୍ରସ୍ତ ହୋଇଛି। ଜିଲ୍ଲା ପ୍ରଶାସନର ରିପୋର୍ଟ ଆଧାରରେ ତୁରନ୍ତ ୨୦ କୋଟି ୩୮ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏହି ଅର୍ଥ ଗୃହ ମରାମତି ସହାୟତା, ରିଲିଫ୍ କ୍ୟାମ୍ପ ପରିଚାଳନା ଓ ଅନ୍ୟାନ୍ୟ ସହାୟତା ରାଶି ପାଇଁ ଜିଲ୍ଲା ପ୍ରଶାସନକୁ ଯୋଗାଇ ଦିଆଯାଇଛି। ଜରୁରୀକାଳୀନ ଭିତ୍ତିରେ କ୍ଷୟକ୍ଷତିର ପୂର୍ଣ୍ଣାଙ୍ଗ ବିବରଣୀ ଆକଳନ କରି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ପ୍ରଦାନ କରାଯିବ। ଲୋକମାନଙ୍କର ଗୃହ ମରାମତି ହେବା ପର୍ଯ୍ୟନ୍ତ ଅସ୍ଥାୟୀ ରିଲିଫ୍ କ୍ୟାମ୍ପ ଓ ରନ୍ଧା ଖାଦ୍ୟ ଚାଲୁରଖିବା ସରକାର ନିର୍ଦ୍ଦେଶ ଦେଇଥିବା ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

**୩୫୧୪ଟି ଗୃହ, ୪୪୨ ହେକ୍ଟର ଫସଲ ଓ ଉଦ୍ୟାନ କୃଷି କ୍ଷତିଗ୍ରସ୍ତ**

# ଜମି ବିବାଦ: ପିଟିପିଟି ବୃଦ୍ଧଙ୍କୁ ହତ୍ୟା

ଅନୁଗୋଳ, ୨୪।୩ (ସମିସ): କିଶୋରନଗର ବ୍ଲକ ହଣ୍ଡପା ଥାନା ବିଲେଇନାଳି ଗ୍ରାମର ବିଦ୍ୟାଧର ସାହୁ(୬୩)ଙ୍କୁ ରବିବାର ରାତିରେ ତାଙ୍କ ପଡ଼ୋଶୀ ସ୍ୱପ୍ନେଶ୍ୱର ସାହୁ ଓ ତାଙ୍କ ପୁଅ ଶ୍ରଦ୍ଧାକାନ୍ତ ସାହୁ କାଙ୍କ ସାହାଯ୍ୟରେ ଆକ୍ରମଣ କରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏନେଇ ବିଦ୍ୟାଧରଙ୍କ ପୁଅ ନୀହାର ସାହୁ ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ଅଭିଯୁକ୍ତ ବାପ-ପୁଅଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ବିଦ୍ୟାଧର ଓ ସ୍ୱପ୍ନେଶ୍ୱରଙ୍କ ପରିବାର ମଧ୍ୟରେ ଜମିବାଡ଼ି ସମସ୍ୟାକୁ ନେଇ ତିକ୍ତତା ଲାଗି ରହିଥିଲା। ଶନିବାର ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହେବା ସହ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଥିଲା। ପୁଲିସ୍ ଦୁଇଟି ମାମଲା ରୁଜୁ କରି ଉଭୟ ମାମଲାର ଥିବା ଅଭିଯୁକ୍ତଙ୍କୁ ଥାନାରୁ ଜାମିନ ପ୍ରଦାନ କରିଥିଲା। ତେବେ ରବିବାର ରାତିରେ ପୁଣି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ସ୍ୱପ୍ନେଶ୍ୱର ଓ ତାଙ୍କ ପୁଅ ଶ୍ରଦ୍ଧାକାନ୍ତ ଉତ୍‌କ୍ଷିପ୍ତ ହୋଇ ଘରେ ଥିବା କାଙ୍କରେ ବିଦ୍ୟାଧରଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥିରେ ବିଦ୍ୟାଧର ଗୁରୁତର ଆହତ ହୋଇଥିଲେ। ପରିବାରଲୋକେ ତାଙ୍କୁ ପ୍ରଥମେ ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ମୃତ୍ୟୁ ହୋଇଥିବା ପୁଲିସ ସୂଚନା ଦେଇଛି। ପୁଲିସ ହତ୍ୟାକାଣ୍ଡରେ ବ୍ୟବହୃତ କାଙ୍କ ଜବତ କରିଛି।

**ବାପ-ପୁଅ ଗିରଫ**

## ଅନ୍ଧବିଶ୍ୱାସରେ କବଳିତ ଓଡ଼ିଶା

# ୫ ବର୍ଷରେ ୪୦୮ ଗୁଣିଗାରେଡ଼ି ମାମଲା

ଭୁବନେଶ୍ୱର, ୨୪।୩ (ସମିସ): ଚନ୍ଦ୍ରପୃଷ୍ଠରେ ଲୋକେ ଘର କଲେଣି; କିନ୍ତୁ ଓଡ଼ିଶାରେ ଏବେ ବି ଅନ୍ଧବିଶ୍ୱାସ ଥମିବାର ନାଁ ଧରୁନି। ଅନ୍ଧବିଶ୍ୱାସରେ ଓଡ଼ିଶା କବଳିତ ହୋଇଥିବା ବେଳେ ଗୁଣିଗାରେଡ଼ି ସନ୍ଦେହରେ ଗଡ଼ୁଛି ମୁଣ୍ଡ। ପ୍ରତିଦିନ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଗୁଣିଗାରେଡ଼ି ନେଇ ହତ୍ୟା, ସାମାଜିକ ବାସନ୍ଦ ଭଳି ଘଟଣା ପଦାକୁ ଆସୁଛି। ଉପାନ୍ତରୁ ଉପକୂଳ ଜିଲ୍ଲାଗୁଡ଼ିକରେ ଅନ୍ଧବିଶ୍ୱାସକୁ କେନ୍ଦ୍ରକରି ଜଘନ୍ୟ ହତ୍ୟା ଭଳି ଘଟଣା ଘଟୁଛି। ଗାଁ ଓ ପରିବାରରେ ଗୁଣିଗାରେଡ଼ିକୁ ନେଇ ଅଶାନ୍ତ ହେଉଛି। ଗତ ୫ ବର୍ଷରେ ରାଜ୍ୟରେ ୪୦୮ଜଣ ଗୁଣିଗାରେଡ଼ି ମାମଲାରେ ୩୯୫ ଜଣଙ୍କୁ ଗିରଫ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ଗୁଣିଗାରେଡ଼ିର ହଟସ୍ପଟ୍ କୁହାଯାଉଛି। ରାଜ୍ୟରେ ଯେତିକି ବି ମାମଲା ବା ଗିରଫଦାରୀ ହୋଇଛି, ସେଥିରୁ ଏକ-ତୃତୀୟାଂଶ ମୟୂରଭଞ୍ଜ ଜିଲ୍ଲାରେ ଘଟିଛି।

■ ଗିରଫ ହୋଇଛନ୍ତି ୩୯୫
■ ମୟୂରଭଞ୍ଜ ହଟ୍‌ସ୍ପଟ୍; କାମ ଦେଉନି ସଚେତନତା

ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୪ରେ ୬୨ଟି ମାମଲା ରୁଜୁ ହୋଇଛି। ଏଥିରେ ୪ ମହିଳାଙ୍କ ସମେତ ୪୮ଜଣଙ୍କୁ ଗିରଫ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୧୬ଟି ମାମଲାରେ ୭ ଜଣ ଗିରଫ ହୋଇଛନ୍ତି। ସେହିପରି ସୁନ୍ଦରଗଡ଼ ଜିଲ୍ଲାରେ ୮ ମାମଲା ଓ ନବରଙ୍ଗପୁରରେ ୭ ମାମଲାରେ ୪ଜଣ ଲେଖାଏଁଙ୍କୁ ଗିରଫ କରାଯାଇଛି। ୨୦୨୩ରେ ୭୦ଟି ମାମଲାରେ ୨ ମହିଳାଙ୍କୁ ମିଶାଇ ୫୨ଜଣଙ୍କୁ ଗିରଫ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୨୬ଟି ମାମଲାରେ ୧୩ଜଣଙ୍କୁ ଗିରଫ କରାଯାଇଥିବା ବେଳେ ରାଉରକେଲାରେ ୮ ମାମଲାରେ ୩ଜଣ ହୋଇଛନ୍ତି। ୨୦୨୨ରେ ୧୦୩ଟି ମାମଲା ୧୩ ମହିଳାଙ୍କୁ ମିଶାଇ ୮୯ଜଣଙ୍କୁ ଗିରଫ କରାଯାଇଛି। ମୟୂରଭଞ୍ଜରେ ସର୍ବାଧିକ ୪୦ଟି ମାମଲାରେ ୨୦ ଜଣ ଓ ଗଞ୍ଜାମ ୫ମାମଲାରେ ୩୨ ଜଣ ଗିରଫ ହୋଇଛନ୍ତି। ୨୦୨୧ରେ ୭୯ଟି ମାମଲାରେ ୩ ମହିଳାଙ୍କୁ ମିଶାଇ ୧୦୨ଜଣଙ୍କୁ ଗିରଫ କରାଯାଇଛି। ମୟୂରଭଞ୍ଜରେ ୨୮ଟି ମାମଲା ରୁଜୁ ହୋଇ ୨୫ଜଣ ଓ କନ୍ଧମାଳରେ ୩ଟି ମାମଲାରେ ୩୦ଜଣ ଗିରଫ ହୋଇଛନ୍ତି। ଅନୁରୂପ ଭାବେ, ୨୦୨୦ରେ ୯୪ଟି ମାମଲାରେ ୧୪ ମହିଳା ସହ ୧୦୪ଜଣଙ୍କୁ ଗିରଫ କରାଯାଇଥିଲା। ମୟୂରଭଞ୍ଜ ଜିଲ୍ଲାରେ ୩୫ଟି ମାମଲାରେ ୨୮ ଜଣ ଓ କଳାହାଣ୍ଡିରେ ୩ଟି ମାମଲାରେ ୧୭ଜଣ ଏବଂ କନ୍ଧମାଳରେ ଗୋଟିଏ ମାମଲାରେ ୧୦ଜଣ ଗିରଫ ହୋଇଛନ୍ତି।

ଓଡ଼ିଶାର ପ୍ରାୟ ସବୁ ଜିଲ୍ଲାରେ ଗୁଣିଗାରେଡ଼ି ମାମଲା ରୁଜୁ କରାଯାଉଛି। ମୟୂରଭଞ୍ଜ ସମେତ ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ, ନବରଙ୍ଗପୁର, ରାୟଗଡା, କେନ୍ଦୁଝର, ରାଉରକେଲା, ସମ୍ବଲପୁର, ନୟାଗଡ଼, ବରଗଡ, ଗଜପତି, ବ୍ରହ୍ମପୁର, ଝାରସୁଗଡା ଭଳି ଜିଲ୍ଲାରେ ଗୁଣିଗାରେଡ଼ି ମାମଲା ବୃଦ୍ଧି ହେଉଛି। ଗୁଣିଗାରେଡ଼ି ରୋକିବାକୁ ବ୍ୟାପକ ସଚେତନତା ସତ୍ତ୍ୱେ ବି ଅଙ୍କୁଶ ଲାଗୁନି। ଗୁଣିଗାରେଡ଼ି ସାମାଜିକ ବ୍ୟାଧି ତଥା ଅନ୍ଧବିଶ୍ୱାସ ହୋଇଥିବା ବେଳେ ଏହାକୁ ନେଇ ଗାଁରେ ଅଶାନ୍ତର ବାର୍ତ୍ତାବରଣ ଓ ସୃଷ୍ଟି ହେଉଛି।

# ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା; ୫ ଗିରଫ

ନୂଆପଡ଼ା, ୨୪।୩ (ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ୍ କିକିରିବେଡ଼ା ଗ୍ରାମରେ ଗତ ୧୯ ତାରିଖ ଦିନ ଘଟିଥିବା କାଳିଆ ମାଝୀ (୭୦) ହତ୍ୟା ଘଟଣାରେ ପୁଲିସ୍ ଆଜି ଜଣେ ନାବାଳକଙ୍କ ସମେତ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ଭଟାପାଣି ଗାଁର ଭଗବାନ ମାଝୀ (୨୨), ସୁଭାଷ ମାଝୀ (୨୫), କିକିରିବେଡ଼ା ଗାଁର ଗିରିଧାରୀ ମାଝୀ (୩୦), ନବୀନ ମାଝୀଙ୍କ ସ୍ତ୍ରୀ ରତନେ ମାଝୀ (୪୫) ଓ ଅନ୍ୟ ଜଣେ ନାବାଳକ। ଗୁଣିଗାରେଡ଼ି ସନ୍ଦେହରେ ଏହି ହତ୍ୟାକାଣ୍ଡ ଘଟିଥିବା ନୂଆପଡ଼ା ଏସ୍‌ପି ଜି.ଆର୍ ରାଘବେନ୍ଦ୍ର ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।



ପୁଲିସ୍ ସୂଚନାନୁଯାୟୀ, କିକିରିବେଡ଼ା ଗ୍ରାମର ନବୀନ ମାଝୀ ନାମକ ବ୍ୟକ୍ତିଙ୍କ କିଛି ବର୍ଷ ତଳେ ମୃତ୍ୟୁ ହୋଇଥିଲା। କାଳିଆଙ୍କ ଗୁଣିଗାରେଡ଼ି ଯୋଗୁଁ ଏହି ଅଘଟଣ ଘଟିଥିବା ନବୀନଙ୍କ ପରିବାରଲୋକ ସନ୍ଦେହ କରିଥିଲେ। ତେବେ ଗତ ୧୭ ତାରିଖରେ ନବୀନଙ୍କ ସ୍ତ୍ରୀ ରତନେଙ୍କ ଘରକୁ କିଛି ସଂପର୍କୀୟ ଆସିଥିଲେ। ସେମାନଙ୍କ ମଧ୍ୟରୁ ସିନାପାଲି ଥାନା ନଙ୍ଗଲବୋଡ଼ ପଞ୍ଚାୟତ ଭଟ୍ଟାପାଣୀ ଗ୍ରାମର ଭଗବାନ ମାଝୀ (୨୨) ରତନେଙ୍କୁ ମିଛ କଥା କହି ତାଙ୍କ ସନ୍ଦେହକୁ ଘନୀଭୂତ କରିଥିଲେ। କାଳିଆ ହିଁ ଜମି ହଡ଼ପ କରିବା ଉଦ୍ଦେଶ୍ୟରେ ଗୁଣିଗାରେଡ଼ି କରି ନବୀନଙ୍କୁ ମାରିଛି ବୋଲି କହିଥିଲା। ଏଥିରେ ନବୀନଙ୍କ ପରିବାରଲୋକ ପ୍ରତିଶୋଧ ପରାୟଣ ହୋଇ କାଳିଆଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲେ।

ଯୋଜନାନୁଯାୟୀ, ଭଗବାନ, ତା' ସାଙ୍ଗ ଭଟ୍ଟାପାଣୀ ଗ୍ରାମର ସୁଭାଷ ମାଝୀ ୧୯ ତାରିଖ ବିଳମ୍ବିତ ରାତିରେ କାଳିଆଙ୍କ ଘର ନିକଟକୁ ଯାଇଥିଲେ। ସେମାନେ କାଳିଆଙ୍କୁ ଘର ବାହାରକୁ ଡାକି ଏକ ଛୁରିରେ ବାରମ୍ବାର ତାଙ୍କ ଛାତିକୁ ଭୁସି ଫେରାର୍ ହୋଇଯାଇଥିଲେ। ଏଥିରେ କାଳିଆଙ୍କ ମୃତ୍ୟୁ ହୋଇଯାଇଥିଲା। ଏନେଇ ଖଡ଼ିଆଳ ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାକୁ ଗୁରୁତ୍ୱର ସହ ବିଚାରକୁ ନେଇ ଏସ୍‌ପି ଜି.ଆର୍. ରାଘବେନ୍ଦ୍ର ଏକ ସ୍କ୍ୱାଡ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲେ।


TPNODL

TP NORTHERN ODISHA DISTRIBUTION LIMITED

(A Joint Venture of Tata Power and Government of Odisha)
Regd./Corporate Office: Januganj, Remuna Golei, Balasore-756019, Odisha, India

**OPEN ACCESS CHARGES NOTIFICATION**

Surcharge, Wheeling Charge & Transmission Charge for Open Access Consumer 1MW & above

**EFFECTIVE FROM 1st April, 2025**

In exercise of the powers conferred under Sections 39,40 and 42 of the Electricity Act, 2003 read with the provisions of OERC (Terms and Conditions of Intra State Open Access) Regulations, 2020, the Odisha Electricity Regulatory Commission has passed Common Order on 24.03.2025 in Case Nos. 85,89, 96 & 100 of 2024 with regard to approval of Open Access Charges (Transmission/wheeling Charges, Surcharge and Additional Surcharge applicable to open access customers for use of Intra-state transmission/ distribution system) which shall be effective from 1st April, 2025.

1. The wheeling charge and surcharge as indicated in Table below shall be applicable w.e.f. 01.04.2025.

**Surcharge, Wheeling Charge & Transmission Charge for Open Access Consumer 1MW & above**

| Name of the licensee | Cross Subsidy Surcharge (P/U) | | Wheeling Charge P/U applicable to HT Consumers only | Transmission Charges for Open Access Customer (applicable for HT & EHT Consumers) |
|---|---|---|---|---|
| | EHT | HT | | |
| TPCODL | 161.98 | 74.36 | 102.55 | The Open Access customer availing Open Access shall pay Rs.6120/MW-day (Rs.255/MWh) as transmission charges. |
| TPNODL | 130.48 | 2.41 | 156.41 | |
| TPWODL | 112.98 | 19.73 | 104.51 | |
| TPSODL | 249.48 | 119.41 | 174.06 | |

2. The normative transmission loss at EHT (3.0%) and normative wheeling loss for HT level (8%) are applicable for the year 2025-26.
3. Additional Surcharge: No additional surcharge over and above the Cross-Subsidy Surcharge needs to be paid to the embedded licensee.
4. The Consumers availing renewable power through open access shall have to pay the transmission charge, wheeling charge and cross subsidy surcharge as applicable to Consumers availing conventional power.

Exemption under Odisha renewable Energy Policy 2022:

(1) Fifty percent (50%) of Cross-subsidy surcharge are payable by the Open Access Consumers, on consumption of energy from RE projects commissioned in the State during the policy period for fifteen (15) years.
(2) No Cross-subsidy surcharge are payable by the Industries in the State availing Renewable power from GRIDCO (with GRIDCO acting as a demand aggregator).
(3) 25% exemption on Wheeling Charges shall be provided to Captive / Open Access Consumers on consumption of energy from RE projects commissioned in the state during the during the RE Policy period for Fifteen (15) years.
(4) OPTCL shall provide exemption of twenty (20) paise per unit on STU (Transmission) charges to captive/open access Consumers on consumption of energy from RE projects commissioned in the State during the policy period for fifteen (15) years. This exemption shall be extended for five (5) more years in case of projects commissioned before 31.03.2026.

These charges as notified for the FY 2025-26 will remain in force until further order.

For the information of the General Public and interested persons, the Commission hereby publishes the charges as would be applicable for all classes of consumers at HT & EHT. The said order shall be available in the Commissions website www.orierc.org as well as in the website of the Distribution Utility www.tpnodl.com

Place: Balasore
Dated: 24.03.2025

Sd/-
Chief Executive Officer

# କେସିଙ୍ଗା ବ୍ଲକ୍ କାର୍ଯ୍ୟାଳୟରେ ଭିଜିଲାନ୍ସ

**କେସିଙ୍ଗା, ୨୪।୩(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ କାର୍ଯ୍ୟାଳୟ ଭିତରେ ଶେଷରେ ଭିଜିଲାନ୍ସ ପଶିଛି। ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜ ଖୋଜିବା ସହ ବ୍ଲକ ଅଧିକାରୀମାନଙ୍କୁ ପଚରା ଉଚରା କରାଯାଇଛି। ପୂର୍ବତନ ବିଡ଼ିଓ ପଦ୍ମନାଭ ପୁରୋହିତ କେତେକ ନିର୍ଦ୍ଦିଷ୍ଟ ପଞ୍ଚାୟତରେ ହୋଇଥିବା ଆର୍ଥିକ ଅନିୟମିୟତାର ସତ୍ୟାସତ୍ୟ ଲୋକଲୋଚନକୁ ଆଣିବା ପାଇଁ ଜିଲ୍ଲାର ଉଚ୍ଚ ଅଧିକାରୀଙ୍କ ସମେତ ଭିଜିଲାନ୍ସକୁ ଅଭିଯୋଗ କରିଥିଲେ। ଏହାର ଫଳ ସ୍ୱରୂପ ସୋମବାର ଅପରାହ୍ନ ୪ଟାରେ କଳାହାଣ୍ଡି ଭିଜିଲାନ୍ସ ଡିଏସପି ପ୍ରଦୀପ ଆଇନ୍ଦ ଏବଂ ଅନ୍ୟ ଜଣେ ଅଧିକାରୀ ପ୍ରାୟ ଅଧଘଣ୍ଟା କାଳ ଏବିଡିଓ ସିଦ୍ଧେଶ୍ୱର ମେହେର ଓ ବ୍ଲକ ଆକାଉଣ୍ଟ ଅଫିସରଙ୍କ ସମେତ ଆଉ କେତେଜଣ ବ୍ଲକ ଅଧିକାରୀଙ୍କୁ ଆର୍ଥିକ ଅନିୟମିୟତା ବିଷୟରେ ପଚରା ଉଚରା କରିଛନ୍ତି। ତେବେ ବ୍ଲକ କାର୍ଯ୍ୟାଳୟ ଭିଜିଲାନ୍ସ ସ୍କାନରରେ ଆସିବା ଜାଣିବା ପରେ ତଳଠୁ ଉପର ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କ ନିଦ ହଜି ଯାଇଛି। ସମସ୍ତେ ଛାନିଆ ହୋଇ ପଡ଼ିଛନ୍ତି।

# ହକ୍ ମାଗିଲେ ଆଶାକର୍ମୀ



କର୍ଲାମୁଣ୍ଡା, ୨୪।୩( ସମିସ): କର୍ଲାମୁଣ୍ଡା ବ୍ଲକ ଆଶା କର୍ମୀ ସଂଘ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଚିକିତ୍ସା ଅଧିକାରୀ ଡାକ୍ତର ଆଶିଷ ଧରୁଆଙ୍କୁ ପ୍ରଦାନ କରିଛି। ସ୍ଥାୟୀ ସରକାରୀ କର୍ମଚାରୀର ମାନ୍ୟତା, ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନାର ସମସ୍ତ କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ମାସିକ ୧୮ ହଜାର ଟଙ୍କା ଭତ୍ତା, ଅବସରକାଳୀନ ସହାୟତା ରାଶି ୫ଲକ୍ଷ ଟଙ୍କାକୁ ବୃଦ୍ଧି ଓ ଦୁର୍ଘଟଣା ଜନିତ ମୃତ୍ୟୁର ସହାୟତା ରାଶି ୫ ଲକ୍ଷ ଟଙ୍କା, ଅଭିଜ୍ଞତାକୁ ବିଚାର କରି ଆଇସିଡିଏସ କର୍ମୀ ଭାବେ ନିଯୁକ୍ତି ସୁଯୋଗ, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ସାମିଲ କରିବା, ବିଭିନ୍ନ ଯୋଜନାରେ ଦିଆ ଯାଉଥିବା ପ୍ରୋତ୍ସାହନ ରାଶିକୁ ଦ୍ୱିଗୁଣ କରିବା ପ୍ରମୁଖ ଦାବି ରହିଛି। ବ୍ଲକ ଆଶା କର୍ମୀ ସଂଘ ସଭାନେତ୍ରୀ ବବିତା ସାହୁଙ୍କ ନେତୃତ୍ୱରେ କାର୍ଯ୍ୟରତ ସମସ୍ତ ଆଶାକର୍ମୀ ଏହି ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ। ତେବେ ଆଶାକର୍ମୀମାନେ ଗତ ୨ ମାସ ହେଲା ମାସିକ ପ୍ରୋତ୍ସାହନ ରାଶି ପାଇ ନାହାନ୍ତି। ଯଦି ଏହାର ପ୍ରତିକାର କରା ନ ଯାଏ ତାହାହେଲେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଲାଗି ସେମାନେ ଚେତାବନୀ ଦେଇଛନ୍ତି।

# ସିନାପାଲିରେ ବିଶ୍ୱ ବନ ଦିବସ



ସିନାପାଲି, ୨୪।୩(ସମିସ): ଖଡ଼ିଆଳ ବନଖଣ୍ଡ ଅଧୀନ ସିନାପାଲି ବନ ବିଭାଗ କାର୍ଯ୍ୟାଳୟ ପରିସରରେ ବିଶ୍ୱବନ ଦିବସ ପାଳିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ କାମେଶ୍ୱର ତାଣ୍ଡିଙ୍କ ସଭାପତିତ୍ୱରେ ପ୍ରାରମ୍ଭରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସିନାପାଲି ବିଡିଓ କାର୍ମି ଓରାମ ଏବଂ ସମ୍ମାନିତ ଅତିଥି ଭାବେ ତହସିଲଦାର ଉପାଞ୍ଜଳି ମାଝି, ଏସିଏଫ୍ ପ୍ରଶନ୍ନଜିତ ନାଏକ, ଥାନା ଏଏସଆଇ ପ୍ରଭାକର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଫରେଷ୍ଟର ଚୁଡାମଣି ସରାଫ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ଜଙ୍ଗଲ ସୁରକ୍ଷା, ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ସହଭାଗିତା, ଜୀବଜନ୍ତୁ ସୁରକ୍ଷା, ଜଙ୍ଗଲ ପରିବେଶ ରକ୍ଷା, ଚାରାରୋପଣ, ବନ ବିଭାଗ ଆଇନ୍ ଉପରେ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ଶେଷରେ ବନ ବିଭାଗ କାର୍ଯ୍ୟାଳୟ ପରିସରରେ ଅତିଥିମାନେ ଚାରାରୋପଣ କରିଥିବା ବେଳେ ସାଇକଲ ରାଲିରେ ବାହାରିଥିଲେ। ସାଇକଲ ରାଲିକୁ ବିଡିଓ କାର୍ମି ଓରାମ ଓ ତହସିଲଦାର ଉପାଞ୍ଜଳି ମାଝି ଉଦ୍‌ଘାଟନ କରିଥିଲେ। ବିଭାଗୀୟ ଅଧିକାରୀ କର୍ମଚାରୀ ରାଲିରେ ବାହାରି ସିନାପାଲି ସହର ପରିକ୍ରମା କରିଥିବା ବେଳେ ଡାକବାଜି ଯନ୍ତ୍ର ସହାୟତାରେ ବିଶ୍ୱ ବନ ଦିବସ ଉପରେ ସଚେତନତା କରିଥିଲେ। ରାଲିରେ ସିନାପାଲି ବିଡିଓ ଶ୍ରୀମତୀ ଓରାମ ଓ ତହସିଲଦାର ଶ୍ରୀମତୀ ମାଝି ବାହାରି ବନ ବିଭାଗ ଓ କଲେଜ ଛାତ୍ରଛାତ୍ରୀଙ୍କ ଉତ୍ସାହ ବଢ଼ାଇ ଥିଲେ। ସିନାପାଲି ହାଇସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିବା ବେଳେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ନାଏକ, ରଞ୍ଜନ ସାହୁ, କନ୍ଦର୍ପ ସୁନାନୀ, ସଞ୍ଜୁକ୍ତା ନେତାମ, ଚିନ୍ମୟୀ ପାତ୍ର, ରାନୁଶ୍ରୀ, କୁଳେଶ୍ୱରୀ ମାଝି, ଏଏସଆଇ ବିକାଶ ନାଗ ଓ ସିନାପାଲି କଲେଜର ଛାତ୍ରଛାତ୍ରୀ ସାମିଲ ଥିଲେ।

**ହରିପ୍ରିୟା ଠାକୁରଙ୍କ ଉପନ୍ୟାସ 'ନୀଳୋତ୍ପଳା' ଲୋକାର୍ପିତ**

# 'ଲେଖନୀ ଚାଳନା ପାଇଁ ବୟସ ଆଦୌ ପ୍ରତିବନ୍ଧକ ନୁହେଁ'

**ଭବାନୀପାଟଣା, ୨୪।୩(ସମିସ):**



ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର (ବ୍ରଜବିହାର)ରେ ଭବାନୀପାଟଣା ଶ୍ରୀରୂପା ପବ୍ଲିକେସନ୍ସ ତରଫରୁ ଲେଖିକା ହରିପ୍ରିୟା ଠାକୁରଙ୍କ ପ୍ରଥମ ଉପନ୍ୟାସ 'ନୀଳୋତ୍ପଳା' ଲୋକାର୍ପିତ ହୋଇଯାଇଛି। ଲେଖନୀ ଚାଳନା ପାଇଁ ବୟସ ଆଦୌ ପ୍ରତିବନ୍ଧକ ନୁହେଁ ବୋଲି ଏଥିରେ ମତ ପ୍ରକାଶ ପାଇଛି। ବହୁ ଚର୍ଚ୍ଚିତ ଲେଖକ ଓ କବିଙ୍କ ଗହଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ବିଭିନ୍ନ ଅଞ୍ଚଳର ସାହିତ୍ୟ ପିପାସୁ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। କଥାକାର ସୁକାନ୍ତ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରସିଦ୍ଧ ଅନୁବାଦକ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ବିଜୟ ପ୍ରଧାନ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଓ କବି ରବି ଶତପଥୀ, ମୁଖ୍ୟବକ୍ତା ଭାବେ ବରିଷ୍ଠ ନାଟ୍ୟକାର ତଥା ଶିକ୍ଷାବିତ ଉମେଶ ଚନ୍ଦ୍ର ଶତପଥୀ, ସମୀକ୍ଷକ ଭାବେ ଗବେଷକ, ଅଧ୍ୟାପକ ତଥା ନାଟ୍ୟକାର ପରମେଶ୍ୱର ମୁଣ୍ଡ ଯୋଗ ଦେଇଥିଲେ। ବ୍ୟଙ୍ଗକବି ବିରଞ୍ଚି ନାରାୟଣ ମୁଣ୍ଡ କାର୍ଯ୍ୟକ୍ରମ ପରଚାଳନା କରିଥିଲେ। ନୀଳୋତ୍ପଳାର ଲେଖିକା ହରିପ୍ରିୟା ଠାକୁର ଓ ଗୌରୀଶଙ୍କର ପଣ୍ଡା ମଞ୍ଚାସୀନ ଥିଲେ। ୪୨୨ ପୃଷ୍ଠା ଏହି ସୁଦୃଶ୍ୟ ଉପନ୍ୟାସଟି ୫୦ ବର୍ଷ ତଳର କଳାହାଣ୍ଡିର ଜନଜୀବନର କାହାଣୀ ବର୍ଣ୍ଣନା କରୁଛି। ଉପନ୍ୟାସଟିରେ ତତ୍କାଳୀନ କଳାହାଣ୍ଡି ସମାଜ ବ୍ୟବସ୍ଥା, ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ ବ୍ୟବସ୍ଥାର ଚିତ୍ର ଅତି ନିଖୁଣ ଭାବରେ ଚିତ୍ରିତ ହୋଇଥିବା କଥା ଅତିଥିମାନେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଖୁବ୍ ସରଳ ଓ ସାଧାରଣ ଭାଷାରେ ରଚିତ ଏହି ଉପନ୍ୟାସଟି ପାଠକଙ୍କୁ ବାନ୍ଧି ରଖିବାର ସମସ୍ତ କଳା ରଖିଛି। ୭୫ ବର୍ଷ ବୟସରେ ଲେଖିକାଙ୍କ ପ୍ରଥମ ସାହିତ୍ୟ କୃତୀ ନୀଳୋତ୍ପଳା ପ୍ରକାଶ ପାଇଥିବାରୁ ତରୁଣ ଲେଖକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପ୍ରକାଶ ପାଇଛି। ଲେଖାଲେଖି କରିବା ପାଇଁ ବୟସ ଏକ ପ୍ରତିବନ୍ଧକ ନୁହେଁ ବୋଲି ଲେଖିକା ପ୍ରମାଣିତ କରିଦେଇଛନ୍ତି ବୋଲି ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ କହିଥିଲେ। ଶ୍ରୀ ପ୍ରଧାନ ନିଜେ ୭୧ ବର୍ଷରେ ମଧ୍ୟ ଲେଖାଲେଖିକୁ ନେଇ ବ୍ୟସ୍ତ ରହୁଥିବା କଥା କହିଛନ୍ତି। ଆହୁରି ମଧ୍ୟ ବହୁ ବର୍ଷିୟାନ ଲେଖକଙ୍କ ଉଦାହରଣ ଦେଇ କହିଥିଲେ ଯେ ଲେଖାଲେଖି ପାଇଁ ପ୍ରଚୁର ଅଭିଜ୍ଞତା ଓ ଅନୁଭବ ଦରକାର। ଏ ସଂସାରର ସବୁ ମଣିଷ ଜଣେ ଜଣେ ସାରସ୍ୱତ ସ୍ରଷ୍ଟା ବୋଲି ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ ମତ ରଖିଥିଲେ। ନୀଳୋତ୍ପଳା ବିପୁଳ ପାଠକୀୟ ଶ୍ରଦ୍ଧା ପାଇବ ବୋଲି ସମସ୍ତେ କାମନା କରିଥିଲେ।

**● ରୁପ୍ରାରୋଡ ୟଙ୍ଗ ବ୍ଲଡ୍ ପବ୍ଲିକ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ**

# 'ଶୃଙ୍ଖଳା ଦ୍ୱାରା ଉଚିତ ଶିକ୍ଷା ଓ ଉତ୍ତମ ଚରିତ୍ର ସମ୍ଭବ'



**ଭବାନୀପାଟଣା, ୨୪।୩(ସମିସ):** ଛାତ୍ରୀଛାତ୍ରଙ୍କ ମାନସିକ, ଶାରୀରିକ ତଥା ସାମାଜିକ ପ୍ରଗତି ହିଁ ଶିକ୍ଷାର ମୂଳ ଲକ୍ଷ୍ୟ। ଏସବୁର ବିକାଶ ନିର୍ଭର କରେ ସେମାନଙ୍କ ସୁବିଚାର ତଥା ଉତ୍ତମ ପରିବେଶ ଉପରେ। ପିଲାମାନେ ଶୃଙ୍ଖଳିତ ହେଲେ ଶିକ୍ଷାର ପ୍ରକୃତ ମହତ୍ତ୍ୱ ବୁଝିପାରିବେ। ଶିକ୍ଷା ସେମାନଙ୍କୁ ନିଶ୍ଚିତ ସୁଫଳଦାୟୀ ହେବ। ଶୃଙ୍ଖଳା ଦ୍ୱାରା ଉଚିତ ଶିକ୍ଷା ଓ ଉତ୍ତମ ଚରିତ୍ର ସମ୍ଭବ। ରୁପ୍ରାରୋଡ ୟଙ୍ଗ ବ୍ଲଡ଼ ପବ୍ଲିକ ସ୍କୁଲ (ନର୍ଲା ବ୍ଲକ ଲାଖଗୁଡାସ୍ଥିତ ନୂତନ କ୍ୟାମ୍ପସ)ରେ ଅନୁଷ୍ଠିତ ଦ୍ୱିତୀୟ ବାର୍ଷିକ ଉତ୍ସବ ଅବସରରେ ଏହି ମତ ପ୍ରକାଶ ପାଇଛି। ସ୍କୁଲର ପ୍ରିନ୍ସିପାଲ ଦୀପ୍ତିରାଣୀ ସିଂଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ମୁଖ୍ୟବକ୍ତା ଭାବେ ନର୍ଲା ବିଇଓ ତପିମଣି ଜାନି, ସମ୍ମାନିତ ଅତିଥି ଭାବେ ରୁପ୍ରାରୋଡ ସରପଞ୍ଚ ହେମନ୍ତ ଭୋଇ, ମାରୱାଡି ସମ୍ମେଳନର ରାଜ୍ୟ ଉପସଭାପତି ତଥା ବରିଷ୍ଠ ଆଇନଜୀବୀ ସୁବାଶ ଚନ୍ଦ୍ର ଅଗ୍ରୱାଲ, ୟଙ୍ଗ ବ୍ଲଡ଼ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ରାମ କୁମାର ଜୈନ, ସ୍କୁଲର ଉପାଧ୍ୟକ୍ଷ ରତନ ଅଗ୍ରୱାଲ, ସମ୍ପାଦକ ସୁମିତ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ଅନିମା ଅଗ୍ରୱାଲ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଭାଇସ ପ୍ରିନ୍ସପାଲ ବିଭୁ ରଞ୍ଜନ ମହାହୁତି ବିଦ୍ୟାଳୟର ବିବରଣୀ ପଠନ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ପୁରୁସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ନିବେଦିତା ସାହୁ, ତୁଳସୀ ବେହେରା, ପ୍ରେମାଞ୍ଜଳୀ ପୋଢ, ଶିକ୍ଷକ ପଦ୍ମନାଭ ଝାଙ୍କର, ବିଜୟ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମର ବିଭିନ୍ନ ପର୍ଯ୍ୟାୟର ମଞ୍ଚ ସଞ୍ଚାଳନ କରିଥିଲେ। ସ୍କୁଲର ଶିକ୍ଷକ ଚୈତନ୍ୟ ସାହୁ, ଦେବେନ୍ଦ୍ର ସେନାପତି, ଶିକ୍ଷୟିତ୍ରୀ ପୂଜା ଅଗ୍ରୱାଲ, ଅଞ୍ଜୁ ବେହେରା, କୁନ୍ତୀ ଭୋଇଙ୍କ ସମେତ ବିଦ୍ୟାଳୟର କର୍ମଚାରୀ ଧିରୋଜ ସେଠୀ, ସୁମିତ୍ରା ପୋଢ, ବୃନ୍ଦାବନ ସା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସହ ଶିକ୍ଷକ ତୁଷାର ଗଉଡ ଧନ୍ୟବାଦ ଅର୍ପଣ କରିଥିଲେ।

# ପରିତ୍ୟକ୍ତ ଗୋପାଳପୁର ବାବୁରା ଗୁଡ଼ି



**● ଗୁଡ଼ିଘର ଭାଙ୍ଗିରୁଜି ମାଟିରେ ନିଶ୍ଚିହ୍ନ**

**● ପୂଜାପାଠ, ଯାନିଯାତ୍ରା ହୋଇପାରୁନି**

**ଲାଞ୍ଜିଗଡ଼, ୨୪।୩ (ସମିସ):** ଶହ ଶହ ବର୍ଷ ହେଲା ରାଜା ରାଜୁଡା ଅମଳରୁ ଗାଁ ଲୋକଙ୍କ ପରମ ଆରାଧ୍ୟ ଭାବେ ପୂଜା ପାଇ ଆସୁଛନ୍ତି ବାବୁରା ଦେବ। ଗାଁ ଲୋକଙ୍କ ଦୁଃଖ, ସୁଖ ଓ ରୋଗ-ବୈରାଗରେ ଲୋକେ ବାବୁରା ଦେବଙ୍କୁ ଖୋଜିବସନ୍ତି। ତାଙ୍କ ମନ୍ତୁରା ଚାଉଳ, ଚଳୁଏ ପାଣି ଅନେକ ରୋଗ ଦୂରେଇ ଦେବାର ବିଶ୍ୱାସ ରହିଛି। ବର୍ଷର ବାର ମାସରେ ତେର ପର୍ବ ସହିତ ଚୈତ୍ର ମାସରେ ଚୈତ୍ର ପର୍ବ ସହ ବାବୁରା ଦେବଙ୍କ କାଳେସୀ ଲାଗି ଗାଁ ସାରା ଘଣ୍ଟ ବୁଲି ଦର୍ଶନ ଦିଅନ୍ତି। ଗାଁ ଲୋକଙ୍କ ବିଭିନ୍ନ ଦୁଃଖ ବୁଝନ୍ତି ଆଉ ଆଶୀର୍ବାଦ ଦିଅନ୍ତି। ଏଭଳି ପ୍ରତ୍ୟକ୍ଷ ଦେବ ହେଉଛନ୍ତି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ଗୋପାଳପୁର ଗାଁର ଆରାଧ୍ୟ ବାବୁରା ଦେବ। ତେବେ ରାଜା ରାଜୁଡା ଅମଳରୁ ପୂଜା ପାଇ ଆସୁଥିବା ତଥା ଗାଁର ଧନୀ, ଗରିବ, ଚାଷୀ, ମୂଲିଆ ନିର୍ବିଶେଷରେ ଲୋକଙ୍କ ହୃଦୟରେ ସ୍ଥାନ ପାଇଥିବା ବାବୁରା ଦେବ କିନ୍ତୁ ଆଜି ଅବହେଳିତ ହୋଇ ପଡ଼ିଛନ୍ତି। ପରିତ୍ୟକ୍ତ ହୋଇ ପଡ଼ିଛି ତାଙ୍କ ପୂଜାସ୍ଥଳ। ଚୈତ୍ର ପର୍ବରେ କଣ୍ଟାର ଦୋଳିରେ ବସି ହଜାର ହଜାର ଲୋକଙ୍କୁ ଦର୍ଶନ ଦେଉଥିବା ତଥା ଗାଁ ଲୋକଙ୍କ ବିଶ୍ୱାସର ପ୍ରାଣକେନ୍ଦ୍ର ସାଜିଥିବା ବାବୁରା ଦେବଙ୍କ ଗୁଡ଼ି ଆଜି ଭାଙ୍ଗିରୁଜି ମାଟିରେ ମିଶିଯାଇଛି। ଗୁଡିଘର ନ ଥିବାରୁ ବାବୁରାଙ୍କ ପୂଜାପାଠ, ଯାନୀଯାତ୍ରା କିଛି ବି ହୋଇପାରୁନି। ଏହାକୁ ନେଇ ଗାଁ ଲୋକେ ଦୁଃଖ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ବିଭିନ୍ନ ଆଧାମ୍ବିକ ଓ ବିଶ୍ୱାସର ଧର୍ମ ଏବଂ କର୍ମ ପୀଠକୁ କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି। ଆଧାମ୍ବିକ ସ୍ଥଳ ଓ ଦେବୀ ପୀଠଗୁଡିକର ଉନ୍ନୟନ ପାଇଁ ପଦକ୍ଷେପ ନେଉଛନ୍ତି; କିନ୍ତୁ ଗୋପାଳପୁର ସମେତ ଅଞ୍ଚଳର ୩୦ ଖଣ୍ଡ ଗାଁର ଲୋକଙ୍କ ଆରାଧ ବାବୁରା ଦେବଙ୍କୁ ଭୁଲିଯିବା ଅତ୍ୟନ୍ତ ଦୁଃଖ ଓ କ୍ଷୋଭର ବିଷୟ ବୋଲି ଲୋକେ କହିଛନ୍ତି। ଏଣୁ ଅଞ୍ଚଳର ଲୋକପ୍ରଥା ଓ ପରମ୍ପରାର ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ ତଥା ଲୋକବିଶ୍ୱାସର ପ୍ରାଣକେନ୍ଦ୍ର ଗୋପାଳପୁର ବାବୁରା ଗୁଡ଼ି। ଏହାର ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବା ସହ ବିଧାୟକ କିମ୍ବା ସାଂସଦ ପାଣ୍ଠିରୁ ଏଥିପାଇଁ ଆବଶ୍ୟକ ଅର୍ଥ ଯୋଗାଇଦେବାକୁ ଲୋକେ ଦାବି କରିଛନ୍ତି।

# କାଣ୍ଡେଲ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିର ପକ୍ଷରୁ ବିଶ୍ୱ ଯକ୍ଷ୍ମା ଦିବସ

କେସିଙ୍ଗା, ୨୪।୩ (ସମିସ): ସାରା ବିଶ୍ୱରେ ପ୍ରତିବର୍ଷ ମାର୍ଚ୍ଚ ୨୪ରେ ଯକ୍ଷ୍ମା ଦିବସ ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ ସୋମବାର କେସିଙ୍ଗା ବ୍ଲକ କାଣ୍ଡେଲ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିର ପକ୍ଷରୁ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ବିଶ୍ୱ ଯକ୍ଷ୍ମା ଦିବସ ପାଳନ କରାଯାଇଛି। ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ମହିଳା ସ୍ୱାସ୍ଥ୍ୟକର୍ମୀ ଆଶାଲତା ହୋତାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କାଣ୍ଡେଲ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଡାକ୍ତର ହରେକୃଷ୍ଣ ଧଳ, କାଣ୍ଡେଲ ସରପଞ୍ଚ ପାର୍ବତୀ ଶର୍ମା, ବରିଷ୍ଠ ଶିକ୍ଷକ ରମେଶଚନ୍ଦ୍ର ସାହା, ଶିକ୍ଷକ ଘାସିରାମ ମହଲା, କମ୍ୟୁନିଟି ହେଲ୍ଥ ୱର୍କର ବୈଶାଳୀ ମହଲା, ମହିଳା ସ୍ୱାସ୍ଥ୍ୟକର୍ମୀ ଝରଣା ସାହୁ, ତୋଷଞ୍ଜଳି ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଯକ୍ଷ୍ମା କାହିଁକି ହୁଏ, ଏହାକୁ କିପରି ରୋକାଯାଇପାରିବ, ସରକାର ଏ ଦିଗରେ କେଉଁ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ଏସବୁ ଦିଗ ଉପରେ ଆଲୋଚନା ହୋଇଥିଲା।



# 'ଉଦନ୍ତୀ' ମହୋତ୍ସବ ପାଇଁ ଶୁଭଖମ୍ବ ସ୍ଥାପନ

ସିନାପାଲି, ୨୪।୩(ସମିସ): ସିନାପାଲି ଅଞ୍ଚଳର କଳା, ସାହିତ୍ୟ ଓ ସଂସ୍କୃତିର ମହାମିଳନର ପର୍ବ 'ଉଦନ୍ତୀ' ମହୋତ୍ସବ ଆସନ୍ତା ୨୮ ରୁ ୩୦ ତାରିଖ ଯାଏଁ ଅନୁଷ୍ଠିତ ହେବାକୁ ଥିବାବେଳେ ଏନେଇ ସାରାଅଞ୍ଚଳ ଚଳଚଞ୍ଚଳ ହୋଇପଡ଼ିଛି। ସୋମବାର ଶୁଭ ମହୁରତରେ ଶୁଭଖମ୍ବ ସ୍ଥାପନ ହୋଇଛି। ମହୋତ୍ସବ କମିଟିର ସଦସ୍ୟଙ୍କ ଉପସ୍ଥିତିରେ ସିନାପାଲି ହାଇସ୍କୁଲପଡ଼ିଆରେ ଆୟୋଜିତ ହେବାକୁ ଥିବା ଉଦନ୍ତୀ ମହୋତ୍ସବର ମଞ୍ଚ ଷ୍ଟଲ, ସମେତ ଅନେକ କାରୁକାର୍ଯ୍ୟ ଆରମ୍ଭ କରଯାଇଛି। ଚଳିତ ବର୍ଷ ଆହୁରି ଆକର୍ଷଣୀୟ କରିବା ପାଇଁ ସମସ୍ତେ ଲାଗି ପଡ଼ିଛନ୍ତି। ଚଳିତ ବର୍ଷ କଳାହାଣ୍ଡି, ବଲାଙ୍ଗିର, ବରଗଡ଼, ରାୟଗଡ଼ା, ନୂଆପଡ଼ା, ଖୋର୍ଦ୍ଧା ଆଦି ଜିଲ୍ଲାର ଲୋକକଳା ମଧ୍ୟରେ ତ୍ରିଭଙ୍ଗି, ବଜାଶାଳ, ଘୁମୁରା, ରାମକାଠି, ମହୁରୀ ବଜା, ଓଡ଼ିଶୀ, ଆଦିବାସୀ ଆଦି ପରିବେଷଣ ହେବ। ଶେଷ ସନ୍ଧ୍ୟାରେ ପ୍ରସିଦ୍ଧ ଷ୍ଟାର ଗାୟିକା ପ୍ରାଚୀ ପାଣିଗ୍ରାହୀ, ପଙ୍କଜ ଜାଲ, ଅମର ଦାସ, ଆଶିଷ କୁମ୍ଭାର, ଚୁମକୀ ପାଢ଼ୀ ଓ ଛିଛି..ଛିରେ ନନୀର କଳାକାର ବିଭୁତି ଭୂଷଣ ବିଶ୍ୱାଳ ନିଜ କଳା ପ୍ରଦର୍ଶନ କରିବେ। ମହୋତ୍ସବରେ ସାମିଲ ହେବାକୁ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରବିନାରାୟଣ ନାଏକ, କୃଷ୍ଣଚନ୍ଦ୍ର ପାତ୍ର, ଲୋକସଭା ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସଦସ୍ୟ ସୁଜିତ କୁମାର, ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ, ପୂର୍ବ ସାଂସଦ ବସନ୍ତ ପଣ୍ଡା, ଜିଲ୍ଲାପାଳ ମଧୁସୂଦନ ଦାସ, ଏସପି ଜି.ଆର୍ ରାଘବେନ୍ଦ୍ର ରେଡ଼ୀ ପ୍ରମୁଖ ଯୋଗଦେବାର ଅଛି। ଏଥିସହ ବିଭିନ୍ନ ପ୍ରତିଯୋଗିତା ସହ କବିତା ଆସର, ଆଲୋଚନାଚକ୍ର ଆଦି ଥିବାବେଳେ ମଶାଲ ଶୋଭାଯାତ୍ରା ମୁଖ୍ୟ ଆକର୍ଷଣ ରହିବ। ଅଞ୍ଚଳର କଳା ଓ ସଂସ୍କୃତି ଆଧାରିତ ସ୍ମରଣିକା 'ଉଦନ୍ତିକା' ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।

# ଶିକ୍ଷକ ସଂଘ ପକ୍ଷରୁ ଜିଲ୍ଲାସ୍ତରୀୟ ସମ୍ମିଳନୀ

ସିନାପାଲି, ୨୪।୩(ସମିସ): ସିନାପାଲି ବ୍ଲକ ଅଧୀନ କାପସି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନୂଆପଡ଼ା ଜିଲ୍ଲା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ଜିଲ୍ଲାସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଭାବେ ନିରଞ୍ଜନ ସଲମା, କାର୍ଯ୍ୟକାରୀ ସଭାପତି ଭାବେ ଜିତେନ୍ଦ୍ର ପାତ୍ର, ଉପ ସଭାପତି ଭାବରେ ଉଦ୍ଧବ ସଲମା ଓ ଅଭୟ ପାଢ଼ୀ, ସମ୍ପାଦକ ଭାବରେ ଚନ୍ଦ୍ରଶେଖର ମେହେର, ଯୁଗ୍ମ ସମ୍ପାଦକ ଭାବରେ ମନୋଜ ମେହେର, କୋଷାଧ୍ୟକ୍ଷ ବିସମ୍ବର ମେହର, ସହ ସମ୍ପାଦକ ଭାବରେ ଗୌର ଚନ୍ଦ୍ର ସା, ଅତୁଲ ପାତ୍ର, ପୁନିତ ନାୟକ, ଜ୍ଞାନେଶ୍ୱର୍ ନାୟକ ପ୍ରମୁଖ ମନୋନୀତ ହୋଇଛନ୍ତି। ସେହିପରି ପ୍ରାକ୍ତନ ରାଜ୍ୟ ଉପ ସଭାପତି ଶିଶିର ବିଶୋଇ ଓ ପଙ୍କଜ ପାତ୍ର ଉପଦେଷ୍ଟା ଭାବରେ ମନୋନୀତ ହୋଇଛନ୍ତି। ପ୍ରଥମେ ଅବସରପ୍ରାପ୍ତ ଶ୍ରୀ ବିଷୋୟୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ନିଖିଳ ଓଡ଼ିଶା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ରାଜ୍ୟ ସାଧରଣ ସମ୍ପାଦକ ସୁକାନ୍ତ ବେହେରା ଏବଂ ସମ୍ମାନିତ ଅତିଥି ଭାବେ ରାଜ୍ୟ ସଂଗଠନର ଯୁଗ୍ମ ସାଧାରଣ ସମ୍ପାଦକ ସୁଦର୍ଶନ ସ୍ୱାଇଁ, କୋଷାଧ୍ୟକ୍ଷ ଯୁଧିଷ୍ଠିର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ପ୍ରଧାନଶିକ୍ଷକ ପଙ୍କଜ ପାତ୍ର, ବିଜୟ ଯୋଷୀ, ବିଜୟ ସାହୁ, ଆନନ୍ଦ ମୋହନ ଖମାରୀ, ପ୍ରାଣ ସିଂ ଖର୍ସେଲ ଓ ନନ୍ଦକୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସଂକୀର୍ତ୍ତନ କଳାକାରରୁ ନାଟ୍ୟ ନିର୍ଦ୍ଦେଶକ

**କୋକସରା, ୨୩।୩(ସମିସ):**




ଗାଁ ପରିବେଶରେ ରହି କୌଣସି କାମ କରୁ ନ ଥିଲେ; ହେଲେ ସାଙ୍ଗମାନେ କହିବା ପରେ ସଂକୀର୍ତ୍ତନ ମଣ୍ଡଳୀରେ ଯୋଗଦେଲେ। ଏହାପରେ ଆସ୍ତେ ଆସ୍ତେ ତାଙ୍କ ଭିତରେ ଲୁଚି ରହିଥିବା କଳା ପ୍ରସ୍ଫୁଟିତ ହେବାରେ ଲାଗିଲା। ଏହାରି ଭିତରେ ସେ ଗାଁ ସଂକୀର୍ତ୍ତନ ଦଳରେ ନିଜର କଳାକୁ ସୀମିତ ରଖି ନ ଥିଲେ। ଅନେକ ଅଭାବ ଅନାଟନ ଓ ସଂଘର୍ଷ ସତ୍ତ୍ୱେ ହାର ମାନି ନ ଥିଲେ। ସଂଘର୍ଷର ଭିଡ ଭିତରେ ଏବେ ସେ ନିଜ ନାଁକୁ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟରେ ସ୍ୱତନ୍ତ୍ର କରି ପାରିଛନ୍ତି। ସଂକୀର୍ତ୍ତନ୍ୟ କଳାକାରରୁ ଏବେ ସେ ନାଟ୍ୟ ନିର୍ଦ୍ଦେଶକ ପାଲଟି ଯାଇଛନ୍ତି। କଳାକୁ ନିଜର ନିଶା ଓ ପେସା ଭାବେ ଗ୍ରହଣ କରିନେଇଛନ୍ତି। ଏହିଭଳି ଜରେ କଳାକାରଙ୍କ ସଂଘର୍ଷ ଓ ସଫଳତାର କାହାଣୀକୁ ନେଇ 'ସକାଳ'ର ସ୍ୱତନ୍ତ୍ର ଉପସ୍ଥାପନା 'ମୁଁ କଳାକାର'...

କଳାହାଣ୍ଡି ହେଉଛି କଳା ଓ ସଂସ୍କୃତିର ମାଟି। ସାହିତ୍ୟଠାରୁ ଆରମ୍ଭ କରି ନାଟ୍ୟ ଜଗତରେ ଅନବଦ୍ୟ ପ୍ରତିଭା ସୃଷ୍ଟି କରିବାରେ ଏହି ମାଟି ମହାନ୍। ଏଠାକାର ବିରବାଦ୍ୟ 'ଘୁମୁରା' ଆଜି ବିଶ୍ୱ ଦରବାରେ ପହଞ୍ଚିଛି। କଳାହାଣ୍ଡିର ମାଟି, ପାଣି ପବନରେ ଲୋକକଳାର ବାସ୍ନା ଭରି ରହିଛି। ଏଠାକାର ପ୍ରତ୍ୟେକ ମଣିଷ ପାଖରେ କଳା ଖୁନ୍ଦି ହୋଇ ରହିଛି। ପ୍ରତିକୂଳ ପରିସ୍ଥିତି ଯୋଗୁଁ ଏଠାକାର ଅନେକ ଅନେକ ଲୋକଙ୍କ କଳା ପ୍ରତିଭା ଅକାଳରେ ଝାଉଁଳି ପଡ଼ିଥାଏ। ତେବେ ଏହି ମାଟିର ଏପରି ଜଣେ ଯୁବକ ଅନେକ ପ୍ରତିବନ୍ଧକର ସାମ୍ନା କରିଥିଲେ ମଧ୍ୟ ତାଙ୍କର କଳା ପ୍ରତିଭାକୁ ବଜାୟ ରଖି ଓଡ଼ିଶା ସମେତ ଛତିଶଗଡ଼ ରାଜ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। କଳାପ୍ରତି ସମର୍ପିତ ଏହି ୨୫ ବର୍ଷିୟ ଯୁବକ ଜଣକ ହେଉଛନ୍ତି କୋକସରା ବ୍ଲକ ଡାଲଗୁମା ଗ୍ରାମର ଦୁର୍ଯ୍ୟୋଧନ ଚଣ୍ଡି। ଦୁର୍ଯ୍ୟୋଧନ ଏକାଧାରରେ ଜଣେ ଲେଖକ, ନାଟ୍ୟ ନିର୍ଦ୍ଦେଶକ ଓ ମଞ୍ଚ କଳାକାର। ଖାଲି ସେତିକି ନୁହେଁ; ସମ୍ବଲପୁରୀ ଜଗତରେ ମଧ୍ୟ ଜଣେ ଜଣାଶୁଣା ଗୀତିକାର ଓ ସଙ୍ଗୀତ ନିର୍ଦ୍ଦେଶକ। ଦୁର୍ଯ୍ୟୋଧନ ପିଲାବେଳଠୁ କବିତା, ଗଳ୍ପ, ପ୍ରବନ୍ଧ, ସାଏରି, ଢଗଢମାଳି, କମେଡି, ଗପ ଓ ସମ୍ବଲପୁରୀ ଗୀତ ଲେଖିବା ସହ ମଞ୍ଚକଳାକାର ଭାବେ ଅଭିନୟ କରିବା ପାଇଁ ରଚି ରଖିଥିଲେ। ସ୍ନାତକ ପର୍ଯ୍ୟନ୍ତ ପାଠ ପଢ଼ିବା ପରେ କୌଣସି କାମ ନ କରି ଗାଁରେ ବସି ରହୁଥିଲେ। ଗାଁ ସାଙ୍ଗ ମାନେ କହିବାପରେ ସଂକୀର୍ତ୍ତନ ଦଳରେ ଯୋଗଦେଇ କଳାକାର ଭାବ ନୃତ୍ୟ କରୁଥିଲେ। ଖାଲି ସଂକୀର୍ତ୍ତନରେ ସୀମିତ ନ ରହି ଆସ୍ତେ ଆସ୍ତେ ଅନେକ କଳାକାର ଓ ନାଟଗୁରୁଙ୍କ ସଂସ୍ପର୍ଶରେ ଆସିବା ପରେ କାହାଣୀ ଲେଖିବା ଆରମ୍ଭ କରି ଦେଇଥିଲେ। କାହାଣୀ ମଧ୍ୟରେ 'ସୁଖ ହଜିଗଲା ମଝି ନଈରେ, ସମ୍ପର୍କ ଆମର ଜନ୍ମ ଜନ୍ମର, ଚଣ୍ଡି ନୁହଁଇ ସେ ବ୍ରହ୍ମ ଚଣ୍ଡାଳ, ଏ କଳି ଯୁଗରେ ମାମୁଁର ଖେଳ, ଦୁର୍ଯ୍ୟୋଧନ ଲେଖୁଛି ମହାଭାରତ, ହଜିଲା ପୀରତି ଖୋଜିଲା ପ୍ରୀତି, ପ୍ରେମର ବଣିକ ଅନ୍ଧ ପ୍ରେମିକ, ଦାନ ଦେଇ ଦାନି ଗଲା ଦାଦନ, ଫଗୁଣ ଦେଇଛି ଦୁଃଖ ଛଅ ଗୁଣ, ଏକା ଲଢିବ ଦୁର୍ଯ୍ୟୋଧନ, ହେ କଳାଠାକୁର କଳାକାର ଦୁଃଖ ଦେଖିବ ଆସ ଭଳି ଅନେକ କାହାଣୀ ଲେଖିଛନ୍ତି। ଏସବୁ କାହାଣୀ ଭିତରେ ଜୀବନ ଜିଇଁବାର ସଂଗ୍ରାମ, ସମୟ ଚକ୍ରର ଘଟଣା, ନାରୀ ଶିକ୍ଷା ପ୍ରତି ଗୁରୁତ୍ୱ ଓ ଏପରିକି ଅନେକ ଶିକ୍ଷଣୀୟ ବିଷବସ୍ତୁକୁ ନେଇ ନାଟକ ମାଧ୍ୟମରେ ସମାଜକୁ ଶିକ୍ଷା ଦେବା ପାଇଁ ପ୍ରୟାସ କରିଛନ୍ତି। ଦୁର୍ଯ୍ୟୋଧନ କଳାହାଣ୍ଡି ମାଟିରେ ନିଜ କଳାକୁ ସିମୀତ ରଖି ନାହାନ୍ତି। ପଡୋଶୀ ଜିଲ୍ଲା ନୂଆପଡ଼ା ଓ ପଡ଼ୋଶୀ ରାଜ୍ୟ ଛତିଶଗଡ଼ର ଅନେକ ନାଟକରେ ମଧ୍ୟ ନିର୍ଦ୍ଦେଶନା ଦେଇ ସୁନାମ ଅର୍ଜନ କରିପାରିଛନ୍ତି। ଖାଲି ସେତିକି ନୁହେଁ; ନାଟକ ରଚନା, ନିର୍ଦ୍ଦେଶନାକୁ ଧ୍ୟାନ ଦେବା ସଙ୍ଗେ ସଙ୍ଗେ କଳା ସଂସ୍କୃତିକୁ ଆଗେଇ ନେବା ପାଇଁ ମଞ୍ଚରେ ମଧ୍ୟ ଅଭିନେତା ଅଭିନେତ୍ରୀ ସାଜି ଅଭିନୟ କରନ୍ତି। ସମୟ ଅନୁପାତରେ ଅନେକ ଅଭିନେତାଙ୍କ ଅନୁପସ୍ଥିତିରେ ମଧ୍ୟ ସେ ହାସ୍ୟ ଅଭିନେତା, ମନ୍ତ୍ରୀ, ରାଣୀ, ସହଚରୀ, ଖଳନାୟକ, ନାୟକ ଭଳି ଅନେକ ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ମନ ଜିଣି ନିଅନ୍ତି। ଅଭାବ ଅନାଟନ ଓ ଅନେକ ସଂଘର୍ଷ ପରେ ଏହି ସ୍ଥାନକୁ ଦୁର୍ଯ୍ୟୋଧନ ପହଞ୍ଚି ପାରିଥିବା କହିଛନ୍ତି। ଆଗକୁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଲୋକକଳାକୁ ପ୍ରୋତ୍ସାହନ ଯୋଗାଇ ଦେଲେ ଅଞ୍ଚଳରେ ଅନେକ କଳାକାର ସୃଷ୍ଟି କରିବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି।

# ଅବଶିଷ୍ଟାଂଶ...

## ପାଣି ରୋକିଛି...

ପାନୀୟ ଜଳ ସହ ସମ୍ପୃକ୍ତ ଜିଲ୍ଲାଗୁଡ଼ିକରେ ଚାଷବାସନିମନ୍ତେ ଜଳସେଚନରେ ମହାନଦୀର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ସମ୍ପ୍ରତି ରବି ଚାଷ ପାଇଁ ପାଣି ଲୋଡ଼ା ପଡୁଥିବାବେଳେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ପରିସ୍ଥିତି ସଙ୍ଗୀନ ହେବାକୁ ବସିଲାଣି। ଏପରିସ୍ଥଳେ ଉପରମୁଣ୍ଡରୁ ହୀରାକୁଦ ନଦୀବନ୍ଧକୁ ଜଳପ୍ରବାହ କମୁଥିବାରୁ ଜଳସ୍ତର ତୀବ୍ରଗତିରେ ହ୍ରାସ ପାଇବା ଏକ ବଡ଼ ଜଳସଂକଟକୁ ସଂକେତ କରିଛି। ନଦୀବନ୍ଧ ଓ ବ୍ୟାରେଜ୍ କରି ଛତିଶଗଡ଼ ମହାନଦୀରେ ଜଳପ୍ରବାହ ଅବରୋଧ କରି କରିଛି। ପରିଣତସ୍ୱରୂପ ଏକଦା ଚିରସ୍ରୋତା ମହାନଦୀ ଏବେ କେବଳ ଏକ ଛୋଟ ଜଳଧାରାରେ ପରିଣତ ହୋଇଛି ଏବଂ ରବି ଫସଲ ପାଇଁ ଜଳସେଚନ ଓ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଆହ୍ୱାନ ସୃଷ୍ଟି କରିଛି।

ବର୍ଷା ଋତୁରେ ମହାନଦୀ ପୂର୍ଣ୍ଣଗର୍ଭା ହୋଇ ପ୍ରବାହିତ ହେଉଥିବାବେଳେ ହୀରାକୁଦ ନଦୀବନ୍ଧର ଜଳସ୍ତର ୬୩୦ ଫୁଟ ପାଖପାଖି ପହଞ୍ଚିଥାଏ। ମାତ୍ର ଛତିଶଗଡ଼ରେ ନଦୀବନ୍ଧ ଓ ବ୍ୟାରେଜ ପରେ ଓଡ଼ିଶାରେ ମହାନଦୀର ସ୍ଥିତି କ୍ରମଶଃ ସଂକୁଚିତ ହୋଇ ଚାଲିଛି। ବର୍ଷାଋତୁ ବ୍ୟତୀତ ଅନ୍ୟ ସମୟରେ ମହାନଦୀ ଏକପ୍ରକାର ମୃତ ନଦୀରେ ପରିଣତ ହେଉଛି। ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛତିଶଗଡ଼ ସରକାରଙ୍କୁ ବାରମ୍ବାର ପତ୍ର ଲେଖି ଜଳ ନିଷ୍କାସନ ପାଇଁ ଅନୁରୋଧ କରିଥିଲେ। ଏହାସହ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଯାହା ଫଳରେ ଏଥିପାଇଁ ଏକ ଟ୍ରିବ୍ୟୁନାଲ ଗଠନ କରାଯାଇଥିଲା। ମାତ୍ର ଏହି ଟ୍ରିବ୍ୟୁନାଲ ଏବେ ଦାନ୍ତ ଓ ନଖହୀନ ବାଘ ପରି ଆଚରଣ କରୁଛି। ଗତ ନିର୍ବାଚନରେ ମହାନଦୀ ଜଳ ସମସ୍ୟା ପଶ୍ଚିମ ଓଡ଼ିଶାରେ ଏକ ପ୍ରମୁଖ ପ୍ରସଙ୍ଗ ହୋଇଥିଲା। କେନ୍ଦ୍ର ସହିତ ରାଜ୍ୟରେ ବିଜେପି ସରକାର ଗଠନ ହେଲେ ଜଳ ସମସ୍ୟାର ସମାଧାନ ହୋଇପାରିବ ବୋଲି ବିଜେପି ନେତାମାନେ ପ୍ରଚାର କରିଥିଲେ। ଏବେ କେନ୍ଦ୍ର, ରାଜ୍ୟ ଓ ଛତିଶଗଡ଼ ସବୁଠି ବିଜେପି ସରକାର । ମାତ୍ର ମହାନଦୀ ପ୍ରସଙ୍ଗର ସମାଧାନ ହୋଇ ପାରୁନାହିଁ। ଛତିଶଗଡ଼ ସରକାର ପଛପଟୁ ବାରବାମ୍ବାର ଛୁରିକାଘାତ କରୁଥିଲେ ବି ଓଡ଼ିଶା ଏହାର ପ୍ରତିବାଦ କରିପାରୁନାହିଁ। ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ କହିଛନ୍ତି, ୨୦୦୪ ମସିହାରୁ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ପକ୍ଷରୁ ଛତିଶଗଡ଼ରେ ନଦୀବନ୍ଧ ଓ ବ୍ୟାରେଜ ନିର୍ମାଣକୁ ବିରୋଧ ଏବଂ ଚାଷ ପାଇଁ ଜଳ ସକାଶେ ଲଗାତାର ଲଢ଼େଇ ଜାରିରହିଛି। ୨୦୦୬ ମସିହାରେ ୨୦ କିଲୋମିଟରର ମାନବଶୃଙ୍ଖଳ, ୨୦୦୭ ମସିହାରେ ୩୦ ହଜାର ଲୋକଙ୍କୁ ନେଇ ଡ୍ୟାମ୍ ଉପରେ ବିରୋଧ ଏବଂ ଏହାପରେ ବିଧାୟକ ଓ ସାଂସଦମାନଙ୍କୁ ନେଇ ଆଲୋଚନା ଆଦି ବିଭିନ୍ନ ପର୍ଯ୍ୟାୟରେ ପ୍ରତିବାଦ ଆନ୍ଦୋଳନ ହୋଇଛି। ହୀରାକୁଦ ନଦୀବନ୍ଧରେ ସିଲଟେସନ ସାଙ୍ଗକୁ ଜଳସେଚନ କାହିଁକି ପିଇବା ପାଣି ମଧ୍ୟ ଆଗାମୀ ଦିନରେ ସମସ୍ୟା ହୋଇ ଉଭା ହେବ। ବର୍ତ୍ତମାନର ସ୍ଥିତି ଆବଶ୍ୟକତାଠାରୁ ବି ଅଧିକ ଗମ୍ଭୀର ହୋଇଛି। ଓଡ଼ିଶା ପାଇଁ ଏକ ବଡ଼ ସଂକଟ ଆସୁଛି। ଯୁଦ୍ଧକାଳୀନ ଭିତ୍ତିରେ ଉଭୟ ରାଜ୍ୟର ସରକାର ପଦକ୍ଷେପ ନେବା ଉଚିତ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ଜଷ୍ଟିସ ବର୍ମାଙ୍କ...

ନାହିଁ। ତାଙ୍କୁ ତୁରନ୍ତ ବରଖାସ୍ତ କରିବା ଲାଗି ସେମାନେ ଦାବି କରିଛନ୍ତି। ସେପଟେ ଜଷ୍ଟିସ ବର୍ମାଙ୍କ ଫୋନ କଲ୍ ଯାଞ୍ଚ ଆରମ୍ଭ ହୋଇଯାଇଛି। ତାଙ୍କ ଘରେ ମୁତୟନ ସୁରକ୍ଷା କର୍ମୀଙ୍କୁ ଦିଲ୍ଲୀ ପୁଲିସ ପଚରାଉଚରା ଆରମ୍ଭ କରିଛି।

ସୁପ୍ରିମ କୋର୍ଟ କଲେଜିୟମ୍ ପକ୍ଷରୁ ଆଜି ସୂଚନା ଦିଆଯାଇଛି ଯେ ଜଷ୍ଟିସ ବର୍ମାଙ୍କୁ ଆହ୍ଲାବାଦ ହାଇକୋର୍ଟ ବଦଳି ଲାଗି ସୁପାରିସ କରାଯାଇଛି। ଏହି ଖବର ପ୍ରଚାରିତ ହେବାମାତ୍ରେ ଆହ୍ଲାବାଦ ହାଇକୋର୍ଟ ବାର୍ ଆସୋସିଏସନ୍ ଏହାର ଜୋରଦାର ବିରୋଧ କରିଛି। ଆସୋସିଏସନ୍ ସଭାପତି ଅନିଲ ତିୱାରୀ କହିଛନ୍ତି ଯେ ଜଷ୍ଟିସ ବର୍ମାଙ୍କୁ ବିରୋଧ କରି ଆସନ୍ତାକାଲି ଠାରୁ ଓକିଲମାନେ ଧର୍ମଘଟ କରିବେ। ଆହ୍ଲାବାଦ ହାଇକୋର୍ଟ ଅଳିଆଗଦା ନୁହେଁ ଯେ ଏଠାରେ ଜଷ୍ଟିସ ବର୍ମାଙ୍କ ଭଳି ବିଚାରପତିଙ୍କୁ ରଖାଯିବ। ତାଙ୍କୁ ତୁରନ୍ତ ବରଖାସ୍ତ କରିବା ଲାଗି ପ୍ରଧାନ ବିଚାରପତି ଏବଂ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖାଯାଇଛି ବୋଲି ସେ କହିଛନ୍ତି। ଜଷ୍ଟିସ ବର୍ମା ଦେଇଥିବା ସମସ୍ତ ରାୟର ସମୀକ୍ଷା କରାଯାଉ ବୋଲି ବାର୍ ଦାବି କରିଛି। ଜଷ୍ଟିସ ବର୍ମାଙ୍କ ଘରୁ ମିଳିଥିବା ଟଙ୍କା ମାମଲାର ସିବିଆଇ କିମ୍ବା ଇଡି ଦ୍ୱାରା ଯାଞ୍ଚ ପାଇଁ ପ୍ରଧାନ ବିଚାରପତି ସୁପାରିସ କରନ୍ତୁ ବୋଲି ସେ ଦାବି କରିଛନ୍ତି। ଏଭଳି ମାମଲାରେ ରାଜନେତା ଓ ଅଫିସରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉଥିବା ବେଳେ ବିଚାରପତିଙ୍କ ବିରୋଧରେ କାହିଁକି ହୋଇପାରିବ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

ଇତିମଧ୍ୟରେ ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଦିଲ୍ଲୀ ପୁଲିସ ଜଷ୍ଟିସ ବର୍ମାଙ୍କର ମୋବାଇଲ ଫୋନ୍ କଲ୍ ଡିଟେଲ୍ସ ଯାଞ୍ଚ ଆରମ୍ଭ ହୋଇଛି। ଗତ ୬ ମାସ ମଧ୍ୟରେ ସେ କାହା କାହା ସହ କଥା ହୋଇଛନ୍ତି ତାହାର ଯାଞ୍ଚ କରାଯିବା ସହିତ ଇଣ୍ଟରନେଟ ପ୍ରୋଟୋକଲକୁ ମଧ୍ୟ ଯାଞ୍ଚ ପରିସରଭୁକ୍ତ କରାଯାଇଛି। ମୋବାଇଲ ଫୋନ୍‌କୁ ସୁରକ୍ଷିତ ରଖିବା ସହିତ ଏହାର କଲ୍ ଓ ଅନ୍ୟାନ୍ୟ ଡାଟା ନଷ୍ଟ ନକରିବା ଲାଗି ଜଷ୍ଟିସ ବର୍ମାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗତ ୬ ମାସ ମଧ୍ୟରେ ଜଷ୍ଟିସ ବର୍ମାଙ୍କ ଘରେ ମୁତୟନ ହୋଇଥିବା ସୁରକ୍ଷା କର୍ମୀ ଏବଂ ବିଚାରପତିଙ୍କ ସୁରକ୍ଷା ପାଇଁ ମୁତୟନ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀମାନଙ୍କ ସଂପର୍କରେ ରିପୋର୍ଟ ଦେବାଲାଗି ମଧ୍ୟ କୁହାଯାଇଛି।

## ଜିଦ୍‌ରେ ଅଟଳ...

ଓ ନାରୀ ନିର୍ଯ୍ୟାତନାକୁ ଧାରାବାହିକ ଭାବେ ପ୍ରସଙ୍ଗ କରି ଚାଲିଛି କଂଗ୍ରେସ୍।

ଆଜି ପୂର୍ବାହ୍ନରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ପରଲୋକରେ ଶୋକପ୍ରସ୍ତାବ ଆଗତ ହେବା ପରେ ଉଭୟ ବିଜେଡି ଏବଂ କଂଗ୍ରେସ୍ ସଦସ୍ୟମାନେ ଗୃହର ମଧ୍ୟ ଭାଗକୁ ଆସି ହଟ୍ଟଗୋଳ କରିଥିଲେ। ବିଜେଡି ସଦସ୍ୟମାନେ ପୋଷ୍ଟର ଧରି ସଂରକ୍ଷଣ ଦାବି ଉପସ୍ଥାପନ କରିଥିବା ବେଳେ କଂଗ୍ରେସ୍ ବିଧାୟକଗଣ ଘଣ୍ଟ, ଝାଞ୍ଜ ବାଡ଼େଇ ଗୃହ କମ୍ପାଇଥିଲେ। ଏହି ସମୟରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ କ'ଣ ଉତ୍ତର ରଖୁଥିଲେ, ତାହା ଶୁଣାଯାଉ ନ ଥିଲା। ଫଳରେ ଦୁଇଟି ପର୍ଯ୍ୟାୟରେ ଗୃହକୁ ମୁଲତବୀ ରଖିବା ପରେ ଶେଷରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହ ମୁଲତବୀ ରଖିଥିଲେ।

ଗୃହ ମୁଲତବୀ ହେବା ପରେ କଂଗ୍ରେସ୍ ସଦସ୍ୟମାନେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀ ତଳେ ଧାରଣା ଦେଇଥିବା ବେଳେ ବିଜେଡି ସଦସ୍ୟମାନେ ହାତରେ ପ୍ଲାକାର୍ଡ ଧରି ପ୍ରଥମେ ବାଚସ୍ପତି ଏବଂ ପରେ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠ ସମ୍ମୁଖରେ ନାରାବାଜି କରିଥିଲେ। ଏହା ପରେ ବିଜେଡି ସଦସ୍ୟମାନେ ମହାତ୍ମାଙ୍କ ପ୍ରତିମୂର୍ତ୍ତୀ ତଳେ ଧାରଣା ଦେଇଥିଲେ। ବିଜେଡି ବିଧାୟକ ଡ଼ ଅରୁଣ କୁମାର ସାହୁ କହିଛନ୍ତି, ଯାହାର ସଂଖ୍ୟା ଯେତେ ଅଧିକ, ତା'ର ଭାଗିଦାରୀ ସେତେ ଅଧିକ। ଏହି ନ୍ୟାୟରେ ଓବିସି ସଂରକ୍ଷଣ ପାଇଁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ଚିଠି ଲେଖିଥିଲେ। ରାଜ୍ୟରେ ନୂଆ ସରକାର ଆସିଲା; କିନ୍ତୁ ଜୁନ୍ ମାସରେ ନାମ ଲେଖା ସରିଗଲା। ସେହି ସମୟରେ ଏହା ଶିଶୁ ସରକାର ଥିଲା। ଏବେ ଶିଶୁ ସରକାରରୁ ଶୁଖୁଆ ସରକାର ହେଲେଣି, ତଥାପି କିଛି ଶିଖିଲେନି। ପୁଣି ଥରେ ନାମ ଲେଖା ହେଲାଣି, ହେଲେ ସଂରକ୍ଷଣ ଲାଗୁ ହୋଇପାରିଲା ନାହିଁ। ନିଯୁକ୍ତି କ୍ଷେତ୍ରରେ ବି ଓବିସିଙ୍କୁ ଅଣଦେଖା କରାଗଲା। ଏସ୍‌ସି/ ଏସ୍‌ଟିଙ୍କୁ ଧାର୍ଯ୍ୟ ସୀମାର ଅଧା ସଂରକ୍ଷଣ ମିଳୁଥିବା ବେଳେ ଓବିସିଙ୍କୁ କିଛି ନାହିଁ। ଶିକ୍ଷା କ୍ଷେତ୍ରରେ ତଣ୍ଟି ଚିପିଦେଲେ, ଏବେ ନିଯୁକ୍ତି କ୍ଷେତ୍ରରେ ଆସିବ କେଉଁଠୁ? ପୋଲିଓ ଗୋଡ଼ରେ ସୁସ୍ଥ ଯୁବକ ଠିଆ ହେବ କେମିତି? ଯାହାର ଯେତିକି ଅଧିକାର ତାକୁ ସେତିକି ଦିଆଯାଉ। ଏହା ବିରୋଧରେ ବିଧାନସଭା ଭିତରେ ଓ ବାହାରେ ଲଢ଼େଇ ହେବ ବୋଲି ଡ଼ ସାହୁ କହିଛନ୍ତି।

ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ସମ୍ବିଧାନର ଧାରା ୧୫ ଓ ୧୬ରେ ପର୍ଯ୍ୟାପ୍ତ ସଂରକ୍ଷଣ ପାଇଁ ପ୍ରାବଧାନ ଅଛି। କିନ୍ତୁ ଓଡ଼ିଶାରେ ତାହା ଦିଆଯାଉ ନାହିଁ। ଓଡ଼ିଶାରେ ୪୦% ଆଦିବାସୀ ଓ ହରିଜନ ଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓବିସି ମାନଙ୍କୁ ୨୭% ସଂରକ୍ଷଣ ଦେଉଥିଲେ। ମୋଟାମୋଟି ଭାବେ ଓଡ଼ିଶାରେ ୭୬% ସଂରକ୍ଷଣ ଦିଆଯାଉଥିଲା। ତେବେ ହରପ୍ରିୟ ଦାସ ବନାମ ରାଜ୍ୟ ସରକାର ମାମଲାର ରାୟ ଆସିବା ପରେ ଓବିସିଙ୍କ ଶିକ୍ଷା ଓ ନିଯୁକ୍ତିରେ ସଂରକ୍ଷଣକୁ ୧୧.୨୫%କୁ ଖସାଇ ଦିଆଗଲା। ଭୌଗୋଳିକ ସ୍ଥିତି ଅନୁସାରେ ୯୪% ଏସ୍‌ଟି, ଏସ୍‌ସି, ଓବିସି ଓ ଅଳ୍ପ ସଂଖ୍ୟକ ଅଛନ୍ତି। ଏପରିସ୍ଥଳେ ସଂରକ୍ଷଣକୁ ୫୦% ମଧ୍ୟରେ କାହିଁକି ସୀମିତ ରଖାଯାଉଛି। ପଛୁଆ ବର୍ଗଙ୍କୁ ୨୭% ଦେବାରେ ସମସ୍ୟା କେଉଁଠି? ସରକାର ସବ୍‌କା ସାଥ୍ ସବ୍‌କା ବିକାଶ କଥା କହୁଛନ୍ତି। ଅଧିକ ସଂରକ୍ଷଣ ଦେବା ପାଇଁ ବିଧାନସଭାରେ ସଂକଳ୍ପ ପାରିତ ହେଉ। ଆଗାମୀ ଜନଗଣନାରେ ସରକାର ଜାତିଭିତ୍ତିକ ଗଣନା କରାନ୍ତୁ, ତେବେ ଯାଇ ଚିତ୍ର ସ୍ପଷ୍ଟ ହୋଇପାରିବ। ଲୋକଙ୍କ ସରକାର କହି କ୍ଷମତାକୁ ଆସିଛନ୍ତି, ଲୋକଙ୍କୁ ସାମାଜିକ ନ୍ୟାୟ ଦିଅନ୍ତୁ। ଆଦିବାସୀ, ଦଳିତ ତଥା ପଛୁଆ ବର୍ଗଙ୍କ ଅଧିକାର ପାଇଁ ବିଜେଡି ଲଢ଼େଇ ଜାରି ରଖିବ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। ବିଜେଡିର ଅନ୍ୟତମ ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି, ବର୍ତ୍ତମାନ ଏସ୍‌ଟି/ଏସ୍‌ସିଙ୍କ ସଂଖ୍ୟା ୪୯.୯୮% ଥିବାବେଳେ ୩୮.୭% ସଂରକ୍ଷଣ ମିଳୁଛି। ଶିକ୍ଷା କ୍ଷେତ୍ରରେ ଓବିସିଙ୍କ ପାଇଁ ଆଦୌ ସଂରକ୍ଷଣ ନଥିବା ବେଳେ ଚାକିରୀ କ୍ଷେତ୍ରରେ ମାତ୍ର ୧୧.୨୫% ଦିଆଯାଉଛି। ଏହାକୁ ବିଚାର କରିବା କ'ଣ ସରକାରଙ୍କ ଦାୟିତ୍ୱ ନୁହେଁ? ସେଥିପାଇଁ ଏହି ଲଢ଼େଇ ଚାଲିଛି ବୋଲି ସେ କହିଥିଲେ।

## ବଢ଼ିଲା ସାଂସଦଙ୍କ...

ମୁଦ୍ରାସ୍ଫୀତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି। ଦରମା ଏବଂ ପେନସନର ଏହି ବର୍ଦ୍ଧିତ ହାର ୧ ଏପ୍ରିଲ୍ ୨୦୨୩ ରୁ ଲାଗୁ ହେବ । ଉଲ୍ଲେଖଯୋଗ୍ୟ ଯେ ସାଂସଦମାନଙ୍କୁ ମାସିକ ଦରମା ବ୍ୟତୀତ ନିର୍ବାଚନମଣ୍ଡଳୀ ଗସ୍ତ ଭତ୍ତା ବାବଦରେ ୭୦ ହଜାର ଟଙ୍କା ଓ ଅଫିସ ପରିଚାଳନା ବ୍ୟୟ ବାବଦରେ ୬୦ ହଜାର ଟଙ୍କା ମିଳିଥାଏ। ସେମାନଙ୍କ ଦରମା ଉପରେ କୌଣସି ଟିକସ ମଧ୍ୟ ଲାଗୁ ହୁଏ ନାହିଁ। ଦରମା ଏବଂ ଭତ୍ତା ବ୍ୟତୀତ ସାଂସଦମାନଙ୍କ ପରିବାର ସଦସ୍ୟଙ୍କ ପାଇଁ ମଧ୍ୟ ଅନେକ ସୁବିଧା ମିଳିଥାଏ।

## ବଢ଼ିବନି ବିଜୁଳି...

ସେମାନଙ୍କୁ ୟୁନିଟ ପିଛା ୨୦ ପଇସା ରିଆତି ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ରାଜ୍ୟର ବିଦ୍ୟୁତ୍ ବିତରକ କମ୍ପାନୀମାନଙ୍କୁ ନିଜର ବୈଷୟିକ ଏବଂ ବାଣିଜ୍ୟିକ(ଏଟ୍ ଆଣ୍ଡ ସି) କ୍ଷତିକୁ କମାଇବାକୁ ଏକ ଲକ୍ଷ୍ୟ ପ୍ରଦାନ କରାଯାଇଥିଲା। ଯାହାକୁ ବିତରକ କମ୍ପାନୀମାନେ ୧ ପ୍ରତିଶତ ହ୍ରାସ କରିପାରିଛନ୍ତି। ଚଳିତ ବର୍ଷ ଏହି ବିତରଣ ଓ ପରିବହନ କ୍ଷତି ୧୮.୭୯ ରୁ ୧୭.୩୩ ପ୍ରତିଶତକୁ ହ୍ରାସ ପାଇଛି। ଗ୍ରୀଡ୍‌କୋ ପାଖରେ ରହିଥିବା ବଳକା ବିଦ୍ୟୁତ୍‌କୁ ଟ୍ରେଡିଂ କରି ଅନ୍ୟ ବ୍ୟୟ ଭରଣା କରାଯିବ। ବିଜୁଳି କ୍ରୟ ଖର୍ଚ୍ଚ ବୃଦ୍ଧି ଓ ବିତରକ କମ୍ପାନୀଗୁଡ଼ିକର ଖର୍ଚ୍ଚ ବୃଦ୍ଧି ସତ୍ତ୍ୱେ ବିତରକ କମ୍ପାନୀ ଏବଂ ଗ୍ରୀଡ୍‌କୋର ଏହି କ୍ଷମତାକୁ ଉପଯୋଗ କରାଯାଇ ଚଳିତ ଥର ବିଜୁଳି ଦରକୁ ଅପରିବର୍ତ୍ତିତ ରଖାଯାଇଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

## ଆଜିଠୁ ବଢ଼ିବ...

ଅନ୍ୟପଟେ ରାଜ୍ୟରେ ଗ୍ରୀଷ୍ମପ୍ରବାହକୁ ଆଖି ଆଗରେ ରଖି ଆଲର୍ଟ ହୋଇଛି ସ୍ୱାସ୍ଥ୍ୟ ବିଭାଗ। ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବା ସହ ପ୍ରସ୍ତୁତ ରହିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି ଯେ, ପ୍ରତ୍ୟେକ ହସ୍ପିଟାଲରେ ଡେଡିକେଟେଡ୍ ବେଡ୍ ସହ କୁଲିଙ୍ଗ ବ୍ୟବସ୍ଥା ରଖାଯାଇଛି। ଲୋକଙ୍କ ପାଇଁ ସ୍ୱତନ୍ତ୍ର ଆଡଭାଇଜରି ଜାରି ହୋଇଛି। ଟାଣ ଖରାରେ ବାହାରକୁ ନ ବାହାରିବାକୁ ପରାମର୍ଶ ଦିଆଯାଇଥିବା ବେଳେ ବାହାରକୁ ଗଲେ ମୁଣ୍ଡରେ ଓଦା ଗାମୁଛା ପକାଇବା ସହ ପ୍ରଚୁର ପାଣି ପିଇବା, ସାଙ୍ଗରେ ଛତା ନେବାକୁ ପରାମର୍ଶ ଦିଆଯାଇଛି। ରୋଗୀ ଲୋକ ଖରାରେ ନ ବହାରିବାକୁ ପରାମର୍ଶ ଦିଆଯାଇଛି। ବାହାରେ କାମ କରୁଥିଲେ ଅଂଶୁଘାତର କିଛି ଲକ୍ଷଣ ଦେଖାଦେଲେ ତୁରନ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଛାଇକୁ ଆଣି ଥଣ୍ଡା ପାଣିରେ ପୋଛିବା ସହ ପାଣି ପିଇବାକୁ ଦେଇ ତୁରନ୍ତ ହସ୍ପିଟାଲ ଆଣିବାକୁ ପରାମର୍ଶ ଦିଆଯାଇଛି। ଏବର୍ଷ ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଆକଳନକୁ ଆଖି ଆଗରେ ରଖି ସ୍ୱାସ୍ଥ୍ୟ ବିଭାଗର କଡା ନଜର ରହିଛି। ଇଣ୍ଟିଗ୍ରେଟେଡ୍ ହେଲଥ ରେସପନ୍ସ ସିଷ୍ଟମରେ ସବୁ ବ୍ଲକରେ ରାପିଡ ଆକ୍ସନ ଟିମ ପ୍ରସ୍ତୁତ ଅଛନ୍ତି। ଆବଶ୍ୟକ ପଡ଼ିଲେ ଏହି ଟିମ ବିଭିନ୍ନ ସ୍ଥାନକୁ ଯିବ। ଏହାକୁ ମନିଟର କରାଯାଉଛି। ଏହାସହିତ ବିଭିନ୍ନ ସ୍ଥାନରେ ଅସୁରକ୍ଷିତ ଭାବେ ଜଳଛତ୍ର ଖୋଲାଯାଉଥିବାରୁ ଜଳଛତ୍ରରେ ସ୍ୱଚ୍ଛ ପାନୀୟ ଜଳ ରଖି ପିଇବାକୁ ଦେବାକୁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି।

## କମିସନରେଟ୍ ପଞ୍ଝାରେ...

ପ୍ରେମଜାଲରେ ଛନ୍ଦିବା, ପୁଲିସ୍ ନାଁରେ ଦାଦାପାଟିଙ୍କଠାରୁ ବଟି ଆଦାୟ କରିବା ଭଳି ବିଭିନ୍ନ କୌଶଳ ତାକୁ ଜଣା। ତେଣୁ ତା' ଲମ୍ବା ଅପରାଧୀ ପେଡ଼ି ଖୋଲିବାକୁ ପୁଲିସ୍ ତାକୁ ରିମାଣ୍ଡରେ ଆଣିବାକୁ ଯୋଜନା କରିଛି।

ସୂଚନାନୁଯାୟୀ, ଗତରାତିରେ ସହିଦନଗର ଥାନା ଅଧୀନ ଆଇଡିବିଆଇ ଛକରେ ପୁଲିସ ପକ୍ଷରୁ ନାକାବନ୍ଦୀ କରାଯାଇଥିଲା। ଏହି ସମୟରେ ନୀଳ ରଙ୍ଗର ଏକ କାର୍‌କୁ ପୁଲିସ ଅଟକାଇଥିଲା। କାର୍ ଆଗରେ ପୁଲିସର ଏକ ସାଇନ୍‌ବୋର୍ଡ ଥିବା ବେଳେ ପୁଲିସ୍ ଟୋପି ରଖାଯାଇଥିଲା। ଯାଞ୍ଚ କରୁଥିବା ପୁଲିସ କର୍ମଚାରୀ ଗାଡ଼ିରେ ଥିବା ବ୍ୟକ୍ତିଙ୍କୁ ପରିଚୟପତ୍ର ମାଗିବାରୁ ଗାଡ଼ିରେ ବସିଥିବା ମାନସ ଗମ୍ଭୀରସ୍ୱରରେ ନିଜକୁ ଡିଏସପି ଓ କାର୍ ଚଳାଉଥିବା ଆଶିଷ ନିଜକୁ କନଷ୍ଟେବଳ ବୋଲି କହିଥିଲା। କିନ୍ତୁ, କଥାବାର୍ତ୍ତାରେ ସନ୍ଦେହ ହେବାରୁ ଯାଞ୍ଚ କରୁଥିବା ଅଧିକାରୀ ସେମାନଙ୍କୁ ପରିଚୟପତ୍ର ମାଗିଥିଲେ। ପରିଚୟପତ୍ରରେ ମାନସ ଭଦ୍ରକ ପୁଲିସର ସବ୍-ଇନ୍ସପେକ୍ଟର ବୋଲି ଦର୍ଶାଯାଇଥିଲା। ଫଳରେ ପୁଲିସ କର୍ମଚାରୀଙ୍କ ସନ୍ଦେହ ଆହୁରି ବଢ଼ିଥିଲା। ତେଣୁ ସେମାନେ ମାନସକୁ ଗାଡ଼ିରୁ ବାହାରିବାକୁ କହିଥିଲେ। ଏଥିରେ ରାଗିଯାଇ ମାନସ ସେମାନଙ୍କୁ ନାଲି ଆଖି ଦେଖାଇଥିଲେ। ଏମିତିକି ଯାଞ୍ଚ କରୁଥିବା ପୁଲିସକୁ ଚାକିରିରୁ ବିଦା କରିବା ସହ ରାଜଧାନୀରୁ ମାଓପ୍ରବଣ ଜିଲ୍ଲାକୁ ବଦଳି କରିଦେବ ବୋଲି ଧମକାଇଥିଲା। କିନ୍ତୁ ଯାଞ୍ଚ କରୁଥିବା ଅଧିକାରୀମାନେ ଦୁହିଁଙ୍କୁ ଜୋରଜବରଦସ୍ତ ଗାଡ଼ିରୁ ବାହାର କରିବ ଯାଞ୍ଚ କରିବାରୁ ସେମାନଙ୍କ ପ୍ରକୃତ ପରିଚୟ ଜଣାପଡ଼ିଥିଲା। ପରେ ପୁଲିସ୍ ଉକ୍ତ ଗାଡ଼ିକୁ ଯାଞ୍ଚ କରି ସେଥିରୁ ନକଲି ଷ୍ଟାମ୍ପ, ପରିଚୟ ପତ୍ର, ବିଭିନ୍ନ ପୁଲିସ ପୋଷାକରେ ଥିବା ଫଟୋ, ପୁଲିସ ୟୁନିଫର୍ମ ଓ ନିଯୁକ୍ତିପତ୍ର ଜବତ କରିଥିଲା। ଏହା ଦେଖି ପୁଲିସ ତାଜୁବ୍ ହେବା ସହ ସେମାନଙ୍କୁ ଥାନାକୁ ନେଇଯାଇଥିଲା। ପରେ ପୁଲିସ୍ ମାନସକୁ ପଚରାଉଚରା କରି ମଧୁସୂଦନନଗରରେ ରହୁଥିବା ତା' ଭଡ଼ା ଘରେ ଚଢ଼ଉ କରି ବିଡ଼ାବିଡ଼ା ୫୦୦ଟଙ୍କିଆ ଜାଲ ନୋଟ୍ ଜବତ କରିଥିଲା। ସେଠାରୁ ପ୍ରିଣ୍ଟର, ଲାପଟପ ଓ ନୋଟ୍ ପ୍ରସ୍ତୁତ ସାମଗ୍ରୀ ମଧ୍ୟ ଜବତ ହୋଇଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, ପୂର୍ବରୁ ରଣପୁର ଥାନାରେ ଠକେଇ ମାମଲାରେ ମାନସ ଗିରଫ ହୋଇ ଜେଲ୍ ଯାଇଥିଲା। ସେଠାରୁ ଜାମିନ୍‌ରେ ମୁକୁଳି ନିଜକୁ ପୁଲିସର ପରିଚୟପତ୍ର ଦେଇ ନିଯୁକ୍ତି ଆଳରେ ଠକେଇ କରୁଥିଲା। ନିଜକୁ ପୁଲିସ ଅଧିକାରୀ କହୁଥିବାରୁ ନକଲି ନୋଟ୍‌ର କାରବାର ବି ଚଳାଇଥିଲା। ପୁଲିସ ପୋଷାକରେ ବଟି ମାଗିବା, ଲୋକଙ୍କ ଭୟଭୀତ କରିବା ଓ ନକଲି ନୋଟ୍ ଛାପି ଚାଲାଣ କରୁଥିଲା। ଏନେଇ ପୁଲିସ କମିସନର ସୁରେଶ ଦେବଦତ୍ତ ସିଂହ କହିଛନ୍ତି, ନିଜକୁ ଡିଏସପି କହି ସେ ବିଭିନ୍ନ ଠକେଇରେ ସମ୍ପୃକ୍ତ ଥିଲେ। ସେମାନଙ୍କଠାରୁ ନକଲି ନୋଟ୍ ଜବତ ହୋଇଛି। ଏପରି ଏକ ଢାଞ୍ଚାରେ ଛପା ଯାଇଛି, ଯାହାକୁ ସହଜରେ ଅସଲି କିମ୍ବା ନକଲି ଜାଣିହେବ ନାହିଁ। ତେଣୁ ଅଲଗା ମାମଲା ରୁଜୁ ହୋଇଛି। କେଉଁଠୁ କିପରି ଜାଲ ନୋଟ୍ କାରବାର କରୁଥିଲେ, ସେନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଯାଞ୍ଚ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ୭ ଭଉଣୀଙ୍କ...

ପାଟଣାଗଡ଼ ଥାନା ଖଲିଆ ଗାଁରେ ଗତ ୧୬ ତାରିଖ ଦିନ ରୋହିତ ସୁନା ଓ ସ୍ତ୍ରୀ ସୌଭାଗିନୀ ସୁନାଙ୍କ ଘରେ ବାହାଘର ହୋଇଥିଲା। ବାହାଘରରେ ବନ୍ଧୁବାନ୍ଧବଙ୍କ ସହ ସୌଭାଗିନୀଙ୍କ ସାତ ଭଉଣୀ ଓ ସେମାନଙ୍କ ପରିବାରବର୍ଗ ଯୋଗ ଦେଇଥିଲେ। ବାହାଘର ସରିବା ପରେ ବନ୍ଧୁବାନ୍ଧବଙ୍କ ସହ ସାତ ଭଉଣୀ ଯାକ ତାଙ୍କ ପରିବାର ବର୍ଗଙ୍କ ସହ ନିଜ ନିଜ ଘରକୁ ଫେରିଯାଇଥିଲେ। ତେବେ, ପରେ ବଡ଼ଭଉଣୀ ସୌଭାଗିନୀ ତାଙ୍କ ଘରୁ ବାହାଘର ସମୟରେ ପାଞ୍ଚ ଲକ୍ଷ ଟଙ୍କା ଚୋରି ହୋଇଥିବା ଅଭିଯୋଗ କରିଥିଲେ। ସାତ ଭଉଣୀଙ୍କ ମଧ୍ୟରେ କେହି ଜଣେ ଟଙ୍କା ଚୋରି କରିଥିବା ସନ୍ଦେହ କରି ସମସ୍ତଙ୍କୁ ଡକାଇଥିଲେ। ସୌଭାଗିନୀ ନଖ ଦର୍ପଣର ଆଶ୍ରୟ ନେଇ ଚୋର ଧରିବାକୁ ଚେଷ୍ଟା କରିଥିଲେ। ପରେ ସେମାନେ ସମସ୍ତଙ୍କୁ ପାଟଣାଗଡ଼ ଦଶମତି ମନ୍ଦିରକୁ ଡାକିଥିଲେ। ସେଠାରେ ପୂଜାବିଧି ପରେ ଉପସ୍ଥିତ ଥିବା ସାତ ଭଉଣୀଙ୍କ ପରିବାରବର୍ଗ, ଏପରିକି ସେମାନଙ୍କ ନାବାଳକ ପୁଅ ଝିଅଙ୍କୁ ମଧ୍ୟ ରାଣ ପକାଇବା ସହ ପୂଜା ଚାଉଳ ଖୁଆଇଥିଲେ। ପରେ ସାନ ଭଉଣୀ ସୁକାନ୍ତୀ କୁମ୍ଭାର ଓ ସ୍ୱାମୀ କୌସ୍ତୁଭ କୁମ୍ଭାର ଏନେଇ ପାଟଣାଗଡ଼ ଥାନାରେ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଏ ବିଷୟରେ ପାଟଣାଗଡ଼ ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟାଙ୍କୁ ପଚାରିବାରୁ ଅଭିଯୋଗ ପତ୍ର ଆସିଛି ତଦନ୍ତ ଜାରି ରହିଛି ବୋଲି କହିଥିଲେ।


**ତହସିଲ୍ କାର୍ଯ୍ୟାଳୟ, ଗଣିଆ**

E-

**ସର୍ବସାଧାରଣ ନୋଟିସ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗଣିଆ ତହସିଲ୍ କାର୍ଯ୍ୟାଳୟ ଅଧିନସ୍ଥ ରାଜସ୍ୱ ନିରିକ୍ଷକ କାର୍ଯ୍ୟାଳୟ ଛାମୁଣ୍ଡିଆରୁ ଏକ ଖଜଣା ପାଉତି ବହି ନଂ - ୫୧/୪୬ (କ୍ର. ନଂ. ୩୮୭୩୧୦୧ ରୁ ୩୮୭୩୧୫୦) କୌଣସି ବସତଃ ହଜି ଯାଇଅଛି। ଏହି ପରିପ୍ରେକ୍ଷୀରେ ଉକ୍ତ ହଜି ଯାଇଥିବା ଖଜଣା ପାଉତି କୁ ଅସିଦ୍ଧ ଘୋଷଣା କରାଯିବା ସହିତ ଏହି ଖଜଣା ପାଉତି କୌଣସି ବ୍ୟକ୍ତି ବିଶେଷ କୌଣସି କାର୍ଯ୍ୟରେ ବିନିଯୋଗ କରିବା ନଗରକୁ ଆସିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

OIPR - 24106/11/0001/2425 — ସ୍ୱା - ତହସିଲଦାର, ଗଣିଆ



NOTIFIED AREA COUNCIL
BELLAGUNTHA- 761119
(GANJAM)
Phone No. 06821 258244
Sri Banamali Satapathy (OAS)
Executive Officer

ବିଜ୍ଞାପିତ ଅଞ୍ଚଳ ପରିଷଦ
ବେଲଗୁଣ୍ଠା-୭୬୧୧୧୯ (ଗଞ୍ଜାମ)
ଦୂରଭାଷ: ୦୬୮୨୧-୨୫୮୨୪୪
ଶ୍ରୀ ବନମାଳୀ ଶତପଥି (ଓ.ପ୍ର.ସେ)
କାର୍ଯ୍ୟନିର୍ବାହୀ ଅଧିକାରୀ

E-Mail. ID: eonacbellaguntha@gmail.com

L. No. 412// — Date.: 24.03.2025

**TENDER CALL NOTICE**

**C-1969:** Urgent sealed tenders in the prescribed schedule In conformity with details item wise tender are Invited from the registered Contractors /farms/ Agencies for the work as noted below. The details of Tender schedule can be purchased from the office of the Executive Officer, NAC Bellaguntha during the office hours of the working days from 24.03.2025. 10.00 AM, to Dtd- 02.04.2025 at 05.00 PM. Tender schedule along with relevant documents duly filled in will be received in the NAC Office in a sealed cover upto 03.00 PM on 03.04.2025 and will be opened in the office of the Executive Officer, NAC Bellaguntha at 04.00PM on the same day I.e. 03.04.2025. If possible, in the presence of the Tenderer or their Authorized representatives who may be present at the time of opening. Tender with unpledged EMD and those received beyond schedule date and as well as conditional tender shall be automatically rejected. Any other Information relating to the tender can be had from the office of the under signed during the office working days and working hours. The authority reserves the right to reject any or all the tenders without assigning any reason thereof.

| Sl. No | Name of the Work | Estimated Cost (in Rs) | EMD (In RS) | Cost of Tender Paper (In Rs) | Time of completion of the work |
|---|---|---|---|---|---|
| 01 | Renovation of Public toilet at Bellaguntha Bus Stand in Ward No-5 of Bellaguntha NAC | 1,99,600/- | 1996/- | Rs.2,000/- | One Month |

OIPR - 13113/11/0024/2425 — Sd/- Executive Officer, NAC, Bellaguntha



**QUOTATION NOTICE**

I Sealed Quotation is invited from reputed firms/ authorised dealers/ vendors for supply and installation of desktop, Printer, LED, Camera etc. Quotations should be submitted by **02.04.2025**. For more details about specification of these items contact to the **Principal Kalinga Degree College, Manada.**

Principal-cum-Secretary
Kalinga Degree College, Manada, Bisoi, Mayurbhanj
kalingadegreecollegemanada1@gmail.com



St. Francis Xavier's High School
Palasuni, Bhubaneswar
(Managed By- Abhimanyu Samantaray Welfare Society)
**TEACHERS REQUIRED**

**MONTESSORI TEACHER-** Graduate /Post Graduate with NTT and/or B.Ed. must be child centric with good Eng. Communication and phonic skills.

**TRAINED GRADUATE TEACHERS (TGT) - SST/ ENG/ HINDI/ ODIA/ SCI/ MATHS/ COMP-** Graduate / Post Graduate with B.Ed., CTET, OTET qualified with Proficiency in Eng Communication.

# Interested Candidates can apply to us within one week of this advertisement. First Come First serve basis. **Email us your resume and credentials at – st.francisxavierpalasuni@gmail.com**

Phone no -9777653003, (0674)-2371191* plot no.423/615, Brahmeswar Lane-3, Canal Road, Palasuni, Rasulgarh, Bhubaneswar, Odisha-7541010* sfxh.in* stfrancisxavierpalasuni@gmail.com



St. Francis Xavier's High School
Palasuni, Bhubaneswar
(Managed By- Abhimanyu Samantaray Welfare Society)
Phone no -9777653003, (0674)-2371191* plot no.423/615, Brahmeswar Lane-3, Canal Road, Palasuni, Rasulgarh, Bhubaneswar, Odisha-7541010* sfxh.in* stfrancisxavierpalasuni@gmail.com

We are glad to announce that the admissions are now open for the academic session 2025-26. Our school admits students belonging to the poor, disabled, weaker and disadvantaged section in the entry level class against 25% quota under the Right to free and compulsory Education (RTE) Act. The Registration Form is available in School office between 8 am to 1 pm on all working days. The child must have completed 6 to 7 years for Std I and 3 to 4 Years for nursery as on 01.09.2025.The last date of submission of duly filled in form is 29.03.2025, Saturday along with photo copy of (Birth Certificate, Aadhar card of child and Parents), 3 passport Size Photos. The Disadvantaged Group and Weaker Section candidates are required to register on the https://www.rteparadarshi.odisha.gov.in/odisha.

Admission form found incomplete in any respect and without proper eligibility documents is liable to be rejected.

Asutosh Samantaray (Director)
Bandana Mohapatra(Principal)



**AFFIDAVIT**

I, Prangya Mohapatra, D/o- Chaturbhuja Panda, residing At- Dolamundai, Near Honda Showroom, Madhupatana, PO- Telenga Bazar, Dist- Cuttack, Odisha declare by this Affidavit No. 598, dtd. 08/03/2025 that now onwards I shall be known as **PRANGYA PANDA** for all future purposes.

**AFFIDAVIT**

By Virtue of an affidavit Sl. No.- 2110, dtd 21.03.2025 in the court of the Executive Magistrate, Umerkote, Dist :- Nabarangpur, I, Gunusity Tejeswar Rao have changed my Son's name from G. Ritik to Gunusity Rithwik. Henceforth my son will be Known as Gunusity Rithwik instead of **G.Ritik** for all purposes.
**Sd/- Gunusity Tejeswar Rao**

**AFFIDAVIT**

I, Prasanna Kumar Badajena, S/o- Natabara Badajena, resident of At- Madanpur, Po- Madanpur, Bhubaneswar, Pin- 752054, Dist- Khurda, Odisha declare by this affidavit No. 269, dated- 22/03/2025 that now onwards I shall be known as **PRASAN KUMAR BADAJENA** for all future purposes.

**AFFIDAVIT**

By Virtue of an affidavit in the court of the Executive Magistrate and Addl Tahasildar, Basta, Dist :- Balasore Sl no - 797 on Dt: 21.03.2025, I Akshay Kumar Behera have changed my minor Son's name from Prabhat Behera to Pravat Kumar Behera. Henceforth he will be Known as **Pravat Kumar Behera** for all purposes.
**Sd/- Akshay Kumar Behera**

**AFFIDAVIT**

By Virtue of an affidavit sl.no.- 2111, dtd 21.03.2025 in the Court of the Executive Magistrate, Umerkote, Dist :- Nabarangpur, I Gunusity Tejeswar Rao have changed my Son's name from G.Kaisik to Gunusity Kaushik. Henceforth my son will be known as Gunusity Kaushik instead of **G. Kaisik** for all purposes.
**Sd/- Gunusity Tejeswar Rao**

**AFFIDAVIT**

I, Arovind Mohanty, S/o- Alekha Chandra Mohanty, resident of Misra Colony, Medical Road, Mangalabag, Cuttack Sadar, Pin-753001, Dist- Cuttack, Odisha declare by this affidavit No- 270, dated- 22/03/2025 that now onwards I shall be known as **ARVIND MOHANTY** for all future purposes.

**AFFIDAVIT**

I, Nitin Gurjar, S/o Gurjar Panjabrao Rajaramji, resident of A402, Krishna Enclave, Sarbahal, Po/Ps- Jharsuguda, Odisha, Pin- 768201 declare by this affidavit No. 09, dtd-19/03/2025 that now onward, I shall be known as **Nitin Panjabrao Gurjar** for all future purpose

**AFFIDAVIT**

I, Riddhee, D/o- Nitin Panjabrao Gurjar, resident of A402, Krishna Enclave, Sarbahal, Po/Ps- Jharsuguda, Odisha, Pin- 768201 declare by this affidavit No. 09, dtd- 19/03/2025 that now onward, I shall be known as **Riddhee Nitin Gurjar** for all future purposes.

**NAME CHANGE**

**I, Lipika Priyadarshani,** aged about 30 yrs, W/o.: Anshuman Prasad Rath, residingt At: Flat No.: G-07, Block-B1, Hi-Tech Plaza, Sundarpada, Bhubaneswar, Dist.: Khordha, Odisha, PIN-751002, have changed my name to **Lipika Rath** for all future purposes.

**AFFIDAVIT**

I, Himanshi Sharma, D/O SanjayKumar Sharma, At-Kathagada Sahi, PO- Buxi Bazaar, Dist-Cuttack hereby declare by this Affidavit Sl. no. 3417 Dated 11/03/2025 that now onwards my father shall be known as Sanjay Kumar Sharma for all future purposes.
Sd/-
Himanshi Sharma

**AFFIDAVIT**

By Virtue of an affidavit, dtd 21.03.2025 before the Notary Public, Pattamundai, Dist :- Kendrapara, I, Gautam Kumar Kunda have changed my minor daughter's name from Payal to Payal Kunda. Henceforth she will be known as **Payal Kunda** for all purposes.
**Sd/- Gautam Kumar Kunda**

**AFFIDAVIT**

By virtue of an affidavit Sl. No. 398, dtd. 19.3.2025 before the Notary Public, Umerkote, Dist.- Nabarangpur, I, Ranadi Samarath have changed my name from Randei Bhatra / Ranadi Bhatra to Ranadi Samarath. Henceforth I shall be known as **Ranadi Samarath** for all purposes.
**Sd/- Ranadi Samarath**

**AFFIDAVIT**

**I, Kalpana Subudhi,** W/o.: Nilakantha Subudhi, Resident of At: Nahaka, Vyasanagar, Jajpur Road, Dist.: Jajpur, Odisha, PIN-755019, declare by this affidavit No.: 19462, dated-25/11/2024, that now onwards I shall be known as **KALPANA PATRA** for all future purposes

**AFFIDAVIT**

By virtue of an affidavit Sworn before Executive Magistrate, Cuttack Sadar dated 21.03.2025, I Reena Rani Swain, Address Plot No. - 192/C/3, Shreema Vihar, Chauliaganj, Cuttack Sadar, Nayabazar, Cuttack, Odisha - 753004, declare that I have changed my name from Reena Swain to Reena Rani Swain. Henceforth, I Shall be known as **Reena Rani Swain** for all purposes.
**Sd/- Reena Rani Swain**

# ସମ୍ପାଦକୀୟ



ଦୁଃସ୍ଥିତିରୁ ସମଗ୍ର ମାନବ ସମାଜକୁ ଉଦ୍ଧାର କରିବା ପାଇଁ ପ୍ରେମ ହିଁ ଏକମାତ୍ର ବାଟ।
-ଲିଓ ଟଲଷ୍ଟୟ

ସକାଳ
THE SAKALA

## ଶସ୍ତା-ମହଙ୍ଗା ଭେଳିକି

ସମଗ୍ର ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ବଳବତ୍ତର ରହିଥିବା ବେଳେ ଆମ ଦେଶରେ ପରିଲକ୍ଷିତ କିଛି ସକାରାତ୍ମକ ଦିଗକୁ ନେଇ କିଛି ଅର୍ଥନୀତି ବିଶାରଦ ସମ୍ଭାବନାର ଅଙ୍କ କଷିବା ଆରମ୍ଭ କରି ଦେଇଛନ୍ତି। ଗତ ସପ୍ତାହରେ କାରବାରକୁ ଲକ୍ଷ୍ୟକଲେ ମନେ ହେଉଛି ପୁଞ୍ଜିବଜାର ସ୍ଥିତି ସୁଧାରିବା ଆରମ୍ଭ କରିଛି। ଫେବୃଆରୀ ମାସରେ ଖାଉଟି ମୁଦ୍ରାସ୍ଫୀତି ହାର ୩.୬ ପ୍ରତିଶତକୁ ହ୍ରାସ ପାଇବା ମଧ୍ୟ ଆଶ୍ୱସ୍ତିର ବିଷୟ। ଏହି ଧାରା ଆଗକୁ ବଳବତ୍ତର ରହିଲେ ଜିଡିପି ବା ଅର୍ଥନୈତିକ ଅଭିବୃଦ୍ଧି ହାର ବୃଦ୍ଧିରେ ସହାୟକ ହେବ ବୋଲି ମନେ କରାଯାଇଛି। ଏସବୁ ସତ୍ତ୍ୱେ ଅର୍ଥନୀତି ଉପରୁ ବିପଦର କଳାବାଦଲ ଯେ ସମ୍ପୂର୍ଣ୍ଣ ଭାବେ ହଟି ଯାଇଛି, ଏକଥା କୁହାଯାଇ ନପାରେ। ଏପ୍ରିଲ ୨ତାରିଖ ଯେତିକି ନିକଟତର ହେଉଛି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକପୂର୍ଣ୍ଣ ଶୁଳ୍କକୁ ନେଇ ସେତିକି ଆତଙ୍କ ଓ ଅବିଶ୍ୱାସର ବାତାବରଣ ଘନୀଭୂତ ହେଉଛି। ତେଣୁ ଆଜିର ଅନୁକୂଳ ପରିସ୍ଥିତି ଯେ କାଲିକୁ ପ୍ରତିକୂଳ ସ୍ଥିତି ନ ଉପୁଜାଇବ ଏକଥା କେହି ଜୋରଦେଇ କହିପାରିବେନି। ଏକପକ୍ଷରେ ୟୁରୋପୀୟ ରାଷ୍ଟ୍ରସଂଘ ଏକଜୁଟ ହେଉଥିବା ବେଳେ ପରସ୍ପର ବିରୋଧୀ ଏସୀୟରାଷ୍ଟ୍ର ମଧ୍ୟରେ ବୁଝାମଣା ଆରମ୍ଭ ହୋଇଛି। ଚୀନ୍, କୋରିଆ ଓ ଜାପାନ ପରିସ୍ଥିତିର ସମ୍ମୁଖୀନ ହେବା ସକାଶେ ମିଳିତ ନିଷ୍ପତ୍ତି ନେବାକୁ ସ୍ଥିର କରିଥିବା ଘଟଣାରୁ ସ୍ପଷ୍ଟ ହୋଇଛି ଯେ ଆଗ ସ୍ଥିତିରକ୍ଷା, ପରେ ଶତ୍ରୁତା। ଆମେ କିନ୍ତୁ କୂଟନୈତିକ ସ୍ତରରେ ଏ ପର୍ଯ୍ୟନ୍ତ କୌଣସି ସହଯୋଗୀଙ୍କ ସହ ବିଚାରବିମର୍ଶ ଆରମ୍ଭ କରିନାହୁଁ। ବରଂ ଆମେରିକା ସହ ଏକକ ବୁଝାମଣା ମାଧ୍ୟମରେ ଆମେ ସାଲିସ କରିବାକୁ ପ୍ରସ୍ତୁତ ଥିବା ଭଳି ମନେ ହେଉଛି।

ପୁଞ୍ଜି ବଜାରରେ ପରିଲକ୍ଷିତ କାରବାର ପଛରେ ବୈଦେଶିକ ଆନୁଷ୍ଠାନିକ ପୁଞ୍ଜି ନିବେଶ(ଏଫ୍ଆଇଆଇ)ର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସେୟାର କ୍ରୟ କରି ଗତିଶୀଳତାକୁ ଏକ ବିଶ୍ୱସ୍ତରୀୟ ସ୍ଥିତିରେ ପହଞ୍ଚାଇବା ସେମାନଙ୍କ ଲକ୍ଷ୍ୟ। ଯେତେଦୂର ମନେହୁଏ ଝଡ଼ ଆସିବା ପୂର୍ବରୁ ସେୟାର ବିକ୍ରି କରି ଫାଇଦା ହାସଲ କରିବା ଲକ୍ଷ୍ୟରେ ସେମାନେ ଯୋଜନାବଦ୍ଧ ପଦକ୍ଷେପ ଗ୍ରହଣ କରିଛନ୍ତି। ଫଟକା ବଜାରର ଲାଭ-କ୍ଷତିର ଗଣିତ ଭିତରେ ଏବେ ୪ ପ୍ରତିଶତ କାରବାର ବୃଦ୍ଧିକୁ ନେଇ ହଠାତ୍ କିଛି ଆଶା କରିବା ଠିକ୍ ହେବ ନାହିଁ। ଅନ୍ୟ ଦିଗଟି ହେଲା ମୁଦ୍ରାସ୍ଫୀତି ଏକ ନମନୀୟ ସ୍ତରରେ ପହଞ୍ଚିଛି। ରିଜର୍ଭବ୍ୟାଙ୍କ ମୁଦ୍ରା ପ୍ରଚଳନକୁ କ୍ରମାଗତ ଭାବେ ନିୟନ୍ତ୍ରଣ କରି ମୂଲ୍ୟବୃଦ୍ଧି ନିୟନ୍ତ୍ରଣ ଦିଗରେ ଯେଉଁ ପ୍ରୟାସ କରିଥିଲେ, ତାହାର ସୁଫଳ ମିଳିଛି ଏକଥା ନୁହେଁ। ଅନୁକୂଳ ପାଣିପାଗ ଯୋଗୁଁ କୃଷି ଉତ୍ପାଦନ, ବିଶେଷକରି ପନିପରିବା, ଚାହିଦାଠାରୁ ଅଧିକ ବଜାରରେ ଉପଲବ୍ଧ ହେବାରୁ ଶସ୍ତା ହୋଇଛି। ତେଣୁ ଖାଉଟି ମୁଦ୍ରାସ୍ଫୀତି ହାର କିଛିଟା ହ୍ରାସ ପାଇଛି। ଖାଉଟି ଶସ୍ତାରେ ପାଉଥିବା ବେଳେ ଚାଷୀ ଉତ୍ପାଦନ ଖର୍ଚ୍ଚ ନ ପାଇ ଅଧିକ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି। ସେ ଯାହାହେଉ ରିଜର୍ଭବ୍ୟାଙ୍କ ଖାଉଟି ମୁଦ୍ରାସ୍ଫୀତି ହାର ୪ ପ୍ରତିଶତରେ ସୀମିତ ରଖିବା ସକାଶେ ଯେଉଁ କଟକଣା ରଖିଥିଲେ, ତାହାଠାରୁ କମ୍ ଅର୍ଥାତ ୩.୬ ପ୍ରତିଶତକୁ ହ୍ରାସ ପାଇଛି। ଏହା କିନ୍ତୁ ଋତୁକାଳୀନ ଫସଲ ଅମଳର ପ୍ରଭାବ। ଏହା ଆଗକୁ କେତେଦୂର ବଳବତ୍ତର ରହିବ, ସେ ନେଇ ସନ୍ଦେହ ଉଠିବା ସ୍ୱାଭାବିକ। ଖାଦ୍ୟ ସାମଗ୍ରୀ କହିଲେ କେବଳ ପନିପରିବାକୁ ବୁଝାଏ ନାହିଁ। ତେଲ, ଗହମ ଓ ଗହମଜାତ ଦ୍ରବ୍ୟ ଓ ଡାଲିର ବର୍ଦ୍ଧିତ ମୂଲ୍ୟ ଏବେ ମଧ୍ୟ ଅପରିବର୍ତ୍ତିତ ରହିଛି। ସେହିଭଳି ବିସ୍କୁଟ, କେକ୍ ଓ ମଇଦାରୁ ପ୍ରସ୍ତୁତ ଅନ୍ୟାନ୍ୟ ସାମଗ୍ରୀ ମୂଲ୍ୟ ବଢ଼ିଛି ଏବଂ ଆଗକୁ ଆହୁରି ବଢ଼ିବାର ସଙ୍କେତ ମିଳୁଛି। ଦୈନନ୍ଦିନ ବ୍ୟବହାର ଉପଯୋଗୀ ଏହି ସାମଗ୍ରୀ ଉପରେ ମୁଦ୍ରାସ୍ଫୀତି ହ୍ରାସର କୌଣସି ପ୍ରଭାବ ପଡ଼ିନାହିଁ।

ଏହି ଅଙ୍କକଷା ପଛରେ ବ୍ୟାଙ୍କ ସୁଧହାର ହ୍ରାସ ନିର୍ଭର କରୁଥିବାରୁ ଉଭୟ ସରକାର ଓ ରିଜର୍ଭବ୍ୟାଙ୍କ ଚାପରେ ଥିଲେ। ପୂର୍ବତନ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ସମସ୍ତ ଚାପ ସତ୍ତ୍ୱେ ମୁଦ୍ରା ପ୍ରଚଳନକୁ ନିୟନ୍ତ୍ରଣରେ ରଖିଥିଲେ। ତେଣୁ ରେପୋରେଟ୍ କ୍ରମାଗତ ଭାବେ ଦୀର୍ଘଦିନ ଧରି ହ୍ରାସ ପାଇ ନ ଥିଲା। ସରକାରଙ୍କ ପକ୍ଷରୁ ଘନ ଘନ ଚାପ ସତ୍ତ୍ୱେ ଖାଦ୍ୟଦ୍ରବ୍ୟର ମୁଦ୍ରାସ୍ଫୀତି ହାର ୪ ପ୍ରତିଶତକୁ ହ୍ରାସ ନ ପାଇବା ପର୍ଯ୍ୟନ୍ତ ସେ ସୁଧହାର ହ୍ରାସ କରିନଥିଲେ। ପରବର୍ତ୍ତୀ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଦୁଇମାସ ତଳେ ରେପୋ ରେଟ୍ ୬.୫ ପ୍ରତିଶତରୁ ୬.୨୫କୁ ହ୍ରାସ କରିଥିଲେ। ମୁଦ୍ରାନୀତି ନିର୍ଦ୍ଧାରଣ କମିଟି ବୈଠକର ଏହି ନିଷ୍ପତ୍ତିକୁ ସେତେବେଳେ ସମୟର ଆବଶ୍ୟକତା ବୋଲି କୁହାଗଲା। ଅଥଚ ସେତେବେଳେ ଖାଉଟି ମୁଦ୍ରାସ୍ଫୀତି ହାର ୪.୩ ପ୍ରତିଶତ ଥିଲା। ଆଗାମୀ କମିଟି ବୈଠକରେ ସୁଧହାର ଅଧିକ ହ୍ରାସ କରିବା ସକାଶେ ପଥ ପରିଷ୍କାର କରାଯାଇଥିବା ଭଳି ମନେହୁଏ। ସରକାରୀ ପରିସଂଖ୍ୟାନରେ ଦର୍ଶାଯାଇଛି ଯେ ଖାଦ୍ୟଦ୍ରବ୍ୟରେ ପରିଲକ୍ଷିତ ମୁଦ୍ରାସ୍ଫୀତି ହାର ୩.୭୫ ପ୍ରତିଶତ ୨୦୨୩ ମେ' ପରଠାରୁ ସର୍ବନିମ୍ନ ସ୍ଥିର। ଗତ ଅକ୍ଟୋବର ମାସରେ ଏହି ହାର ୧୦ ପ୍ରତିଶତ ଅତିକ୍ରମ କରିଯାଇଥିଲା।

ଏବେ ଯେଉଁ ଖାଉଟି ମୁଦ୍ରାସ୍ଫୀତି ହାର ହ୍ରାସ ସମ୍ପର୍କରେ ପରିସଂଖ୍ୟାନରେ ଦର୍ଶାଯାଉଛି, ତାହାର ପ୍ରଭାବ ଅନେକାଂଶରେ ପରିଲକ୍ଷିତ ହେଉନାହିଁ। ଅମଳ ଋତୁ ସତ୍ତ୍ୱେ ଆଳୁ ଓ ପିଆଜ ମୂଲ୍ୟ କମିବା ପରିବର୍ତ୍ତେ ବଢ଼ିଚାଲିଛି। ଆମ ବଜାରରେ ଆଳୁ (୩ କିଲୋପ୍ରତି) ଧଡ଼ା ୬୦ ଟଙ୍କା ଓ ପିଆଜ ଧଡ଼ା ୯୦ ଟଙ୍କା। ପରିସଂଖ୍ୟାନ କହେଁ ଯେ ପିଆଜର ବାର୍ଷିକ ଦରବୃଦ୍ଧି ହାର ୩୦.୪ ପ୍ରତିଶତ ହୋଇଥିବା ବେଳେ ଆଳୁରେ ଏହା ୨୬.୪ ପ୍ରତିଶତ। ଏହି ପରିବା ଉପରେ ସବୁଠାରୁ ଅଧିକ ଚାପ ବା ଚାହିଦା ଥିଲେ ମଧ୍ୟ ତାହାର ମୂଲ୍ୟକୁ ନିୟନ୍ତ୍ରଣ କରାଯାଇପାରୁନାହିଁ। ସେହିଭଳି ସମସ୍ତ ପ୍ରକାରର ଡାଲି ମୂଲ୍ୟ କ୍ରମାଗତ ଭାବେ ବଢ଼ିଚାଲିଛି। ରିଫାଇନ୍ ଓ ସୋରିଷ ତେଲ ମୂଲ୍ୟ ୨୦ ରୁ ୨୨ ପ୍ରତିଶତ ବଢ଼ିଛି। ଗହମ ଓ ଗହମଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳତା ସବୁଠାରୁ ଅଧିକ ହୋଇଥିବାରୁ ତାହାର ମୂଲ୍ୟ ଗତ ଫେବୃଆରୀରେ ୯ ରୁ ୧୦ ପ୍ରତିଶତ ବଢ଼ିଛି। ଖରିଫ ଓ ରବି ଋତୁର କୃଷି ଉତ୍ପାଦନ ବୃଦ୍ଧି ନେଇ କୃଷି ବିଶେଷଜ୍ଞ ଆଶାବାଦୀ। ଉତ୍ପାଦନ କେବେ ବୃଦ୍ଧି ପାଇବ, ତାହାର ଆକଳନ ଏଠାରେ ଉଲ୍ଲେଖ କରିବାର କୌଣସି ଯଥାର୍ଥତା ନାହିଁ। କାରଣ ସବୁବର୍ଷ ସରକାର ଲକ୍ଷ୍ୟ ଧାର୍ଯ୍ୟ କରି ଆଶାର ଫସଲ ବୁଣନ୍ତି। କିନ୍ତୁ କାର୍ଯ୍ୟରେ ତାହା ପୂରଣ ହୋଇପାରେନି ଓ ଖାଉଟିଙ୍କ ଦୁଃଖ ଘୁଞ୍ଚେନି।

ଏତେ ସବୁ ତର୍ଜମାର ଉଦ୍ଦେଶ୍ୟ ହେଲା ଆଗକୁ କିଭଳି ସୁଧହାର ହ୍ରାସ ପାଇବ। ଦୀର୍ଘ ସମୟ ଧରି ବର୍ଦ୍ଧିତ ସୁଧହାର ଯୋଗୁଁ ନିବେଶ ବାଧାପ୍ରାପ୍ତ ହେଉଥିବା ସରକାର ଦର୍ଶାଇ ଆସିଛନ୍ତି। ଋଣ ପ୍ରଦାନ ଓ ପରିଶୋଧ କ୍ଷେତ୍ରରେ ସରକାର ଦୋହରା ନୀତି ଅବଲମ୍ବନ କରିଆସୁଥିବା ବେଳେ ବଜାର ଅବସ୍ଥାରେ ପରିଲକ୍ଷିତ ଶିଥିଳତା ପ୍ରେକ୍ଷାପଟ୍ଟରେ ନିବେଶ ପ୍ରତି ସେଭଳି ସ୍ୱତନ୍ତ୍ର ଆଗ୍ରହ ପରିଲକ୍ଷିତ ହେଉନି। କେବଳ ଏତିକି କୁହାଯାଇପାରେ କି ବାସଗୃହ, ଗାଡ଼ିମୋଟର ଓ ଅନ୍ୟାନ୍ୟ ସୌଖୀନ ସାମଗ୍ରୀ କ୍ରୟ କ୍ଷେତ୍ରରେ ଏହି ସୁଧହାର ସହାୟକ ହେବ। ଉଚ୍ଚ ମଧ୍ୟବିତ୍ତଙ୍କ ମାଧ୍ୟମରେ ବଜାର ଅର୍ଥନୀତିକୁ ସକ୍ରିୟ କରିବାରେ ଏହା ସହାୟକ ହୋଇପାରେ।

## 'ବେରବୋଇ'ର ରାଜନୈତିକ ସନ୍ଦେଶ

**ପ୍ରହ୍ଲାଦ କୁମାର ସିଂହ**

'ଭବିଷ୍ୟତ ବଂଶଧରମାନେ ହୁଏତ ବିଶ୍ୱାସ କରିବେ ନାହିଁ ଯେ ଏପରି ଜଣେ ଲୋକ ରକ୍ତ, ମାଂସର ଦେହ ଧରି ପୃଥିବୀରେ ବିଚରଣ କରୁଥିଲେ'- ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କରେ ୧୯୩୯ରେ ବିଶ୍ୱବିଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କର ଏହି ବକ୍ତବ୍ୟ ସଦା ପ୍ରାସଙ୍ଗିକ। ଏବେ ପଞ୍ଚାୟତରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ରାଜନୀତି କରୁଥିବା ନେତା ଓ ସଂଖ୍ୟାଧିକ ପଦାଧିକାରୀଙ୍କ ଥାଟବାଟକୁ ଦେଖିଲେ ବର୍ତ୍ତମାନର ପିଢ଼ି ହୁଏତ ବିଶ୍ୱାସ କରିବେ ନାହିଁ ଯେ ୬୯ ବର୍ଷ ବୟସ୍କ ଗାନ୍ଧିଜୀଙ୍କ ସମେତ ସ୍ୱାଧୀନତା ଆନ୍ଦୋଳନର ଅଗ୍ରଗଣ୍ୟ ନେତାମାନେ ପୁରୀ ଜିଲ୍ଲାର ଡେଲାଙ୍ଗ ନିକଟବର୍ତ୍ତୀ ବେରବୋଇ ଗାଁ ଗହିରରେ ପତ୍ରକୁଡ଼ିଆରେ ମାର୍ଚ୍ଚ ମାସର ମୁଣ୍ଡଫଟା ଖରା ଓ ପ୍ରଚଣ୍ଡ ଗୁଳୁଗୁଳିରେ ବିନା ବିଜୁଳିରେ ମାଟି ମା' କୋଳରେ ସପ୍ତାହେ କାଟି ଦେଶ ଗଠନର ନକ୍ସା ଆଙ୍କୁଥିଲେ ବୋଲି। 'ଛୋଟ ମୋର ଗାଁଟି/ଭୂଗୋଳ ପୋଥି ପତରେ ପଛେ ନଥାଉ ତା'ର ନାଆଁଟି'- କାଳଜୟୀ କବି ସଚ୍ଚି ରାଉତରାୟଙ୍କ ମର୍ମସ୍ପର୍ଶୀ ଏହି କବିତାର ପଂକ୍ତି ବାସ୍ତବରେ ବେରବୋଇ ଗାଁ ପ୍ରତି ପ୍ରଯୁଜ୍ୟ। ଭୂଗୋଳ ବହିରେ ସିନା ବେରବୋଇ ଗାଁର ନାଁ ନାହିଁ, କିନ୍ତୁ ଇତିହାସ ପୃଷ୍ଠାରେ କାଳକାଳ ପାଇଁ ଏହି ଗାଁର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥିବ।

୧୯୩୮ ମସିହା ମାର୍ଚ୍ଚ ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ ବେରବୋଇ ଗାଁରେ ଚାଲିଥିଲା ଗାନ୍ଧୀ ସେବାସଂଘର ସପ୍ତାହବ୍ୟାପୀ ଐତିହାସିକ ବୈଠକ। ଏଥିରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଡ. ରାଜେନ୍ଦ୍ର ପ୍ରସାଦ, ଆଚାର୍ଯ୍ୟ ଜେ.ବି କୃପାଲିନୀ, ମୌଲାନା ଅବୁଲ କାଲାମ୍ ଆଜାଦ, ଡା. ପ୍ରଫୁଲ୍ଲ ଚନ୍ଦ୍ର ଘୋଷ, ଯମୁନାଲାଲ ବଜାଜ୍, ଗୋବିନ୍ଦ ବଲ୍ଲଭ ପନ୍ଥ, ଆନାସାହେବ ସହସ୍ରବୁଦ୍ଧେ , କିଶୋରଲାଲ ମସ୍ରୁୱାଲା, ହୃଦୟନାଥ କୁଞ୍ଜରୁ, ମହାଦେବ ଦେଶାଇ, ପ୍ୟାରେଲାଲ, ଆର୍.ଆର୍ ଦିବାକର, କ୍ଷିତୀଶ୍ ରାୟ ଚୌଧୁରୀ, କାକା କାଲେଲ୍‌କରଙ୍କ ସମେତ ଦେଶର ଅଧିକାଂଶ ଅଗ୍ରଗଣ୍ୟ ନେତା ଯୋଗ ଦେଇଥିଲେ। ଗାନ୍ଧିଜୀଙ୍କ ଜୀବନସାଥୀ କସ୍ତୁରବା, ପୁଅ ମଣିଲାଲ, ବୋହୂ ଶୁଶୀଳା, ନାତି ଅରୁଣ ବି ଏହି ସମାବେଶରେ ସାମିଲ ହୋଇଥିଲେ। ଏହି ଅବସରରେ ଲକ୍ଷାଧିକ ଲୋକ ସୁଯୋଗ ପାଇଥିଲେ ଗାନ୍ଧିଜୀ ଓ ତାଙ୍କ ସତୀର୍ଥମାନଙ୍କ ସାମୂହିକ ଦର୍ଶନର।

ସ୍ୱାଧୀନୋତ୍ତର ଭାରତବର୍ଷରେ ତ୍ୟାଗ ପରିବର୍ତ୍ତେ ଭୋଗ ଓ ସେବା ନ କରି ନେବା ସଂଖ୍ୟାଧିକ ରାଜନେତାଙ୍କ ଭୂଷଣ ହୋଇଛି। ଏମାନଙ୍କ ରହଣି, ସୁରକ୍ଷା ଓ ଯାତାୟତ ଲାଗି ସ୍ଥଳବିଶେଷରେ ବିମାନ, ହେଲିକପ୍ଟରଠାରୁ କାର୍‌କେଡ୍‌ରେ ଡଜନ୍ ଡଜନ୍ ଦାମୀ ଗାଡ଼ି ଦେଖିବାକୁ ମିଳେ। ଏହାଛଡ଼ା ଆଭିଜାତ୍ୟ ସୁରକ୍ଷା ଲାଗି ଶହଶହ ପୁଲିସ ନିୟୋଜିତ ହେବା ସଙ୍ଗେ ସଙ୍ଗେ ନେତାମାନଙ୍କ ରହଣି ଲାଗି ରାଜଭବନରୁ ସରକାରୀ ଅତିଥିଭବନ ଓ ତାରକା ହୋଟେଲମାନଙ୍କରେ ବ୍ୟବସ୍ଥା ହୁଏ। ବର୍ତ୍ତମାନର ନେତାମାନଙ୍କ ଭୋଜନ ଓ ଜଳପାନ ଲାଗି ବି ବହୁ କିସମର ନାମୀଦାମୀ ଖାଦ୍ୟ ପରସା ଯାଏ। କିନ୍ତୁ ମହାମାନବ ମହାତ୍ମା ଗାନ୍ଧୀ ଓ ତାଙ୍କ ଅନୁଗାମୀ ସେ ସମୟର ସଂଗ୍ରାମୀମାନଙ୍କ କଥା ନିଆରା। ୧୯୩୮ ମସିହା ବେଳକୁ ବେରବୋଇ ପାଇଁ ବିଜୁଳି ଆଲୁଅ ନ ଥିଲା। ମାର୍ଚ୍ଚ ମାସର ଗୁଳୁଗୁଳି ଓ ଖରାରେ ଏହି ଜାତୀୟ ନେତାମାନଙ୍କର ରହଣି ଲାଗି ବେରବୋଇ ଗାଁ ଗହିରରେ ବାଉଁଶ ଖୁଣ୍ଟି ପୋତି ତିଆରି କରାଯାଇଥିଲା ପ୍ରାୟ ୪୦୦ କୁଡ଼ିଆ। ସମ୍ମିଳନୀ ପାଇଁ ଲୋକେ ଗାଁ ଗହିରରେ ଥିବା ନିଜନିଜ ଜମିରୁ ହିଡ଼ ଉଠାଇ ସମତୁଲ କରିଦେଇଥିଲେ। ଅସ୍ଥାୟୀ ପାଇଖାନା ବ୍ୟବହାର କରିବା ସହିତ ଗାନ୍ଧୀ, କସ୍ତୂରବା, ପଟେଲ, ପ୍ରସାଦ, ଆଜାଦ୍‌ଙ୍କ ସମେତ ନେତାମାନେ ସ୍ନାନ କରୁଥିଲେ ବେରବୋଇ ଗାଁର ବ୍ରହ୍ମେଶ୍ୱର ପୁଷ୍କରିଣୀରେ। ସମ୍ମିଳନୀ ସ୍ଥଳର ୧୦ ମାଇଲ୍ ଅଞ୍ଚଳ ମଧ୍ୟରେ ଉତ୍ପାଦିତ ଖାଦ୍ୟଶସ୍ୟ, ନଡ଼ିଆ, ପଇଡ଼, ଦୁଗ୍ଧ, ଘିଅ, ପନିପରିବା ବ୍ୟବହାର କରି ପରସା ଯାଉଥିଲା ସମ୍ପୂର୍ଣ୍ଣ ଓଡ଼ିଆ ଖାଦ୍ୟ। ଭୂମି ଉପରେ ବସି କଦଳୀ ପତ୍ରରେ ଏହି ନେତାମାନେ କରୁଥିଲେ ପଂକ୍ତି ଭୋଜନ।

ଏହି ସମ୍ମିଳନୀର ମୁଖ୍ୟ ଉଦ୍ୟୋକ୍ତା ଥିଲେ ପଣ୍ଡିତ କୃପାସିନ୍ଧୁ ହୋତା, ଗୋପବନ୍ଧୁ ଚୌଧୁରୀ, ଆଚାର୍ଯ୍ୟ ହରିହର, ମା' ରମାଦେବୀ ପ୍ରମୁଖ। ସେତେବେଳର ଓଡ଼ିଶାର ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ, ଅନ୍ୟତମ ମନ୍ତ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋଙ୍କ ସମେତ ଅଧିକାଂଶ ବିଧାୟକ ଓ ଟାଣୁଆ ନେତା ଏଠି ସ୍ୱେଚ୍ଛାସେବକ ଭାବେ ନିୟୋଜିତ ହୋଇଥିଲେ। ଲିଙ୍ଗରାଜ ମିଶ୍ର, ରାଧାନାଥ ରଥ, ବିନୋଦ କାନୁନ୍‌ଗୋ, ରାଜକୃଷ୍ଣ ବୋଷ, ହରେକୃଷ୍ଣ ମହତାବ, ମନମୋହନ ଚୌଧୁରୀ, ମଦନମୋହନ ସାହୁ, ଅନ୍ନପୂର୍ଣ୍ଣା ମହାରଣା, ସୁନାମଣି ଦେବୀ, କିରଣଲେଖା ମହାନ୍ତି, ଗୋଦାବରୀ ଦେବୀ, ସତ୍ୟବାଦୀ ନନ୍ଦ, ଗୁଣନିଧି ମହାନ୍ତି, ବିଶ୍ୱନାଥ ପଟ୍ଟନାୟକ, କଣ୍ଡୁରି ଚରଣ ନାୟକ, ବୈକୁଣ୍ଠନାଥ ମହାନ୍ତିଙ୍କ ଭଳି ଉତ୍କଳର କୃତି ସନ୍ତାନମାନେ ଏହି ସମ୍ମିଳନୀରେ ଶ୍ରମଦାନ କରିଥିଲେ। ସର୍ଦ୍ଦାର ବଲ୍ଲଭଭାଇ ପଟେଲ ତ୍ରିରଙ୍ଗା ଝଣ୍ଡା ଉଡ଼ାଇ ଏହି ସମ୍ମିଳନୀ ୧୯୩୮ ମାର୍ଚ୍ଚ ୨୫ରେ ଉଦ୍‌ଘାଟନ କରିବା ପରେ ଗାନ୍ଧିଜୀ ଏକ କୃଷି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀର ଶୁଭାରମ୍ଭ କରିଥିଲେ। ବେରବୋଇରେ ଉତ୍କଳବାସୀ ଯେଭଳି ଚମତ୍କାର କୃଷି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ କରିଛନ୍ତି ସେଥିରୁ ସେମାନେ ନିଜ ରାଜ୍ୟକୁ ସମୃଦ୍ଧ କରିବା ପାଇଁ ସମର୍ଥ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିବା ସେ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ।

ଏଠି ୭ ଦିନ ଧରି ଘମାଘୋଟ ଚର୍ଚ୍ଚା ଚାଲିଥିଲା ଦେଶର ସ୍ୱାଧୀନତା ଆନ୍ଦୋଳନ, ଆର୍ଥିକ ବିକାଶ, ଦରିଦ୍ରତମ ଲୋକଙ୍କ ଉତ୍‌ଥାନ, ଅସ୍ପୃଶ୍ୟତା ନିବାରଣ, ନିଶା ନିବାରଣ, ସାମ୍ପ୍ରଦାୟିକ ସଦ୍‌ଭାବ, ନାରୀ ଜାଗରଣ, ଖଦିର ପ୍ରସାର, କୁଟୀର ଶିଳ୍ପର ବିକାଶ, ମୌଳିକ ଶିକ୍ଷା, ସବୁହାତକୁ କାମ, ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, କୃଷି, ଗୋ-ପାଳନ, ଗ୍ରାମୋତ୍‌ଥାନ, ସ୍ୱଦେଶୀ, ସ୍ୱାବଲମ୍ବନ, ରଚନାତ୍ମକ କାର୍ଯ୍ୟକ୍ରମ ଆଦି ବିଭିନ୍ନ ପ୍ରସଙ୍ଗରେ। ଏଇ ନିପଟ ମଫସଲ ଗାଁକୁ ସେତେବେଳେ ଦେଶବିଦେଶର ଅଗ୍ରଣୀ ସାମ୍ବାଦିକମାନଙ୍କ ସୁଅ ଛୁଟିଥିଲା ସମ୍ମିଳନୀର ବିବରଣୀ ସହିତ ଗାନ୍ଧିଜୀଙ୍କ ସ୍ୱତନ୍ତ୍ର ସାକ୍ଷାତକାରମାନ ପ୍ରକାଶ କରିବାକୁ।

ବେରବୋଇ ଗାଁର ଯେଉଁ ସ୍ଥାନରେ ଗାନ୍ଧିଜୀଙ୍କ ପତ୍ର କୁଡ଼ିଆ ଥିଲା ସେଠି ଏବେ ରହିଛି ତାଙ୍କ ପ୍ରତିମୂର୍ତ୍ତି। ଏହିଠାରେ ପରେ ମୌଳିକ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା ଯାହା ପରବର୍ତ୍ତୀ ସମୟରେ ସରକାରୀ ହାଇସ୍କୁଲର ରୂପ ନେଇଛି। ଏଇଠି କୃପାସିନ୍ଧୁ ହୋତା ପ୍ରତିଷ୍ଠା କରିଥିଲେ ସେବାକୁଟୀର। ପରବର୍ତ୍ତୀ ସମୟରେ ୧୯୪୨ ଆନ୍ଦୋଳନ କାଳରେ ଏହାକୁ ସରକାରୀ କଳ ପୋଡ଼ି ଦେଇଥିଲା। ସେଠି ଏବେ ଚାଲିଛି କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟର ମାତୃମଙ୍ଗଳ କେନ୍ଦ୍ର ଓ ବାଲବାଡ଼ି। ଏହି ସମ୍ମିଳନୀ ସମୟରେ ଭୁଲ୍ ବୁଝାମଣାବଶତଃ କସ୍ତୂରବା କିଛି ସହକର୍ମୀଙ୍କ ସହିତ ପୁରୀ ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ। ଏହି ଘଟଣାରେ ମର୍ମାହତ ହୋଇ ସତ୍ୟାଗ୍ରହୀ ଗାନ୍ଧୀ ବେରବୋଇରେ ବି ମୌନ-ଉପବାସ କରିଥିଲେ। ଏହି ସମୟରେ ପାରଳା ମହାରାଜା ଗାନ୍ଧିଜୀଙ୍କୁ ସାକ୍ଷାତ କରିବାକୁ ଆସିଥିଲେ। ବେରବୋଇ ଗାଁରେ ଅନୁଷ୍ଠିତ ସମ୍ମିଳନୀରେ ବି ମୃତ୍ୟୁଦଣ୍ଡ ଉଚ୍ଛେଦ ପାଇଁ ଗାନ୍ଧିଜୀଙ୍କ ପରାମର୍ଶକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏବେ ଯେଉଁ ସ୍ୱଚ୍ଛ ଭାରତ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି ତାହାର ନାରା ବି ଏଇଠି ନିଜେ ଗାନ୍ଧିଜୀ ଦେଇଥିଲେ। 'ସ୍ୱଚ୍ଛତା ଯେଉଁଠି, ଈଶ୍ୱର ସେଇଠି' ବୋଲି ଉଲ୍ଲେଖ କରି ନିଜ ଅନ୍ତରର ସ୍ୱଚ୍ଛତା ସହିତ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଦେଶକୁ ସ୍ୱଚ୍ଛ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ଏମିତି ବହୁ ଘଟଣାର ମୂକସାକ୍ଷୀ ବେରବୋଇ ଗାଁ ଗହିର।

ସ୍ୱାଧୀନତା ପରେ ଆଚାର୍ଯ୍ୟ ହରିହର ଥରେ ବେରବୋଇରେ କହିଥିଲେ, 'ଏ ମାଟିରେ ଗାନ୍ଧିଜୀଙ୍କ ଚିନ୍ତାଧାରାର ମଞ୍ଜି ବୁଣାଯାଇଛି। ପାଣି ଦେଉଥିଲେ ଦିନେ ସେଥିରୁ ଚାରା ବାହାରି ମହାଦ୍ରୁମ ହୋଇପାରେ।' ଆଜି ଆମ ରାଜ୍ୟ ଓ ଦେଶ ଯେଉଁ ବିଷାକ୍ତ ପରିବେଶ ଓ ସମୟ ଦେଇ ଗତି କରୁଛି ସେଥିରୁ ତା'କୁ ଉଦ୍ଧାର କରିବା ଲାଗି ଆଚାର୍ଯ୍ୟ ମହାଶୟଙ୍କ କଳ୍ପିତ ମହାଦ୍ରୁମକୁ ଖୋଜା ଚାଲିଛି। ଏ ପରିପ୍ରେକ୍ଷୀରେ ଯେଉଁ ସ୍ୱାଧୀନତା ପାଇଁ ଗାନ୍ଧିଜୀଙ୍କ ନେତୃତ୍ୱରେ ଲଢ଼େଇ ହୋଇଥିଲା ତା'ର ସ୍ୱରୂପ ଆଜି କ'ଣ ତାହା ସମୀକ୍ଷା କରିବାର ବେଳ ଆସିଛି। ଭଗତ୍ ସିଂହ, ଲକ୍ଷ୍ମଣ ନାୟକ, ବାଘାଯତୀନ୍, ରଘୁ ଦିବାକରଙ୍କ ଭଳି ଯେଉଁ ହଜାର ହଜାର ସଂଗ୍ରାମୀ ଦେଶ ମାତୃକା ପାଇଁ ସହିଦ ହେଲେ; ଇରମ୍, ଆମ୍‌କୋ ସିମ୍‌କୋ, ଖଇରାଡିହି, ତୁଡ଼ିଗଡ଼ିଆ, ଲୁଣିଆ, ତାଥିଲି, ପାପଡ଼ାହାଣ୍ଡି, କାଇପଡ଼ା, ନିମାପଡ଼ା ଆଦି ସ୍ଥାନରେ ଯେଉଁ ସଂଗ୍ରାମୀମାନେ ବ୍ରିଟିଶ୍ ଫୌଜର ଗୁଳି ଆଗରେ ଛାତି ପତାଇ ଦେଲେ; ବାଜି ରାଉତ ଭଳି ବୀର ଶିଶୁମାନେ ବଳିଦାନର କୀର୍ତ୍ତିସ୍ତମ୍ଭ ସ୍ଥାପନ କଲେ; ଲକ୍ଷ ଲକ୍ଷ ଦେଶପ୍ରେମୀ ଜେଲ୍ ବରଣ କଲେ। ସେମାନଙ୍କ ତ୍ୟାଗ ଓ ତପସ୍ୟାର ଯଜ୍ଞବେଦୀରୁ ଜନ୍ମ ନେଇଥିବା ସ୍ୱାଧୀନତାକୁ ସୁରକ୍ଷିତ ରଖିବା ଓ ବିକାଶିତ କରିବା ହେଉଛି ଆମ ସମସ୍ତଙ୍କର ଦାୟିତ୍ୱ। ଏହାର ଗୋଟିଏ ମାତ୍ର ଉପଚାର ହେଉଛି ଗାନ୍ଧୀ-ଗୋପବନ୍ଧୁଙ୍କ ବିଚାର। ଏଥିପାଇଁ ବେରବୋଇ ଭଳି ତୀର୍ଥ ଭୂଇଁ କେବଳ ବତୀଘର ପରି ଆମକୁ ଚେତାଇ ଦେଉଛି। ଗାନ୍ଧୀ ସ୍ମାରକୀ ସମିତି ପାଉଁଶ ତଳର ନିଆଁ ଭଳି ବେରବୋଇର ସ୍ମୃତିକୁ ବଞ୍ଚାଇ ରଖିଛି। କଷ୍ଟଲବ୍ଧ ସ୍ୱାଧୀନତାକୁ ସୁରକ୍ଷିତ ରଖି ସମୃଦ୍ଧି, ସ୍ୱାବଲମ୍ବୀ, ବିକଶିତ ଭାରତ ଗଠନ ପାଇଁ ଏଥିରେ ଅଗ୍ନି ପ୍ରଜ୍ୱଳନ ଲାଗି ସତ୍ୟ, ସେବା, ସଂଗ୍ରାମ ଓ ସମର୍ପଣ ଆଧାରରେ ଆମ ସମସ୍ତଙ୍କୁ କିଛି ନା କିଛି କରିବାକୁ ପଡ଼ିବ।

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

## ମହାକାଶ କନ୍ୟା ସୁନୀତା

**ବନବିହାରୀ ଦାଶ**

ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ୯ ମାସରୁ ଅଧିକ ସମୟ ଅତିବାହିତ କରିଥିବା ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହାକାଶଚାରୀ ସୁନୀତା ୱିଲିୟମ୍ସ ମାର୍ଚ୍ଚ ୧୯ ତାରିଖରେ ପୃଥିବୀ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୨୦୨୪ ଜୁନ୍ ୫ ତାରିଖରେ ବୋଇଂର ଷ୍ଟାରଲାଇନରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ୮ ଦିନ ପାଇଁ ଯାଇଥିଲେ ନାସାର ଦୁଇ ମହାକାଶଚାରୀ ସୁନୀତା ଓ ବୁଚ୍ ୱିଲମୋର। ଅପ୍ରତ୍ୟାଶିତ ଭାବେ ଷ୍ଟାରଲାଇନରେ ଯାନ୍ତ୍ରିକ ତ୍ରୁଟି ହେତୁ ସେମାନଙ୍କୁ ପୃଥିବୀ ପ୍ରତ୍ୟାବର୍ତ୍ତନ ପାଇଁ ଦୀର୍ଘମାସ ଅପେକ୍ଷା କରିବାକୁ ପଡ଼ିଥିଲା। ଶେଷରେ ସେମାନଙ୍କୁ ସୁରକ୍ଷିତ ପୃଥିବୀ ପୃଷ୍ଠକୁ ଆଣିବା ଲାଗି ନାସା ପକ୍ଷରୁ ସ୍ପେସ ଏକ୍ସ କ୍ରୁ-୧୦କୁ ଫାଲକନ୍ ୯ ରକେଟ୍ ଜରିଆରେ ଡ୍ରାଗନ୍ କ୍ୟାପସୁଲ ସହିତ ପ୍ରେରଣ କରାଯାଇଥିଲା। ସଫଳତାର ସହ ଡକିଂ ଓ ଅନଡକିଂ ପରେ ଦୀର୍ଘ ୧୭ ଘଣ୍ଟାର ବିପଦପୂର୍ଣ୍ଣ ଯାତ୍ରା ପରେ ଦୁଇ ମହାକାଶଚାରୀ ପୃଥିବୀରେ ପହଞ୍ଚି ପାରିଛନ୍ତି। ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିବା ସମୟରେ ମାତ୍ରାଧିକ ତାପମାତ୍ରା ସୃଷ୍ଟି ହେଉଥିବାରୁ ଏହାକୁ ମନ୍ଥର ଗତିରେ ଆକାଶଛତାର ସାହାଯ୍ୟ ନେଇ ଆମେରିକାର ଫ୍ଲୋରିଡ଼ା ନିକଟସ୍ଥ ମହାସାଗରର ନୀଳ ଜଳରାଶିରେ ସୁରକ୍ଷିତ ଅବତରଣ କରାଯାଇଛି।

ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍) ପୃଥିବୀର କକ୍ଷ ପଥରେ ଘଣ୍ଟାପ୍ରତି ୨୮ ହଜାର କିଲୋମିଟର ବେଗରେ ବୁଲିଥାଏ। ପୃଥିବୀଠାରୁ ଏହାର ଦୂରତା ପ୍ରାୟ ୪୨୦ କିଲୋମିଟର। ପୃଥିବୀରେ ପହଞ୍ଚିବା ପରେ ମହାକାଶଚାରୀମାନଙ୍କର ଅନେକ ଶାରୀରିକ ସମସ୍ୟା ଦେଖାଦେଇଥାଏ। ତେଣୁ ସେମାନଙ୍କୁ ଡାକ୍ତରୀ ନିରୀକ୍ଷଣରେ ରଖାଯାଇଥାଏ। ମହାକାଶରେ ଅଧିକ ବିକିରଣ ହେତୁ ସେମାନେ ଅନେକ ପ୍ରକାର ସଂକ୍ରମିତ ହେବାର ଆଶଙ୍କା ମଧ୍ୟ ରହିଛି।

ସୁନୀତା ୱିଲିୟମ୍ସ ଗୁଜରାଟ ରାଜ୍ୟର ମେହସନା ଜିଲ୍ଲାର ଝୁଲାସାନ ଗ୍ରାମରେ ରହୁଥିବା ପାଣ୍ଡେ ପରିବାରର ମୂଳସଦସ୍ୟା। ସେ ୧୯୬୫ ମସିହା ସେପ୍ଟେମ୍ବର ମାସ ୧୯ ତାରିଖରେ ଓହିଓରେ ଦୀପକ ଓ ବୋନି ପାଣ୍ଡ୍ୟାଙ୍କ ଘରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ଏହାର ବହୁ ପୂର୍ବରୁ ୧୯୫୭ ମସିହାରେ ଆମେରିକା ଚାଲିଯାଇଥିଲେ। ଗାଁରେ ତାଙ୍କ ଜେଜେବାପା ଓ ପୈତୃକ ଘର ନାମରେ ଏକ ପାଠାଗାର ମଧ୍ୟ ରହିଛି। ଆମେରିକାରେ ସୁନିତା ଜଣେ ନୌସେନା ଇଞ୍ଜିନିୟର ଭାବେ କାମ କରୁଥିଲେ। ୧୯୯୮ ମସିହାରେ ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ଦ୍ୱାରା ମହାକାଶଚାରୀ ଭାବେ ମନୋନୀତ ହୋଇଥିଲେ। ତାଙ୍କୁ ଜନ୍‌ସନ ମହାକାଶ କେନ୍ଦ୍ରରେ ପ୍ରଶିକ୍ଷଣ ଦିଆଯାଇଥିଲା। ଡିସେମ୍ବର ୯ ତାରିଖ ୨୦୦୬ ମସିହାରେ ସେ ପ୍ରଥମେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯାତ୍ରା କରିଥିଲେ। ଇତିମଧ୍ୟରେ ୩ଥର ଅନ୍ତରୀକ୍ଷରେ ନିଜର ଗବେଷଣା ସମୟରେ ଅନେକଥର ଅନ୍ତରୀକ୍ଷ ପଦଚାରଣ କରିଥିବାବେଳେ ଚଳିତଥର ୬୨ ଘଣ୍ଟା ସ୍ପେଶ୍‌ୱାକ୍ କରି ରେକର୍ଡ ସୃଷ୍ଟି କରିଛନ୍ତି। ମହାକାଶ ରହଣିର ତିନିମାସ ପରେ ଷ୍ଟେସନ କମାଣ୍ଡରର ଦାୟିତ୍ୱ ଗ୍ରହଣ କରିଥିଲେ। ସୁନିତା ୭୦୮ ଦିନ ମହାକାଶରେ ରହି ମଧ୍ୟ ରେକର୍ଡ କରିଛନ୍ତି। ଏହି ସମୟରେ ସେ ୧୨୧, ୪୯୧ ମାଇଲ ରାସ୍ତା ଅତିକ୍ରମ କରିଥିବା ବେଳେ ୪୫୭୬ ଥର ପୃଥିବୀ ଚାରିପଟେ ବୁଲିଛନ୍ତି। ସୁନୀତା ମାଇକ୍ରୋଗ୍ରାଭିଟି ଏବଂ ପୋଷକତତ୍ତ୍ୱ ସମ୍ବନ୍ଧୀୟ ଅନେକ ଗବେଷଣା ମଧ୍ୟ ସମ୍ପାଦନ କରିଛନ୍ତି। ଅନ୍ତର୍ଜାତୀୟ ମହାକାଶ ଗବେଷଣା କେନ୍ଦ୍ରରେ ଦୀର୍ଘ ୨୫ ବର୍ଷ ଧରି ଚାରିହଜାରରୁ ଅଧିକ ଗବେଷଣା ହୋଇସାରିଛି ଏବଂ ୪୪୦୦ ଗବେଷଣାତ୍ମକ ନିବନ୍ଧ ପ୍ରକାଶ ପାଇଛି। ପୃଥିବୀର ପାଞ୍ଚଟି ମହାକାଶ ଗବେଷଣା ସଂସ୍ଥା ସହ ୧୫ଟି ଦେଶର ସହଯୋଗରେ ଏହି କେନ୍ଦ୍ର ପରିଚାଳିତ। ଏଠାରେ ପ୍ରକାଶ ଥାଉ କି ଭାରତ ମଧ୍ୟ ୨୦୩୫ ସୁଦ୍ଧା ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ର ସ୍ଥାପନ କରିବା ପାଇଁ କାର୍ଯ୍ୟ କରୁଛି। ଏହା ମଧ୍ୟ ପୃଥିବୀଠାରୁ ୪୦୦ କିମି ଉପରେ ସ୍ଥାପିତ ହେବ।

ମହାକାଶରେ ତରଳ ପଦାର୍ଥର ବିତରଣ ବଦଳୁଥିବାରୁ ହୃଦୟ ଓ ଶିରାପ୍ରଶିରା ଉପରେ ପ୍ରଭାବକୁ ନେଇ ଅନେକ ଗବେଷଣା କରାଯାଇଥାଏ। ଏହାଛଡ଼ା ବୃକ୍ଷଲତାର ବୃଦ୍ଧି, ସୂକ୍ଷ୍ମଜୀବଙ୍କ ଅଧ୍ୟୟନ, ମହାକାଶରେ ଅନ୍ୟ ଜୀବଜନ୍ତୁଙ୍କ ଉପରେ ପ୍ରଭାବ, ମହାକାଶ ବିଜ୍ଞାନର ବିକାଶ ତଥା ବିଶ୍ୱର ଗଠନ ପ୍ରଣାଳୀ ଓ ଗତିବିଧି ଛଡ଼ା ପୃଥିବୀପୃଷ୍ଠର ଜଳବାୟୁ, ପରିବେଶ, ଭୂବିଜ୍ଞାନ, ମହାସାଗରର ରହସ୍ୟ ଉନ୍ମୋଚନ ସହ ଅନେକ ବିଷୟରେ ଏଠାରେ ଗବେଷଣା ଚାଲୁରହିଛି, ଯାହା ସାମଗ୍ରିକ ଭାବେ ମାନବ ସମାଜ ପାଇଁ ବରଦାନ ବିବେଚିତ ହୋଇପାରିବ। ଏହାଛଡ଼ା ଅମ୍ଳଜାନ ଉତ୍ପାଦନ ପାଇଁ ମାଇକ୍ରୋ ଶୈବାଳ, ଯାହା ଦୀର୍ଘକାଳୀନ ମହାକାଶ ଅଭିଯାନ ସମୟରେ ସତେଜ ଖାଦ୍ୟ ଉପଲବ୍ଧ କରିବାରେ ସାହାଯ୍ୟ କରିବ, ମହାକାଶଚାରୀମାନଙ୍କୁ ସୁସ୍ଥ ରଖିବା ପାଇଁ ଡିଭାଇସ ସାଇକ୍ଲିଂ, ରୋଇଂ ହାଡ଼ ଓ ମାଂସପେଶୀ କ୍ଷୟକୁ ରୋକିବା ଏବଂ ହୃଦୟ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ମଧ୍ୟ ମଡ୍ୟୁଲ ପ୍ରସ୍ତୁତ କରାଯାଇଛି। ରେଡ୍ ରୋମେନ ଲେଟୁସ ମାଧ୍ୟମରେ ମହାକାଶଯାତ୍ରାରେ ପୁଷ୍ଟିକର ଖାଦ୍ୟ ଉତ୍ପାଦନ ପାଇଁ ଅଧ୍ୟୟନ କରାଯାଉଛି। ଏହାଛଡ଼ା ପ୍ୟାକ୍‌ଡ ବେଡ୍ ରିଆକ୍ଟର ପରୀକ୍ଷଣ ମାଧ୍ୟମରେ ମହାକାଶରେ ତରଳ ଓ ଗ୍ୟାସ ପ୍ରବାହିତର ଅଧ୍ୟୟନ କରାଯାଇଥିବା ବେଳେ ମହାକାଶରେ ଭିଟାମିନ୍ ସମ୍ବନ୍ଧୀୟ ଗବେଷଣାରେ ଇଷ୍ଟଭଳି ବିଶେଷ ଅଣୁଜୀବ ବ୍ୟବହାର କରି ଦୀର୍ଘସମୟ ଧରି ମହାକାଶ ଅଭିଯାନ ସମୟରେ ମହାକାଶଚାରୀମାନଙ୍କୁ ଅତ୍ୟାବଶ୍ୟକ ପୋଷକତତ୍ତ୍ୱ ପାଇବା ପାଇଁ ଓ ଆବଶ୍ୟକ ସ୍ଥଳେ ତାଜା ଖାଦ୍ୟ ସପ୍ଲିମେଣ୍ଟ ତିଆରି କରିବାରେ ସାହାଯ୍ୟ କରିବ।

ଝାରସୁଗୁଡ଼ା, ମୋ: ୮୨୭୦୪୧୫୯୯୬

## ଏବେ ବି ବଢ଼ୁଛି ଏଭେରେଷ୍ଟ

**ବିଜ୍ଞାନ ବାର୍ତ୍ତା**

**ଶ୍ରୀନନ**

ଏଭେରେଷ୍ଟ ବିଶ୍ୱର ସର୍ବୋଚ୍ଚ ଗିରିଶୃଙ୍ଗ। ସମୁଦ୍ର ପତନରୁ ଏହାର ଉଚ୍ଚତା ପ୍ରାୟ ୨୯, ୦୩୨ ଫୁଟ ବା ୮୮୪୯ ମିଟର। କାଞ୍ଚନଜଙ୍ଘା, କେ-୫, ଲୋଟସେ ଆଦି ହିମାଳୟର ଅନ୍ୟାନ୍ୟ ସୁଉଚ୍ଚ ଶୃଙ୍ଗମାନଙ୍କ ତୁଳନାରେ ଏହା ପ୍ରାୟ ୨୪୫ ମିଟର ଅଧିକ। ଏହାକୁ ପୃଥିବୀର ଏକ ଭୂତାତ୍ତ୍ୱିକ ବିସ୍ମୟ ବୋଲି କୁହାଯାଏ। ଏବେ ବର୍ଷକୁ ବର୍ଷ ଏହା କିଛି କିଛି ମିଲିମିଟର ବଢ଼ି ବଢ଼ି ଚାଲିଛି। ଏପରି କାହିଁକି ଘଟୁଛି ତାହା ଦୀର୍ଘଦିନ ଧରି ଏକ ପ୍ରଶ୍ନ ହୋଇ ରହିଥିଲା। ସେପ୍ଟେମ୍ବର ୩୦, ୨୦୨୪ ମସିହାରେ ଗବେଷଣା ପତ୍ରିକା 'ନେଚର ଜିଓସାଇନ୍‌ସେସ୍'ରେ ପ୍ରକାଶିତ ଏକ ନିବନ୍ଧରେ କେତେକ ଗବେଷକ ଏହାର ଏକ ସମ୍ଭାବ୍ୟ କାରଣ ଉନ୍ମୋଚନ କରିବାର ପ୍ରଚେଷ୍ଟା କରିଛନ୍ତି। ବହୁ ବର୍ଷ ତଳେ ଗୋଟିଏ ଗ୍ରାସକାରୀ ଜଳପଥ ବା ନଦୀରେ ଅନ୍ୟ ଏକ ନଦୀ ବିଲୀନ ହୋଇଥିବାରୁ ଏପରି ଘଟୁଥିବା ସେମାନେ ଦର୍ଶାଇଛନ୍ତି।

ନଦୀମାନେ ହେଲେ ଭୂସ୍ଖଳନ ବା ଅବକ୍ଷୟର ବାର୍ତ୍ତାବହ। କିନ୍ତୁ ଏହାରି ମାଧ୍ୟମରେ ସେଗୁଡ଼ିକଙ୍କର ଭୂ-ଭାଗକୁ ବ୍ୟବହାର କରିବା ଅନେକ ସମୟରେ ଆଶାତୀତ ପରିଣାମମାନ ସୃଷ୍ଟି କରିଥାଏ। ଉପରୋକ୍ତ ନିବନ୍ଧରେ ପ୍ରଦତ୍ତ ସୂଚନା ଅନୁସାରେ ଆଜକୁ ପ୍ରାୟ ୮୯୦୦୦ ବର୍ଷ ପୂର୍ବେ ଏକ ଶକ୍ତିଶାଳୀ ନଦୀ ତା' ନିକଟବର୍ତ୍ତୀ ଅନ୍ୟ ଏକ ନଦୀକୁ ନିଜ ମଧ୍ୟରେ ବିଲୀନ କରି ଦେଇଥିଲା ଏବଂ ସେ ଦୁଇଟିଯାକ ଏକତ୍ର ପ୍ରବାହିତ ହୋଇ ଅଧିକ ସ୍ଖଳନକାରୀ ପାଲଟିଗଲେ। ତ'ଦ୍ୱାରା ହିମାଳୟର ଅଧିକ ଭୂଭାଗ ଧୋଇ ହୋଇଗଲା ଏବଂ ସେ ସ୍ଥାନର ଓଜନ ହ୍ରାସ ପାଇଲା। ହାଲୁକା ହୋଇଥିବା ଏହି ବାହ୍ୟସ୍ତର ଏହା ତଳକୁ ଥିବା ଏକ ଗାଢ଼ ତରଳ ପଦାର୍ଥ ଭଳି ଆଚରଣ କରୁଥିବା ମେଣ୍ଟାଲସ୍ତର ଉପରେ ସହଜରେ ଭାସିବାକୁ ଲାଗିଲା। ପରିଣାମ ସ୍ୱରୂପ ଏହା ଏଭେରେଷ୍ଟକୁ ପ୍ରାୟ ୫୦/୫୧ ମିଟର ପର୍ଯ୍ୟନ୍ତ ଅଧିକ ଉଚ୍ଚତା ପ୍ରଦାନ କଲା। ଏଥିରୁ ସ୍ପଷ୍ଟ ହେଲା ଯେ ବିଶ୍ୱର କୌଣସି ପଦାର୍ଥ, ଏପରିକି ଏହାଭଳି ଶିଳାର ଅତିବୃହତ୍ ପିରାମିଡ୍ ମଧ୍ୟ ଅବିଲମ୍ବିତ ନୁହେଁ। ଉପରୋକ୍ତ ଗବେଷଣପତ୍ରର ଅନ୍ୟତମ ଲେଖକ ବେଜିଂସ୍ଥିତ ଚାଇନା ୟୁନିଭରସିଟି ଅଫ୍ ଜିଓସାଇନ୍‌ସେସ୍‌ର ଭୂତତ୍ତ୍ୱବିତ୍ ଜିନ୍-ଜେନ୍ ଡାଇଙ୍କ ମତରେ ଆମ ଜୀବନକାଳ ମଧ୍ୟରେ ପର୍ବତଗୁଡ଼ିକ ଗୋଟିଏ ସ୍ଥାନରେ ସ୍ଥିର ହୋଇଥିବାର ସିନା ମନେହୁଏ, ତେବେ ପ୍ରକୃତରେ ତାହା ସଦାସର୍ବଦା ଧୀର ମନ୍ଥର ଭାବେ ଗତି କରିଥା'ନ୍ତି। ତଦନୁଯାୟୀ ଆଜକୁ ପ୍ରାୟ ୪୫ ନିୟୁତବର୍ଷ ତଳେ ଭାରତ ଅବସ୍ଥିତ ହୋଇଥିବା ଟେକ୍ଟୋନିକ୍ ପ୍ଲେଟ୍ ଧୀରେ ଧୀରେ ଆସି ୟୁରାସିଆ ଟେକ୍ଟୋନିକ୍ ପ୍ଲେଟ୍ ସହିତ ଧକ୍କା ଖାଇଲା ଏବଂ ତା'ତଳେ ପଶିବାକୁ ଆରମ୍ଭ କଲା। ଏହି ସ୍ଥାନରେ ସୃଷ୍ଟି ହେଲା ହିମାଳୟ ଏବଂ ତାହାର ଶୃଙ୍ଗଗୁଡ଼ିକ। ଅତଏବ ଏହା ଏବେ ଧୀରେ ମନ୍ଥର ଭାବେ ଗତି କରିଚାଲିଛି।

ଏଭେରେଷ୍ଟ ଗିରିଶୃଙ୍ଗର ଛାୟା ମଧ୍ୟରେ ରହିଛି ଅରୁଣନଦୀ, ଯାହାକି ଏକ ବୃତ୍ତାକାର ପଥରେ ଗତି କରେ। ଏହା ହିମାଳୟର ଉତ୍ତରାଞ୍ଚଳ ଦେଇ ପ୍ରବାହିତ ହେଲା ପରେ ହଠାତ୍ ପଥ ପରିବର୍ତ୍ତନ କରିଛି ଏବଂ ତପୂରେ ଏଭେରେଷ୍ଟ ନିକଟସ୍ଥ ଏକ ଧାରାକୁ ଛେଦନ କରି ତନ୍ମଧ୍ୟ ଦେଇ ଗତି କରୁଛି। ଏଥିରୁ ମନେହୁଏ ଯେ ନଦୀଟିର ଉପର ଏବଂ ନିମ୍ନଭାଗ ଗୋଟିଏ ନୁହନ୍ତି ଏବଂ କୌଣସି ଏକ ତତ୍ତ୍ୱ ସେମାନଙ୍କ ଉପରେ ବଳ ପ୍ରୟୋଗ କରେ ଏକ ହେବା ପାଇଁ। କମ୍ପ୍ୟୁଟର ସିମୁଲେସନ ମାଧ୍ୟମରେ ସେହି ଅଞ୍ଚଳର ନଦୀମାନଙ୍କୁ ପୁନଃ ସୃଷ୍ଟି କରିବା ଦ୍ୱାରା ଗବେଷକମାନେ ଜାଣିବାକୁ ପାଇଛନ୍ତି ଯେ ପ୍ରାୟ ୮୯୦୦୦ ବର୍ଷ ପୂର୍ବେ କୋଶୀ ନାମକ ଏକ ନଦୀ ହିମାଳୟର ପୃଷ୍ଠ ଦେଶ ଭେଦ କରି ଅରୁଣ ନଦୀରେ ପହଞ୍ଚି ସେଥିସହିତ ମିଶିଯାଇଛି। ଅତଏବ ପ୍ରାୟତଃ ଭାସମାନ ମନେ ହେଉଥିବା ଏହି ପର୍ବତ ଶ୍ରେଣୀକୁ ତା'ତଳକୁ ଥିବା ମେଣ୍ଟାଲ ସାଗରର ହାଲୁକା ପୃଷ୍ଠଭୂମି ଊର୍ଦ୍ଧ୍ୱମୁଖୀ ଚାପ ଦେବା ଫଳରେ ତହିଁରେ ଗିରିଶୃଙ୍ଗମାନ ସୃଷ୍ଟି ହୋଇ ବଢ଼ିଛନ୍ତି। ଏହିକ୍ରମରେ ଏଭେରେଷ୍ଟ ପ୍ରାୟ ୫୦/୫୧ ମିଟର ଅଧିକ ବଢ଼ିଛି। ବିଶ୍ୱର ଏହି ବୃହତ୍ତମ ଶୃଙ୍ଗଟି ଏବେ ମଧ୍ୟ ଧୀରେ ଧୀରେ ବଢ଼ିଚାଲିଛି। ପରେ ହୁଏତ ଏହାର ଉଚ୍ଚତା କମ୍ ହେବାର ପ୍ରକ୍ରିୟା ଆରମ୍ଭ ହୋଇପାରେ। ପୃଥିବୀର ବହୁ ସୁଉଚ୍ଚ ଗିରିଶୃଙ୍ଗମାନଙ୍କର ଏପରି ହ୍ରାସ ବୃଦ୍ଧି ହେବାର ଦେଖାଯାଏ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଖୁଣ୍ଟବନ୍ଧ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ତରଭା, ୨୪।୩(ସମିସ):ତରଭା ବ୍ଲକ ଖୁଣ୍ଟବନ୍ଧ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ଆମ ସଂସ୍କୃତି ଆମଖେଳନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।ପ୍ରଧାନଶିକ୍ଷକ ଏକାଦଶିଆ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚାରଭଟ୍ଟା ସିଆରସିସି ରୋହିତ କୁଅଁର ମୁଖ୍ୟଅତିଥି, ବଘିଆ ସିଆରସିସି ସୁରେଶ ଘିବେଲା ମୁଖ୍ୟବକ୍ତା, ପୂର୍ବତନ ତରଭା ବ୍ଲକ ଅଧକ୍ଷା ସସ୍ମିତା କୁଅଁର, ବଘିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳର ପ୍ରଧାନ ଶିକ୍ଷକ ଚିତ୍ରସେନ କୁମାର ପ୍ରଧାନ, ଝାରମୁଣ୍ଡା ପ୍ରଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସମ୍ପତି ନାଏକ, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ପଞ୍ଚାନନ ନାଏକ, ରାଧାକାନ୍ତ ସନ୍ୟାସୀ, ହିମାଂଶୁ ବଗର୍ତ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇ ଜୀବନରେ ଜଣେ ଭଲ ମଣିଷ ହେବାକୁ କୋଠର ପରିଶ୍ରମ, ସୃଜନଶୀଳ ଓ ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାର ଆବଶ୍ୟକତା ସମ୍ବନ୍ଧେ ଛାତ୍ରଛାତ୍ରୀଙ୍କୁ କହିଥିଲେ।ସମ୍ପତି ନାଏକ ମଞ୍ଚ ପରିଚାଳନା କରିଥିଲେ।ଦିପ୍ତିମୟୀ ଭୋଇ, ସରସ୍ୱତୀ ବଗର୍ତ୍ତି, ଉର୍ମିଳା କୁଅଁର, ପୂର୍ବତନ ଛାତ୍ର ସୁରେଶ କୁଅଁର, ଚକାନୟନ କୁଅଁର ସୁଭାଷିନୀ ବାଘ, ଅମ୍ବିକା ରାଉତ୍ ପରିଚାଳନା ସମିତିର ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତ ରହି ସହଯୋଗ କରିଥିଲେ। ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇ ଅତିଥିଙ୍କ ଦ୍ୱାରା ବିଜେତାଙ୍କୁ ପୁରସ୍କାର ବିତରଣ କରଯାଇଥିଲା। ଶେଷରେ ଶିକ୍ଷକ ମୂରଲୀଧର କୁଅଁର ଧନ୍ୟବାଦ୍ ଅର୍ପଣ କରିଥିଲ।

## ଲୋକଙ୍କ ଅଭିଯୋଗ ଶୁଣିଲେ ଅଧିକାରୀ



ସୁବଲୟା/ବୀରମହାରାଜପୁର, ୨୪।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ରାମ ପ୍ରସାଦ ସାହୁ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ଉପରେ ସମାଧାନ କରିଥିଲେ। ଉକ୍ତ ଶିବିରରେ ୧୨୫ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଦରଖାସ୍ତ ୧୧୪ଟି ରହିଥିବା ବେଳେ ବେଳେ ୧୫ଟି ସାମୂହିକ ଅଭିଯୋଗ ଦରଖାସ୍ତ ରହିଥିଲା। ଦରଖାସ୍ତଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ଥିବା ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜୀବ ହାଁସଦାଙ୍କ ତତ୍ତ୍ୱାବଧାନରେ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ଜିଲ୍ଲା ଜନ ସ୍ୱାସ୍ଥ୍ୟଧିକାରୀ ଡା. ପ୍ରଦୀପ ଗୁରୁ, ଅତିରିକ୍ତ ଜିଲ୍ଲା ଉନ୍ନୟନ ଅଧିକାରୀ ପଲ୍ଲବୀ ରାଣୀ ରାଜଙ୍କ ସମେତ ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ରାଜନୀତି ବିଜ୍ଞାନ ବିଭାଗର ବିଦାୟ ସମ୍ବର୍ଦ୍ଧନା ସଭା



**ବୀରମହାରାଜପୁର/ସୁବଲୟା, ୨୪।୩ (ସମିସ):** ବୀରମହାରାଜପୁର ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗର ଶେଷବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ କୁଞ୍ଜବନ ମେହେର ଏବଂ ସମ୍ମାନିତ ଅତିଥି ଭାବେ ବିଭାଗୀୟ ମୁଖ୍ୟ ଶିବକୁମାର ପୁରୋହିତ, ଅଧ୍ୟାପକ ନରେନ୍ଦ୍ର ଝା ଓ ଅଧକ୍ଷ ଡ. ହିମାଂଶୁ ଶେଖର ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ବିଦାୟୀ ଛାତ୍ରଛାତ୍ରୀଙ୍କ ମଙ୍ଗଳ କାମନା କରିବା ସହ ନିରନ୍ତର ପ୍ରୟାସ ହିଁ ସଫଳତା ଆଣିଥାଏ, ତେଣୁ ସମସ୍ତ ଛାତ୍ରଛାତ୍ରୀ ପରିଶ୍ରମ କରନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ଶେଷବର୍ଷର ଛାତ୍ରଛାତ୍ରୀ କଲେଜରେ କଟାଇଥିବା ଦିନ ଓ ନିଜ ଅଭିଜ୍ଞତା ବଖାଣିଥିଲେ। ଦ୍ୱିତୀୟ ବର୍ଷର ଛାତ୍ରୀ ପ୍ରଜ୍ଞା ପାରମିତା ସାଥୁଆ ସଭା ସଂଯୋଜନା କରିଥିବା ବେଳେ ପ୍ରଥମ ବର୍ଷର ଛାତ୍ରୀ ଅଙ୍କିତା ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଦ୍ୱିତୀୟ ବର୍ଷର ଛାତ୍ରୀ ଆକାଂକ୍ଷା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅଧ୍ୟାପିକା ଯାମିନୀ ଦାଶ, ଅଧ୍ୟାପକ ପ୍ରଭାତ ପୁରୋହିତ ପ୍ରମୁଖ ଯୋଗଦେଇଥିଲେ।

# ଜନସମୁଦ୍ର ପାଲଟିଲା ଶ୍ରୀଜଗନ୍ନାଥ ଉତ୍ସବସ୍ଥଳ



**ସୋନପୁର, ୨୪।୩(ସମିସ):** ସୁବର୍ଣ୍ଣପୁରର ରାମେଶ୍ୱର ତ୍ରିବେଣୀ ସଙ୍ଗମ ନିକଟରେ ଚାଲିଥିବା ଶ୍ରୀଜଗନ୍ନାଥ ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ମହୋତ୍ସବ କ୍ଷେତ୍ର ଜନସମୁଦ୍ର ପାଲଟି ଯାଇଛି। ଶ୍ରୀଜଗନ୍ନାଥ ଜଣାଣ, ଭଜନ କୀର୍ତ୍ତନ, ହରିବୋଲ ହୁଳହୁଳିରେ ଉତ୍ସବସ୍ଥଳ ଉଚ୍ଛୁଳି ଉଠିଛି। କିଏ ହାତ ଟେକି ତିନି ଠାକୁରଙ୍କ ଆଗରେ ପ୍ରାର୍ଥନା କରୁଛି ତ କିଏ ପୂଜକଙ୍କ ହାତକୁ କାଳିଆର ପ୍ରିୟ ତୁଳସୀ ବଢ଼ାଇ ଦେଉଛି। ଦୁର୍ଲ୍ଲଭ ବତିଶ ବେଶର ମୁଖ୍ୟ ପରିଚାଳକ ପୁରୀ ଗୌରୀଗୋପାଳ ସେବାଶ୍ରମର ସଚ୍ଚିଦାନନ୍ଦ ମହାପାତ୍ରଙ୍କ ଉଦ୍ୟମକୁ ସମସ୍ତେ ପ୍ରଶଂସା କରୁଛନ୍ତି। ସୋମବାର ଉତ୍ସବସ୍ଥଳରେ ଆର୍ତ୍ତତ୍ରାଣ ବାବାଙ୍କ ସ୍ପର୍ଶ ଚିକିତ୍ସା କାର୍ଯ୍ୟକ୍ରମରେ ହଜାର ହଜାର ଲୋକ ସାମିଲ ହୋଇଥିଲେ। ମହୋତ୍ସବ କମିଟି ପକ୍ଷରୁ ସପ୍ତାହବ୍ୟାପୀ ଚାଲିଥିବା ଅନ୍ନଯଜ୍ଞରେ ଦିନରାତି ହଜାର ହଜାର ଶ୍ରଦ୍ଧାଳୁଙ୍କୁ ମାଗଣାରେ ଅନ୍ନପ୍ରସାଦ ବିତରଣ କରାଯାଇଛି। ପଞ୍ଚକୁଣ୍ଡିୟ ଘୃତଯଜ୍ଞ ସହ ଚବିଶ ପ୍ରହରୀ ନାମଯଜ୍ଞ ଓ ଜଗନ୍ନାଥଙ୍କ ଦୁର୍ଲ୍ଲଭ ବତିଶ ବେଶ ଆଗରେ ଆୟୋଜିତ ବିଷ୍ଣୁ ସହସ୍ର ନାମଜପରେ ୩୨ ଯୋଡ଼ା ଦମ୍ପତି କର୍ତ୍ତାକାର୍ଯ୍ୟ ତୁଲାଇଛନ୍ତି। ମହୋତ୍ସବର ମୁଖ୍ୟମଞ୍ଚରେ ସନ୍ଧ୍ୟାକାଳୀନ ତ୍ରିଆଳତୀ ସହ ଶ୍ରୀଜଗନ୍ନାଥ କଥାମୃତକୁ ନେଇ ପ୍ରବଚନ ଓ ଭଜନ ପରିବେଷଣ ହୋଇଛି। ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ଼କୁ ଦେଖି ସୁବର୍ଣ୍ଣପୁର ମାରୱାଡି ଯୁବାମଞ୍ଚ ଓ ଜିଲ୍ଲା ଟ୍ରକ ମାଲିକ ସଂଘ ପକ୍ଷରୁ ଜଳଦାନ ବ୍ୟବସ୍ଥା କରାଯାଇଛି। ମହୋତ୍ସବର ମୁଖ୍ୟ କମିଟି, ଅର୍ଥ କମିଟି, ଯଜ୍ଞ କମିଟି, ବତିଶ ବେଶ ସଞ୍ଚାଳନ କମିଟି, ଅନ୍ନଯଜ୍ଞ କମିଟି, ନାମଯଜ୍ଞ କମିଟି, ଜଳ ଓ ପରିମଳ କମିଟି ସହ ପ୍ରଚାରପ୍ରସାର କମିଟି, ବ୍ରହ୍ମଦାରୁ କମିଟିର ସମସ୍ତ ସଦସ୍ୟଙ୍କ ସକ୍ରିୟ କାର୍ଯ୍ୟ ସମ୍ପାଦନା ଯୋଗୁଁ ଦୀର୍ଘ ୭ଦିନ ଧରି ମହୋତ୍ସବ ସଫଳତାର ସହ ଆୟୋଜିତ ହୋଇଛି। ଆରମ୍ଭରୁ ଆଜିଯାଏଁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମରେ ଯଜ୍ଞସ୍ଥଳ ଉତ୍ସବମୁଖର ହୋଇଉଠିଥିବା ବେଳେ ଭିନ୍ନ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ତେବେ ଉତ୍ସବରେ ସାମିଲ ହୋଇଥିବା ସାଧୁସନ୍ଥଙ୍କ ପରାକାଷ୍ଠା ଏକ ଅନନ୍ୟ ନିଦର୍ଶନ ସୃଷ୍ଟି କରିଛି। ଖରାକୁ ଖାତିର ନକରି ଦୁଇ ଜଣ ସାଧୁ ଚାରିପଟେ ନିଆଁ ଜାଳି ଘଣ୍ଟା ଘଣ୍ଟା ଧରି ବସି ରହୁଛନ୍ତି। ଜିଲ୍ଲାର ସମସ୍ତ ଜଗନ୍ନାଥ ପ୍ରେମୀଙ୍କୁ ଏକ ସ୍ଥାନରେ ଠୁଳ କରି ସୋନପୁର ଶ୍ରୀଜଗନ୍ନାଥ ମହୋତ୍ସବ। ମଙ୍ଗଳବାର ବ୍ରହ୍ମ ମୁହୂର୍ତ୍ତରେ ତ୍ରିବେଣୀ ସଙ୍ଗମଠାରେ ସାହିସ୍ନାନ ଅନୁଷ୍ଠିତ ହେବାସହ ନଗର ପରିକ୍ରମା କାର୍ଯ୍ୟକ୍ରମ ରହିଛି।

## ନାରାୟଣ ପ୍ରସାଦରେ ଅଭିଯୋଗ ଶୁଣାଣି

ଶଗଡ଼ା, ୨୪।୩(ସମିସ): କନ୍ଧମାଳ ବ୍ଲକର ଉପାନ୍ତ ଅଞ୍ଚଳ ନାରାୟଣ ପ୍ରସାଦ ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମୁଦାୟ ୨୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ତନ୍ମଧ୍ୟରୁ ୧୬ଟି ବ୍ୟକ୍ତିଗତ ସମସ୍ୟା ଥିବାବେଳେ ୭ଟି ଗୋଷ୍ଠୀଗତ ସମସ୍ୟା ରହିଥିଲା। ୨ ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ କରା ଯାଇଥିବା ବେଳେ ଜଣଙ୍କୁ ସାମାଜିକ ସୁରକ୍ଷା ଯୋଜନାର ଭତ୍ତା ପ୍ରଦାନ କରା ଯାଇଥିଲା। ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ, କନ୍ଧମାଳ ବିଡ଼ିଓ ସାମ୍ପି ଜୟଶ୍ରୀ ରେଡ୍ଡୀ, ଅତିରିକ୍ତ ତହସିଲଦାର ଧନଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସୁଧର୍ମା ମଲ୍ଲିକସହଯୋଗ କରିଥିଲେ।

## ଜିଲ୍ଲାପାଳଙ୍କ ଲଣ୍ଡନପଡ଼ା ପରିଦର୍ଶନ

ଶଗଡ଼ା, ୨୪।୩(ସମିସ): ବୌଦ୍ଧ ଜିଲ୍ଲାପାଳ ସୁବ୍ରତ ପଣ୍ଡା କନ୍ଧମାଳ ବ୍ଲକ ନାରାୟଣ ପ୍ରସାଦ ଗ୍ରାମ ପଞ୍ଚାୟତର ଉପାନ୍ତ ଗ୍ରାମ ଲଣ୍ଡନପଡ଼ା ଗ୍ରାମ ପରିଦର୍ଶନ କରିଛନ୍ତି। ଏହିଅବସରରେ ଜିଲ୍ଲାପାଳ ଗ୍ରାମର ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ। ଗାଁ ଲୋକଙ୍କୁ ସେମାନଙ୍କ ଅଭାବ, ଅସୁବିଧା ଓ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, କନ୍ଧମାଳ ବିଡ଼ିଓ ସାମ୍ପି ଜୟଶ୍ରୀ ରେଡ଼ି, କନ୍ଧମାଳ ଅତିରିକ୍ତ ତହସିଲଦାର ତହସିଲଦାର ଧନଞ୍ଜୟ ସାହୁଙ୍କ ସମେତ ବିଭିନ୍ନ ବିଭାଗର ବ୍ଲକସ୍ତରୀୟ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ସାମିଲ ହୋଇଥିଲେ।

## ମେଣ୍ଡାଗ୍ରାମକୁ ବ୍ଲକ୍ ମାନ୍ୟତା ଦାବିରେ ବୈଠକ

ତରଭା, ୨୪।୩(ସମିସ): ଅବିଭକ୍ତ ବଲାଙ୍ଗିର ଜିଲ୍ଲାର ସର୍ବପୁରାତନ ଓ ସର୍ବବୃହତ ମେଣ୍ଡା ଗ୍ରାମକୁ ବ୍ଲକ କରିବା ଦାବିନେଇ ଗ୍ରାମବାସୀ ଓ ପଞ୍ଚାୟତର ପ୍ରତିନିଧିମଣ୍ଡଳୀଙ୍କୁ ନେଇ ମେଣ୍ଡାହାଇସ୍କୁଲ ପଡ଼ିଆରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ପାଇବାହାଲ, ରାଣିସର୍ଡା, ଦେଉଳପଦର, ପୁଆ ଓ ମେଣ୍ଡା ପଞ୍ଚାୟତର ଅନେକ ଜନସାଧାରଣ ଯୋଗଦେଇ ଆଗାମୀ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଏଥିରେ ଟଙ୍କଧର ମେହେର, ନାରାୟଣ ଝାଙ୍କର, ଭିକାରୀ ମେହେର, ସନ୍ତୋଷ ଦାସ, ଅଶୋକ ବିଶି, ରାଜେନ୍ଦ୍ର ଝାଙ୍କର, ହୃଶିକେଷ ପାତ୍ର, ରାଜୀବ ଯୋଶୀ, ନକୁଳ କର୍ଣ୍ଣ, ସବ୍ୟସାଚୀ ଦଣ୍ଡସେନା, ବିଭୂତି ଝାଙ୍କର, ସନାତନ କର୍ମୀ, ଭୁବନାନନ୍ଦ ବାଦୀ, ଗୁଣନିଧି ନାଗ, ସିଦ୍ଧାର୍ଥ ଅଗ୍ରୱାଲ, ନରୋତ୍ତମ ମଲ୍ଲିକ, ନରେନ୍ଦ୍ର ଝାଙ୍କର, ଧିରେନ୍ଦ୍ର ଝାଙ୍କର, ଶିବା ନାଏକ, ଭବାନୀ ସେଠ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ ୧୯୯୩ ମସିହାରୁ ବ୍ଲକ ପାଇଁ ଦାବି ହୋଇଆସୁଥିବା ବେଳେ ଏଠାରେ ସମସ୍ତ ସ୍କୁଲ, କଲେଜ, ରାଜସ୍ୱ କାର୍ଯ୍ୟାଳୟ, ପୁଲିସ ଫାଣ୍ଡି, ବ୍ୟାଙ୍କ ସହ ସମସ୍ତ କାର୍ଯ୍ୟାଳୟ ରହିବା ସହ ଆଖପାଖର ବହୁତ ପଞ୍ଚାୟତର ଜନସାଧାରଣ ମେଣ୍ଡା ପଞ୍ଚାୟତ ଉପରେ ନିର୍ଭର କରିଥାନ୍ତି।

## ଗଞ୍ଜେଇ ଜବତ ପରେ ତଥ୍ୟ ଦେବାରେ ଟଙ୍କଟା

ବୌଦ୍ଧ, ୨୪।୩(ସମିସ): ବୌଦ୍ଧ ଗଞ୍ଜେଇ ଚାଷ ଓ ଚାଲାଣର ପେଣ୍ଠସ୍ଥଳ ପାଲଟିଛି। ପୁଲିସ ମଧ୍ୟ ବହୁ ମାତ୍ରାରେ ଗଞ୍ଜେଇ ଜବତ କରୁଛି; କିନ୍ତୁ ଗଞ୍ଜେଇ ମାଫିଆଙ୍କ ସହ କେତେକ ଅସାଧୁ ପୁଲିସ ଅଧିକାରୀ ଏବଂ କର୍ମଚାରୀଙ୍କ ଭିତିରି ସମ୍ପର୍କ ରହୁଛି। ଗଞ୍ଜେଇ ଜବତ ହେବା ଏବଂ ଅଭିଯୁକ୍ତ ଧରା ନ ପଡ଼ିବା ଏହା ପ୍ରମାଣିତ କରୁଛି। ଗଞ୍ଜେଇ ମାଫିଆ ଆହୁରି ସକ୍ରିୟ ହୋଇ ଉଠୁଛନ୍ତି। ମାଫିଆ ଏବଂ ପୁଲିସର ସମନ୍ୱୟରେ ହିଁ ଗଞ୍ଜେଇ ଚୋରା ଚାଲାଣ ହେଉଛି। ପୁଲିସ ନାମକୁ ମାତ୍ର ଧରପଗଡ଼ କରୁଛି। ଅନ୍ୟପକ୍ଷେ ଗୋଟିଏ ଜାଗାରୁ ଗଞ୍ଜେଇ ଜବତ ହେଉଛି। ପୁଲିସ କିନ୍ତୁ ଅନ୍ୟ ସ୍ଥାନ ଦର୍ଶାଯାଉଛି।

# ଖବର ପ୍ରକାଶ ପରେ ନୁର୍ପାକୁ ପାଣି ଆସିଲା



‘ସକାଳ’ ପ୍ରଭାବ

**ଶଗଡ଼ା, ୨୪।୩(ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ମନମୁଣ୍ଡା ପଞ୍ଚାୟତ ନୁର୍ପା ଗ୍ରାମବାସୀଙ୍କ ପିଇବା ପାଣି ସମସ୍ୟା ଦୂର ହୋଇଛି। ଦୈନିକ ‘ସକାଳ’ରେ ଖବର ପ୍ରକାଶ ପରେ ସୋମବାର ଗାଁକୁ ପାଣି ଆସିଛି। ଦୀର୍ଘ ବର୍ଷ ହେବ ଏହି ଗାଁ ଲୋକେ ପାଣି ପାଇଁ ବହୁ କଷ୍ଟ ଭୋଗୁଥିଲେ। ଗାଁରେ ୨ଟି ୱାର୍ଡର ପାଖାପାଖି ୨ହାଜରରୁ ଅଧିକ ଲୋକ ବସବାସ କରୁଛନ୍ତି। ତେବେ ପିଇବା ପାଣିର ଅଭାବ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଥିଲା। ଗାଁରେ ଗୋଟିଏ ନଳକୂପ ଅଛି। ସେହି ନଳକୂପରେ ସକାଳୁ ମହିଳାଙ୍କ ଲମ୍ବା ଧାଡି ଲାଗିଥାଏ। ଲୋକଙ୍କ ଆବଶ୍ୟକତା ଦୃଷ୍ଟିରୁ ପାଣି ପର୍ଯ୍ୟାପ୍ତ ହେଉନି। ମହିଳାଙ୍କ ସହ ପୁରୁଷମାନେ ମଧ୍ୟ ପାଖାପାଖି ୧ କିଲୋମିଟର ଦୂରରେ ଥିବା ନଳକୂପକୁ ପାଣି ପାଇଁ ଯିବାକୁ ବାଧ ହୁଅନ୍ତି। ପ୍ରଚଣ୍ଡ ଖରା ସହ ମହିଳା ଓ ପୁରୁଷମାନେ ପାଣି ନେବାରେ ବହୁ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଅନ୍ୟପଟେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବସୁଧା ଯୋଜନାରେ ପ୍ରତ୍ୟେକ ଘର ଆଗରେ ପିଇବା ପାଣି ପାଇଁ ପାଇପ୍ ଖଞ୍ଜିଛନ୍ତି। ଷ୍ଟାଣ୍ଡପୋଷ୍ଟ ମଧ୍ୟ ଲଗା ଯାଇଛି। ଅନେକ ସ୍ଥାନରେ କିନ୍ତୁ ଟ୍ୟାପ୍ ଲାଗିନାହିଁ। ଏଣୁ ପାଇପ୍‌ରେ ପାଣି ଆସୁନି। ଠିକାଦାର ନିମ୍ନମାନର କାମ କରିବା ଯୋଗୁଁ ଗାଁକୁ ପାଣି ନ ଆସିବା ପୂର୍ବରୁ ଷ୍ଟାଣ୍ଡପୋଷ୍ଟ ସବୁ ଭାଙ୍ଗିବାକୁ ବସିଲାଣି। ବିଶୁଦ୍ଧ ପାନୀୟ ଜଳ ସତେ ଯେମିତି ନୁର୍ପା ଗାଁ ଲୋକଙ୍କ ଲାଗି ସ୍ୱପ୍ନ ଥିଲା। ବୌଦ୍ଧ ଜିଲ୍ଲା ରାଜ୍ୟର ଉତ୍ତପ୍ତ ସହର ହୋଇଥିବା ବେଳେ ପାଣି ସମସ୍ୟା ନୁର୍ପା ଲୋକଙ୍କ କଷ୍ଟକୁ ଦ୍ୱିଗୁଣିତ କରିଛି। ଏ ନେଇ ସୋମବାର ଦୈନିକ ‘ସକାଳ’ରେ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ଆଧାର କରି ବରଗଡ଼ ଜିଲ୍ଲାର ରମେଶ ମେହେର ଓ ବିନୋଜ କନ୍ଧେର ଟୁଇଟ୍ ମାଧ୍ୟମରେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଶାସନ ଏହାକୁ ଗୁରୁତର ଭାବେ ଗ୍ରହଣ କରିଥିଲା। ଏହାପରେ ଆବଶ୍ୟକ ମରାମତି କରାଯାଇ ଗାଁକୁ ପାଣି ସଂଯୋଗ ଦିଆଯାଇଛି। ଲୋକେ ପାଣି ପାଇବା ପରେ ଖୁସିବ୍ୟକ୍ତ କରିବା ସହ ଦୈନିକ ‘ସକାଳ’କୁ ଧନ୍ୟବାଦ ଜଣାଇଛନ୍ତି।

# ଉଲୁଣ୍ଡା ସମବାୟ ସମିତି ଚାଷୀଙ୍କ ବୈଠକ

ସୋନପୁର, ୨୪।୩(ସମିସ): ଉଲୁଣ୍ଡା ପାକ୍ସ ସ୍ଥାନ ପରିବର୍ତ୍ତନକୁ ବିରୋଧ କରି ପଞ୍ଚାୟତ ସମିତି କଲେଜ ପ୍ରାଙ୍ଗଣରେ ଉଲୁଣ୍ଡା ସମବାୟ ସମିତି ଅଧୀନସ୍ଥ ଚାଷୀମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ଉଲୁଣ୍ଡା ସମବାୟ ସମିତିର କାର୍ଯ୍ୟାଳୟ ଦୀର୍ଘଦିନ ଧରି ଭଡ଼ାଘରେ ଚାଲି ଆସୁଥିଲା। ଏବେ ପାକ୍ସର ନୂତନ କାର୍ଯ୍ୟାଳୟ ଓ ଗୋଦାମ ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି। ତେବେ ଚାଷୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବ୍ୟକ୍ତିଗତ ସ୍ୱାର୍ଥ ସାଧିତ କରିବା ପାଇଁ ଅଧିକାରୀ ବେପରୁଆ ଭାବେ କାର୍ଯ୍ୟାଳୟ ନିଜ ପଞ୍ଚାୟତ ଲସ୍ତଲା ଅଞ୍ଚଳକୁ ସ୍ଥାନାନ୍ତର କରିବାର ନିଷ୍ପତ୍ତି ନେଇଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ପାକ୍ସର ଚାଷୀମାନେ ବାରମ୍ବାର ଏଆରସିଏସ ଏବଂ ଡିଆରସିଏସଙ୍କୁ ଏସମ୍ପର୍କରେ ଅବଗତ କରାଇଥିଲେ ମଧ୍ୟ ଫଳଶୂନ। ସୂଚନାଯୋଗ୍ୟ ପ୍ରତ୍ୟେକ ପଞ୍ଚାୟତରେ ପାକ୍ସ ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ କେଉଁ ସ୍ୱାର୍ଥରେ ଉଲୁଣ୍ଡା ବ୍ଲକ ହେଡକ୍ୱାର୍ଟର ପଞ୍ଚାୟତର ପାକ୍ସ ଅନ୍ୟ ପଞ୍ଚାୟତକୁ ସ୍ଥାନାନ୍ତର କରାଗଲା ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ତରବରିଆ ଭାବେ ଗଣ୍ଡାବାହାଲର ୨ଏକର ଜମିକୁ ଛାଡ଼ି ଲସ୍ତଲାର ମାତ୍ର ୭୦୦ ଡେସିମିଲ ଜମି ଉପରେ କାର୍ଯ୍ୟ ଆରମ୍ଭ କରାଯାଇଥିବାରୁ ଚାଷୀମାନେ ଏହାକୁ ଘୋର ବିରୋଧ କରିଛନ୍ତି। ପାକ୍ସର ରକ୍ଷଣାବେକ୍ଷଣ ପଇସା ଖର୍ଚ୍ଚ କରି ନୂତନ ପାଚେରୀ ନିର୍ମାଣ କରାଯିବା କଣ ଭୁଲ କି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ଶୀଘ୍ର ପାକ୍ସ ସ୍ଥାନାନ୍ତର ବନ୍ଦ ନହେଲେ ଆଗକୁ

**● ପାକ୍ସ ସ୍ଥାନ ପରିବର୍ତ୍ତନକୁ ବିରୋଧ**

ଭୀଷଣ ଆନ୍ଦୋଳନ ସହ ଉଲୁଣ୍ଡା ବନ୍ଦ ଏବଂ ଡିଆରସିଏସ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ପାଇଁ ଚେତାବନୀ ଦେଇଛନ୍ତି। ବୈଠକରେ ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ପାଢ଼ୀ, ପାକ୍ସ ନିର୍ଦ୍ଦେଶକ କୃତିବାସ ବାଗ, କାହ୍ନୁଚରଣ ହାତୀ, ଦିଲ୍ଲୀପ ପୁରୋହିତ, ନାଗାର୍ଜୁନ ମେହେର, ଘନଶ୍ୟାମ ମହାକୁର, ଅଲେଖ ହାତୀ, ସୁଶୀଳ ପଣ୍ଡା, ଗୋବିନ୍ଦ ଦାସ ତରେଇ, ସୁଦାମ ମହାକୁର, ଅରୁଣ କୁଲିହା, କାହ୍ନୁଚରଣ କ୍ଷେତୀ, ନିରୋଦ ସୁନ୍ଦର ପୁରୋହିତ, ଧର୍ମପଦ ମହାକୁର, ସୁରେନ ପଣ୍ଡା, ଧର୍ମନିରଞ୍ଜନ ପଣ୍ଡା, ଶିବପ୍ରସାଦ ପାତ୍ର, ଯୋଗେନ୍ଦ୍ର ବାରିକ, ଉମେଶ ଚାଉଳିଆ, ଗୁନୁରାମ ବାରିକ ଓ ରଞ୍ଜିତ ମହାକୁର ପ୍ରମୁଖ ଉପସ୍ଥିତ ଥିଲେ।

**● ପିପିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

## ରୀୟାନ ଟାଇଗର ଓ ସମ୍ରାଟ ୧୧ ବିଜୟୀ



**ବିନିକା, ୨୪।୩(ସମିସ):** ଐତିହାସିକ ତାରାପୁରଗଡ଼ ମିନି ଷ୍ଟାଡିୟମରେ ଚାଲିଥିବା ବିନିକା ପାଲିପଡ଼ା କ୍ରିକେଟ ଲିଗ୍ ମ୍ୟାଚର ସୋମବାର ଅନୁଷ୍ଠିତ ପଞ୍ଚମ ମ୍ୟାଚରେ ସ୍କାଏ ଇଗଲକୁ ହରାଇ ସମ୍ରାଟ ୧୧ ବିଜୟୀ ହୋଇଛି। ପ୍ରଥମେ ସ୍କାଏ ଇଗଲ ବ୍ୟାଟିଂ କରି ୧୦ଓଭରରେ ୭ୱିକେଟ ହରାଇ ୯୧ରନ କରିଥିଲା। ଏହାର ଜବାବରେ ସମ୍ରାଟ ୮.୧ ଓଭରରେ ୫ୱିକେଟ ହରାଇ ବିଜୟୀ ହୋଇଥିଲେ। ସେହିପରି ରବିବାର ମ୍ୟାଚରେ ରୀୟାନ ଟାଇଗର ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୭ୱିକେଟ ହରାଇ ୯୩ ରନ କରିଥିବା ବେଳେ ଇଲିଟି ୧୧ ନିର୍ଦ୍ଧାରିତ ଓଭର ମଧ୍ୟରେ ୪ୱିକେଟ ହରାଇ ମାତ୍ର ୮୭ରନ କରିଥିଲା। ଫଳରେ ରୀୟାନ ଟାଇଗର ବିଜୟୀ ହୋଇଥିଲା। ଖେଳକୁ ପ୍ରଦୀପ ମହାଳିଂ, ସଂଗ୍ରାମ, କିରନ ପରିଚାଳନା କରିଥିଲେ। ମ୍ୟାଚର ଧାରାବିବରଣୀ ବୈରାଗୀ, ଶଶାଙ୍କ, ଆନନ୍ଦ, ଚନ୍ଦନ ଏବଂ ସ୍କୋରର ଭାବେ ମହେନ୍ଦ୍ର, ଜିତୁ, ହର୍ଷ ଦାୟିତ୍ୱ ତୁଲାଇଥିଲେ। ଶେଷରେ ଅମିତ ବିକ୍ରମ ମିଶ୍ରଙ୍କ ଅଧକ୍ଷତାରେ ପୁରସ୍କାର ବିତରନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଯୁବ ସଂଗଠକ ମନ୍ତୁ ହୋତା, ସ୍ୱରପ ପାତ୍ର, ନରସିଂହ ପୃଷ୍ଟି, ଜିତୁ ବଡମାଲି ଓ ଚନ୍ଦନ ଦେହେରି ପ୍ରମୁଖ ଅତିଥି ଭାବେ ଯୋଗଦେଇ ମ୍ୟାନ୍ ଅଫ ଦି ମ୍ୟାଚ ରୀୟାନ ଟାଇଗରର ସୁବାସ ନେପାକ, ସମ୍ରାଟ ୧୧ର ଗୋପ ଏବଂ ଉଭୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।

## ଓଡ଼ିଶା ଷ୍ଟେଟ୍ ବ୍ରିଗେଡ଼ ସ୍କୁଲର ବାର୍ଷିକ ଉତ୍ସବ



ମନମୁଣ୍ଡା, ୨୪।୩(ସମିସ):

ସ୍ଥାନୀୟ ଓଡ଼ିଶା ଷ୍ଟେଟ ବ୍ରିଗେଡ଼ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ବୌଦ୍ଧ ଜିଲ୍ଲା ପରିଷଦ ଉପାଧକ୍ଷ ଶଙ୍କର୍ଷଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ମନମୁଣ୍ଡା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସମ୍ବିତ ମିଶ୍ର, ସମ୍ମାନିତ ଅତିଥିଭାବେ ମନମୁଣ୍ଡା ସିଆରସିସି ପ୍ରଜିନା ପାଢ଼ୀ, ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତା, ପାଟଣାଗଡ଼ ଓଏସବିଏସର ପରିଚାଳନା ନିର୍ଦ୍ଦେଶକ ଏବଂ ଶିକ୍ଷାବିତ୍ କ୍ଷୀରସାଗର ବିଭାର ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲର ଅଧକ୍ଷା ବୁଲବୁଲି ନାୟକଙ୍କ ତତ୍ତ୍ୱାବଧାନ ଏବଂ ପରିଚାଳନା ନିର୍ଦ୍ଦେଶକ ମଙ୍ଗଳମୟ ରଥଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ପ୍ରଶାନ୍ତ ପ୍ରଧାନ ସଂଯୋଜନା କରିଥିବାବେଳେ ଶିକ୍ଷୟିତ୍ରୀ ସୁଲେଖ ସାହୁ, ଅଜିତା ତଣ୍ଡକା, କବିତା ମେହେର, ରଞ୍ଜିତା ପ୍ରଧାନ, ଦମୟନ୍ତୀ ପାଣ୍ଡେ, ଲକ୍ଷ୍ମୀ ପାତ୍ର, ଜ୍ୟୋତ୍ସ୍ନା ମେଣ୍ଡିଲି, ମମତା ଦଣ୍ଡିଆ, ନୁରୁମ୍ ବେଗମ୍ ପ୍ରମୁଖ ସହଯୋଗ କରିଥିଲେ।

## ମଦ କାରବାରରେ ମହିଳା ଗିରଫ

ଶଗଡ଼ା, ୨୪।୩( ସମିସ): ମନମୁଣ୍ଡା ଅବକାରୀ ବିଭାଗ ଦେଶୀ ମଦ କାରବାରରେ ଜଣେ ମହିଳାକୁ ଗିରଫ କରିଛି। ଏହି ମହିଳା ଜଣକ ହେଲେ ଜମଟାଙ୍ଗି ଗ୍ରାମର ବୃନ୍ଦୁରି ମହାଲିକ (୩୩)। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଅଧିକାରୀ ଜୟନ୍ତୀ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ଟିମ୍ ମନମୁଣ୍ଡା ଥାନା ଅଧୀନ ଜମଟାଙ୍ଗି ଗ୍ରାମ୍ୟ ରାସ୍ତା ନିକଟରେ ଚଢଉ କରିଥିଲା। ତାଙ୍କଠାରୁ ୧୨ଲିଟର ଦେଶୀ ମଦ ଜବତ ହୋଇଛି। ଏ ନେଇ ମନମୁଣ୍ଡା ଅବକାରୀ ବିଭାଗ ଏକ ମାମଲା ରୁଜୁ କରିଛି।

## ଜିଲ୍ଲାସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ

ବୌଦ୍ଧ, ୨୪।୩(ସମିସ): ବୌଦ୍ଧ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ତାଲିମ କେନ୍ଦ୍ରରେ ଜିଲ୍ଲାସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡ. ସଂଘମିତ୍ରା ପଣ୍ଡା ଅଧକ୍ଷତା କରିଥିଲେ। ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡ. କିଶୋର ଚନ୍ଦ୍ର ପଟ୍ଟନାୟକ, ଡ. ବର୍ଷା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡ. ଭଞ୍ଜ କିଶୋର ରାମଚନ୍ଦ୍ର ଦେଓ ପରିଚାଳନା କରିଥିଲେ।

## ପଞ୍ଚକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଆରମ୍ଭ



**ବିନିକା, ୨୪।୩(ସମିସ):** ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ବିନିକା ବ୍ଲକ ଚରଦା ଶାଖା ଆନୁକୂଲ୍ୟରେ ବିନିକାସ୍ଥିତ ମାତାମଠରେ ପଞ୍ଚକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଆଜିଠାରୁ ଆରମ୍ଭ ହୋଇଛି। ଯଜ୍ଞମଣ୍ଡପରେ କଳସ ସ୍ଥାପନ ପରେ ଗାୟତ୍ରୀ ମହାଯଜ୍ଞ ଆରମ୍ଭ ହେବାସହ ସନ୍ଧ୍ୟାରେ ଦୀପ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଅଧ୍ୟାପକ କିଶୋର ପାଣଗ୍ରାହୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବସୁଦେବ ମିଶ୍ର, ପଞ୍ଚା ସେଠ ଶାନ୍ତିକୁଞ୍ଜ ହରିଦ୍ୱାର ମାଧ୍ୟମରେ ଯଜ୍ଞ ପରିଚାଳନା କରିଥିଲେ। କର୍ତ୍ତାଭାବେ ଅରୁଣ ସୁବୁଦ୍ଧି, ଦିଲ୍ଲୀପ ଥନାପତି, ବଳିଷ୍ଠ ଥନାପତି, ବୀରେନ୍ଦ୍ର ଥନାପତି ଓ ବୈଶାଖୁ ବାଗ ପ୍ରମୁଖ ସପତ୍ନିକ ଦାୟିତ୍ୱ ନିର୍ବାହ କରୁଛନ୍ତି। ପରିଚାଳନାରେ ଶୁକଦେବ ଥନାପତି, ଘନଶ୍ୟାମ କ୍ଷେତି, ତ୍ରିଲୋଚନ ବାରିକ, କଳ୍କି ଥନାପତି, ବସନ୍ତ ନେଗୀ, ସାରଥୀ କର୍ଣ୍ଣ, ରାଜିବ ଥନାପତିଙ୍କ ସମେତ ଚରଦା ଗାୟତ୍ରୀ ପରିବାରର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ପାଞ୍ଚ ବର୍ଷ ଧରି ଗୁଣ୍ଡିଚା ମନ୍ଦିରକୁ ପ୍ରବେଶ ବନ୍ଦ

**ପୁରୀ,୨୪।୩(ସମିସ):** ପ୍ରାୟ ୫ ବର୍ଷ ହୋଇଯିବ ଗୁଣ୍ଡିଚା ମନ୍ଦିର ଭିତରକୁ ଭକ୍ତଙ୍କୁ ଛଡ଼ା ଯାଉନାହିଁ। କେବଳ ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଆଡ଼ପମଣ୍ଡପରେ ଠାକୁରଙ୍କୁ ଦର୍ଶନ କରୁଛନ୍ତି। ଚତୁର୍ଦ୍ଧା ବିଗ୍ରହ ଶ୍ରୀମନ୍ଦିରକୁ ବାହୁଡ଼ିଗଲେ ପୁଣି ଭକ୍ତଙ୍କ ପାଇଁ ବନ୍ଦ ହୋଇଯାଉଛି ଗୁଣ୍ଡିଚା ମନ୍ଦିର ଦ୍ୱାର। ତେବେ ଏଠାରେ ପ୍ରଶ୍ନ ଉଠୁଛି, କ'ଣ ପାଇଁ ଏଭଳି କଟକଣା? ଯଦି ମନ୍ଦିରରେ ମରାମତି କିମ୍ବା କୌଣସି ସୌନ୍ଦର୍ଯ୍ୟୀକରଣ କାମ ହେଉନାହିଁ, କାହିଁକି ଭକ୍ତଙ୍କୁ ବାରଣ କରାଯାଉଛି? ଛାଡ଼ିଲେ ଅସୁବିଧା କେଉଁଠି ବୋଲି ପ୍ରଶ୍ନ କରିଛନ୍ତି ଶ୍ରଦ୍ଧାଳୁ। ଅନ୍ୟପକ୍ଷରେ ଗୁଣ୍ଡିଚା ମନ୍ଦିରକୁ ପ୍ରବେଶ ବନ୍ଦ ଥିଲେ ହେଁ ପୁରୀ ସହରର ଅଟୋ, ଇ-ଅଟୋ, କାର ଆଦି ଗାଡ଼ିର ଚାଳକମାନେ ଷ୍ଟେସନ୍, ବସ୍‌ଷ୍ଟାଣ୍ଡ ଏବଂ ବିଭିନ୍ନ ହୋଟେଲରୁ ଯାତ୍ରୀ, ପର୍ଯ୍ୟଟକଙ୍କୁ ଧରି ମନ୍ଦିର ଦର୍ଶନ କରାଇବାକୁ ଆଣୁଛନ୍ତି। ଏହାଦ୍ୱାରା ଅଯଥାରେ ଭକ୍ତ, ପର୍ଯ୍ୟଟକଙ୍କୁ ଆର୍ଥିକ ଶୋଷଣର ଶିକାର ହେବାକୁ ପଡୁଛି।

ଓଡ଼ିଶାରେ କୋଭିଡ୍ କଟକଣା ଲାଗୁ ହେବା ପରଠାରୁ ଗୁଣ୍ଡିଚା ମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରଖାଯାଇଛି। ରଥଯାତ୍ରା ସମୟରେ ୯ ଦିନ ପାଇଁ ଗୁଣ୍ଡିଚା ମନ୍ଦିର ଖୋଲା ରହୁଛି। ଆଡ଼ପମଣ୍ଡପରୁ ମହାପ୍ରଭୁ ଯିବା ପରେ ପୁଣି ବନ୍ଦ ହୋଇଯାଉଛି ମନ୍ଦିର ଦ୍ୱାର। ଏହା ହଜାର ହଜାର ଜଗନ୍ନାଥପ୍ରେମୀଙ୍କୁ ନିରାଶ କରିଛି। ପ୍ରଚାର, ପ୍ରସାର ଅଭାବରୁ ପ୍ରତିଦିନ ଶହଶହ ଭକ୍ତ, ପର୍ଯ୍ୟଟକ ଗୁଣ୍ଡିଚା ମନ୍ଦିର ଆସି ନିରାଶ ହୋଇ ଫେରୁଛନ୍ତି। ପୁରୀକୁ ଆସୁଥିବା ଭକ୍ତ ଓ ତୀର୍ଥଯାତ୍ରୀ ଶ୍ରୀମନ୍ଦିର ସହ ମହାପ୍ରଭୁଙ୍କ ଜନ୍ମବେଦୀ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିବାର ଆଗ୍ରହ ରଖିଥାନ୍ତି। ହେଲେ ସେମାନଙ୍କୁ ନିରାଶ ହେବାକୁ ପଡୁଛି।

ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲିବାକୁ ବିଭିନ୍ନ ମହଲରୁ ବାରମ୍ବାର ଦାବି ହୋଇଆସୁଛି। ବାହାରୁ ଆସୁଥିବା ଭକ୍ତ ବିଶେଷକରି ପଶ୍ଚିମବଙ୍ଗର ଶ୍ରଦ୍ଧାଳୁ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିବାକୁ ଅଧିକ ଆଗ୍ରହ ଦେଖାଇଥା'ନ୍ତି। ହେଲେ ବର୍ଷ ବର୍ଷ ଧରି ବନ୍ଦ ପଡ଼ିଥିବାରୁ ସେମାନେ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଆସୁଛନ୍ତି। ଏହାକୁ ନଜରରେ ରଖି ଏକାଧିକଥର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଭକ୍ତଙ୍କ ପାଇଁ ଗୁଣ୍ଡିଚା ମନ୍ଦିର ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ମନ୍ଦିରରେ ମରାମତି କାମ ସରିଲେ ଖୋଲାଯିବ ବୋଲି କୁହାଯାଇଥିଲା। ଏହି ନିଷ୍ପତ୍ତିକୁ ପ୍ରାୟ ଦୁଇବର୍ଷ ବିତିଯିବ। କିନ୍ତୁ ପ୍ରତିଦିନ ଶହ ଶହ ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ ଗୁଣ୍ଡିଚା ମନ୍ଦିର ବୁଲିବାକୁ ଆସି ନିରାଶ ହୋଇ ଫେରୁଛନ୍ତି।

**■ ଭକ୍ତଙ୍କୁ ଛାଡ଼ିଲେ ଅସୁବିଧା କେଉଁଠି?**
**■ ନକାରାତ୍ମକ ଅନୁଭୂତି ସାଉଣ୍ଟୁଛନ୍ତି ଶ୍ରଦ୍ଧାଳୁ**

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗୁଣ୍ଡିଚା ମନ୍ଦିର ପରିଦର୍ଶନ ବାହାନାରେ ପ୍ରତିଦିନ ଶହଶହ ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ ଶୋଷଣର ଶିକାର ହେଉଛନ୍ତି। ପୁରୀକୁ ଆସୁଥିବା ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ମଧ୍ୟରୁ ଅନେକ ବିଭିନ୍ନ ହୋଟେଲରେ ରହିଥାନ୍ତି। ପୁଣି କେହି ସକାଳେ ଟ୍ରେନ୍, ବସ୍ ଯୋଗେ ପହଞ୍ଚିଥାନ୍ତି। ସେମାନଙ୍କୁ ବିଭିନ୍ନ ମଠ, ମନ୍ଦିର ଏବଂ ଦର୍ଶନୀୟ ସ୍ଥାନ ବୁଲାଇବା ପାଇଁ ଅଟୋ, ଇ-ଅଟୋ, କାର୍ ଆଦି ବିଭିନ୍ନ ଗାଡ଼ି ଷ୍ଟେସନ, ବସ୍‌ଷ୍ଟାଣ୍ଡ ଏବଂ ବିଭିନ୍ନ ହୋଟେଲରେ ସମ୍ମୁଖରେ ପହଞ୍ଚନ୍ତି। ବାହାରୁ ଆସିଥିବା ଭକ୍ତ, ପର୍ଯ୍ୟଟକ ଗୁଣ୍ଡିଚା ମନ୍ଦିର ବନ୍ଦ ଥିବା ସମ୍ପର୍କରେ ଜାଣି ନଥାନ୍ତି। ଯଦି ସେମାନେ ଗୁଣ୍ଡିଚା ମନ୍ଦିର ବୁଲିବାକୁ ବାହାରନ୍ତି, ତେବେ ବନ୍ଦ ଥିବା ଜାଣି ମଧ୍ୟ ବିଭିନ୍ନ ଗାଡ଼ିର ଚାଳକ କିଛି କୁହନ୍ତି ନାହିଁ।

ସେମାନଙ୍କୁ ଗାଡ଼ିରେ ଧରି ମନ୍ଦିର ସମ୍ମୁଖରେ ପହଞ୍ଚିଯାନ୍ତି। ହେଲେ ଗାଡ଼ିରୁ ଓହ୍ଲାଇବା ପରେ ଗୁଣ୍ଡିଚା ମନ୍ଦିର ବନ୍ଦ ଥିବା ଦେଖନ୍ତି। ନିକଟସ୍ଥ ଦୋକାନରେ ପଚାରି ବୁଝନ୍ତି। ଗୁଣ୍ଡିଚା ମନ୍ଦିର ବନ୍ଦ ଥିବା ଶୁଣିବା ପରେ ମନ ଦୁଃଖରେ ଫେରନ୍ତି। ଅନେକ ମଧ୍ୟ ମନ୍ଦିର ଆଗରେ ଠିଆ ହୋଇ ମୋବାଇଲରେ ସ୍ମୃତି ସାଉଣ୍ଟି ଫେରିଯାନ୍ତି। ହେଲେ ବିଭିନ୍ନ ସମୟରେ ଗାଡ଼ି ଚାଳକଙ୍କ ସହ ଭକ୍ତ, ପର୍ଯ୍ୟଟକଙ୍କ ପାଟିତୁଣ୍ଡ ହୋଇଥାଏ।

## ବାପାର ମୃତ୍ୟୁ ଖବର ଶୁଣି ପୁଅର ପ୍ରାଣ ଗଲା



**ଆନନ୍ଦପୁର, ୨୪।୩ (ସମିସ):** ବାପାଙ୍କ ମୃତ୍ୟୁ ଖବର ଶୁଣି ଟଳିପଡ଼ିଲା ପୁଅ। ଆନନ୍ଦପୁର ସହରର ବଣିଆ ସାହିରେ ଆଜି ଏହି ଅଘଟଣ ଘଟିଛି। ମୃତ ବାପା-ପୁଅ ହେଲେ, ଜଟାଧାରୀ ସାହୁ (୮୫) ଓ ତାଙ୍କ ପୁଅ ରାଜେଶ କୁମାର ସାହୁ। ସୂଚନାନୁଯାୟୀ, ଭାରତୀୟ ସେନାରେ କାର୍ଯ୍ୟ କରି ଅବସର ନେବା ପରେ ଜଟାଧାରୀ ଏକ ବେସରକାରୀ ସଂସ୍ଥାରେ ଗାଡ଼ିଚାଳକ ଭାବେ କାମ କରୁଥିଲେ। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁଁ ଆଜି ଅପରାହ୍ଣରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପାଇ ପୁଅ ରାଜେଶ ବିଚଳିତ ହୋଇପଡ଼ିଥିଲେ। ଏହି ଖବର ତାଙ୍କୁ ଏତେ ବ୍ୟଥିତ କରିଥିଲା ଯେ ସେ ବି ଘଟଣାସ୍ଥଳରେ ଟଳି ପଡ଼ିଥିଲେ। କିଛି ସମୟ ବ୍ୟବଧାନରେ ବାପା-ପୁଅ ଆଗପଛ ହୋଇ ଚାଲିଯିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଉଛି। ଅପରପକ୍ଷେ, ପରିବାରର ଦୁଇଜଣ ପୁରୁଷଙ୍କୁ ଏକାବେଳେକେ ହରାଇ ଜଟାଧାରୀଙ୍କ ପରିବାର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

## ରଙ୍କ ହତ୍ୟାକାରୀକୁ ଆଜୀବନ ଜେଲ୍

**ବ୍ରହ୍ମପୁର, ୨୪।୩ (ସମିସ):** ବହୁଚର୍ଚ୍ଚିତ ରଙ୍କ ହତ୍ୟା ମାମଲାର ବିଚାର କରି ଗଞ୍ଜାମ ଜିଲ୍ଲା ଓ ଦୌରାଜଜ୍ କୃପାଶ୍ରୀ ଚୌଧୁରୀ ସୋମବାର ଅଭିଯୁକ୍ତ ନିମଖଣ୍ଡି ବଡ଼ସାହିର ହରିହର ସାହୁ ଓରଫ୍ ବାପିନି (୩୧)କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୨୩ ମସିହା ଡିସେମ୍ବର ୧୧ ତାରିଖ ଭୋରରେ ଗାନ୍ଧୀନଗର ୨ୟ ଲାଇନ୍‌ରେ ଅମ୍ବିକାନଗରର ରଙ୍କ ସେଠୀ (୬୨)ଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର ହୋଇଥିଲା। କେହି ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ରଙ୍କଙ୍କ ଗଳାକାଟି ହତ୍ୟା କରିଥିବା ସନ୍ଦେହ କରି ଟାଉନ୍ ଥାନା ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତ ବେଳେ ନିମଖଣ୍ଡି ବଡ଼ସାହିର ହରିହର ତାଙ୍କୁ ହତ୍ୟା କରିଥିବା ପୁଲିସ୍ ଜାଣିବାକୁ ପାଇଥିଲା। ଚା' ଦୋକାନରେ ରଙ୍କ ଗାଳିଗୁଲଜ କରି ଅପମାନ ଦେଉଥିବାରୁ ବାପିନି ପ୍ରତିଶୋଧ ପରାୟଣ ହୋଇ ରଙ୍କଙ୍କୁ ହତ୍ୟା କରିଥିବା ଜଣାପଡ଼ିଥିଲା। ପୁଲିସ୍ ବାପିନିକୁ ଛତ୍ରପୁରରୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାର ବିଚାର ବେଳେ ମୋଟ ୧୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇଥିଲା। ଗିରଫ ପରଠାରୁ ବାପିନି ବ୍ରହ୍ମପୁର ଜେଲରେ ବିଚାରାଧୀନ କଏଦୀ ଭାବେ ରହିଆସୁଥିଲା। ସରକାରଙ୍କ ପକ୍ଷରୁ ପିପି ତ୍ରିଲୋଚନ ପରିଡ଼ା ମାମଲା ପରିଚାଳନା କରୁଥିଲେ।



## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**କେନ୍ଦୁଝର,୨୪।୩(ସମିସ):** କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ବିଜୟ କୁମାର ମିଶ୍ର ସୋମବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ହରିଚନ୍ଦନପୁର ଥାନା ଅଞ୍ଚଳର ଅଭିଯୁକ୍ତ ଦୀପ୍ତିରଞ୍ଜନ ମହାକୁଡ଼କୁ ୨୦ବର୍ଷ ଜେଲ୍ ଓ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୬ମାସ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ୧୩ଜଣ ସାକ୍ଷ୍ୟ ଓ ପୁଲିସ୍ ତଦନ୍ତ ରିପୋର୍ଟକୁ ଭିତ୍ତି କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ୭ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ପାଇଁ ଆଇନ ସେବା ପ୍ରାଧିକରଣଙ୍କୁ ସୁପାରିଶ କରିଛନ୍ତି। ୨୦୨୩ ଜାନୁଆରୀରେ ଜଣେ ୧୪ବର୍ଷର ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଦୀପ୍ତିରଞ୍ଜନ ତାଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିଲା। ପୀଡ଼ିତା ଗର୍ଭବତୀ ହେବାରୁ ଘଟଣା ପଦାକୁ ଆସିଥିଲା। ଏ ସଂପର୍କରେ ପୀଡ଼ିତାର ପରିବାର ହରିଚନ୍ଦନପୁର ଥାନାରେ ଅଭିଯୋଗ କରିଥିଲେ। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା ମାମଲା ପରିଚାଳନା କରୁଥିଲେ।

## ବାରହା ଆକ୍ରମଣରେ ୨ ମହିଳା ଆହତ

**ପୁରୀ,୨୪।୩(ସମିସ):** ଜଙ୍ଗଲୀ ବାରହା ଆକ୍ରମଣରେ ୨ ଜଣ ମହିଳା ଆହତ ହୋଇଛନ୍ତି। ସେମାନେ ହେଲେ ସୁଲୋଚନା ଦୀକ୍ଷିତ ଓ ଭାନୁମତି ମଲ୍ଲିକ। ପୁରୀ ଜିଲ୍ଲା ଛଇତନା ଦକ୍ଷିଣ ସାହିରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଏମାନଙ୍କ ମଧ୍ୟରୁ ଗୁରୁତର ହୋଇଥିବା ସୁଲୋଚନାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ଛଇତନା ଦକ୍ଷିଣ ସାହି ଗାଁର ସୁଲୋଚନା ଓ ଭାନୁମତି ସକାଳୁ ନିକଟସ୍ଥ ନଈରୁ ଗାଧୋଇ ଘରକୁ ଫେରୁଥିବା ବେଳେ ହଠାତ୍ ଏକ ବାରହା ଉଭୟଙ୍କୁ ଆକ୍ରମଣ କରିଥିଲା। ସେମାନେ ପ୍ରାଣ ବିକଳରେ ପାଟି କରି ଦୌଡିଥିଲେ। ହେଲେ ଏହି ଜଙ୍ଗଲୀ ବାର୍‌ହାଟି ଗୋଡ଼ାଇ କାମୁଡ଼ିଥିଲା। ସୁଲୋଚନାଙ୍କ ଗୋଡ଼, ହାତ ଆଦିକୁ ବାର୍‌ହା ଆକ୍ରମଣ କରିଥିବା ବେଳେ ଭାନୁମତି ସାମାନ୍ୟ ଆହତ ହୋଇଛନ୍ତି। ପାଟି ଶୁଣି ନିକଟରେ ଉପସ୍ଥିତ ଥିବା ଲୋକେ ଦୁହିଁଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରଥମଥର ପାଇଁ ସମ୍ପୃକ୍ତ ଅଞ୍ଚଳରେ ବାରହା ଉତ୍ପାତ ଦେଖିବାକୁ ମିଳିଥିବା ସ୍ଥାନୀୟ ଲୋକେ କହିଛନ୍ତି।

## ଚାକିରି ଦେବା ଆଳରେ ୧୧ ଲକ୍ଷ ଠକେଇ

**ବ୍ରହ୍ମପୁର,୨୪।୩(ସମିସ):** ଆମେରିକାରେ ଚାକିରି କରାଇଦେବା ଆଳରେ ବ୍ରହ୍ମପୁରର ଜଣେ ଯୁବକଙ୍କଠାରୁ ପ୍ରାୟ ୧୧ ଲକ୍ଷ ଟଙ୍କା ଠକେଇ ହୋଇଛି। ଠକେଇର ଶିକାର ହୋଇଥିବା ଯୁବକଜଣକ ହେଲେ, ବଡ଼ବଜାର ଥାନା ଅନ୍ତର୍ଗତ ରଘୁପତି ନଗର ଅଞ୍ଚଳର ପ୍ରମୋଦ କୁମାର ମିଶ୍ର(୪୪)। ଏନେଇ ପ୍ରମୋଦ ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ, ଶ୍ରୀ ମିଶ୍ରଙ୍କୁ ଗତ କିଛି ଦିନ ତଳେ ହ୍ୱାଟସ୍‌ଆପ୍‌ରେ ଏକ ମେସେଜ୍ ଆସିଥିଲା। ଆମେରିକାରେ ଚାକିରି କଲେ ମୋଟା ଅଙ୍କର ଦରମା ମିଳିବ ବୋଲି ଉକ୍ତ ମେସେଜରେ ଉଲ୍ଲେଖ ଥିଲା। ପ୍ରମୋଦ ଫୋନ୍ ନମ୍ବରରେ ଯୋଗାଯୋଗ ବେଳେ କ୍ରିଷ୍ଣା ପ୍ରସାଦ ଠାକୁର ଫୋନ୍ ରିସିଭ୍ କରି ନିଜକୁ ଆମେରିକା କାଇନେଟିକ୍ ଏନର୍ଜି କମ୍ପାନୀର ଜଣେ ଅଧିକାରୀ ବୋଲି ପରିଚୟ ଦେଇଥିଲେ। ଚାକିରି ପାଇଁ ଭିସା ଓ ଫ୍ଲାଇଟ ଟିକଟ ବାବଦରେ ପ୍ରାୟ ୧୧ ଲକ୍ଷ ଟଙ୍କା କ୍ରିଷ୍ଣା ପ୍ରସାଦଙ୍କ ନିକଟକୁ ପଠାଇଥିଲେ ପ୍ରମୋଦ। ଗତ ୧୮ ତାରିଖରେ ପ୍ରମୋଦଙ୍କଠାରୁ ପୁଣି ଅଧିକ ଟଙ୍କା ଦାବି କରାଯାଇଥିଲା। ପ୍ରମୋଦ ଠକେଇର ଶିକାର ହୋଇଥିବା ଜାଣିପାରି ଥାନାରେ ଅଭିଯୋଗ କରିଥିଲେ।

### ଏସସିବିରେ ସୁସ୍ଥ ଶିଶୁ ବଦଳରେ ମଲାଛୁଆ ଧରାଇଦେବା ପ୍ରସଙ୍ଗ

## ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

**କଟକ, ୨୪।୩ (ସମିସ):** ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସପିଟାଲ(ଏସସିବିଏମସିଏଚ)ରେ ଜଣେ ପ୍ରସୂତିଙ୍କଠାରୁ ଜନ୍ମିତ ଏକ ସୁସ୍ଥ ଶିଶୁକନ୍ୟାକୁ ବଦଳ କରାଯାଇ ମୃତ ଶିଶୁ ହସ୍ତାନ୍ତର କରାଯାଇଥିବା ଅଭିଯୋଗରେ ରୁଜୁ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ସମ୍ବେଦନଶୀଳ ମାମଲାର ଶୁଣାଣି କରି ହାଇକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି। ରତନା ବେହେରାଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଡ. ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଏସ୍‌ସିବି ଅଧୀକ୍ଷକ ଏହି ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣି ସୁଦ୍ଧା ରିପୋର୍ଟ ଦେବେ ବୋଲି ହାଇକୋର୍ଟ କହିଛନ୍ତି।

**ରିପୋର୍ଟ ଦେବେ ଏସସିବି ଅଧୀକ୍ଷକ**

ଡାକ୍ତରଖାନା କେବଳ ଚିକିତ୍ସା ପ୍ରତିଷ୍ଠାନ ନୁହେଁ, ବରଂ ନିଜର ପ୍ରିୟଜନଙ୍କ ପାଇଁ ଏଠାରେ ବିଶ୍ୱାସ ଓ ଉତ୍ତରଦାୟିତ୍ୱର ଆଶା ରଖି ସାଧାରଣ ଲୋକେ ଆଶ୍ରୟ ନେଇଥାନ୍ତି। ଏହି ବିଶ୍ୱାସ ଭାଙ୍ଗିଗଲେ, ତାହା ସମଗ୍ର ବ୍ୟବସ୍ଥାର ବିଫଳତାକୁ ପ୍ରତିଫଳିତ କରିଥାଏ। ଏହି ଘଟଣା (ଶିଶୁ ବଦଳ)ରେ ସମ୍ପୃକ୍ତ ଅଧିକାରୀମାନଙ୍କ ନିଷ୍କ୍ରିୟତାକୁ ଏଡ଼ାଇ ଦେଇହେବ ନାହିଁ ବୋଲି କହିଛନ୍ତି ହାଇକୋର୍ଟ। ଏହାସହ ଏହି ପ୍ରସଙ୍ଗରେ ପ୍ରତିପକ୍ଷ ରାଜ୍ୟ ଜିଏ ବିଭାଗ, ଗୃହ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଏସସିବି ଅଧୀକ୍ଷକ ଓ କଟକ ଜିଲ୍ଲାପାଳଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି।

ପ୍ରକାଶଥାଉକି, ପୁରୀ କୁମ୍ଭାରପଡ଼ା ବାସିନ୍ଦା ରତନା ବେହେରାଙ୍କ ପତ୍ନୀ ଚନ୍ଦ୍ରମା ବେହେରା ଗତ ଫେବୃଆରୀ ୧୧ରେ ଏସ୍‌ସିବିରେ ଏକ ସୁସ୍ଥ ଶିଶୁକନ୍ୟା ଜନ୍ମ ଦେଇଥିବା ପରିବାରଲୋକେ ଦେଖିଥିଲେ। ହେଲେ ପରବର୍ତ୍ତୀ ସମୟରେ ତାଙ୍କ ଶିଶୁକନ୍ୟାକୁ ବଦଳ କରି ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ ଏକ ମୃତ ଶିଶୁକନ୍ୟା ଧରାଇ ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ଏ ନେଇ ରତନାଙ୍କ ପକ୍ଷରୁ ଗତ ଫେବୃଆରୀ ୧୩ରେ ଏସସିବି ଅଧୀକ୍ଷକଙ୍କୁ ଅଭିଯୋଗ କରାଯାଇଥିଲା। ପରେ ୧୭ ତାରିଖରେ ମଙ୍ଗଳାବାଗ ଥାନାରେ ସେ ଏକ ଏତଲା ଦେଇଥିଲେ। ୨୧ ତାରିଖରେ କଟକ ଡିସିପି ଓ ୨୫ରେ କଟକ ଜିଲ୍ଲାପାଳଙ୍କୁ ମଧ୍ୟ ଫେରାଦ ହୋଇଥିଲେ। କିଛି ସୁଫଳ ନ ମିଳିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଏପ୍ରିଲ ୨କୁ ଧାର୍ଯ୍ୟ ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଜ୍ୟୋତ୍ସ୍ନାରାଣୀ ରଥ ମାମଲା ପରିଚାଳନା କରୁଛନ୍ତି।

## ଧାନ ସଂଗ୍ରହ ପ୍ରକ୍ରିୟାରୁ ଚାଷୀ ବଞ୍ଚିତ ନ ହେବା ସୁନିଶ୍ଚିତ କର: ହାଇକୋର୍ଟ

**କଟକ, ୨୪।୩ (ସମିସ):** ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣର ଅଧିକାରରୁ ଯେପରି ପ୍ରକୃତ ଚାଷୀ ବଞ୍ଚିତ ନହୁଅନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଧାନ ସଂଗ୍ରହ ପ୍ରକ୍ରିୟାକୁ

**ନେଟୱର୍କ ଅପହଞ୍ଚ ଅଞ୍ଚଳରେ ବିକଳ୍ପ ପଞ୍ଜୀକରଣ ବ୍ୟବସ୍ଥା ପାଇଁ ଗୁରୁତ୍ୱାରୋପ**

ସରଳୀକରଣ ତଥା ପ୍ରଭାବୀ କରିବା ପାଇଁ ସରକାର ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରିବା ଉପରେ ମଧ୍ୟ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। କଳ୍ପନା ପଟେଲ ଓ ଅନ୍ୟମାନଙ୍କ ଆବେଦନର ଶୁଣାଣି କରି ଡ. ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେହିଭଳି ଗ୍ରାମାଞ୍ଚଳମାନଙ୍କରେ ଧାନ ସଂଗ୍ରହ ବ୍ୟବସ୍ଥା ଓ ପଞ୍ଜୀକରଣ ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରିବା ପାଇଁ ସମବାୟ ଓ କୃଷି ବିଭାଗ ପଦକ୍ଷେପ ନେବାକୁ କହିଛନ୍ତି ହାଇକୋର୍ଟ। ଏଥିସହ ପ୍ରାଥମିକ ସେବା ସମବାୟ ସମିତି (ପାକ୍ସ)ଗୁଡ଼ିକରେ ସହାୟତା କେନ୍ଦ୍ର ସ୍ଥାପନ, ଅଭିଯୋଗ ସମାଧାନ ବ୍ୟବସ୍ଥାର ସୁଦୃଢ଼ୀକରଣ, ହେଲପଲାଇନ ଓ ଅଭିଯୋଗ ପୋର୍ଟାଲରେ ଚାଷୀଙ୍କ ଅଭିଯୋଗକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ ଏବଂ ପାକ୍ସଗୁଡ଼ିକରେ ନିର୍ବିଘ୍ନ ଇଣ୍ଟରନେଟ ବ୍ୟବସ୍ଥାକୁ ସୁନିଶ୍ଚିତ, ଦୁର୍ବଳ ନେଟୱର୍କ ସ୍ଥାନରେ ବିକଳ୍ପ ପଞ୍ଜୀକରଣ ବ୍ୟବସ୍ଥା କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ସମ୍ବଲପୁର କୁଚିଣ୍ଡା ଅଞ୍ଚଳର କେତେକ ଚାଷୀ ବୈଷୟିକ ତ୍ରୁଟିରୁ ଧାନସଂଗ୍ରହ ପ୍ରକ୍ରିୟା ପାଇଁ ହୋଇଥିବା ପଞ୍ଜୀକରଣରୁ ବଞ୍ଚିତ ହେବା ପ୍ରସଙ୍ଗରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ସୁବ୍ୟବସ୍ଥିତ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି।

## ଋଷିକୂଲ୍ୟା ମୁହାଣରେ ବିରଳ ପ୍ରଜାତିର କଇଁଛ

**ଗଞ୍ଜାମ, ୨୪।୩ (ସମିସ):** ଗଞ୍ଜାମର ଋଷିକୂଲ୍ୟା ମୁହାଣରେ ଚଳିତବର୍ଷ ବିରଳ ପ୍ରଜାତିର ହକ୍ସବିଲ୍ ସାମୁଦ୍ରିକ କଇଁଛ ଦେଖିବାକୁ ମିଳିଛି। ପ୍ରଥମଥର ଋଷିକୂଲ୍ୟାରେ ଏହି ସାମୁଦ୍ରିକ କଇଁଛକୁ ସ୍ଥାନୀୟ ମତ୍ସ୍ୟଜୀବୀମାନେ ଦେଖିବାକୁ ପାଇଛନ୍ତି। ଏହି କଇଁଛ ଋଷିକୂଲ୍ୟା ମୁହାଣକୁ ଆସି ଅଣ୍ଡାଦାନ ମଧ୍ୟ କରିଥାଇପାରେ ବୋଲି ଆଶା କରାଯାଉଛି। ଏହି କଇଁଛ ମୁଖ୍ୟତଃ ଶ୍ରୀଲଙ୍କା, ଅଷ୍ଟ୍ରେଲିଆ, ମେକ୍ସିକୋ, ଇଣ୍ଡୋନେସିଆ ସମୁଦ୍ରରେ ଦେଖିବାକୁ ମିଳିଥାଏ। ପାଣିର ତୀବ୍ରତାକୁ ଦେଖି ନିଜର ରଙ୍ଗ ବଦଳାଇଥାଏ। ଏହାର ରଙ୍ଗ ଲାଲ। ସୂଚନା ଥାଉକି, ବିଗତ ବର୍ଷ ଦ୍ୱିତୀୟ ସର୍ବବୃହତ୍ ବିରଳ ପ୍ରଜାତି ଗ୍ରୀନ୍ ଟର୍ଟଲର ସାମୁଦ୍ରିକ କଇଁଛ ଋଷିକୂଲ୍ୟା ମୁହାଣ ବେଳାଭୂମିରେ ଅଣ୍ଡାଦାନ କରି ଫେରିଥିବା ନଜିର ରହିଛି।



## ଘରୋଇ ଡାକ୍ତରଖାନାରେ ସିଜରିଆନ ପ୍ରସବ ୮୧%

**ଭୁବନେଶ୍ୱର,୨୪।୩(ସମିସ):** ରାଜ୍ୟର ସରକାରୀ ଡ଼ାକ୍ତରଖାନାରେ ପ୍ରସୂତୀମାନଙ୍କର ସ୍ୱାଭାବିକ ପ୍ରସବ ହାର ଅଧିକ ଓ ମାତ୍ର ୧୮.୧୭% ପ୍ରସବ ଅସ୍ତ୍ରୋପଚାର ଦ୍ୱାରା କରାଯାଉଛି। ମାତ୍ର ଘରୋଇ ଡ଼ାକ୍ତରଖାନାରେ ସ୍ଥିତି ଠିକ୍ ଓଲଟା। ଏଠାରେ ୧୮ % ଶିଶୁଙ୍କ ପ୍ରସବ ସ୍ୱାଭାବିକ ହେଉଛି ଓ ୮୧.୦୬% ଶିଶୁଙ୍କୁ ଅସ୍ତ୍ରୋପଚାର ଦ୍ୱାରା କରାଯାଉଛି। ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନରେ ଏହି ତଥ୍ୟ ବିଧାନସଭାରେ ରଖିଛନ୍ତି ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ଏହା ସହ ସରକାରୀ ଓ ଘରୋଇ ଡ଼ାକ୍ତରଖାନାରେ ପ୍ରସୂତୀମାନଙ୍କର ସିଜରିଆନ କ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାଡର୍ ବ୍ୟବହାର ହୋଇଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

ମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି ଯେ ୨୦୨୩-୨୪ ବର୍ଷରେ ସରକାରୀ ଡାକ୍ତରଖାନାରେ ୪,୫୧,୦୫୯ ଜଣ ପିଲା ଜନ୍ମ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୮୧୮୯୦ ଅର୍ଥାତ୍ ୧୮.୧୭% ଶିଶୁ ସିଜରିଆନ ହୋଇଥିବାବେଳେ ଅବଶିଷ୍ଟ

**■ ବର୍ଷକୁ ବର୍ଷ ବଢ଼ୁଛି ସିଜରିଆନ ପ୍ରସବ ସଂଖ୍ୟା**
**■ ପ୍ରସୂତୀଙ୍କ ପାଇଁ ଆଶୀର୍ବାଦ ହୋଇଛି ବିଏସ୍‌କେୱାଇ**

୮୧.୮୩% ଶିଶୁଙ୍କ ପ୍ରସବ ସ୍ୱାଭାବିକ ହୋଇଛି। ଅନ୍ୟପକ୍ଷରେ ଏହି ବର୍ଷ ଘରୋଇ ଘରୋଇ ଡାକ୍ତରଖାନାରେ ୧,୪୦,୧୨୬ ଜଣ ଶିଶୁ ଜନ୍ମ ହୋଇଛନ୍ତି। ଜନ୍ମିତ ଶିଶୁଙ୍କ ମଧ୍ୟରୁ ୧,୧୩,୫୮୯ ଅର୍ଥାତ୍ ୮୧.୦୬ ପ୍ରତିଶତ ସିଜରିଆନ ହୋଇଥିବାବେଳେ ୨୬,୫୨୮ ଅର୍ଥାତ୍ ୧୮.୯୩ ପ୍ରତିଶତ ଶିଶୁଙ୍କ ପ୍ରସବ ସାଧାରଣ ଭାବରେ ହୋଇଛି। ଅନୁରୂପ ଭାବରେ ୧.୦୯.୨୦୨୨ ରୁ ୩୧.୦୮.୨୦୨୩ ମଧ୍ୟରେ ରାଜ୍ୟରେ ୬୩,୭୭୦ ଜଣ ଶିଶୁ ସିଜରିଆନ ପ୍ରଣାଳୀରେ ଜନ୍ମଗ୍ରହଣ କରିଥିବାବେଳେ ୨୦୨୩-୨୪ ବର୍ଷର ଏହି ସମୟରେ ସିଜରିଆନ ଜନ୍ମିତ ଶିଶୁଙ୍କ ସଂଖ୍ୟା ଥିଲା ୭୮,୨୧୧। ଚଳିତ ଆର୍ଥିକବର୍ଷରେ ୧.୦୯.୨୦୨୪ ରୁ ୧୮.୦୩.୨୦୨୫ ମଧ୍ୟରେ ରାଜ୍ୟରେ ୪୫,୫୪୮ ଜଣ ସିଜରିଆନ ଶିଶୁ ଜନ୍ମ ନେଇଛନ୍ତି। ଉପରୋକ୍ତ ସମସ୍ତ ଜନ୍ମିତ ସମସ୍ତ ଶିଶୁଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ବ୍ୟବହାର ହୋଇଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

### ଛତୁଆ ଖାଇ ଦୁଇ ଶିଶୁଙ୍କ ମୃତ୍ୟୁ

## ବିଭାଗୀୟ ମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ବିଜେଡି

**ଭୁବନେଶ୍ୱର,୨୪।୩(ସମିସ):** ଖାଦ୍ୟ ନ ପାଇ ଲୋକେ ଆମ୍ବ ଟାକୁଆ ଖାଇ ପ୍ରାଣ ହରାଉଥିବା ବେଳେ ସରକାର ପିଲାମାନଙ୍କୁ ସୁରକ୍ଷିତ ଛତୁଆ ବି ଯୋଗାଇ ପାରୁ ନାହାନ୍ତି। ଗଜପତି ଜିଲ୍ଲାରେ ବିଷାକ୍ତ ଛତୁଆ ଖାଇ ୨ ଜଣ ନିରୀହ ଶିଶୁ ପ୍ରାଣ ହରାଇଥିଲେ ମଧ୍ୟ ସରକାର ନିଶ୍ଚିନ୍ତରେ ବସିଛନ୍ତି।

**■ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ**
**■ ୮ ମାସରେ ୧୬୦୮ ମହିଳା ଅପରାଧର ଶିକାର**
**■ ଟାକୁଆ ଖାଇ ଜୀବନ ହରାଇଛନ୍ତି ୪ ଆଦିବାସୀ ମହିଳା**
**■ ଆତ୍ମ ପ୍ରଚାରରୁ ମନ୍ତ୍ରୀ ଓ ବିଧାୟକଙ୍କୁ ଫୁରସତ୍ ନାହିଁ**

ଏପରି ସମ୍ବେଦନଶୀଳ ଘଟଣାରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ବିଜେଡି ଦାବି କରିଛି।

ଆଜି ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ମୁଖପାତ୍ର ଡ଼ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ, ଗଜପତି ଜିଲ୍ଲାର ଆର. ଉଦୟଗିରି ବ୍ଲକର ରାମଗିରି ଗାଁରେ ୨ ଜଣ ନିରୀହ ଆଦିବାସୀ ଶିଶୁ ଅଙ୍ଗନବାଡି କେନ୍ଦ୍ରରୁ ମିଳୁଥିବା ଛତୁଆ ଖାଇ ମୃତ୍ୟୁବରଣ କରିଛନ୍ତି। ଅନ୍ୟ ୨ ଜଣ ଗୁରୁତର ଭାବରେ ଏମକେସିଜି ମେଡିକାଲ କଲେଜରେ ଚିକିତ୍ସିତ ହେଉଛନ୍ତି। ପିଲାମାନଙ୍କୁ ପ୍ରଦାନ କରାଯାଇଥିବା ଛତୁଆ ଖାଦ୍ୟ ଉପଯୋଗୀ ନ ଥିଲା ବୋଲି ପ୍ରମାଣିତ ହୋଇଛି ଓ ଏହା ସରକାରୀ ବ୍ୟବସ୍ଥାର ବିଫଳତାକୁ ପଦାରେ ପକାଇଛି। ପୂର୍ବରୁ କନ୍ଧମାଳ ଜିଲ୍ଲାରେ ଖାଦ୍ୟ ଅଭାବରୁ ଆମ୍ବ ଟାକୁଆ ଖାଇ ୪ ଜଣ ମହିଳାଙ୍କ ମୃତ୍ୟୁ ହୋଇଥିଲା। ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେଇ ନ ଥିଲେ। କେବଳ ତଦନ୍ତ ହେବ ବୋଲି କହିଥିଲେ, କିନ୍ତୁ ତଦନ୍ତ ଫଳାଫଳ ଏପର୍ଯ୍ୟନ୍ତ ଲୋକଲୋଚନକୁ ଆସିଲା ନାହିଁ। ରାଜ୍ୟରେ ଆଦିବାସୀ, ଦଳିତ ଓ ମହିଳାଙ୍କ ବିରୋଧରେ ଅପରାଧ ବୃଦ୍ଧି ପାଇ ଚାଲିଥିବା ବେଳେ, ରାଜ୍ୟ ସରକାର ନିଦାବିଷ୍ଟୁ ସାଜି ବସି ରହିଛନ୍ତି। ବିଧାନସଭାରେ ସରକାର ଦେଇଥିବା ତଥ୍ୟ ଅନୁଯାୟୀ ୮ ମାସରେ ରାଜ୍ୟରେ ୧୬୦୮ ଜଣ ମହିଳା ବିଭିନ୍ନ ଅପରାଧର ଶିକାର ହୋଇଛନ୍ତି, ଯାହା ପୂର୍ବବର୍ଷ ତୁଳନାରେ ୮ ପ୍ରତିଶତ ଅଧିକ।



ସେ ପୁଣି କହିଛନ୍ତି ଯେ ଅଙ୍ଗନବାଡ଼ି କେନ୍ଦ୍ରକୁ ନିମ୍ନମାନର ଛତୁଆ ଯୋଗାଣ କରିଥିବା ସଂସ୍ଥା ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ନିରୀକ୍ଷଣ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ଅବହେଳା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ମୃତକଙ୍କ ପରିବାରବର୍ଗଙ୍କୁ ତୁରନ୍ତ ଅନୁକମ୍ପା ରାଶି ପ୍ରଦାନ କରାଯାଉ। ଶିଶୁମାନଙ୍କୁ ପୃଷ୍ଟିକର ଖାଦ୍ୟ ଯୋଗାଣ ପାଇଁ ଡିଣ୍ଡିମ ପିଟୁଥିବା ରାଜ୍ୟ ସରକାର ୨ଟି ନିରୀହ, ନିଷ୍ପାପ ଶିଶୁଙ୍କ ଅକାଳ ବିୟୋଗ ପାଇଁ ନୈତିକ ଦାୟିତ୍ୱ ଗ୍ରହଣ କରି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଲେଖାଶ୍ରୀ କହିଛନ୍ତି।

### ଛତୁଆ ଖାଇ ଦୁଇ ଶିଶୁ କନ୍ୟା ମୃତ୍ୟୁ ଘଟଣା

## ପ୍ରଶାସନର ତଦନ୍ତ ଆରମ୍ଭ

**ପାରଳାଖେମୁଣ୍ଡି,୨୪।୩(ସମିସ):** ଗଜପତି ଜିଲ୍ଲା ରା. ଉଦୟଗିରି ବ୍ଲକ୍ ଅନ୍ତର୍ଗତ ରାମଗିରିର ତୁଳସୀ ନଗରରେ ଛତୁଆ ଖାଇ ଦୁଇ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟଣାରେ ଆଜି ଜିଲ୍ଲା ପ୍ରଶାସନ ତଦନ୍ତ ଆରମ୍ଭ କରିଛି। ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କ ନେତୃତ୍ୱରେ ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ମନୋରମା ଦେବୀ, ରା.ଉଦୟଗିରି ବିଡିଓ ଲରେମନ୍ ଖର୍ସେଲଙ୍କ ସମେତ ରାମଗିରି ଥାନା ଅଧିକାରୀ ଡି. ଗଜପତି ଦୋରା ଏବଂ ପୁଲିସ୍ ଟିମ୍ ପହଞ୍ଚି ସରଜମିନ ତଦନ୍ତ କରିଛନ୍ତି। ଏପରି ଅଭାବନୀୟ ଘଟଣାର ଶିକାର ହୋଇଥିବା ଶିବଶଙ୍କର ବଡ଼ମୁଣ୍ଡିଙ୍କ ଘରକୁ ଯାଇ ତନ୍ନତନ୍ନ କରି ସମସ୍ତ ତଥ୍ୟ ପଚାରି ବୁଝିବା ସହ ଛତୁଆ ପ୍ୟାକେଟ୍, ଛତୁଆ ରନ୍ଧାଯାଇଥିବା ସ୍ଥାନ ଏବଂ ଗ୍ରାମର ବିଭିନ୍ନ ସ୍ଥାନକୁ ଯାଇ ନିରୀକ୍ଷଣ କରିଛନ୍ତି।

ଉପଜିଲ୍ଲାପାଳ ଅନୁପ ପଣ୍ଡା କହିଛନ୍ତି, ସବୁଦିଗକୁ ନେଇ ତଦନ୍ତ କରାଯାଉଛି। ପ୍ରକୃତରେ ଛତୁଆ ଖାଇବା ଯୋଗୁଁ ମୃତ୍ୟୁ ଘଟିଛି ନା ଅନ୍ୟ କୌଣସି କାରଣରୁ ଏପରି ହୋଇଛି, ତାହାର ତର୍ଜମା କରାଯାଉଛି। ଏହାସହ ପୁଲିସ ଟିମ୍ ମଧ୍ୟ ତଦନ୍ତ କରୁଛନ୍ତି। ତଦନ୍ତ ପରେ କେହି ତ୍ରୁଟି କରିଥିବା ଜଣାପଡ଼ିଲେ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସୋମବାର ପାରଳାଖେମୁଣ୍ଡିରେ ମୃତ ଦୁଇ ଶିଶୁକନ୍ୟାଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ରାମଗିରି ଥାନାରେ ପୃଥକ ଭାବେ ଦୁଇଟି ଅପମୃତ୍ୟୁ



ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଅପରପକ୍ଷେ, ଛତୁଆ ଖାଇ ଗୁରୁତର ହୋଇଥିବା ଜେଜେବାପା ଅର୍ଜୁନ ବଡ଼ମୁଣ୍ଡି ଓ ନାତୁଣୀ ସୁମିତ୍ରା ବଡ଼ମୁଣ୍ଡିଙ୍କୁ ବ୍ରହ୍ମପୁର ଏମ୍‌କେସିଜିରେ ବିଶେଷଜ୍ଞମାନେ ଚିକିତ୍ସା ଜାରି ରଖିଛନ୍ତି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ଡାକ୍ତର କହିଛନ୍ତି। ରବିବାର ଉଭୟେ ମେଡିସିନ ବିଭାଗର ୭ମ ୟୁନିଟରେ ଭର୍ତ୍ତି ହୋଇଥିବା ବେଳେ ସୋମବାର ସେମାନଙ୍କୁ ସେଣ୍ଟ୍ରାଲ ଆଇସିୟୁରେ ଭର୍ତ୍ତି କରାଯାଇଥିବା ଜଣାପଡିଛି।

## ଗଛରେ ପିଟି ହେଲା ବାଇକ୍; ୨ ମୃତ

**କୁଚିଣ୍ଡା,୨୪।୩(ସମିସ):** ରବିବାର ରାତି ପ୍ରାୟ ୯ଟାରେ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ଅନ୍ତର୍ଗତ କିଣ୍ଡିରା-ସାତକମା ରାସ୍ତାର ବିଜାଡ଼ିହି ଗ୍ରାମ ନିକଟସ୍ଥ ରାସ୍ତାକଡ଼ରେ ଥିବା ଏକ ଆମ୍ବ ଗଛରେ ପିଟି ହୋଇ ୨ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, କିରାଶାସନ ଗ୍ରାମର ଆଲୋକ ବାରିକଙ୍କ ପୁଅ ବଳଦେବ ବାରିକ(୧୭), ଫଟାଟାଙ୍ଗର ଗ୍ରାମର ଦୁର୍ଯ୍ୟୋଧନ କିସାନଙ୍କ ପୁଅ ଲିଙ୍ଗ କିସାନ(୧୭)। ସେହିପରି ଏହି ଦୁର୍ଘଟଣାରେ ଝିଲ୍ଲାପାଲି ଗ୍ରାମର ହିମାଂଶୁ ବାଘ ଗୁରୁତର ଆହତ ହୋଇଛନ୍ତି। ପୁଲିସ୍ ଲିଙ୍ଗ ଓ ବଳଦେବଙ୍କ ଶବ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ୩ଜଣ ଯାକ ଏକ ବାଇକ୍‌ରେ କିରାଶାସନ ଗ୍ରାମକୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ସାତକମା ଯିବା ରାସ୍ତା ବିଜାଡ଼ିହି ନିକଟସ୍ଥ ରାସ୍ତାକଡ଼ରେ ଥିବା ଆମ୍ବ ଗଛରେ ବାଇକ୍‌ଟି ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ହିଁ ବଳଦେବ ଓ ଲିଙ୍ଗଙ୍କର ମୃତ୍ୟୁ ହୋଇଯାଇଥିଲା।

## ଦାଦନ ପାଇଁ ଯାଉଥିଲେ, ଶବ ହୋଇ ଫେରିଲେ

**ବୀରମହାରାଜପୁର,୨୪।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସଦର ହିଲୁଙ୍ଗ୍ ପଞ୍ଚାୟତର ହିଲୁଙ୍ଗ ଗାଁର ଜଣେ ବ୍ୟକ୍ତି ଦାଦନ ଖଟିବାକୁ ଯାଉଥିବା ବେଳେ ଟ୍ରେନ୍‌ରୁ ଖସି ପ୍ରାଣ ହରାଇଛନ୍ତି। ମୃତକ ହେଲେ, ଗାଁର ବିଶ୍ୱାମିତ୍ର ଉର୍ମା। ଆଜି ତାଙ୍କ ଶବ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୂଚନାନୁଯାୟୀ, ବିଶ୍ୱାମିତ୍ର ପେଟପାଟଣା ପାଇଁ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥିଲେ। ଗତ ୨୧ ତାରିଖରେ ସେ ତାମିଲନାଡୁ ଯାଉଥିବା ବେଳେ ତେନାଲି ଷ୍ଟେସନ୍ ନିକଟରେ ଟ୍ରେନ୍‌ରୁ ଖସି ପଡ଼ିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ପରିବାରଲୋକେ ପ୍ରଶାସନ ସହାୟତାରେ ବିଶ୍ୱାମିତ୍ରଙ୍କ ମୃତ ଶରୀରକୁ ଗାଁକୁ ଆଣିଥିଲେ। ଶବ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବିଶ୍ୱାମିତ୍ର ପରିବାରରେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବା ବେଳେ ତାଙ୍କ ସ୍ତ୍ରୀ ସହ ତିନି ସନ୍ତାନ ଥିବା ଜଣାଯାଇଛି। ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ତାଙ୍କ ପରିବାର ଏବେ ବେସାହାରା ହୋଇପଡ଼ିଛି।

### କାହା ପାଇଁ ଖାଦ୍ୟ ସୁରକ୍ଷା ଯୋଜନା

## ଯୋଗ୍ୟ ହିତାଧିକାରୀଙ୍କ କଟିଲା ରାସନକାର୍ଡ

**କଣ୍ଟାବାଞ୍ଜି, ୨୪।୩(ସମିସ):** ସରକାରଙ୍କ ନୂତନ ଖାଦ୍ୟ ନୀତି ଅନୁସାରେ ଅଯୋଗ୍ୟ ହିତାଧିକାରୀଙ୍କୁ ରାସନ୍‌କାର୍ଡ କଟାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ରାସନ୍‌କାର୍ଡ ଦିଆଯିବ। କିନ୍ତୁ କିଛି ଅଫିସରଙ୍କ ପାଇଁ ବହୁ ଯୋଗ୍ୟ ଏବଂ ଗରିବ ହିତାଧିକାରୀଙ୍କ ରାସନ୍‌କାର୍ଡ ମଧ୍ୟ କଟି ଯାଉଥିବା ଅଭିଯୋଗ ରହିଛି। ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଗ୍ରାମର ବଂଶରି ରଣାଙ୍କ ରାସନ୍‌କାର୍ଡ କେୱାଇସି କରିବା ସତ୍ତ୍ୱେ ମଧ ମାର୍ଚ୍ଚ ମାସରୁ କଟି ଯାଇଥିବା ଅଭିଯୋଗ କରିଛନ୍ତି। ବଙ୍ଗୋମୁଣ୍ଡାରେ ବସବାସ କରୁଥିବା ବଂଶରି ରଣା ଅତି ଗରିବ ଶ୍ରେଣୀର ବିଧବା ମହିଳା ଅଟନ୍ତି। ଅନେକ ବର୍ଷରୁ ସେ ସରକାରଙ୍କ ତରଫରୁ ୫ କେଜି ଚାଉଳ ପାଉଥିଲେ ହେଲେ ମାର୍ଚ୍ଚ ମାସରୁ ତାଙ୍କ ରାସନକାର୍ଡ କଟି ଯାଇଥିବାରୁ ତାଙ୍କୁ ଆଉ ଚାଉଳ



ମିଳୁନାହିଁ। ତେଣୁ ସେ ଟାଣ ଖରାରେ ନିଜ କାର୍ଡକୁ ପୁଣି ଚାଲୁ କରିବା ପାଇଁ ପଞ୍ଚାୟତରୁ ବ୍ଲକକୁ ଧାଉଛନ୍ତି। ଏନେଇ ବଙ୍ଗୋମୁଣ୍ଡା ସରପଞ୍ଚ ଅଜିତ୍ ଯୋଷୀଙ୍କୁ ପଚାରିବାରୁ ସେ ପ୍ରକୃତରେ ବଙ୍ଗୋମୁଣ୍ଡା ପଞ୍ଚାୟତରେ ଅନେକ ଗରିବ ହିତାଧିକାରୀଙ୍କ ରାସନ୍ କାର୍ଡ କଟି ଯାଇଥିବା କହିଛନ୍ତି। ଏ ବିଷୟରେ ଅଜିତ୍ ଯୋଷୀ ଯୋଗାଣ ବିଭାଗ ଅଫିସରଙ୍କୁ ଜଣାଇଥିଲେ ସୁଦ୍ଧା ଅଫିସର ତାଙ୍କୁ ଯାହା କରିବାର ଅଛି କରନ୍ତୁ କାର୍ଡ କଟିବ ବୋଲି କହିଥିବା ଜଣାଇଛନ୍ତି। ଏଭଳି ସ୍ଥିତିରେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବଂଶରି ରଣାଙ୍କ ସହିତ ଅନ୍ୟ ଯୋଗ୍ୟ ହିତାଧିକାରୀଙ୍କ କଟି ଯାଇଥିବା କାର୍ଡକୁ ଶୀଘ୍ର ଚାଲୁ କରିବା ଦିଗରେ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି।

### ■ କ୍ରୀଡାବିତ୍ ମହଲରେ ଅସନ୍ତୋଷ

## ଅଳିଆଗଦା ପାଲଟିଛି କଣ୍ଟାବାଞ୍ଜି ମିନି ଷ୍ଟାଡିୟମ୍

**କଣ୍ଟାବାଞ୍ଜି, ୨୪।୩(ସମିସ)**



ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଅଞ୍ଚଳ କ୍ରୀଡାବିତ୍‌ଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିବା ଦେଖାଦେଇଛି। କଣ୍ଟାବାଞ୍ଜି ସହରରେ ରାଜ୍ୟ ସରକାରଙ୍କ କୌଣସି ଖେଳ ପଡ଼ିଆ ନାହିଁ ଯାହା ଦ୍ୱାରା କଣ୍ଟାବାଞ୍ଜି ଅଞ୍ଚଳର କ୍ରୀଡାବିତ୍‌ମାନେ ବିଭିନ୍ନ ପ୍ରକାର ଖେଳକୁଦ ପାଇଁ ତାଲିମ ନେବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବ ସରକାର ସମୟରେ କଣ୍ଟାବାଞ୍ଜିରେ ଏକ ମିନିଷ୍ଟାଡିୟମ ନିର୍ମାଣ କରିବାକୁ ପ୍ରକଳ୍ପ ଅନୁମୋଦନ କରିଥିଲେ। ମିନି ଷ୍ଟାଡିୟମ୍ ନିର୍ମାଣ ପାଇଁ ଅନୁଦାନ ମଧ୍ୟ ମଞ୍ଜୁର ହୋଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ବର୍ତ୍ତମାନର ସରକାର କାର୍ଯ୍ୟକାରୀ କରୁ ନାହାନ୍ତି। ପୂର୍ବ ସରକାର ସବୁ ବେଳେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ମିନି ଷ୍ଟାଡିୟମ ନିର୍ମାଣ କରିଥିବା ବେଳେ ବର୍ତ୍ତମାନ ଓଡ଼ିଶାର ଡବଲ ଇଞ୍ଜିନ ସରକାର କ୍ରୀଡାବିତ୍‌ଙ୍କ ପାଇଁ ନିର୍ମାଣ ହୋଇଥିବା ମିନି ଷ୍ଟାଡିୟମକୁ କାର୍ଯ୍ୟକ୍ଷମ କରିପାରୁନାହିଁ। ସେପଟେ ଗତ କିଛି ମାସ ତଳେ କଣ୍ଟାବାଞ୍ଜି ସହରରେ ଥିବା ଶିବବନ୍ଧ ପୋଖରୀ ଉନ୍ନତିକରଣ ପାଇଁ କଣ୍ଟାବାଞ୍ଜି ଏନ୍‌ଏସି ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ପଙ୍କୋ ଉଦ୍ଧାର କରି ଉକ୍ତ ପଙ୍କୋ ସେଠାରୁ ଆଣି ଅଧପନ୍ତରିଆ ହୋଇ ପଡ଼ିଥିବା ମିନିଷ୍ଟାଡିୟମରେ ପକାଉଥିବା ଅଭିଯୋଗ ହେଉଛି। ଯାହା ଦ୍ୱାରା ଏବେ ଅଳିଆ ଗଦା ପାଲଟିଛି କଣ୍ଟାବାଞ୍ଜି ମିନି ଷ୍ଟାଡିୟମ୍ ଯାମୁ ନେଇ କ୍ରୀଡାବିତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।ଅଧପନ୍ତରିଆ ଷ୍ଟାଡିୟମକୁ ଏନ୍‌ଏସି କର୍ତ୍ତୃପକ୍ଷ ସଫାସୁତୁର କରିବା ବଦଳେ ଅଳିଆ ଆଣି ଷ୍ଟାଡିୟମ ଭିତରେ ପକାଇବା ଘଟଣାକୁ କଣ୍ଟାବାଞ୍ଜି ସହରର କ୍ରୀଡାବିତ୍ ମାନେ ନିନ୍ଦା କରିଛନ୍ତି। ରାଜ୍ୟ ସରକାର ଅଧପନ୍ତରିଆ ହୋଇ ଥିବା ମିନି ଷ୍ଟାଡିୟମମ୍‌କୁ ଶ୍ରୀଘ୍ର କାର୍ଯ୍ୟକାରୀ ନକଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲ କ୍ରୀଡାବିତ୍‌ମାନେ ପ୍ରକାଶ କରିଛନ୍ତି।

### ଡାଙ୍ଗବାହାଲ ଉନ୍ନୀତ ସ୍କୁଲ

## ଛାତ୍ରମାନେ ମଇଳା ଫିଙ୍ଗିବା ଘଟଣାର ହେବ କାର୍ଯ୍ୟାନୁଷ୍ଠାନ



**ପାଟଣାଗଡ଼, ୨୪ ।୩ (ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଡାଙ୍ଗବାହାଲ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସ୍କୁଲର ପ୍ରଧାନଶିକ୍ଷକ ସ୍କୁଲର ଛାତ୍ରମାନଙ୍କୁ ଡଷ୍ଟବିନ ଧରାଇ ମଇଳା ଆବର୍ଜନା ଫିଙ୍ଗାଇବା ଘଟଣାରେ ଗତ ମାର୍ଚ୍ଚ ୧ ତାରିଖ 'ସକାଳ' ଶୀର୍ଷକରେ ଡଷ୍ଟବିନ ଧରି ମଇଳା ଫିଙ୍ଗୁଛନ୍ତି ଛାତ୍ର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶ ପରେ ବିଭାଗୀୟ ତତ୍ପରତା ପ୍ରକାଶ ପାଇବା ସହ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଘଟଣାର ବିଭାଗୀୟ ତଦନ୍ତ କରିଥିଲେ ଏବିଇଓ ପାଟଣାଗଡ଼। ମଇଳା ଫିଙ୍ଗିଥିବା ଛାତ୍ରମାନଙ୍କୁ ମଧ୍ୟ ତଦନ୍ତ କରାଯାଇଛି ଓ ସେମାନେ ମଇଳା ଫିଙ୍ଗିଥିବା କଥାକୁ ସ୍ୱୀକାର କରିଛନ୍ତି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଓ ଉକ୍ତ ଘଟଣାରେ ସତ୍ୟତା ରହିଛି ଓ ତଦନ୍ତ ରିପୋର୍ଟ ମୁଁ ପାଇସାରିଛି ଖୁବ ଶୀଘ୍ର ଉକ୍ତ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ପାଟଣାଗଡ଼ ବିଇଓ ଶଙ୍କର ପ୍ରସାଦ ମାଝୀ। ସୂଚନାଯୋଗ୍ୟ ଯେ ପାଟଣାଗଡ଼ ବ୍ଲକ ଡାଙ୍ଗବାହାଲ ସରକାରୀ ଉନ୍ନୀତ ବିଦ୍ୟାଳୟରେ ସ୍କୁଲର ଛାତ୍ରମାନେ ମଇଳା ଡଷ୍ଟବିନ ଧରି ସ୍କୁଲଠାରୁ ଏକ କିମି ଦୂରକୁ ଯାଇ ମଇଳା ଫିଙ୍ଗୁଥିଲେ। ମଇଳା ଫିଙ୍ଗିବାକୁ ଯାଇଥିବା ଛାତ୍ରମାନେ ସ୍କୁଲ ମଇଳା ଦୁର୍ଗନ୍ଧ ହେଉଥିଲା ତେଣୁ ମଇଳା ଫିଙ୍ଗୁଥିବା କହିଥିଲେ। କିଏ ମଇଳା ଫିଙ୍ଗିବାକୁ କହିଥିବା ପଚାରିବାରୁ ସ୍କୁଲର ପ୍ରଧାନଶିକ୍ଷକ ସୁଶାନ୍ତ ଧରୁଆ କହିଥିବା କହିଥିଲେ। ଉକ୍ତ ଘଟଣା ପ୍ରଘଟ ହେବା ପରେ ଅଭିଭାବକ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇବା ସହ ଘଟଣାର ବିଭାଗୀୟ ତଦନ୍ତ ପୂର୍ବକ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଥିଲା।

### ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

## ଶୀଘ୍ର ସମାଧାନ କରିବାକୁ ଅଧିକାରୀଙ୍କୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ନୂଆପଡ଼ା/କୋମନା, ୨୪।୩(ସମିସ):** କୋମନା ବ୍ଲକ ସଭାଗୃହରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୦୬ଟି ଅଭିଯୋଗର ଶୁଣାଣି କରାଯାଇଥିବା ବେଳେ ଏଥିରୁ ୯୩ଟି ବ୍ୟକ୍ତିଗତ ୧୩ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ଅଭିଯୋଗଗୁଡ଼ିକର ଅତିଶିଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ବୁଦ୍ଧିକୋମନା ପଞ୍ଚାୟତ ଡୋଙ୍ଗରିପାଲି ଗାଁର ଅସହାୟ ମହିଳା ହିରାବାଇ ଜଗତଙ୍କୁ ୧୦ହଜାର ଟଙ୍କା ଆଶୁ ସହାୟତା ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଯୋଗାଇ ଦିଆଯାଇଛି। ୮୪ ଜଣ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ସ୍ୱିକୃତୀ ପଟ୍ଟା, ୩ଟି ଗୋଷ୍ଠୀଙ୍କୁ ଅଧିକାର ପଟ୍ଟା, ୭ଟି ଗୋଷ୍ଠୀଙ୍କୁ ଜଙ୍ଗଲ ସମ୍ବଳ ଅଧିକାର ପଟ୍ଟା ଜିଲ୍ଲାପାଳ, ଡିଏଫ୍‌ଓ, ଡିଡବ୍ଲୁଓ ଏବଂ ଉପସ୍ଥିତ ଅଧିକାରୀ ପ୍ରଦାନ କରିଥିଲେ। ଶିବିରରେ ଜିଲ୍ଲାପାଳଙ୍କ ସହିତ ବନଖଣ୍ଡ ଅଧିକାରୀ ଖରୀଆର ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଚିକତ୍ସାଧିକାରୀ ଡା.



ଧରଣୀଧର ସେନାପତି, ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କୋମନା ବିଡିଓ ବିନୟ ଭୋଇ, ତହସିଲଦାର ପ୍ରୟାଶୀ ପ୍ରଧାନ, ଡେପୁଟି କଲେକ୍ଟର ଶେଖ୍ ନସିମ, ହେମନ୍ତ ପୁଟା, ଏବିଡିଓ ଭକ୍ତବନ୍ଧୁ ବୁଡେକ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏଠାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ବାଇକ୍ ଧକ୍କାରେ ଜଣେ ଗୁରୁତର

**କଣ୍ଟାବାଞ୍ଜି, ୨୪।୩(ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡାରୁ ରାଜ ଖଡିଆଳ ଯିବା ଜାତୀୟ ରାଜପଥ ଚୁଲିଫୁଙ୍କା ଛକ ନିକଟରେ ବାଇକ ଧକ୍କାରେ ଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରରେ ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ବୁରୋବାହାଲ ଗାଁର ଭୀମ ପୁଟେଲ ରାସ୍ତା କଡରେ ଚାଲୁଥିବା ସମୟରେ ବାଇକ ଯୋଗେ ବଙ୍ଗୋମୁଣ୍ଡା ପଟୁ ଆସୁଥିବା ଭାଲୁମୁଣ୍ଡା ଗାଁର ଲୋକେଶ୍ୱର ଭୋଇ ତାଙ୍କ ବାଇକ୍ ଭାରସାମ ହରାଇ ଭୀମ ପୁଟେଲ ଉପରେ ଚଢିଯିବାକୁ ସେ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ବଙ୍ଗୋମୁଣ୍ଡା ଅଗ୍ନିଶମ ବାହାନୀ ତାଙ୍କୁ ଉଦ୍ଧାର କରି କଣ୍ଟାବାଞ୍ଜି ଡାକ୍ତରଖାନରେ ଭର୍ତ୍ତି କରାଯାଇଛି।

## ବିଜେପିରେ ମିଶିବା କଥାକୁ ବ୍ଲକ୍ ଅଧ୍ୟକ୍ଷଙ୍କ ଅସ୍ୱୀକାର

**ଦେଓଗାଁ, ୨୪।୩ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧ୍ୟକ୍ଷ ବିଜେପିରେ ମିଶିବା ନେଇ ଏକ ଗଣ ମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚାର ଆଲୋଚନା ଲାଗି ରହିଥିଲା। ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ସୋମବାର ସାମ୍ବାଦିକ ସମ୍ମିଳନୀ କରି ବିଜେପିରେ ମିଶିବା ନେଇ ଯେଉଁ ଖବର ପ୍ରସାରିତ ହୋଇଥିଲା ତାହା ସମ୍ପୂର୍ଣ୍ଣ ମିଥ୍ୟା ଅଟେ।ମୁଁ ବିଜେଡି ଦଳର ଜଣେ ଶୃଙ୍ଖଳିତ କର୍ମୀ। ଯେତେବେଳେ ଦଳ ଯାହା ଦାୟିତ୍ୱ ଦେଇଛି ତାହା ମୁଁ କରିଆସିଛି।ଏଭଳି ମିଥ୍ୟା ଖବର ପ୍ରକାଶ ନ କରିବାପାଇଁ ସମସ୍ତ ଗଣମାଧ୍ୟମକୁ ଅନୁରୋଧ କରିବା ସହ ଖବର ପ୍ରକାଶ କରୁଥିବା ବ୍ୟକ୍ତିଙ୍କ ମତାମତ ନେଇ ଖବର ପ୍ରକାଶ କଲେ ତାହା ଠିକ ହୁଅନ୍ତା ବୋଲି ପ୍ରକାଶ କରିଥିଲେ।ଦୀର୍ଘ ବର୍ଷ ହେଲା ମୁଁ ବିଜେଡି ଦଳରେ ରହିଆସିଛି। ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ବଳିଷ୍ଠ ନେତୃତ୍ୱ ମୋ ପାଇଁ ଆଦର୍ଶ। ତେଣୁ ଏ ଭଳି ଗୁଜବ ଖବର ପ୍ରକାଶ ନ କରିବାକୁ ସାମ୍ବାଦିକ ସମ୍ମିଳନୀରେ ମତାମତ ରଖିଥିଲି। ସାମ୍ବାଦିକ ସମ୍ମିଳନୀରେ ଅନ୍ତର୍ଯ୍ୟାମୀ ଭୋଇ, ରାଜପ୍ରତାପ ସିଂଦେଓ, ଛତିଶ କ୍ଷେତି, ବୁଦ୍ଧଦେବ ପରୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ପୁଲିସ ପାଇଁ ରାସ୍ତା ଅବରୋଧ



**ବୌଦ୍ଧ, ୨୪ ।୩(ସମିସ):** ବୌଦ୍ଧ ମୁଖ୍ୟ ଚିକତ୍ସାଳୟ ରାସ୍ତା ସମ୍ପୂର୍ଣ୍ଣ ଭାବରେ ଅବରୋଧରେ ଅଛି। ଚିକିତ୍ସାଳୟ ପାଖରେ ବା ସମ୍ମୁଖରେ ଆଦର୍ଶ ଥାନା ଥିବାରୁ ପୁଲିସ ଦୈନନ୍ଦିନ ଦୁର୍ଘଟଣା ଜନିତ ଯାନବାହାନ ଆଣି ଥାନା ପଛପଟରେ ରଖୁଛି। ଏଣୁ ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ଅଣ ଓସାରିଆ ବା ଅବରୋଧ ହୋଇ ପଡୁଛି। ଏହାଫଳରେ ରୋଗୀ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ୧୦୮ ଆମ୍ବୁଲାନ୍ସ ରୋଗୀକୁ ନେବା ଆଣିବାରେ ବହୁତ ଅସୁବିଧା ହେବାକୁ ପଡୁଛି। ଥାନାର ଜବତ ଗାଡି ଚିକିତ୍ସାଳୟ ପାଖରେ ଥିବାରୁ ବିଭିନ୍ନ ପ୍ରକାରର ଅଳିଆ ଆବର୍ଜନା ସହ ଲୋକଙ୍କ ଲାଗି ପରିସ୍ରାଗାର ପାଲଟିଛି। ଏହି ରାସ୍ତା ଦେଇ ଗଲାବେଳେ ଲୋକେ ମୁହଁରେ କପଡ଼ା ଦେଇ ଯିବାକୁ ପଡୁଛି। ଗୁରୁତର ରୋଗୀକୁ ନେବା ଆଣିବାରେ ରାସ୍ତା ସଂକୀର୍ଣ୍ଣ ଥିବାରୁ ବହୁତ ବିଳମ୍ବ ହେଉଛି।

## ଜିଲ୍ଲାସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ

**ନୂଆପଡ଼ା, ୨୪।୩(ସମିସ):** ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡା. ଉମାକାନ୍ତ ମେହେର ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଏଡିପିଏଚସିଓ କିଶୋର ଚନ୍ଦ୍ର ପଟେଲଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ଜିଲ୍ଲାର ସମସ୍ତ ନର୍ସିଂ କଲେଜର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଚିକିତ୍ସାଳୟରୁ ଶୋଭାଯାତ୍ରା ବାହାରି ସହରର ଏକତା ଛକ, ଜିଲ୍ଲାପାଳ କାର୍ଯ୍ୟାଳୟ ଛକ, ଷ୍ଟେଟବ୍ୟାଙ୍କ ଛକ, ଶିଶୁ ପ୍ରମୋଦ ଉଦ୍ୟାନ ଛକ ଦେଇ ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ପହଞ୍ଚିଥିଲେ। ଏହାପରେ ଡିଏମଓ ଡା. ଲଳିତ ମୋହନ ବିଶିଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡା. ଉମାକାନ୍ତ ମେହେର, ପରିସଂଖ୍ୟାନ ଅନୁସନ୍ଧାନକାରୀ ମିନକେତନ ମାଝୀ, ଶୁଶିଲା ନର୍ସିଂ କଲେଜର ଶିକ୍ଷୟିତ୍ରୀ ବବିତା ପଣ୍ଡା, ଗୋପୀନାଥ ନର୍ସିଂ କଲେଜର ଶିକ୍ଷୟିତ୍ରୀ ଭୂମିସୁତା ଘିବେଲା ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ କିଶୋର ଚନ୍ଦ୍ର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ



**ବଲାଙ୍ଗିର, ୨୪।୩(ସମିସ):** ଗତ ୨୨ ଓ ୨୩ ତାରିଖରେ ଆରଏନ ସିଂଦେଓ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଦୁଇଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଦେବାଶିଷ ଫିଜିକାଲ ଏକାଡେମୀ ତରଫରୁ ଆୟୋଜିତ ପ୍ରତିଯୋଗୀତାର ଉଦ୍‌ଘାଟନି ସଭାରେ ବିଶିଷ୍ଟ ସମାଜସେବୀ ଅଜୟ କୁମାର ଦାସ ଯୋଗ ଦେଇଥିଲେ। ଏଥିରେ ୭୦ ଜଣ ପୁରୁଷ ଓ ମହିଳା ଭାଗ ନେଇଥିଲା। ଅନୁଷ୍ଠାନର ମୁଖ୍ୟ ଦେବାଶିଷ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ବିଶିଷ୍ଟ କ୍ରୀଡ଼ା ପ୍ରଶିକ୍ଷକ ଚନ୍ଦ୍ରଶେଖର ସେଠ, ପ୍ରଭାତ ଦାସ, ଅଭିମନ୍ୟୁ ବଗର୍ତ୍ତି, ଆଶିଷ ସାହୁ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାଶର ବାଗ ମୁଖ୍ୟଅତିଥି, ସୁଜୟ ରାୟ ମୁଖ୍ୟବକ୍ତା, ସୀମା ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଶେଷରେ ସମାଜସେବୀ ନୂତନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

**ତରଭା, ୨୪।୩(ସମିସ):** ତରଭା ବ୍ଲକ ଅଧୀନ ମେଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଲିଜାରାଣୀ ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଡିଓ ଗଙ୍ଗାରାମ ବୁଡ଼େକ, ତହସିଲଦାର ଶ୍ୱେତାଲିନା ମହାଣା, ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ଶିବିରରେ ୨୧ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ଏଥିରେ ପାଣି ସମସ୍ୟା, ଜଳ ଛାୟା ପ୍ରକଳ୍ପ, ମୋ ପୋଖରୀକୁ ନେଇ ଅଭିଯୋଗ ହୋଇଥିଲା। ୮୦ବର୍ଷରୁ ଅଧିକ ଲୋକଙ୍କୁ ୩୫୦୦ଟଙ୍କା ଭତ୍ତା ମିଳୁନଥିବା ସମ୍ବନ୍ଧେ ୫ଜଣ ଅଭିଯୋଗ କରିଥିଲେ। ପିଇଓ ରମେଶ ମେହେର ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ମିଶ୍ର, ଯୋଗାଣ ସହାୟକ ଅମିତ ଜେନା ଓ ସମସ୍ତ ୱାର୍ଡସଭ୍ୟସଭ୍ୟା ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

## 'ଝିଅ ପାଇଁ ଗଛଟିଏ ଓ ଗର୍ଭବତୀ ମାଆଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମ

**ନୂଆପଡ଼ା/କୋମନା, ୨୪।୩(ସମିସ):** ନୂଆପଡ଼ା ଜିଲ୍ଲାରେ କନ୍ୟା ସନ୍ତାନଙ୍କୁ ମର୍ଯ୍ୟାଦା ଦେବାସହ ପ୍ରତ୍ୟେକ ଝିଅ ଜନ୍ମ ପାଇଁ ଗୋଟିଏ ଲେଖାଏଁ ଚାରାରୋପଣ କରି ପରିବେଶ ସଚେତନତା ଆଣିବାକୁ ଉଦ୍ୟମ ଚଳାଇଛନ୍ତି ଜିଲ୍ଲାପାଳ ମଧୁସୂଦନ ଦାଶ। ପ୍ରଶାସନ ତରଫରୁ କୋମନା ବ୍ଲକ ସୁଆବାହାଲ ଗ୍ରାମରେ 'ଝିଅ ପାଇଁ ଗଛଟିଏ' କାର୍ଯ୍ୟକ୍ରମ କରାଯାଇଛି। ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ମଧୁସୂଦନ ଦାଶ ଏବଂ ସମ୍ମାନିତ ଅତିଥିଭାବେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବିଡିଓ ବିନୟ ଭୋଇ ପ୍ରମୁଖ ଯୋଗଦେଇଥିଲେ। ନବଜାତକ ଶିଶୁ କନ୍ୟା ଦେବିକା, ପିତାମାତା କ୍ଷମା ସାଗର ଦାସ ଓ କ୍ଷିରମତୀ ଦାସଙ୍କ ଘରକୁ ଜିଲ୍ଲାପାଳ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହିତଯାଇ ନବଜାତକକୁ କୋଳରେ ଧରି ତାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କନ୍ୟାର ବାପା ଓ ମାଆଙ୍କୁ ଉପହାର ପ୍ରଦାନ କରି ସେମାନଙ୍କ ଦ୍ୱାରା ନୂତନ ଚାରାରୋପଣ କରାଇଥିଲେ। ଜିଲ୍ଲାପାଳ କହିଲେ ଯେ, ଝିଅର ନାଁ ଦେବିକା ହେଲେ ରୋପିଥିବା ଆମ୍ବଗଛର ନାମ ରାଧିକା ହେବ। ସମାଜରେ ଉଭୟ ଝିଅ ଏବଂ ଗଛର ବହୁତ ଆବଶ୍ୟକତା ଅଛି। ଏହିସୁନ୍ଦର ଯୋଜନାରେ ଝିଅଙ୍କ ସହ ଗଛର ମଧ୍ୟ ସଂଖ୍ୟା ବୃଦ୍ଧି ହେବ। ଏହାଦ୍ୱାରା ସମାଜର କଲ୍ୟାଣ ସାଧିତ ହେବା ସହ ପରିବେଶର ସନ୍ତୁଳନ ରକ୍ଷା ହେବ। ଆମେ ସମସ୍ତେ ଜଣେ ଜଣେ ଗଛ ମଣିଷ ହେବା। ଏହି ଭଳି 'ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମରେ ଗାଁର ଗର୍ଭବତୀ ମହିଳା ଲକ୍ଷ୍ମୀ ଦାଶଙ୍କୁ ଜିଲ୍ଲାପାଳ ସମାରୋହରେ ଫଳମୂଳ, ପନିପରିବା, ପୃଷ୍ଟିକର ମାଣ୍ଡିଆ ଖାଦ୍ୟ ଏବଂ ବିଭିନ୍ନ ଉପହାର ଭେଟି ଦେଇଥିଲେ। ସଭାରେ କୁନି କୁନି ଝିଅମାନେ ସୁନ୍ଦର ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ଆଜିର ଏହି ନିଆରା କାର୍ଯ୍ୟକ୍ରମ ପାଇଁ ସୁଆବାହାଲ ଗାଁ ଆନନ୍ଦ ମୁଖର ହୋଇଉଠିଥିଲା। ଏହାକୁ କୋମନା ବିଡିଓ ଶ୍ରୀ ଭୋଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର ଓ କୋମନା ସିଡିପିଓ ବିମଳିନୀ ପ୍ରଧାନ ପ୍ରମୁଖ ଅୟୋଜନ କରିଥିଲେ।

## ୧୦ଦିନ ହେଲା ନଳକୂପ ଅଚଳ

**ଶଗଡ଼ା, ୨୪ ।୩(ସମିସ):** ପ୍ରତ୍ୟେକ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ସରକାର ଅନେକ ଯୋଜନା ପ୍ରଣୟନ କରି ରାଜକୋଷରୁ କୋଟି କୋଟି ଟଙ୍କା



ଖର୍ଚ୍ଚ କରୁଛନ୍ତି। ଅଭିଯୋଗ ହେବାର ୨୪ ଘଣ୍ଟା ମଧ୍ୟରେ ମରାମତି କରିବାର ସରକାରୀ ନିର୍ଦ୍ଦେଶ ଅଛି; ହେଲେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଯୋଗୁଁ ଲୋକେ ବାସ୍ତବରେ ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ଲୋକେ ବଞ୍ଚିତ ହେଉଛନ୍ତି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଯୋଗୀନ୍ଦ୍ରପୁର ପଞ୍ଚାୟତ

**ପିଇବା ପାଣି ପାଇଁ ହନ୍ତସନ୍ତ ମାଝିପଡ଼ା ଗ୍ରାମର ୪୦ ପରିବାର**

**ମରାମତି ଲାଗି ଅଭିଯୋଗ କରି ଥକିଲେଣି ଗ୍ରାମବାସୀ**

**ଶୁଣୁ ନାହାନ୍ତି ବିଭାଗୀୟ ଅଧିକାରୀ କିମ୍ବା ଜନପ୍ରତିନିଧି**

ମାଝିପଡ଼ା ଗ୍ରାମରେ ଏହାର ପ୍ରମାଣ ମିଳିଛି। ଏହି ଗାଁରେ ଥିବା ନଳକୂପ ୧୦ ଦିନରୁ ଅଧବକ ହେବ ଅଚଳ ହୋଇ ପଡ଼ିଛି। ଏଣୁ ଗ୍ରାମରେ ପାଖାପାଖି ୪୦ ପରିବାରର ପାଖାପାଖି ୨ଶହ ଲୋକ ପାଣି ମୁନ୍ଦେ ଲାଗି କଲବଲ ହେଉଛନ୍ତି। ବର୍ତ୍ତମାନ ଖରା ଦିନ। ପାନୀୟ ଜଳ ପାଇଁ ସମସ୍ୟା ଦ୍ୱିଗୁଣିତ ହେଲାଣି। ନଳକୂପ ମରାମତି କରିବା ପାଇଁ ଲୋକେ ସ୍ଥାନୀୟ କର୍ମଚାରୀ ଓ ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି; ହେଲେ କେହି ଶୁଣୁ ନାହାନ୍ତି। ଏଣୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ବଢୁଥିବା ଖରାର ପ୍ରକୋପ ସହ ଲୋକଙ୍କ ପାନୀୟ ଜଳ ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ନଳକୂପକୁ ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟଥା ରାସ୍ତାରୋକ କରିବାକୁ ସେମାନେ ପଛାଇବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

## ଜଉଁରାଭଉଁରା ପଞ୍ଚାୟତରେ ବିଶ୍ୱ ଯକ୍ଷ୍ମା ଦିବସ

**ବୀରମହାରାଜପୁର, ୨୪।୩ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଅଧୀନ ଜଉଁରାଭଉଁରା ପଞ୍ଚାୟତ ପରିସରରେ ନେହେରୁ ଯୁବକେନ୍ଦ୍ର ଓ ମାଇଁ ଭାରତ ସୋନପୁର ତରଫରୁ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଖେଳ ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଭାରତ ସରକାରଙ୍କ ତତ୍ତ୍ୱାବଧାନରେ ବୀର ସୁରେନ୍ଦ୍ର ସାଏ କ୍ଲବ ମାଟୁପାଲିରେ ବିଶ୍ୱ ଯକ୍ଷ୍ମାମୁକ୍ତ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସରପଞ୍ଚ ସୁନିତା ସିଂ ରାଏ, ମେଡିକାଲ ଅଫିସ ସିଣ୍ଡୋଳର ଡା. ଦିଲ୍ଲୀପ ପାଣ୍ଡିଆ, ସୁପରଭାଇଜର ରାଜେଶ ମେଣ୍ଡିଲି, ପରାମର୍ଶଦାତା ବଟକୃଷ୍ଣ ପଣ୍ଡା, କମ୍ୟୁନିଟି ସ୍ୱାସ୍ଥ୍ୟକର୍ମୀ ଜ୍ୟୋତିର୍ମୟୀ ପଣ୍ଡା ପ୍ରମୁଖ ଯକ୍ଷ୍ମା ରୋଗ ନିରାକରଣ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ଶମ୍ଭୁରାଜ କର୍ଣ୍ଣ ପରିଚାଳନା କରିଥିବା ବେଳେ କ୍ଲବର ସଭାପତି ଧବଳେଶ୍ୱର ଭୁକ୍ତା ଧନ୍ୟବାଦ ଅର୍ପଣ ଦେଇଥିଲେ। ଶେଷରେ ସମସ୍ତଙ୍କୁ ନେଇ ଶପଥ ପାଠ କରାଯାଇଥିଲା।

## ଏଆଇଡିଏସ୍‌ଓ ପକ୍ଷରୁ ସହିଦ ଦିବସ ପାଳିତ

**ବଲାଙ୍ଗିର, ୨୪ ।୩(ସମିସ)**

ମହାନ ସଂଗ୍ରାମୀ ଭଗତ ସିଂ ଓ ତାଙ୍କର ଦୁଇ ସହ ଯୋଦ୍ଧା ସୁଖଦେବ ଏବଂ ରାଜଗୁରୁଙ୍କ ସହିଦ ଦିବସ ଆଇଡିଏସଓ ବଲାଙ୍ଗିର ଜିଲ୍ଲା କମିଟି ପକ୍ଷରୁ ବଲାଙ୍ଗିର କଲେଜ ଛକ ଠାରେ ପାଳିତ ହୋଇଛି। ପ୍ରଥମେ ଭଗତ ସିଂଙ୍କ ଫଟୋରେ ମାଲ୍ୟାର୍ପଣ ପରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ରୂପେ ରାଜ୍ୟ ଉପସଭାପତି କମ୍ରେଡ ସୁନୀଲ ଭୋଇ ଯୋଗ ଦେଇଥିଲେ। ସଭାର ସଭାପତିତ୍ୱ କରିଥିଲେ ଜିଲ୍ଲା ସଭାପତି କମ୍ରେଡ ମଧୁସୁଦନ ବାଗ। ମୁଖ୍ୟବକ୍ତା ତାଙ୍କ ଅଭିଭାଷଣରେ ଆଜିକାର ସାମ୍ପ୍ରତିକ ସମାଜରେ କିପରି ଏକଚାଟିଆ ପୁଞ୍ଜିପତିଶ୍ରେଣୀର ସର୍ବୋଚ୍ଚ ଲାଭାର୍ଜନ ସ୍ୱାର୍ଥରେ ଆଜି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଶିକ୍ଷା




କ୍ଷେତ୍ରରେ ଘରୋଇକରଣ, ବ୍ୟବସାୟୀକରଣ, ଧନ୍ଦାମୁଖିକରଣ, କେନ୍ଦ୍ରୀକରଣ ଓ ସାମ୍ପ୍ରଦାୟିକରଣ ପାଇଁ ଉଦ୍ଦିଷ୍ଟ ଜାତୀୟ ଶିକ୍ଷାନୀତି-୨୦୨୦କୁ ଲାଗୁ କରିଛି। ଅନୁରୂପ ଭାବେ ସ୍ୱାସ୍ଥ୍ୟସେବାର ବ୍ୟବସାୟୀକରଣ, ବେକାରୀ, ଅନାହାର, ଦରଦାମ ବୃଦ୍ଧି, ଚାଷୀ ଆତ୍ମହତ୍ୟା, କମ୍ପାନୀ ସ୍ୱାର୍ଥରେ ନିଃସହାୟ ମଣିଷକୁ ଭିଟାମାଟିରୁ ଉଚ୍ଛେଦ ଆଦି ସମସ୍ୟା ଦ୍ୱାରା ସମଗ୍ର ଦେଶକୁ ଆଜି ଜର୍ଜରିତ କରିଚାଲିଛନ୍ତି। ଏହି ଅବସ୍ଥାରେ ଯୁବକ ଯୁବତୀଙ୍କୁ ସାମଜିକ ସମସ୍ୟା ପ୍ରତି ଉଦାସୀନ ରଖିବା ପାଇଁ ଗୋଟିଏ ପଟେ ଅବୈଜ୍ଞାନିକ, ଅଚଳ ସାମନ୍ତୀ ଚିନ୍ତାକୁ ପ୍ରଚାର ପ୍ରସାର କରାଯାଉଥିବା ବେଳେ ଗଣତାନ୍ତ୍ରିକ ଅଧିକାରକୁ ଛଡେଇ ନିଆଯାଉଛି। ଜାତି, ଧର୍ମ, ବର୍ଣ୍ଣ, ଅଞ୍ଚଳର ସାମ୍ପ୍ରଦାୟିକ ବିଷମଞ୍ଜି ବୁଣି ଜନଗଣଙ୍କ ଐକ୍ୟକୁ ଧ୍ୱଂସ କରାଯାଉଛି। ଏହିଭଳି ଏକ ସଙ୍କଟ ସମୟରେ ଆମେ ସହିଦ ଏ-ଆଜମ୍-ଭଗତ ସିଂଙ୍କ ଜୀବନ ସଂଗ୍ରାମରୁ ଶିକ୍ଷା ନେଇ ଏକ ନୂତନ ଶୋଷଣହୀନ ସମାଜ ଗଠନ ପାଇଁ ପୁଞ୍ଜିବାଦୀ-ସାମ୍ରାଜ୍ୟବାଦୀ ବିରୋଧରେ ଦୁର୍ବାର ଆନ୍ଦୋଳନ ଗଢ଼ି ତୋଳିବାକୁ ମୁଖ୍ୟବକ୍ତା ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଗତିଶୀଳ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ମଧୁସୁଦନ ବାଗ, ଅନନ୍ୟା ଦାନୀ ଆକାସ ସା, ପ୍ରଭାସିନି ଭୋଇ, ମନୋଜ ଯାନୀଙ୍କ ସହିତ ବହୁ ଛାତ୍ର ଯୁବକ ବୁଦ୍ଧିଜୀବୀ ଜନସାଧାରଣ ଯୋଗ ଦେଇଥିଲେ।

### ଆର୍‌ଏନ୍ ସିଂହଦେଓ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଦ୍ୱିତୀୟ ଦିବସରେ ସୁନ୍ଦରଗଡ଼ ବିଜୟୀ

**ବଲାଙ୍ଗିର, ୨୪।୩(ସମିସ):** ମହାରାଜ ଆରଏନ୍ ସିଂହଦେଓ ଫୁଟବଲ ଟୁର୍ଣ୍ଣାମେଣ୍ଟ କମିଟି ପକ୍ଷରୁ ଓ ଜିଲ୍ଲା କ୍ରୀଡା ସଂସଦର ସହଯୋଗରେ ସୋମବାର ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ବନାମ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ଖେଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ ୨-୨ ଗୋଲରେ ଖେଳ ଡ୍ର ରହିଥିଲା। ସଡନଡେଥିରେ ସୁନ୍ଦରଗଡ଼ ଦଳ ବିଜୟୀ ହୋଇଥିଲା। ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ବଲାଙ୍ଗିର କୁଳପତି ଡ.ଉମାବଲ୍ଲଭ ମହାପାତ୍ର ଓ ସରକାରୀ ମହିଳା ମହାବିଦ୍ୟାଳୟ ବଲାଙ୍ଗିର ଅଧ୍ୟକ୍ଷ ଡ.ଅରବିନ୍ଦ ଓଝା ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶା ଫୁଟବଲ ଆସୋସିଏସନ ସଭାପତି ତଥା ଜିଲ୍ଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଓ ଟୁର୍ଣ୍ଣାମେଣ୍ଟ କମିଟି ସମ୍ପାଦକ ସାଗର ସଙ୍ଗମ ଶତପଥି ପ୍ରମୁଖ ମଞ୍ଚାସୀନ ଥିଲେ।କ୍ରୀଡା ସଂସଦର କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଖେଳକୁ ସଞ୍ଜିବ ମହାରଣା, ସଞ୍ଜୀନ କୁଦେଇ, କରୁଣାକର ପ୍ରଧାନ ଓ ନରସିଂ ସ୍ୱାମୀ ନାଇଡୁ ପରିଚାଳନା କରିଥିଲେ। କ୍ରୀଡ଼ା ସଂସଦର ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ପୂର୍ବତନ ଖେଳାଳି ଶ୍ରୀଧର ବଡ଼ିଆ ଓ ଶ୍ରୀକାନ୍ତ ରାଉତଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟ କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ବୃନ୍ଦ ସହଯୋଗ କରିଥିଲେ। ମଙ୍ଗଳବାର ସୁନ୍ଦରଗଡ଼ ବନାମ ଭବାନୀପାଟଣା ମଧ୍ୟରେ ଖେଳ ହେବ ବୋଲି ଫିକ୍ସଚର କମିଟିର ମୁଖ୍ୟ ଭୁପେନ୍ଦ୍ର ପ୍ରସାଦ ସିଂ ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ପ୍ରାପ୍ତ ହେବ। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ।

## ଆଜିର ଇତିହାସ

- ୧୬୬୮: ଆମେରିକାରେ ପ୍ରଥମଥର ପାଇଁ ଘୋଡ଼ାଦୌଡ଼ର ଆୟୋଜନ।
- ୧୮୦୭: ବ୍ରିଟିଶ୍ ସଂସଦ ଦ୍ୱାରା ସମଗ୍ର ବ୍ରିଟେନରୁ କ୍ରୀତଦାସ ପ୍ରଥା ଉଚ୍ଛେଦ।
- ୧୮୯୮: ଭଗିନୀ ନିବେଦିତା ବ୍ରହ୍ମଚର୍ଯ୍ୟ ଦୀକ୍ଷା ନେଲେ।
- ୧୯୫୭: ୟୁରୋପୀୟ ଅର୍ଥନୈତିକ ସଂଘର ସ୍ଥାପନା।
- ୧୯୮୮- ନାସାର ମହାକାଶଯାନ ଏସ୍-୨୦୬ ପ୍ରକ୍ଷେପଣ କରାଗଲା।



## ରଣବୀରଙ୍କ ପ୍ରଥମ ପତ୍ନୀ...

ବଲିଉଡ୍‌ର ଲୋକପ୍ରିୟ ଦମ୍ପତିଙ୍କ ମଧ୍ୟରେ ଅନ୍ୟତମ ରଣବୀର କପୁର ଏବଂ ଆଲିଆ ଭଟ୍ଟ। ଏଇ ଏପ୍ରିଲ ୩ ତାରିଖରେ ଦୁହିଁଙ୍କ ବିବାହକୁ ତିନି ବର୍ଷ ହେବ। ସମସ୍ତେ ଜାଣନ୍ତି ରଣବୀରଙ୍କ ପ୍ରଥମ ସ୍ତ୍ରୀ ହେଉଛନ୍ତି ଆଲିଆ। ହେଲେ ଆଲିଆ ତାଙ୍କ ପ୍ରଥମ ପତ୍ନୀ ନୁହନ୍ତି ବୋଲି ଖୋଦ୍ ରଣବୀର ଏକଥା କହିଛନ୍ତି। ରଣବୀରଙ୍କ ଏହି କଥା ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ରଣବୀର କହିଛନ୍ତି, ତାଙ୍କର ଏମିତି ଜଣେ ପ୍ରଶଂସିକା ଥିଲେ, ଯିଏ କି ତାଙ୍କ ଘର ବାହାରେ ବିବାହର ସମସ୍ତ ବିଧି ପାଳନ କରିଥିଲେ। ଅବଶ୍ୟ ଏହାକୁ ପାଗଳାମି କୁହାଯିବ ବୋଲି ସେ କହିଛନ୍ତି। ହଠାତ୍ ଦିନେ ରଣବୀରଙ୍କ ସିକ୍ୟୁରିଟି ତାଙ୍କୁ କହିଥିଲେ କି ଜଣେ ଯୁବତୀ ପଣ୍ଡିତଙ୍କ ସହିତ ଆସି ଗେଟ୍ ବାହାରେ ବାହା ହୋଇଥିଲେ। ଏହା ହେଉଛି ସେତେବେଳର କଥା ଯେତେବେଳେ ରଣବୀର ନିଜ ବାପା ମାଆଙ୍କ ସହ ରହୁଥିଲେ। ସେ ସମୟରେ ରଣବୀର ସହର ବାହାରେ ଥିଲେ। କେବଳ ସେତିକି ନୁହେଁ, ମଜାରେ ମଜାରେ ସେ ଏହି ପ୍ରକାରେ ନିଜର ପ୍ରଥମ ସ୍ତ୍ରୀକୁ କେବେ ଦେଖି ନ ଥିବା କହିଛନ୍ତି। ଯଦିଓ ରଣବୀର ଏହି ପ୍ରଶଂସିକାଙ୍କୁ କେବେ ଭେଟି ନାହାନ୍ତି, ତଥାପି ମଜାମଜାରେ ତାଙ୍କୁ ତାଙ୍କର ପ୍ରଥମ ସ୍ତ୍ରୀ କିନ୍ତୁ କହି ଦେଇଛନ୍ତି। ଯାହାକୁ ନେଇ ଏବେ ଖୁବ୍ ଚର୍ଚ୍ଚା ହେଉଛି।

## ବିଶ୍ୱାସରେ ଚାଲିଛି ବ୍ୟବସାୟ

## ନାହାନ୍ତି ସେଲ୍ସମ୍ୟାନ୍ କି ଲାଗିନି ସିସିଟିଭି



ଦୋକାନରୁ ଯେମିତି ଚୋରି ନ ହେବ, ସେଥିପାଇଁ ଆଜିକାଲି ପ୍ରାୟ ଦୋକାନରେ ସିସିଟିଭି ଲଗାଯାଉଛି। ହେଲେ ମଧ୍ୟପ୍ରଦେଶ ଜବଲପୁରରେ ଏମିତି ଦୋକାନ ଅଛି, ଯାହାକି ବିଶ୍ୱାସରେ ପରିଚାଳିତ ହେଉଛି। ଏହା ହେଉଛି ଏକ ମିଠା ଦୋକାନ। ଉକ୍ତ ଦୋକାନରେ ମାଲିକ, ସେଲ୍ସମ୍ୟାନ୍ କି ସିକ୍ୟୁରିଟି ନାହାନ୍ତି। ଏପରିକି ଦୋକାନରେ ସିସିଟିଭି ବି ଲାଗି ନାହିଁ। କେବଳ ଭଗବାନ ଶ୍ରୀକୃଷ୍ଣଙ୍କର ଫଟୋଟିଏ ଲଗାଯାଇଛି। ଦୋକାନକୁ ଗ୍ରାହକ ଆସନ୍ତି, ମିଠା ନିଅନ୍ତି ଓ ଟଙ୍କା ରଖି ଯାଆନ୍ତି। ତେଣୁ ଏହି ଦୋକାନ ସମ୍ପୂର୍ଣ୍ଣ ଭାବେ ବିଶ୍ୱାସରେ ହିଁ ଚାଲିଛି। ଆଉ ଗ୍ରାହକ ସଚ୍ଚୋଟତା ଦେଖାଇ ଟଙ୍କା ରଖି ଦେଇଯାଆନ୍ତି। ନିଜ ହିସାବରେ ମିଠା ନିଅନ୍ତି ଏବଂ ଟଙ୍କାକୁ କଲେକ୍ସନ ବାକ୍ସରେ ରଖିଦେଇ ଯାଆନ୍ତି। ଆଉ ଯଦି କୌଣସି ଗ୍ରାହକଙ୍କ ପାଖରେ ଟଙ୍କା ନ ଥାଏ, ତେବେ ସେମାନେ ଦୋକାନରୁ ମିଠା ନେଇ ପରେ ବାକି ଟଙ୍କା ପଇଠ କରିଥାନ୍ତି। ଏହି ଦୋକାନର ମାଲିକ ହେଉଛନ୍ତି ବିଜୟ ପାଣ୍ଡେ। ଭଗବାନ କୃଷ୍ଣଙ୍କ ଉପରେ ସେ ଗଭୀର ବିଶ୍ୱାସ ରଖନ୍ତି। ଦିନେ ଜଣେ ବ୍ୟକ୍ତି ତାଙ୍କ ଦୋକାନକୁ ମିଠା ନେବାକୁ ଆସିଥିଲେ, କିନ୍ତୁ ତାଙ୍କ ପାଖରେ ଟଙ୍କା ନ ଥିଲା। ଏହାଜାଣି ବିଜୟ ତାଙ୍କୁ ମିଠା ଦେଇ ପରେ ଟଙ୍କା ଦେବା କଥା କହିଥିଲେ। ଏହି ଘଟଣାରୁ ସେ ହୃଦ୍‌ବୋଧ କଲେ ଯେ, ଯଦି ଜଣକ ଉପରେ ବିଶ୍ୱାସ କରିବା ସମ୍ଭବ, ତେବେ ସମସ୍ତଙ୍କ ଉପରେ ବିଶ୍ୱାସ କାହିଁକି ନ କରାଯିବ? ତାଙ୍କର ଏହି ଚିନ୍ତାଧାରା ହିଁ ତାଙ୍କୁ ବିଶ୍ୱାସରେ ଦୋକାନକୁ ଚଳାଇବା ଦିଗରେ ଉତ୍ସାହିତ କଲା। ଏହି ଦୋକାନ ସେଲ୍ଫ-ସର୍ଭିସ୍ ମଡେଲକୁ ଅନୁକରଣ କରେ। ଯେଉଁଠି ଗ୍ରାହକ ନିଜ ପସନ୍ଦର ମିଠା ବାଛି ଟଙ୍କା ଏକ ବାକ୍ସରେ ରଖନ୍ତି। ସେହିପରି ଅନ୍ୟ ଏକ ପାତ୍ରରେ କିଛି ଖୁଚୁରା ଟଙ୍କା ମଧ୍ୟ ରଖାଯାଇଥାଏ। ସାମାଜିକ ଗଣମାଧ୍ୟମରେ ଦୋକାନର ଫଟୋ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ବିଜୟଙ୍କ ଏଭଳି ପରିକଳ୍ପନାକୁ ଲୋକେ ଖୁବ୍ ପ୍ରଶଂସା କରିଛନ୍ତି।

## ଦୁଆରେ ଜିନିଷ ପହଞ୍ଚାଇବ ଏଆଇ ରୋବଟ୍



ଭବିଷ୍ୟତରେ ଡେଲିଭରି କାର୍ଯ୍ୟ କରିବ ରୋବଟ୍। ସ୍ୱିଜରଲ୍ୟାଣ୍ଡର ରୋବଟିକ୍ କମ୍ପାନି ରିଭର୍ ଏଭଳି ଏକ ଭିନ୍ନଧରଣର ରୋବଟ୍‌କୁ ପରିଚିତ କରାଇଛି। ଏହାର ନାଁ 'ମିଲୋ'। ଏହାକୁ ଏଆଇ ଦ୍ୱାରା ଡିଜାଇନ୍ କରାଯାଇଛି। ଏହା ଏକ ଚାରିଗୋଡ଼ିଆ ରୋବଟ୍। ଏହି ରୋବଟ୍ ଶିଡ଼ି ଚଢ଼ିବା ସହ ଏଆଇ ଟେକ୍ନୋଲୋଜିକୁ ଉପଯୋଗ କରି ତା'ବାଟରେ ଆସୁଥିବା ବାଧାକୁ ଜାଣିବାକୁ ସକ୍ଷମ ହୋଇଥାଏ। ଏହା ଟ୍ରକ୍ ଉପରୁ ତଳକୁ ଜିନିଷ ଓହ୍ଲାଇପାରିବ। ଅନ୍ୟପଟେ କ୍ରେନ୍ ଭଳି ଏହାର ବାହୁ ଗ୍ରାହକଙ୍କୁ ପାର୍ସଲ ବା ଜିନିଷ ବଢ଼ାଇବା ଦିଗରେ କାର୍ଯ୍ୟ କରେ। ସେହିପରି ଡେଲିଭରି ଟ୍ରକ୍‌ରୁ ଯେଭଳି ଏହା ଗ୍ରାହକଙ୍କ ଦ୍ୱାର ପର୍ଯ୍ୟନ୍ତ ଏକାକୀ ସ୍ୱାଧୀନ ଭାବେ ଯାତ୍ରା କରିବ, ସେହି ହିସାବରେ ଏହାକୁ ଡିଜାଇନ୍ କରାଯାଇଛି। ତେବେ ଏହା ମାଧ୍ୟମରେ ଡେଲିଭରି ଡ୍ରାଇଭରଙ୍କ କାର୍ଯ୍ୟକୁ ହାଲୁକା କରାଯିବା ଲକ୍ଷ୍ୟ ରଖାଯାଇଛି।



## ନେଲ୍ ଆର୍ଟରେ ଜୀବନ୍ତ ଅସରପା

ଆଜିକାଲି ଡ୍ରେସ୍, ଜୋତା ତଥା ମେକଅପ୍‌ରେ ଅଲଗା ଦିଶିବା ପାଇଁ ଅନେକ ଜଣ ଅଜବ ପ୍ରକାର ଫେଶନ୍ ଓ ଷ୍ଟାଇଲ୍‌କୁ ଆପଣାଇଉଛନ୍ତି। ଏହି କ୍ରମରେ ଏବେ ଏକ ନେଲ୍ ଆର୍ଟରେ ସେଭଳି ଦୃଶ୍ୟ ସାମ୍ନାକୁ ଆସିଛି। ଜଣେ ନେଲ୍ ଆର୍ଟିଷ୍ଟ ନଖକୁ ଆକର୍ଷଣୀୟ କରିବା ପାଇଁ ଅସଲି କୀଟଙ୍କୁ ଉପଯୋଗ କରୁଥିବା ଦେଖାଯାଇଛି। ଯାହାର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଜଣେ ମହିଳାଙ୍କ ନକଲି ନଖରେ ଜୀବନ୍ତ ଅସରପାକୁ ଲଗାଯାଉଥିବା ଦେଖିବାକୁ ମିଳିଛି। ନେଲ୍ ଆର୍ଟିଷ୍ଟ ଜଣକ ଅସରପାକୁ ଉଠାଇ ଏହାକୁ ଏକ ପାରଦର୍ଶୀ ନକଲି ନଖରେ ରଖୁଛନ୍ତି। ସେହିପରି ଅସରପା ଯେଭଳି ନଖରେ ଲାଗି ରହିବ, ସେଥିପାଇଁ ଅଠାକୁ ଉପଯୋଗ କରୁଛନ୍ତି। ଏହି ପ୍ରକାରେ ନଖ ଭିତରେ ଅସରପା ରହୁଛି। କେବଳ ଅସରପା ନୁହେଁ, ସତସତିକା ବିଛା, ବୁଢ଼ିଆଣୀ ଆଦିକୁ ଚିତ୍ର ଭାବେ ନଖରେ ଲଗାଯାଉଛି। ସେହିପରି ଅନେକ ଲୋକ ଏହା ଉପରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି। ଏହାକୁ ଅନେକ ଲୋକେ ପଶୁପକ୍ଷୀଙ୍କ ପ୍ରତି କ୍ରୂରତା କହିବା ସହ ନାପସନ୍ଦ କରିଛନ୍ତି।

# ସୁବର୍ଣ୍ଣା



## ବିଭିନ୍ନ କାମରେ କମ୍ବାଇନ୍ ହାର୍ବେଷ୍ଟର

କମ୍ବାଇନ୍ ହାର୍ବେଷ୍ଟର ଏକ କୃଷି ଯନ୍ତ୍ର। ଗହମ, ମକା, ସୋୟାବିନ୍ ଏବଂ ଅନ୍ୟ ଶସ୍ୟ ଆଦି ଫସଲ କାଟିବାକୁ ଏହି ମେସିନ୍ ବ୍ୟବହାର ହୋଇଥାଏ। ମେସିନ୍‌ଟିର ବିଶେଷତ୍ୱ ହେଉଛି, ଏହାଦ୍ୱାରା ଅନେକଗୁଡ଼ିଏ କାର୍ଯ୍ୟ ସାଧିତ ହୋଇଥାଏ। ଯେପରିକି ଫସଲ କଟା, ଫସଲ ବାଡ଼ା ଏବଂ ଶସ୍ୟରୁ ବର୍ଜ୍ୟକୁ ସଫା ଆଦି। ଏହି ମେସିନ୍‌ଟି ଟ୍ରାକ୍ଟର ଦ୍ୱାରା ଚଳାଯାଇପାରିବ। ଏହାର ନିଜସ୍ୱ ଇଞ୍ଜିନ ମଧ୍ୟ ଥାଏ। ଏହି ମେସିନ୍‌ଟି ଗୋଟିଏ ସମୟରେ ଶସ୍ୟକୁ କାଟିବା, ଅମଳ କରିବା ଏବଂ ସଫା କରି ଅଖାରେ ଭର୍ତ୍ତି କରିବା କାମ କରିଥାଏ। ବିଶେଷ କଥା ହେଉଛି, ପାରମ୍ପରିକ ପଦ୍ଧତିରେ ଶସ୍ୟ କାଟି ତାକୁ ଅମଳ କରିବାକୁ ତିନିଗୁଣା ଅଧିକ ଖର୍ଚ୍ଚ ପଡୁଥିବାବେଳେ ଏହି ମେସିନ୍ ଦ୍ୱାରା ଏକ ଏକରରେ ମାତ୍ର ତିନିହଜାର ଖର୍ଚ୍ଚରେ ଏକାଧିକ କାମ ହୋଇଥାଏ। କହିବାକୁ ଗଲେ, ଗୋଟିଏ ମେସିନ୍ ୩୦ଜଣଙ୍କ କାମ ତୁଲାଇଥାଏ। ଏହାଦ୍ୱାରା ଫସଲର ଗୁଣବତ୍ତା ଭଲ ହୁଏ। ଉତ୍ପାଦନ ମଧ୍ୟ ବୃଦ୍ଧି ପାଏ।



## ଗଛକୁ ଥଣ୍ଡା ରଖିବ ଖତ



ଗ୍ରୀଷ୍ମପ୍ରବାହ ହେତୁ ଆଗକୁ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ପନିପରିବା ଫସଲରେ ଫୁଲ ଓ ଫଳ ଧରିବା ଅବସ୍ଥାରେ ଜଳସେଚନର ବ୍ୟବସ୍ଥା କରନ୍ତୁ। ଏହା ସହିତ ଗଛ ମୂଳକୁ ଅଧିକ ତାପମାତ୍ରାରୁ ରକ୍ଷା କରିବାକୁ ଏହି ଖତ ବ୍ୟବହାର କରିପାରିବେ। ଏହାଦ୍ୱାରା ଗଛ ଶୁଖିବା ବା ଝାଉଁଳିବାର ସମସ୍ୟା ରୁହେ ନାହିଁ।

- ଜୈବ ପଦାର୍ଥ ଆଚ୍ଛାଦୀକରଣ କରିବା ଦ୍ୱାରା ମାଟି ଥଣ୍ଡା ରହିଥାଏ। ଗଛ ଶୁଖି ନ ଥାଏ।
- ଅଧାଶଢ଼ା ଖତ, କଦଳୀ ବର୍ଜ୍ୟରେ ନିର୍ଦ୍ଦିଷ୍ଟ ପରିମାଣର ଘୋଳଦହି ମିଶାଇ ଏକ ମାସ ରଖିପାରିବେ। ଏହା ଖତରେ ପରିଣତ ହେଲେ ଫସଲରେ ପ୍ରୟୋଗ କରିପାରିବେ।
- ଗୋବରକୁ ରାତିସାରା ଏକ ବାଲ୍‌ଟିରେ ଭିଜାଇ ଏହାକୁ ଢାଙ୍କି ଦେବାକୁ ହୁଏ। ତିନିଦିନ ରଖିବା ପରେ ଏହି ମିଶ୍ରଣକୁ ଛାଣି ଅନ୍ୟ ପାତ୍ରରେ ରଖି ଏହାକୁ ପ୍ରତି ୨ରୁ ୩ ଦିନ ଅନ୍ତରରେ ଥରେ ପ୍ରୟୋଗ କରିପାରିବେ।
- ଶୁଖିଲା ପତ୍ର, ଫୁଲ ଏବଂ ଚୋପାକୁ ଏକ ପାତ୍ରରେ ରଖି ଏଥିରେ ୧ ଲିଟର ପାଣି ମିଶାଇବାକୁ ହୁଏ। ଏହି ମିଶ୍ରଣକୁ ପ୍ରତି ୨ରୁ ୪ ଦିନରେ ଥରେ ଭଲଭାବେ ଘାଣ୍ଟିବା ଦ୍ୱାରା ୨.୫ ମାସ ମଧ୍ୟରେ ଜୈବିକ ତରଳ ଖତ ପ୍ରସ୍ତୁତ ହୋଇଯାଇଥାଏ। ଏହି ଖତକୁ ନିର୍ଦ୍ଦିଷ୍ଟ ମାତ୍ରାରେ ଫସଲରେ ପ୍ରୟୋଗ କରିବା ଆବଶ୍ୟକ।

## ପରିବାଚାଷରୁ ୩୦ ପରିବାର ରୋଜଗାରକ୍ଷମ

ଗାଁରେ କାମଧନ୍ଦା ଅଭାବରୁ ସେମାନେ ରାଜ୍ୟ ବାହାରେ ଦାଦନ ଖଟୁଥିଲେ। ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହେଉଥିଲେ। ଫଳରେ କାହା ଅଧୀନରେ କାମ କରିବେନି ଚିନ୍ତା କରି ଭିଟାମାଟିରେ ଆରମ୍ଭ କଲେ ଚାଷ। ଆଉ ଏବେ ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ହଲଦିଖୋଲ ଗାଁର ୩୦ ପରିବାର ପରିବାଚାଷ କରି ରୋଜଗାରକ୍ଷମ ହୋଇପାରିଛନ୍ତି।

ହଲଦିଖୋଲ ଗାଁରେ ଶହେ ପରିବାରରେ ୫ ଶହ ଲୋକେ ବସବାସ କରନ୍ତି। ଅର୍ଥାଭାବ ଏବଂ କାମଧନ୍ଦା ଅଭାବରୁ ଗାଁଲୋକେ ପରିବାର ପ୍ରତିପୋଷଣ ପାଇଁ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଥିଲେ। ହେଲେ ଉଦନ୍ତୀ ପ୍ରତ୍ୟୁସର କମ୍ପାନୀର ସଦସ୍ୟ ଗାଁରେ ରୋଜଗାର ଦେବା ଉଦ୍ଦେଶ୍ୟରେ ଏକ ବୈଠକ ଆୟୋଜନ କରିଥିଲେ। ଏଥିରେ ଲୋକଙ୍କୁ ପରିବା ଚାଷ କରିବାକୁ ବୁଝାଇବା ସହିତ ଗାଁର ଚାଷୀଙ୍କୁ ଉଧାରୀରେ ବିହନ, ରାସାୟନିକ ସାର, କୀଟନାଶକ ଔଷଧ ଦେଇଥିଲେ। ଅମଳ ପରେ ବିକ୍ରି କରି ଚାଷୀମାନେ କମ୍ପାନୀକୁ ଟଙ୍କା ଫେରସ୍ତ କରିଥିଲେ। ଏଥିରେ ପ୍ରାୟ ୧୦ ପରିବାର ଉପକୃତ ହୋଇ ଲାଭବାନ ହୋଇଥିଲେ। ତେବେ ଚଳିତ ବର୍ଷ ଗାଁର ୩୦ ପରିବାର ପରିବା ଚାଷରେ ସାମିଲ ହୋଇଛନ୍ତି।

ଗାଁର କିଛି ଚାଷୀ ଜମିହୀନଙ୍କୁ ଭାଗଚାଷ ପାଇଁ ଜମି ଦେଇଥିଲେ। ଏଥିରେ ଅମୃତ ରାଉତ ଓ ପ୍ରମିଳା ମାଝି ଭଳି ୧୦ ଜଣ ଜମିହୀନ ଚାଷୀ ଉପକୃତ ହୋଇଛନ୍ତି। ୩୦ ପରିବାର ଚେରେପାଣି ନାଳୀରୁ ମୋଟର ସାହାଯ୍ୟରେ ପାଣି ଉଠାଇ ଚାଷ କରୁଛନ୍ତି। କୃଷିବିଭାଗ ଚାଷୀଙ୍କୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସହାୟତାରେ ବିହନ, ସାର ଏବଂ ଔଷଧ ଦେଇଛନ୍ତି। ଏବେ ଗାଁରେ ମୋଟ ୨୦ ଏକର ଜମିରେ ଟମାଟୋ, ବାଇଗଣ, ବନ୍ଧାକୋବି, ଫୁଲକୋବି, ଲଙ୍କା, ବୋଇତାଳୁ, ଭେଣ୍ଡି, ଜହ୍ନି ଆଦି ଚାଷ ହେଉଛି। ଏ ବର୍ଷ ପରିବା ଅମଳ ଭଲ ହେବା ସହ ବଜାର ଦର ଠିକ୍ ଥିବାରୁ ଚାଷୀ ଭଲ ରୋଜଗାର କରିଛନ୍ତି। ପ୍ରତିବର୍ଷ ଚାଷ କରିବେ ଓ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବେ ନାହିଁ ବୋଲି ଗାଁର ରୁଜ ମାଝି, ଡିଙ୍ଗର ମାଝି ପ୍ରମୁଖ କହିଛନ୍ତି। ଏହାସହ ସେମାନେ ଚାଷ ପାଇଁ ସରକାରୀ ସହାୟତା ଯୋଗାଇଦେବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଉଦ୍ୟାନ ଉପନିର୍ଦ୍ଦେଶକ ହରେକୃଷ୍ଣ ହାଂସଦା କହିଛନ୍ତି, କିଛି ଚାଷୀଙ୍କୁ ବିଭାଗ ତରଫରୁ ପରିବା ମଞ୍ଜି ଦିଆଯାଇଛି, ଆଗାମୀ ଦିନରେ ଇଚ୍ଛୁକ ବ୍ୟକ୍ତିଙ୍କୁ ବିହନ ଯୋଗାଇ ଦାଦନ ରୋକିବାରେ ସହାୟକ ହେବୁ ବୋଲି କହିଛନ୍ତି।

- ଶୁଭ୍ରାଂଶୁ କୁମାର ନାଏକ, ସିନାପାଲି, ନୂଆପଡ଼ା





## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ବର୍ତ୍ତମାନ ମଝିରେ ମଝିରେ କାଳବୈଶାଖୀ ବର୍ଷା ହେଉଛି। ତେବେ ବର୍ଷା ଛାଡ଼ିଯିବା ପରେ ମାଟିର ଆର୍ଦ୍ରତାକୁ ଦେଖି ଖରାଟିଆ କାକୁଡ଼ି ଓ କଖାରୁ ଜାତୀୟ ପନିପରିବା ବୁଣାବୁଣି ଆରମ୍ଭ କରନ୍ତୁ। ଫସଲରେ ରୋଗ ଓ ପୋକର ଉପସ୍ଥିତିକୁ ନିୟମିତ ଯାଞ୍ଚ କରନ୍ତୁ।
- ଆଳୁ ଲଗାଇବାର ୭୫ରୁ ୮୫ ଦିନ ପରେ ଅଧିକାଂଶ ପତ୍ର ହଳଦିଆରୁ ବାଦାମୀ ରଙ୍ଗ ହୋଇଯାଇଥିଲେ ଅମଳ କରିଦିଅନ୍ତୁ। ଏହାର ୧୫ ଦିନ ପୂର୍ବରୁ ଜଳସେଚନକୁ ବନ୍ଦ କରିଦିଅନ୍ତୁ। ଅମଳ କରାଯାଇଥିବା ଆଳୁକୁ ଛାଇରେ ୨୪ ଘଣ୍ଟା ପାଇଁ ରଖନ୍ତୁ। କ୍ଷତିଗ୍ରସ୍ତ ଏବଂ ପଚା ଆଳୁକୁ ଅଲଗା ରଖି ଦିଅନ୍ତୁ।
- ବର୍ତ୍ତମାନ ତାପମାତ୍ରା ବୃଦ୍ଧି ପାଇଥିବାରୁ କୁକୁଡ଼ାମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ। ମଧ୍ୟାହ୍ନ ସମୟକୁ ବାଦ୍ ଦେଇ ସକାଳ ଓ ସନ୍ଧ୍ୟା ସମୟରେ ଖାଇବାକୁ ଦିଅନ୍ତୁ। କୁକୁଡ଼ା ଖାଦ୍ୟରେ ୨୦ରୁ ୩୦% ଅଧିକ ଭିଟାମିନ୍ ଓ ଖଣିଜ ଦ୍ରବ୍ୟ ମିଶାଇବାକୁ ଭୁଲନ୍ତୁ ନାହିଁ।



# ଜାତୀୟ ମହିଳା ହକି ଲିଗ୍‌ରେ ଓଡ଼ିଶାର ୪ର୍ଥ ବିଜୟ



ଭୁବନେଶ୍ୱର, ୨୪।୩ (ସମିସ): ରାଞ୍ଚିରେ ଚାଲିଥିବା ୨୧ ବର୍ଷରୁ କମ୍ ଜାତୀୟ ମହିଳା ହକି ଲିଗ୍‌ର ଫାଇନାଲ ପର୍ଯ୍ୟାୟରେ ଓଡ଼ିଶା ଦଳ ୪ର୍ଥ ବିଜୟ ହାସଲ କରିଛି। ସୋମବାର ଅନୁଷ୍ଠିତ ଏକ ମ୍ୟାଚରେ ସୁମି ମୁଣ୍ଡାରୀଙ୍କ ନେତୃତ୍ୱାଧୀନ ଓଡ଼ିଶା ୨-୦ ଗୋଲ୍‌ରେ ହରିୟାଣାକୁ ହରାଇଦେଇଛି। ମ୍ୟାଚର ପ୍ରଥମ କ୍ୱାର୍ଟରର ୯ମ ମିନିଟ୍‌ରେ ଓଡ଼ିଶାକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ପ୍ରତିଭା କିଣ୍ଡୋ ଏହାର ସମ୍ପୂର୍ଣ୍ଣ ଫାଇଦା ଉଠାଇ ବଲ୍‌କୁ ପ୍ରତିପକ୍ଷ ନେଟ୍ସ ମଧ୍ୟକୁ ପଠାଇ ଓଡ଼ିଶାକୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଏହାପରେ ୨ୟ ଓ ୩ୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଅନ୍ତିମ ତଥା ୪ର୍ଥ କ୍ୱାର୍ଟରର ଶେଷ ମିନିଟ୍‌ରେ ଓଡ଼ିଶା ପାଇଁ ଶିବାନୀ ଲୁଗୁନ ଫିଲ୍ଡ ଗୋଲ୍ ଜରିଆରେ ୨ୟ ସ୍କୋର କରିଥିଲେ। ଫଳରେ ଓଡ଼ିଶା ୨-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ଏଥିସହ ଓଡ଼ିଶା ୫ମ ମ୍ୟାଚରୁ ୪ର୍ଥ ବିଜୟ ସହ ୧୨ ପଏଣ୍ଟ ପାଇ ୨ୟ ସ୍ଥାନକୁ ଉଠିଛି। ଅପରପକ୍ଷରେ ହରିୟାଣା ୫ମ ମ୍ୟାଚରୁ ପ୍ରଥମ ପରାଜୟବରଣ କରିଥିଲେ ମଧ୍ୟ ୧୨ ପଏଣ୍ଟ ପାଇ ଗୋଲ୍ ବ୍ୟବଧାନରେ ଏକ ନମ୍ବର ସ୍ଥାନ ବଜାୟ ରଖିଛି। ଓଡ଼ିଶା ମଙ୍ଗଳବାର ମିଜୋରାମ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି।

■ ଖେଲୋ ଇଣ୍ଡିଆ ପାରା ଗେମ୍ସ

# ଗଦାଧର ସାହୁଙ୍କୁ କାଂସ୍ୟ ପଦକ



ଭୁବନେଶ୍ୱର,୨୪।୩ (ସମିସ): ନୂଆଦିଲ୍ଲୀରେ ଚାଲିଥିବା ଖେଲୋ ଇଣ୍ଡିଆ ପାରା ଗେମ୍ସରେ ଓଡ଼ିଶାର ପଦକ ବିଜୟ ଅଭିଯାନ ଅବ୍ୟାହତ ରହିଛି। ସୋମବାର ଅନୁଷ୍ଠିତ ଶକ୍ତିଉତ୍ତୋଳନର ୬୫ କିଲୋଗ୍ରାମ କାଟେଗୋରୀରେ ଗଦାଧର ସାହୁ ୧୪୩ କେଜି ଓଜନ ଉଠାଇ କାଂସ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଜାତୀୟସ୍ତରରେ ଗଦାଧର ତାଙ୍କ ପ୍ରତିଭା ପ୍ରଦର୍ଶନ କରିବାରେ ସମର୍ଥ ହୋଇଛନ୍ତି। ଶକ୍ତିଉତ୍ତୋଳନରେ ଓଡ଼ିଶାର ପ୍ରତିଯୋଗୀମାନେ ପୂର୍ବରୁ ୭ଟି ପଦକ ବିଜୟୀ ହୋଇଛନ୍ତି। କେରଳର ଜୋବି ମାଥ୍ୟୁସ ୧୪୮ କେଜି ଓଜନ ଉଠାଇ ସ୍ୱର୍ଣ୍ଣ ଓ ଗୁଜରାଟର ଅରବିନ୍ଦ ମାକୱାଣା ୧୪୬ କେଜି ଓଜନ ଉଠାଇ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି।

# ଦ୍ୱିତୀୟ ଖୋର୍ଦ୍ଧା ଜିଲ୍ଲା ପେଙ୍କାକ୍ ସିଲାଟ୍ ଉଦ୍‌ଯାପିତ



ଭୁବନେଶ୍ୱର, ୨୪।୩ (ସମିସ): ଖୋର୍ଦ୍ଧା ଜିଲ୍ଲା ପେଙ୍କାକ୍ ସିଲାଟ୍ ଆସୋସିଏସନ ପକ୍ଷରୁ ୨ୟ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଏକଦିବସୀୟ ପ୍ରତିଯୋଗିତାକୁ ଜିଲ୍ଲା ସଂଘର ଅଧ୍ୟକ୍ଷ ସଚିନ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ୬ଟି ଜିଲ୍ଲାସ୍ତରୀୟ କ୍ଲବରୁ ୧୦୪ଜଣ ପ୍ରତିଯୋଗୀ ଭାଗନେଇଥିଲେ। ୧୦ଜଣ ରେଫରୀ ପ୍ରତିଯୋଗିତାକୁ ପରିଚାଳନାରେ ସହଯୋଗ କରିଥିଲେ। ଜିଲ୍ଲା ସଭାପତି ସୁବ୍ରଜିତ ଜେନା, ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ, ଉପସଭାପତି ନବକିଶୋର ପାଇକରାୟ ପ୍ରମୁଖ ପୁରସ୍କାର ବିତରଣୀ ଉତ୍ସବରେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

ଆଇପିଏଲ୍ ୧୮

# ଗୁଜରାଟ-ପଞ୍ଜାବ ଲଢ଼େଇ ଆଜି

ଅହମ୍ମଦାବାଦ, ୨୪।୩ (ଏଜେନ୍ସି):



ଗୁଜରାଟ ଟାଇଟାନ୍ସ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ଆସନ୍ତାକାଲି ବା ମଙ୍ଗଳବାର ଚଳିତ ଆଇପିଏଲ୍‌ରେ ୫ମ ଲିଗ୍ ମ୍ୟାଚ୍ ଖେଳାଯିବ। ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଉଭୟ ଦଳ ସେମାନଙ୍କ ପ୍ରଥମ ମ୍ୟାଚ୍ ଖେଳିବେ। ୨୦୨୨ରେ ଆଇପିଏଲ୍ ପଦାର୍ପଣ କରି ଗୁଜରାଟ ଚାମ୍ପିଅନ୍ ହୋଇଥିଲା। ହେଲେ ଗତବର୍ଷ ଗୁଜରାଟ ନିମ୍ନମାନର ପ୍ରଦର୍ଶନ କରି ୧୦ଟି ଦଳଙ୍କ ମଧ୍ୟରେ ୮ମ ସ୍ଥାନରେ ରହି ପ୍ଲେଅଫ୍‌ରୁ ବଞ୍ଚିତ ହୋଇଥିଲା। ଶୁବମାନ ଗିଲ୍ ନେତୃତ୍ୱାଧୀନ ଗୁଜରାଟ ଏଥର ପ୍ଲେଅଫ୍ ଖେଳିବା ଆଶାରେ ଅଭିଯାନ ଆରମ୍ଭ କରିବ। ଅନ୍ୟପକ୍ଷରେ ପଞ୍ଜାବ କିଙ୍ଗ୍ସ ଆଇପିଏଲ୍‌ରେ ପ୍ରଥମ ସଂସ୍କରଣରୁ ଖେଳି ଆସୁଥିବା ବେଳେ ମାତ୍ର ୨ ଥର ପ୍ଲେଅଫ୍‌ରେ ପହଞ୍ଚିଛି। ପ୍ରଥମ ସଂସ୍କରଣରେ ପଞ୍ଜାବ ପ୍ଲେଅଫ୍‌ରୁ ବିଦାୟ ନେଇଥିବା ବେଳେ ଏହା ୨୦୧୪ରେ ଉପବିଜେତା ହୋଇଥିଲା। ହେଲେ ନୂଆ ଅଧିନାୟକ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ପଞ୍ଜାବ ଆଇପିଏଲ୍‌ରେ କିଙ୍ଗ୍ ହେବା ପାଇଁ ପ୍ରୟାସ କରିବ। ଗତବର୍ଷ ଶ୍ରେୟସଙ୍କ ନେତୃତ୍ୱରେ କୋଲକାତା ନାଇଟ୍ ରାଇଡର୍ସ ଚାମ୍ପିଅନ୍ ହୋଇଥିଲା। ଅଧିନାୟକ ହେବା ସହ ଦଳର ମୁଖ୍ୟ ବ୍ୟାଟ୍ସମ୍ୟାନ୍ ଦାୟିତ୍ୱ ସମ୍ଭାଳିବେ ଶ୍ରେୟସ। ଆଇପିଏଲ୍‌ରେ ଏବେସୁଦ୍ଧା ଉଭୟଙ୍କ ମଧ୍ୟେର ୫ ଥର ମୁକାବିଲା ହୋଇଛି। ଏଥିରୁ ଗୁଜରାଟ ଟାଇଟାନ୍ସ ୪ ଥର ଜିତିଥିବା ବେଳେ ପଞ୍ଜାବ ମାତ୍ର ଥରେ ଜିତିଛି। ଏହି ରେକର୍ଡରେ ଉନ୍ନତି ଆଣିବାକୁ ପଞ୍ଜାବ ପ୍ରୟାସ କରିବ। ପ୍ରଭସିମରନ ସିଂହ ଓ ପ୍ରିୟାଂଶ ଆର୍ଯ୍ୟ ପଞ୍ଜାବ ପାଇଁ ଇନିଂସ ଓପନ୍ କରିବେ। ପ୍ରିୟାଂଶ ଦିଲ୍ଲୀ ପାଇଁ ସୟଦ୍ ମୁସ୍ତାକ୍ ଅଲୀ ଟ୍ରଫିରେ ୧୭୬.୬୩ ଷ୍ଟ୍ରାଇକ୍‌ରେଟ୍ ୩୨୫ ରନ୍ କରିଛନ୍ତି। ୩ନଂ ସ୍ଥାନରେ ବ୍ୟାଟିଂ କରିବାକୁ ଥିବା ଅଧିନାୟକ ଶ୍ରେୟସ ଆୟରଙ୍କୁ ଲମ୍ବା ଇନିଂସ ଖେଳିବାକୁ ପଡ଼ିବ। କାରଣ ଦଳର ମଧ୍ୟକ୍ରମ ସେତେ ଶକ୍ତିଶାଳୀ ନାହିଁ। ଦୁଇ ଅଷ୍ଟ୍ରେଲୀୟ ଗ୍ଲେନ୍ ମ୍ୟାକ୍ସୱେଲ୍ ଓ ମାର୍କସ ଷ୍ଟୋଇନିସ୍ ସଫଳ ହେଲେ ପ୍ରତିପକ୍ଷ ବୋଲିଂକୁ ଖିନ୍‌ଭିନ୍ କରିଦେବେ। କିନ୍ତୁ ଏମାନେ ନିର୍ଭରଯୋଗ୍ୟ ପ୍ରଦର୍ଶନ କରନ୍ତି ନାହିଁ। ଗତବର୍ଷ ନେହାଲ ୱଧେରା ଓ ଶଶାଙ୍କ ସିଂହ ଦଳ ଲାଗି ଭଲ ପ୍ରଦର୍ଶନ କରିଥିଲେ। ଦୁଇ ବିଦେଶୀ ଆଫ୍‌ଗାନିସ୍ତାନର ଅଜମତୁଲା ଓମରଜାଇ ଓ ଦକ୍ଷିଣ ଆଫ୍ରିକାର ମାର୍କୋ ଜାନସେନ୍ ଅଲରାଉଣ୍ଡର ଭାବେ ଖେଳିବେ। ଜାନସେନ୍ ଚମତ୍କାର ଫର୍ମରେ ଅଛନ୍ତି। ଅର୍ଶଦୀପ ସିଂହ ପେସ୍ ବୋଲିଂ ଭାର ସମ୍ଭାଳିବେ। ଆଇପିଏଲ୍ ଇତିହାସରେ ଅନ୍ୟତମ ଅଭିଜ୍ଞ ଯୁଜବେନ୍ଦ୍ର ଚହଲ ଓ ହରପ୍ରୀତ ବ୍ରାର ସ୍ପିନ ଦାୟିତ୍ୱ ସମ୍ଭାଳିବେ। ପଞ୍ଜାବର ବ୍ୟାଟିଂ ଆୟରଙ୍କ ଉପରେ ନିର୍ଭର କରିବ।

ପଞ୍ଜାବ ଅପେକ୍ଷା ଗୁଜରାଟ ଅଧିକ ଶକ୍ତିଶାଳୀ ମନେହୁଏ। ଦଳର ସବୁଠାରୁ ବଡ଼ ଶକ୍ତି ହେଉଛି ଅଧିନାୟକ ଶୁବ୍‌ମାନ ଗିଲ୍ ଓ ଇଂଲଣ୍ଡର ଜୋସ୍ ବଟ୍‌ଲରଙ୍କ ଓପନିଂ ଯୋଡ଼ି। ବଟ୍‌ଲରଙ୍କୁ ୧୫.୭୫ କୋଟି ଟଙ୍କାରେ ଗୁଜରାଟ କିଣିଛି। ଚାମ୍ପିଅନ୍ସ ଟ୍ରଫିରେ ବଟ୍‌ଲର ଇଂଲଣ୍ଡ ପାଇଁ ସର୍ବାଧିକ ରନ୍ କରିଥିଲେ। ଶୁବ୍‌ମନ ଗିଲ୍ ୨୦୨୩ ଆଇପିଏଲ୍‌ରେ ୮୯୦ ରନ୍ କରିଥିଲେ ହେଁ ଆନ୍ତର୍ଜାତିକ ଟି-୨୦ରେ ସେ ଭଲ ପ୍ରଦର୍ଶନ କରି ପାରିନଥିଲେ। ଗିଲ୍ ଓ ବଟ୍‌ଲର ଆରମ୍ଭରୁ ବିସ୍ଫୋରକ ବ୍ୟାଟିଂ କରି ଲମ୍ବା ସମୟ କ୍ରିଜ୍‌ରେ ରହିପାରିବେ। ୩ନଂରେ ସାଇ ସୁଦର୍ଶନ ଖେଳିବେ। ତାଙ୍କୁ ଛାଡ଼ି ମଧ୍ୟକ୍ରମରେ ଭଲ ବ୍ୟାଟ୍ସମ୍ୟାନ ନାହାନ୍ତି।

ୱେଷ୍ଟଇଣ୍ଡିଜ୍‌ର ସେର୍ଫାନେ ରଦରଫୋର୍ଡ କିମ୍ବା ନ୍ୟୁଜିଲାଣ୍ଡର ଗ୍ଲେନ୍ ଫିଲିପ୍ସ ୪ନଂରେ ଏବଂ ୱାଶିଂଟନ ସୁନ୍ଦର ୫ନଂ ସ୍ଥାନରେ ଖେଳିବାର ସମ୍ଭାବନା ରହିଛି। ଦୁଇ ଫିନିସର ଭାବେ ରାହୁଲ ତେୱାଟିଆ ଓ ଶାହାରୁଖ ଖାଁ ରହିଛନ୍ତି। ବ୍ୟାଟିଂ ବିକଳ୍ପ ଭାବେ ଅଛନ୍ତି ଅନୁଜ ରାଓତ ଓ ମହିପାଲ ଲୋମରର। ଓପନିଂ ଯୋଡ଼ି ସହ ଗୁଜରାଟର ଶକ୍ତି ହେଉଛି ବୋଲିଂ ଆକ୍ରମଣ। କାଗିସୋ ରବାଡ଼ା ଏବଂ ଭାରତୀୟ ଦଳର ଦୁଇ ପ୍ରମୁଖ ବୋଲର ମହମ୍ମଦ ସିରାଜ୍ ଓ ପ୍ରସିଦ୍ଧ କ୍ରିଷ୍ଣା ପେସ୍ ବୋଲିଂ ଭାର ସମ୍ଭାଳିବେ। ସ୍ପିନ୍ ବିଭାଗରେ ଅଛନ୍ତି ଲେଗ୍ ସ୍ପିନର ରସିଦ୍ ଖାଁ, ବାମହାତି ସାଇ କିଶୋର ଓ ଅଫ୍‌ସ୍ପିନର ୱାଶିଂଟନ ସୁନ୍ଦର। ଏସ୍‌ଏ୨୦ ଟୁର୍ଣ୍ଣାମେଣ୍ଟରେ ରବାଡା ଓ ରସିଦ୍ ଯୁଗ୍ମ ସର୍ବାଧିକ ୧୭ଟି ଲେଖାଏଁ ୱିକେଟ୍ ନେଇଥିଲେ। ଯାହାର ଶକ୍ତି ଯାହା ହେଉନା କାହିଁକି ଉଭୟ ଦଳର ଏହା ଚଳିତବର୍ଷ ପ୍ରଥମ ଲିଗ୍ ମ୍ୟାଚ୍ ହୋଇଥିବାରୁ ଉଭୟ ଜିତିବାକୁ ଚେଷ୍ଟା କରିବେ।

## ଦିନିକିଆ ରାପିଡ୍ ଚେସ୍

# କଟକର ଆଦ୍ୱିକ ଆଦିତ୍ୟ ଚାମ୍ପିଅନ




ଭୁବନେଶ୍ୱର, ୨୪।୩ (ସମିସ): ରବିବାର ଦିନ କଟକ ନୂଆପଡ଼ା ସ୍ଥିତ ଜିନିଅସ ଚେସ୍ ସେଣ୍ଟର ପକ୍ଷରୁ ସ୍ଥାନୀୟ ନାରାୟଣୀ ସ୍କୁଲ ଠାରେ ରାଜ୍ୟସ୍ତରୀୟ ଏକ ଦିବସୀୟ ରାପିଡ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲାରୁ ପ୍ରାୟ ୧୩୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ଥିଲେ।

ପ୍ରତିଯୋଗିତାରେ କଟକର ଆଦ୍ୱିକ୍ ଆଦିତ୍ୟ ସ୍ୱାଇଁ ପ୍ରଥମ, କେନ୍ଦ୍ରାପଡ଼ାର ଆୟୁଷ ଆର୍ଯ୍ୟାନ୍ ମହାପାତ୍ର ଦ୍ୱିତୀୟ, ଖୋର୍ଦ୍ଧାର ଇସାନି ଦାସ୍ ତୃତୀୟ , ଜିତେଶ ସାମଲ ଚତୁର୍ଥ, ଜସନ୍ ସିଂହ ପଞ୍ଚମ, ଶ୍ରୀୟାନ୍ସ ଶେଖର ରାଉତ ଷଷ୍ଠ, ନିଭରିତା ପଟ୍ଟନାୟକ ସପ୍ତମ, ଓମ୍ ସ୍ୱରୂପ ପାଢ଼ୀ, ଅଷ୍ଟମ, ଆୟୁଷ୍ମାନ ବେହେରା ନବମ, ଉଦୟ କାନ୍ତ ନାୟକ ଦଶମ ସ୍ଥାନ ଅଧିକାର କରି ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଭି. ଭାରତୀ ପିଲା ମାନକର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି କୃତଜ୍ଞତା ଜଣାଇଥିଲେ। ଓଡ଼ିଶା ଚେସ ସଂଘର ପୂର୍ବତନ ସଦସ୍ୟ ସୂର୍ଯ୍ୟକାନ୍ତ ବିଶୋଇ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ଅର୍ଥ ରାଶି ପ୍ରଦାନ କରି ଥିଲେ। ଏହି କାର୍ଯକ୍ରମ ରେ କଟକ ଚେସ୍ ସଂଘ ତରଫରୁ ସୁଧୀର କୁମାର ମହାନ୍ତି , ପୂର୍ବତନ କଟକ ଚେସ୍ ସଂଘ ସମ୍ପାଦକ ହେମନ୍ତ କୁମାର ନାୟକ , ଚେସ୍ ପ୍ରଶିକ୍ଷକ ଆଦିତ୍ୟ ପଟ୍ଟନାୟକ, ଲକ୍ଷ୍ମୀଧର ଆଚାର୍ଯ୍ୟ, ରଘୁନନ୍ଦନ ସାସ୍‌ମଲ,ସୂର୍ଯ୍ୟମିତ୍ର ସେନ,ପ୍ରଣୀତା ସେନ, ରିତିକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଅର୍ବିଟର ନିହାର ରଞ୍ଜନ ସାସ୍‌ମଲ୍ ଉକ୍ତ ପ୍ରତଯୋଗିତା ପରିଚାଳନା କରି ଥିଲେ। ଜିନିଅସ ଚେସ୍ ସେଣ୍ଟର ସମ୍ପାଦିକା ବାସନ୍ତୀ ପଣ୍ଡା ଓ ସହ ସମ୍ପାଦକ ପ୍ରତାପ ଚନ୍ଦ୍ର ଦିକ୍ଷୀତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇ ଥିଲା।

■ ଜାତୀୟ କନିଷ୍ଠ ବାଳିକା ହ୍ୟାଣ୍ଡବଲ୍

# ସୁନିତାଙ୍କୁ ଓଡ଼ିଶା ଦଳର ନେତୃତ୍ୱ

ଭୁବନେଶ୍ୱର, ୨୪।୩ (ସମିସ): ଚଳିତ ମାସ ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଜାତୀୟ କନିଷ୍ଠ ବାଳିକା ହ୍ୟାଣ୍ଡବଲ୍ ପ୍ରତିଯୋଗିତାର ୪୭ତମ ସଂସ୍କରଣ ଲକ୍ଷ୍ନୌରେ ଅନୁଷ୍ଠିତ ହେବ। ଏଥିଲାଗି ୧୬ ଜଣିଆ ଓଡ଼ିଶା ଦଳ ସୋମବାର ଲକ୍ଷ୍ନୌ ଯାତ୍ରା କରିଛି। ସୁନିତା ମହାନ୍ତଙ୍କୁ ଓଡ଼ିଶା ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ଦଳରେ ଅନ୍ୟମାନଙ୍କ ମଧ୍ୟରେ ରାଜଲକ୍ଷ୍ମୀ ନାୟକ, ମୋନାଲିସା ବେହେରା, ପ୍ରତୀକ୍ଷା ଦାସ, ଲକିରାଣୀ ବେହେରା, ରାଣୀ ଦାସ, ସୁମନ ଦାସ, ଶ୍ରଦ୍ଧାଞ୍ଜଳି ବେହେରା, ରୋଶନୀ ପିଟର, ସଞ୍ଜନା କୁମାରୀ ସ୍ୱାଇଁ, ବିଜୟଲକ୍ଷ୍ମୀ ପ୍ରଧାନ, ସୁଭଦ୍ରା ନାୟକ, ପୂଜା ବେହେରା, ସସ୍ମିତା ଦାସ, ସ୍ୱାତି ସୁଚରିତା ଦାସ ଓ ସ୍ୱାଗତିକା ପାତ୍ର ସ୍ଥାନ ପାଇଛନ୍ତି। ଅଭିଜିତ ଆଶିଷ କୁମାର ଦଳର ମୁଖ୍ୟ ପ୍ରଶିକ୍ଷକ ଓ ଶୁଭ୍ର ପଲ୍ଲବୀ ଦାସ ମ୍ୟାନେଜର ଭାବେ ଦଳ ସହ ଗସ୍ତ କରିଛନ୍ତି। ଏହି ଅବସରରେ ସୋମବାର କଳିଙ୍ଗ ଷ୍ଟାଡିୟମରେ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଓଏସ୍‌ଡି ଧୀରଜ ପଟ୍ଟନାୟକ, ହରେଶ ମିଶ୍ର, ଓଡ଼ିଶା ହ୍ୟାଣ୍ଡବଲ୍ ସଂଘ ସମ୍ପାଦକ ଇଂ ମାନସ କୁମାର ସିଂ, ସଭାପତି ବିପ୍ଳବ ଚୌଧୁରୀ, ଉପସଭାପତି ପ୍ରିୟନାଥ ରାୟ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ, ଗୌରୀଶଙ୍କର ମିଶ୍ର ପ୍ରମୁଖ ଓଡ଼ିଶା ଦଳକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।



■ ପ୍ରଭାତ ସ୍ମାରକୀ ଟି-୨୦ କ୍ରିକେଟ

# ସେମିଫାଇନାଲରେ ଯଦୁପୁର

ଭୁବନେଶ୍ୱର,୨୪।୩ (ସମିସ): ସେକ୍ ସଲମାନ ଓ ଇମ୍‌ତିଆଜ ଅଲୀଙ୍କ ସୁନ୍ଦର ବୋଲିଂ ବଳରେ ଯଦୁପୁର କ୍ରିକେଟ କ୍ଲବ୍ ପ୍ରଭାତ ସ୍ମାରକୀ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି।




ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ଯଦୁପୁର ୯୬ ରନ୍‌ରେ ଭାଲିଆବାଡ଼ି କ୍ରିକେଟ କ୍ଲବ୍‌କୁ ପରାସ୍ତ କରିଛି। ଏହି ମୁକାବିଲାରେ ୩ ଓଭର ବୋଲିଂ କରି ୧୮ ରନ୍ ବିନିମୟରେ ୫ ୱିକେଟ ନେଇଥିବା ଯଦୁପୁରର ସଲମାନ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍‌ର ବରିଷ୍ଠ ସଦସ୍ୟ ବିଜନ ମହାନ୍ତି ଅତିଥିଭାବେ ଯୋଗଦେଇ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଆସନ୍ତାକାଲି ବା ମଙ୍ଗଳବାର ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଯଦୁପୁର କ୍ରିକେଟ କ୍ଲବ୍ ଓ ଜାଆଁଳା କ୍ରିକେଟ କ୍ଲବ୍ ମଧ୍ୟରେ ଖେଳାଯିବ।

ତମାଣ୍ଡୋ କ୍ରିକେଟ କ୍ଲବ୍ ପଡ଼ିଆରେ ସୋମବାର ଅନୁଷ୍ଠିତ ଖେଳରେ ପ୍ରଥମେ ବ୍ୟାଟିଂ କରି ଯଦୁପୁର ୯ ୱିକେଟରେ ୧୯୭ ରନ୍ କରିଥିଲା। ଦଳପକ୍ଷରୁ ପୁରୁଣା ଖେଳାଳି ମହମ୍ମଦ୍ ତାବ୍ରେଜ୍ ୨୯ ବଲ୍‌ରେ ୫୨ ଓ ମନୋଜ ବେହେରା ୧୧ ବଲ୍‌ରେ ୩୪ ରନ୍ କରିଥିଲା। ପ୍ରତିପକ୍ଷ ଭାଲିଆବାଡ଼ିର ଡୁଡୁଲ ତ୍ରିପାଠୀ ଓ ସଂଗ୍ରାମ ସାମନ୍ତରାୟ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ୧୯୮ ରନ୍‌ର ବିଶାଳ ଲକ୍ଷ୍ୟକୁ ପିଛା କରି ଭାଲିଆବାଡ଼ି ୧୩.୧ ଓଭରରେ ମାତ୍ର ୧୦୧ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳର ପ୍ରୀତିବ୍ରତ ପଟ୍ଟନାୟକ ୧୫ ବଲ୍‌ରେ ୩୨ ଓ ସୁଜିତ ସାହୁ ୨୧ ବଲ୍‌ରେ ୨୫ ରନ୍ କରିଥିଲେ। ବିଜୟୀ ଦଳପକ୍ଷରୁ ସଲମାନ ୫ଟି ଓ ଅଲି ୩ଟି ୱିକେଟ ନେଇଥିଲେ। ଅବିନାଶ ପଟ୍ଟନାୟକ ଓ ଖଗେଶ୍ୱର ସୁବୁଦ୍ଧି ଖେଳ ପରିଚାଳନା କରିଥିଲେ।

# ଭେଟେରାନ ଫୁଟ୍‌ବଲ ଜିତିଲା ବିଡ଼ାନାସୀ ମର୍ଣ୍ଣିଂ କ୍ଲବ୍



ଭୁବନେଶ୍ୱର, ୨୪।୩ (ସମିସ): ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ଖେଳାଳି ସଂଘ ଓ ଖଣ୍ଡଗିରି ସଂଘ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଓଡିଏମ୍ ସ୍କୁଲରେ ଏକଦିବସୀୟ ଦିବାରାତ୍ର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ବିଡାନାସୀ ମର୍ଣ୍ଣିଂ କ୍ଲବ ୪-୨ ଗୋଲରେ ଟାଇବ୍ରେକରରେ ରେଭେନଶା ମର୍ଣ୍ଣିଂ କ୍ଲବକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ନିର୍ଦ୍ଧାରିତ ସମୟରେ ଏହି ମ୍ୟାଚ୍ ଗୋଲଶୂନ୍ୟ ରହିବାରୁ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିପୂର୍ବରୁ ପ୍ରଥମ ସେମିଫାଇନାଲରେ ରେଭେନଶା ମର୍ଣ୍ଣିଂ କ୍ଲବ ୧-୦ ଗୋଲରେ ଜାଗମରା ଦଳକୁ ଏବଂ ୨ୟ ସେମିରେ ବିଡ଼ାନାସୀ ମର୍ଣ୍ଣିଂ କ୍ଲବ ୫-୧ ଗୋଲରେ ଭୁବନେଶ୍ୱର ଭେଟେରାନ ଦଳକୁ ପରାସ୍ତ କରିଥିଲା। ଉନ୍ନତ ପ୍ରଦର୍ଶନ ଲାଗି ରେଭେନଶା ମର୍ଣ୍ଣିଂ କ୍ଲବର ସନାତନ ଦାସ, ଭୁବନେଶ୍ୱର ଦଳର ସୂର୍ଯ୍ୟନାରାୟଣ ପଟ୍ଟନାୟକ ଓ ବିଡ଼ାନାସୀର ସିଙ୍ଗୁ ମାରାଣ୍ଡୀ ପୁରସ୍କୃତ ହୋଇଥିଲେ। ସେହିଭଳି କନିଷ୍ଠବର୍ଗର ଖେଳାଳି ଆୟୁଷ ଦିଗାଲ, ଶ୍ରୀଜଳ କିସ୍କୁ ଓ ଦାଶରଥୀ ହାଁସଦାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ବିଧାୟକ ସୁଶାନ୍ତ ରାଉତ, ଓଡିଏମ ସ୍କୁଲର ପ୍ରତିଷ୍ଠାତା ସତ୍ୟବ୍ରତ ମୀନକେତନ, ସଭାପତି ନବରଞ୍ଜନ ପଟ୍ଟନାୟକ, ସମ୍ପାଦକ ପ୍ରଫୁଲ୍ଲ ମିଶ୍ର, ବିରଞ୍ଚି ନାରାୟଣ ମହାନ୍ତି, ରାଧାଶ୍ୟାମ ସାହୁ, ଅଶୋକ ପଟ୍ଟନାୟକ, ରଣଜିତ୍ ପଟ୍ଟନାୟକ, ମଧୁସୂଦନ ଦାସ, ଦେବାଶିଷ ନାୟକ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ।

# ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜେତା ସୁମିତଙ୍କ ଅବସର

ହାଇଦରାବାଦ୍, ୨୪।୩ (ଏଜେନ୍ସି): ଭାରତର ପ୍ରମୁଖ ଡବଲ୍ସ ଖେଳାଳି ବି ସୁମିତ ରେଡ୍ଡୀ ସୋମବାର ପେସାଦାର ବ୍ୟାଡ୍‌ମିଣ୍ଟନରୁ ଅବସର ଘୋଷଣା କରିଛନ୍ତି। ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ମିକ୍ସଡ ଟିମ୍ ଇଭେଣ୍ଟରେ ଐତିହାସିକ ରୌପ୍ୟ ପଦକ ଜିତିଥିବା ଭାରତୀୟ ଦଳରେ ସୁମିତ୍ ପ୍ରମୁଖ ସଦସ୍ୟ ରହିଥିଲେ। ୩୩ ବର୍ଷୀୟ ଏହି ହାଇଦରାବାଦ୍ ଖେଳାଳି ପୁରୁଷ ଡବଲ୍ସରେ ମନୁ ଅତ୍ରୀ ଓ ମିକ୍ସଡ୍ ଡବଲ୍ସରେ ପତ୍ନୀ ଏନ୍. ସିକ୍କି ରେଡ୍ଡୀଙ୍କୁ ସାଥୀ କରି ଏକାଧିକ ସଫଳତା ହାସଲ କରିଛନ୍ତି। ସୁମିତ୍ ଓ ମନୁ ଯୋଡ଼ି ୨୦୧୬ ଦକ୍ଷିଣ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ଜିତି କ୍ୟାରିୟର ଶ୍ରେଷ୍ଠ ୧୭ତମ ମାନ୍ୟତା ହାସଲ କରିବା ସହ ରିଓ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଥିଲେ। ସୁମିତ୍ ଏଥିସହ ୨୦୧୪ ଓ ୨୦୧୮ ଏସୀୟ କ୍ରୀଡ଼ାରେ ମଧ୍ୟ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସୁମିତ୍ ତାଙ୍କ ପତ୍ନୀ ସିକ୍କିଙ୍କ ସହ ମିଶି ହାଇଦରାବାଦ୍‌ରେ ନିଜସ୍ୱ ଏକ ଏକାଡେମୀ 'ସିକ୍କି ସୁମିତ୍ ଏକାଡେମୀ' ୨୦୨୧ରୁ ଆରମ୍ଭ କରିଛନ୍ତି।



# ଘରୋଇ କ୍ରିକେଟ୍ ନ ଖେଳି ପୁଥୁର'ଙ୍କ ଚମକ

ମୁମ୍ବାଇ, ୨୪।୩ (ଏଜେନ୍ସି): ଚଳିତ ଆଇପିଏଲ୍-୧୮ରେ ମୁମ୍ବାଇ ଇଣ୍ଡିଆନ୍ସ ଓପନିଂ ମ୍ୟାଚରେ ୪ ୱିକେଟ୍‌ରେ ଚେନ୍ନାଇ ସୁପର୍ କିଙ୍ଗସ ନିକଟରୁ ପରାସ୍ତ ହୋଇଛି। ମୁମ୍ବାଇ ପରାସ୍ତ ହୋଇଥିଲେ ମଧ୍ୟ ଏହି ମ୍ୟାଚ୍ ଜରିଆରେ ଆଇପିଏଲ୍‌ରେ ପାଦ ଥାପିଥିବା ଯୁବ ବାମହାତୀ ରିଷ୍ଟ ସ୍ପିନର ବିଗ୍ନେଶ ପୁଥୁରଙ୍କ ଲାଗି ଏହା ବେଶ୍ ସ୍ମରଣୀୟ ହୋଇରହିଛି। ସେ ତାଙ୍କ ୪ ଓଭର ସ୍ପେଲରେ ୮ ହାରରେ ୩୨ ରନ ବ୍ୟୟ କରି ୩ଟି ମୂଲ୍ୟବାନ ୱିକେଟ୍ ଅକ୍ତିଆର କରିଥିଲେ। ଚେନ୍ନାଇ ଅଧିନାୟକ ଋତୁରାଜ ଗାଏକୱାଡ (୫୩ ରନ)ଙ୍କୁ ଆଉଟ୍ କରି ବିଗ୍ନେଶ ତାଙ୍କ ପ୍ରଥମ ଆଇପିଏଲ୍ ୱିକେଟ୍ ସଫଳତା ପାଇଥିଲେ। ଏହାପରେ ସେ ଦୀପକ ହୁଡା (୩ ରନ) ଓ ଶିଭମ ଦୁବେ (୯ ରନ)ଙ୍କ ଭଳି ଆଉ ୨ଟି ମୂଲ୍ୟବାନ ୱିକେଟ ନେଇ



ପଦାର୍ପଣକୁ ସ୍ମରଣୀୟ କରିଥିଲେ। ବିଗ୍ନେଶ 'ଇମ୍ପାକ୍ଟ ପ୍ଲେୟାର' ଭାବେ ରୋହିତ ଶର୍ମାଙ୍କ ସ୍ଥାନରେ ଆସି ଏହି ପ୍ରଭାବୀ ବୋଲିଂ ପ୍ରଦର୍ଶନ କରିଥିଲେ। ତେବେ ବିଶେଷ ପରିଚିତ ହାସଲ କରି ନ ଥିବା ଏହି ଖେଳାଳିଙ୍କ ସ୍ପିନ ବୋଲିଂ କ୍ରିକେଟ୍‌ପ୍ରେମୀଙ୍କୁ ବେଶ୍ ଆକର୍ଷିତ କରିଛି।

ଖେଳାଳି ନିଲାମୀରେ ମୁମ୍ବାଇ ଇଣ୍ଡିଆନ୍ସ ମାତ୍ର ୩୦ ଲକ୍ଷ ଟଙ୍କାରେ କେରଳର ପୁଥୁରଙ୍କୁ ଦଳରେ ସାମିଲ କରିଥିଲା। ସବୁଠୁ ଉଲ୍ଲେଖନୀୟ କଥା ହେଉଛି ୨୪ ବର୍ଷୀୟ ପୁଥୁର ଆଇପିଏଲ୍ ପଦାର୍ପଣ କରିବା ପର୍ଯ୍ୟନ୍ତ ଘରୋଇ କ୍ରିକେଟ୍‌ରେ ଗୋଟିଏ ହେଲେ ମ୍ୟାଚ୍ ଖେଳିବାର ଅଭିଜ୍ଞତା ନ ଥିଲା। ସେ ପ୍ରଥମଶ୍ରେଣୀ, ଲିଷ୍ଟ-ଏ କିମ୍ବା ଟି-୨୦ ଫର୍ମାଟ୍‌ରେ ବିସିସିଆଇର କୌଣସି ମ୍ୟାଚ୍ ଖେଳିନାହାନ୍ତି। ତେବେ କେରଳ ଟି-୨୦ ଲିଗ୍‌ରେ ସେ କେତୋଟି ମ୍ୟାଚ୍ ଖେଳିଛନ୍ତି। ଏଥିରେ ତାଙ୍କ ବାମହାତୀ ରିଷ୍ଟ ସ୍ପିନ ବୋଲିଂ ମୁମ୍ବାଇ ଇଣ୍ଡିଆନ୍ସର ଚୟନ କମିଟିକୁ ପ୍ରଭାବିତ କରିଥିଲା। ଯେଉଁଥି ପାଇଁ ସେମାନେ ପୁଥୁରଙ୍କୁ ଟ୍ରାଏଲ୍ସକୁ ଡାକି ନିଲାମୀରେ କ୍ରୟ କରିଥିଲେ।

# କନ୍ୟା ସନ୍ତାନର ପିତାମାତା ହେଲେ ରାହୁଲ-ଆଥିୟା

ମୁମ୍ବାଇ, ୨୪।୩ (ଏଜେନ୍ସି): ଭାରତୀୟ କ୍ରିକେଟର୍ ତଥା ଦିଲ୍ଲୀ କ୍ୟାପିଟାଲ୍ସର ଅଭିଜ୍ଞ ବ୍ୟାଟର୍ ଲୋକେଶ ରାହୁଲଙ୍କ ପାଇଁ ଖୁସି ଖବର ଆସିଛି। ତାଙ୍କ ଅଭିନେତ୍ରୀ ପତ୍ନୀ ଆଥିୟା ସେଟ୍ଟୀ ସୋମବାର ଏକ କନ୍ୟା ସନ୍ତାନ ପ୍ରସବ କରିଛନ୍ତି। ପ୍ରଥମଥର ଲାଗି ଉଭୟ ପିତାମାତା ହୋଇଥିବାର ଖୁସି ଖବରକୁ



ରାହୁଲ ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ ଜରିଆରେ ତାଙ୍କର ପ୍ରଶଂସକ ଜଣାଇଛନ୍ତି। ଏହି କାରଣ ଲାଗି ରାହୁଲ ସୋମବାର ଆଇପିଏଲ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ବିପକ୍ଷ ଦିଲ୍ଲୀର ପ୍ରଥମ ମ୍ୟାଚ୍ ଖେଳି ନ ଥିଲେ। ଏହି ଖବର ଜଣାପଡ଼ିବା ପରେ ରାହୁଲ ଓ ଆଥିୟାଙ୍କୁ କ୍ରୀଡ଼ା ଜଗତ ସମେତ ବଲିଉଡ୍‌ରୁ ଶୁଭେଚ୍ଛାର ସୁଅ ଛୁଟିଛି। ଉଲ୍ଲେଖଯୋଗ୍ୟ, ୨୦୨୩ ଜାନୁଆରୀରେ ଭେଟେରାନ ଅଭିନେତା ସୁନିଲ ସେଟ୍ଟୀଙ୍କ ଝିଅ ଆଥିୟା ଓ ରାହୁଲ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଗତବର୍ଷ ନଭେମ୍ବରରେ ଆଥିୟା ଗର୍ଭବତୀ ଥିବା ରାହୁଲ ସୂଚନା ଦେଇଥିଲେ।

## ଆଇପିଏଲ୍: ଉତ୍କଣ୍ଠାପୂର୍ଣ୍ଣ ମୁକାବିଲାକୁ ଜିତିଲା ଦିଲ୍ଲୀ

# ଲକ୍ଷ୍ନୌଠାରୁ ମ୍ୟାଚ୍ ଛଡ଼ାଇନେଲେ ଆଶୁତୋଷ



ବିଶାଖାପାଟଣା,୨୪।୩ (ଏଜେନ୍ସି)

ଯୁବ ଖେଳାଳି ଆଶୁତୋଷ ଶର୍ମାଙ୍କ ବିସ୍ଫୋରକ ଓ ଦାୟିତ୍ୱପୂର୍ଣ୍ଣ ବ୍ୟାଟିଂ ବଳରେ ସୋମବାର ଅନୁଷ୍ଠିତ ଆଇପିଏଲ୍‌ର ଉତ୍କଣ୍ଠାପୂର୍ଣ୍ଣ ଓ ରୋମାଞ୍ଚକ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୧ ୱିକେଟରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସକୁ ପରାସ୍ତ କରିଛି। ଏଠାରେ ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ମିଚେଲ ମାର୍ଶ ୭୨ ଓ ନିକୋଲସ ପୂରନ ୭୫ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ୮ ୱିକେଟରେ ୨୦୯ ରନ୍ କରିଥିଲା। ଜବାବରେ ୨୧୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦିଲ୍ଲୀ ୭ ରନ୍‌ରେ ୩ଟି, ୫୦ ରନ୍‌ରେ ୪ଟି ଓ ୬୫ ରନ୍‌ରେ ୫ମ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ଟ୍ରିଷ୍ଟାନ ଷ୍ଟବ୍ସ ଓ ଆଶୁତୋଷ ଶର୍ମା ଷଷ୍ଠ ୱିକେଟରେ ୩୫ ବଲ୍‌ରୁ ୪୮ ରନ୍ ଉଠାଇ ଦଳକୁ କିଛିଟା ଆଶ୍ୱସ୍ତି ଦେଇଥିଲେ। ଷ୍ଟବ୍ସ ୨୨ ବଲ୍‌ରେ ୩୪ ରନ୍ କରି ଆଉଟ ହେବା ପରେ ଦିଲ୍ଲୀ ପୁଣି ନିରାଶ ହୋଇଥିଲା। ଏଠାରେ ପ୍ରଥମ ଆଇପିଏଲ୍ ମ୍ୟାଚ୍ ଖେଳୁଥିବା ଯୁପିର ୨୦ ବର୍ଷୀୟ ଅଲରାଉଣ୍ଡର ବିପ୍ରାଜ ନିଗମ ବ୍ୟାଟିଂ କରିବାକୁ ଆସି ୧୫ ବଲ୍‌ରୁ ୫ ଚୌକା ଓ ୨ ଛକା ସହ ୩୯ ରନ୍ କରି ଖେଳର ଗତିପଥ ବଦଳାଇଦେଇଥିଲେ। ସେ ଆଉଟ ହେଲା ବେଳକୁ ଦିଲ୍ଲୀକୁ ମ୍ୟାଚ୍ ଜିତିବା ଲାଗି ଆହୁରି ୪୨ ରନ୍ ଦରକାର ହେଉଥିଲା। ଗୋଟିଏ ପଟେ ଦୃଢ଼ତାର ସହ ବ୍ୟାଟିଂ କରୁଥିବା ଆଶୁତୋଷ ଶର୍ମା କୌଣସି ଚାପର ସମ୍ମୁଖୀନ ନ ହୋଇ ଦ୍ରୁତ ରନ୍ ସଂଗ୍ରହ କରିଥିଲେ। ମିଚେଲ ଷ୍ଟାର୍କ ୨, କୁଳଦୀପ ଯାଦବ ୫ ରନ୍‌ରେ ଆଉଟ ହେବା ପରେ ଆଶଙ୍କାରେ ପଡ଼ିଥିବା ଦିଲ୍ଲୀର ସ୍କୋର ହୋଇଥିଲା ୯ ୱିକେଟରେ ୧୯୨ ରନ୍। କୁଳଦୀପ ରନ୍ ଆଉଟ ହେବା ପରେ ପ୍ରିନ୍ସ ଯାଦବ ବୋଲିଂ କରୁଥିବା ୧୯ତମ ଓଭରର ଶେଷ ୩ଟି ବଲ୍‌ରୁ ଆଶୁତୋଷ ୧୨ (୨, ୬ ଓ ୪) ରନ୍ ଉଠାଇ ଦିଲ୍ଲୀର ବିଜୟ ଆଶା ସଞ୍ଚାର କରିଥିଲେ। ଶେଷ ଓଭରରେ ଦିଲ୍ଲୀକୁ ମ୍ୟାଚ୍ ଜିତିବା ଲାଗି ୬ ରନ୍ ଓ ଲକ୍ଷ୍ନୌକୁ ଗୋଟିଏ ୱିକେଟ ଆବଶ୍ୟକ ହେଉଥିଲା। ଷ୍ଟ୍ରାଇକ୍‌ରେ ଥିଲେ ମୋହିତ ଶର୍ମା। ୨୦ତମ ଓଭରର ଦ୍ୱିତୀୟ ବଲ୍‌ରେ ମୋହିତ ଷ୍ଟମ୍ପ ଆଉଟରୁ ବର୍ତ୍ତିଯିବା ପରେ ଗୋଟିଏ ରନ୍ ନେଇ ଆଶୁତୋଷଙ୍କୁ ଷ୍ଟ୍ରାଇକ୍ ଦେଇଥିଲେ। ଆଶୁତୋଷ ଏହାର ପରବର୍ତ୍ତୀ ବଲ୍‌ରେ ଶାହାବାଜ ଅହମ୍ମଦ୍‌ଙ୍କୁ ଛକା ମାରି ଦିଲ୍ଲୀକୁ ଅବିଶ୍ୱସନୀୟ ବିଜୟ ଭେଟିଦେଇଥିଲେ। ଦିଲ୍ଲୀ ୯ ୱିକେଟରେ ୨୧୧ ରନ୍ କରିବା ସହ ୩ଟି ବଲ ବାକିଥାଇ ମ୍ୟାଚ୍ ଜିତିନେଇଥିଲା। ଆଶୁତୋଷ ୩୧ ବଲ୍ ଖେଳି ୫ ଚୌକା ଓ ୫ ଛକା ସହ ୨୧୨.୯୦ ଷ୍ଟ୍ରାଇକ୍‌ରେଟ୍‌ରେ ୬୬ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ନିଗମ ୩୯, ଷ୍ଟବ୍ସ ୩୪, ଅକ୍ଷର ୨୨ ଓ ଫାଫ ଡୁ ପ୍ଲେସିସ୍ ୨୯ ରନ୍ କରି ଉପଯୁକ୍ତ ସହାୟତା ଦେଇଥିଲେ। ଲକ୍ଷ୍ନୌ ପକ୍ଷରୁ ଶାର୍ଦ୍ଦୁଳ ଠାକୁର, ଏମ୍ ସିଦ୍ଧାର୍ଥ, ଦିଭେଶ ରାଠୀ ଓ ରବି ବିଷ୍ଣୋଇ ୨ଟି ଲେଖାଏଁ ୱିକେଟ ନେଇଥିଲେ ମଧ୍ୟ ଦଳକୁ ଜିତାଇ ପାରି ନ ଥିଲେ।

### ଇନିଂସରେ ୧୬ ଛକା, ଶେଷ ୫ ଓଭରରେ ୩୯ ରନ୍

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ପକ୍ଷରୁ ଓପନର ଆଇଡେନ୍ ମାର୍କରାମ ଓ ମିଚେଲ ମାର୍ଶ ଦ୍ରୁତଗତିରେ ରନ୍ ସଂଗ୍ରହ କରି ପ୍ରଥମ ୱିକେଟରୁ ୪.୪ ଓଭରରେ ୪୬ ରନ୍ ଉଠାଇଥିଲେ। ମାର୍କରାମଙ୍କୁ ୧୩ ରନ୍‌ରେ ଆଉଟ କରି ଏହି ଯୋଡି ଭାଙ୍ଗିଦେଇଥିଲେ ନବାଗତ ବିପରାଜ ନିଗମ। ଏହା ପରେ ମାର୍ଶଙ୍କ ସହ ନିକୋଲସ ପୂରନ ଯୋଗଦେବା ଦେବା ପରେ ଦିଲ୍ଲୀ ବୋଲର ନିର୍ମମ ପ୍ରହାରର ଶିକାର ହୋଇଥିଲେ। ଏମାନେ ଦ୍ୱିତୀୟ ୱିକେଟରେ ୪୨ ବଲ୍‌ରୁ ୮୭ ରନ୍ ଉଠାଇ ଦଳ ଲାଗି ଏକ ବିଶାଳ ସ୍କୋର କରାଇବାରେ ସହାୟତା କରିଥିଲେ। ମାର୍ଶ ୩୬ ବଲ୍ ଖେଳି ୬ଟି ଲେଖାଏଁ ଚୌକା ଓ ଛକା ସହ ୭୨, ପୂରନ ୩୦ ବଲ୍‌ରୁ ୬ ଚୌକା ଓ ୭ ଛକା ସହ ୭୫ ରନ୍ କରିଥିଲେ। ପୂରନଙ୍କ ଆଉଟ ପରେ ଦଳ ଆଉ ଦ୍ରୁତ ରନ୍ କରି ପାରି ନ ଥିଲା। ଲକ୍ଷ୍ନୌ ତାହାର ଶେଷ ୩୧ ବଲ୍‌ରେ ମାତ୍ର ୪୦ ରନ୍ କରିପାରିଥିଲା। ଏହି ମ୍ୟାଚ୍‌ରେ ଲକ୍ଷ୍ନୌ ଦଳ ୧୬ଟି ଛକା ମାରିଥିଲା। ଦଳ ଲାଗି ଏହା ଯୁଗ୍ମ ସର୍ବାଧିକ। ଦିଲ୍ଲୀ ପକ୍ଷରୁ ପ୍ରଥମ ୩ ଓଭରରେ ୩୬ ରନ୍ ଦେଇ ଷ୍ଟାର୍କ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ ମଧ୍ୟ ୧୯ତମ ଓଭରରେ ମାତ୍ର ୬ ରନ୍ ଦେଇ ୨ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। ସେ ତାଙ୍କ ୪ ଓଭରରେ ୪୨ ରନ୍ ଦେଇ ସର୍ବାଧିକ ୩ଟି ୱିକେଟ ପାଇଥିଲେ।

**ଓଭରଅଲ୍ ଟି-୨୦ ଫର୍ମାଟ୍‌ରେ ସର୍ବାଧିକ ଛକା**

| ବ୍ୟାଟର୍ | ମ୍ୟାଚ୍ | ଚୌକା | ଛକା |
|---|---|---|---|
| କ୍ରିସ୍ ଗେଲ୍ | ୪୬୩ | ୧୧୩୨ | ୧୦୫୬ |
| କାଇରନ ପୋଲାର୍ଡ | ୬୯୫ | ୮୪୨ | ୯୦୮ |
| ଆନ୍ଦ୍ରେ ରସେଲ | ୫୩୯ | ୫୯୪ | ୭୩୩ |
| ନିକୋଲସ ପୁରନ | ୩୮୫ | ୫୮୦ | ୬୦୬ |
| ଆଲେକ୍ସ ହେଲ୍ସ | ୪୯୪ | ୧୪୯୧ | ୫୫୨ |
| କଲିନ ମୁନରୋ | ୪୩୪ | ୯୨୩ | ୫୫୦ |
| ଗ୍ଲେନ ମ୍ୟାକ୍ସୱେଲ୍ | ୪୫୯ | ୮୭୭ | ୫୨୯ |

## ବିସିସିଆଇ ବାର୍ଷିକ କେନ୍ଦ୍ରୀୟ ଚୁକ୍ତି

# ଶ୍ରେୟଙ୍କା, ଅରୁନ୍ଧତୀ ଓ ଟିଟାସ୍ ସାମିଲ

ମୁମ୍ବାଇ,୨୪।୩ (ଏଜେନ୍ସି): ବିସିସିଆଇ ପକ୍ଷରୁ ମହିଳା କ୍ରିକେଟ ଖେଳାଳିଙ୍କୁ ବାର୍ଷିକ କେନ୍ଦ୍ରୀୟ ଚୁକ୍ତିରେ ସାମିଲ କରାଯାଇଛି। ପୂର୍ବରୁ ପରି ଏହି ଚୁକ୍ତିରେ ୧୭ଜଣ ଖେଳାଳି ରହିଛନ୍ତି। ଏଥିରେ ଅଫ୍ ସ୍ପିନ୍ ଅଲରାଉଣ୍ଡର ଶ୍ରେୟଙ୍କା ପାଟିଲ, ଦୁଇ ମିଡିୟମ୍ ପେସ୍ ବୋଲର ଅରୁନ୍ଧତି ରେଡ୍ଡୀ ଓ ଟିଟାସ ସାଧୁ, ଅଲରାଉଣ୍ଡର ଅମନଜୋତ୍ କୌର ଓ ୱିକେଟକିପର ଉମାଛେତ୍ରୀ। ଏମାନେ ସମସ୍ତେ ଗ୍ରେଡ୍-ସି'ରେ ସ୍ଥାନ ପାଇଛନ୍ତି। ବର୍ଷକୁ ୧୦ ଲକ୍ଷ ଟଙ୍କାରେ ବିସିସିଆଇ ଏହି ଖେଳାଳିଙ୍କୁ ଚୁକ୍ତିବଦ୍ଧ କରିଛି। କିନ୍ତୁ ରାଜେଶ୍ୱରୀ ଗାଏକ୍‌ୱାଡ୍, ହର୍ଲିନ ଦେଓଲ, ମେଘନା ସିଂ, ଦେବୀକା ବୈଦ୍ୟ, ଏସ୍ ମେଘନା ଓ ଅଞ୍ଜଳି ଶ୍ରାବଣୀଙ୍କୁ ବାଦ୍ ଦିଆଯାଇଛି। ଗତ ଅକ୍ଟୋବରରୁ ଭାରତ ଲାଗି ଆଦୌ ଖେଳି ନ ଥିବା ଶେଫାଳି ବର୍ମାଙ୍କୁ ପୂର୍ବପରି ଗ୍ରେଡ୍ ବି'ରେ ରଖାଯାଇଛି। ବିସିସିଆଇ ପକ୍ଷରୁ ଖେଳାଳିମାନଙ୍କୁ ୩ ପ୍ରକାର ଗ୍ରେଡ୍‌ରେ ରଖାଯାଇଛି। ଅଧିନାୟିକା ହରମନପ୍ରୀତ୍ କୌର, ସ୍ମୃତି ମନ୍ଧାନା ଓ ଅଲରାଉଣ୍ଡର ଦୀପ୍ତି ଶର୍ମାଙ୍କୁ ଗ୍ରେଡ-ଏ'ରେ ରଖାଯାଇଛି। ଏମାନଙ୍କୁ ବର୍ଷକୁ ୫୦ ଲକ୍ଷ ଟଙ୍କା ମିଳିବ। ଶେଫାଳିଙ୍କ ସହ ରେଣୁକା ସିଂ ଠାକୁର, ଜେମିମା ରୋଡ୍ରିଗ୍ସେଜ୍, ରିଚା ଘୋଷ ଗ୍ରେଡ୍-ବି'ରେ ରହିଛନ୍ତି। ଏମାନଙ୍କୁ ବର୍ଷକୁ ୩୦ ଲକ୍ଷ ଲେଖାଏଁ ଟଙ୍କା ମିଳିବ। ଗ୍ରେଡ୍-ସି'ରେ ନବାଗତ ଖେଳାଳି ଶ୍ରେୟଙ୍କା ପାଟିଲ, ଅରୁନ୍ଧତି ରେଡ୍ଡୀ, ଟିଟାସ ସାଧୁ, ଅମନଜୋତ୍ କୌର, ଉମା ଛେତ୍ରୀ, ଯାସ୍ତିକା ଭାଟିଆ, ରାଧା ଯାଦବ, ସ୍ନେହ ରାଣା ଓ ପୂଜା ଭସ୍ତ୍ରାକାର ଗ୍ରେଡ୍-ସି'ରେ ସାମିଲ ହୋଇଛନ୍ତି।

ଚୁକ୍ତିନାମାରେ ସାମିଲ ହୋଇ ନ ଥିବା ପ୍ରମୁଖ ଖେଳାଳିଙ୍କ ମଧ୍ୟରେ ଅଛନ୍ତି ହର୍ଲିନ ଦେଓଲ, ପ୍ରତୀକା ରାୱଲ ଓ ପ୍ରିୟା ମିଶ୍ର। ଆହତ ସମସ୍ୟାରୁ ଫେରିବା ପରେ ଦେଓଲ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିନିକିଆରେ ତାଙ୍କ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ। ଡେବ୍ୟୁ କରିବା ପରେ ରାୱଲ ୪୪୪ ରନ୍ କରିଛନ୍ତି। ଯାହାକି କୌଣସି ଭାରତୀୟ ଖେଳାଳି ଏହା କରିବାରେ ସମର୍ଥ ହୋଇ ନାହାନ୍ତି। ଗତବର୍ଷ ଅକ୍ଟୋବରରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ ପ୍ରିୟା ମିଶ୍ର। ସେବେଠାରୁ ସେ ଭାରତ ଖେଳିଥିବା ସମସ୍ତ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଖେଳିଛନ୍ତି। ଏହି ୩ ଖେଳାଳିଙ୍କୁ ଏହି ସଫଳତା ସେମାନଙ୍କୁ କେନ୍ଦ୍ରୀୟ ଚୁକ୍ତିରେ ସାମିଲ



ହେବାକୁ ପର୍ଯ୍ୟାପ୍ତ ଯୋଗ୍ୟତା ଦେଇନାହିଁ। ବରିଷ୍ଠ ଚୟନ କମିଟି ମୁଖ୍ୟ ନୀତୁ ଡେଭିଡ୍ ଓ ହେଡ୍ କୋଚ୍ ଅମୋଲ ମଜୁମଦାରଙ୍କ ଦ୍ୱାରା ଏହି ତାଲିକା ଚୂଡାନ୍ତ କରାଯାଇଛି। ୨୦୨୪ ଅକ୍ଟୋବର ୧ରୁ ୨୦୨୫ ସେପ୍ଟେମ୍ବର ୩୦ ଯାଏ ଚୁକ୍ତିନାମା ରହିବ। ଭାରତ ତାହାର ପରବର୍ତ୍ତୀ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ତ୍ରିରାଷ୍ଟ୍ରୀୟରେ ଖେଳିବ। ଏଥିରେ ଦକ୍ଷିଣ ଆଫ୍ରିକା ତୃତୀୟ ଦଳ ଭାବେ ଅଂଶଗ୍ରହଣ କରିବ। ଏହା ପରେ ଇଂଲଣ୍ଡ ଗସ୍ତରେ ଯିବ ଭାରତ। ଭାରତରେ ସେପ୍ଟେମ୍ବର ଖେଳାଯିବାକୁ ଥିବା ଦିନିକିଆ ବିଶ୍ୱକପ୍ ଲାଗି ଭାରତ ପ୍ରସ୍ତୁତି କରିବ।

## ■ ଢାକା ପ୍ରିମିୟର ଲିଗ୍

# ମ୍ୟାଚ୍ ସମୟରେ ତାମିମଙ୍କୁ ହାର୍ଟଆଟାକ୍

ଢାକା, ୨୪।୩ (ଏଜେନ୍ସି): ବାଂଲାଦେଶ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ତାମିମ ଇକବାଲ ସୋମବାର ମ୍ୟାଚ୍ ଖେଳୁଥିବାବେଳେ ହାର୍ଟ ଆଟାକ୍‌ର ସମ୍ମୁଖୀନ ହୋଇ ଗୁରୁତର ହୋଇଛନ୍ତି। ଚଳିତ ଢାକା ପ୍ରିମିୟର ଲିଗ୍ ସମୟରେ ଏହି ଅଘଟଣ ଘଟିଛି। ଏହାପରେ ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ମୁତାବକ ତାମିମ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ବିପଦମୁକ୍ତ ନାହାନ୍ତି। ତିନିଦିନ ତଳେ ୩୬ତମ ଜନ୍ମଦିନ ପାଳିଥିବା ତାମିମ ଢାକା ପ୍ରିମିୟର ଲିଗ୍‌ରେ ମହମ୍ମଦାନ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଖେଳୁଛନ୍ତି। ସୋମବାର ମହମ୍ମଦାନ ସ୍ପୋର୍ଟିଂ ଓ ଶିନେପୁକୁର କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଫିଲ୍ଡିଂ କରୁଥିବାବେଳେ ଏହି ଅଘଟଣ ଘଟିଥିଲା। ପ୍ରଥମେ ତାମିମ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହାପରେ ତୁରନ୍ତ ମେଡିକାଲ ଟିମ୍ ପଡ଼ିଆ ମଧ୍ୟରେ ପହଞ୍ଚି ତାଙ୍କର ଚିକିତ୍ସା କରିଥିଲା। ତାଙ୍କୁ ଏୟାର ଲିଫ୍ଟ ପାଇଁ ହେଲିକାପ୍ଟରର ମଧ୍ୟ ବନ୍ଦୋବସ୍ତ କରାଯାଇଥିଲା। କିନ୍ତୁ ସଙ୍ଗେ ସଙ୍ଗେ ପ୍ରାଥମିକ ଚିକିତ୍ସା ଲାଗି ତାଙ୍କୁ ସ୍ଥାନୀୟ ଫଜିଲାତୁନେସା ହସ୍ପିଟାଲକୁ



ନିଆଯାଇଥିଲା। ସେଠାରୁ ତାଙ୍କୁ ହେଲିକାପ୍ଟରରେ ରାଜଧାନୀ ଢାକାକୁ ଏୟାର ଲିଫ୍ଟ ପାଇଁ ନିଆଯାଉଥିବାବେଳେ ପୁନର୍ବାର ଭୀଷଣ ଯନ୍ତ୍ରଣା ଅନୁଭବ କରିଥିଲେ। ଫଳରେ ତାଙ୍କୁ ପୁଣିଥରେ ସେହି ହସ୍ପିଟାଲକୁ ଫେରାଇ ଅଣାଯାଇଥିଲା। ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି)ର ମେଡିକାଲ ଟିମ୍ ମୁଖ୍ୟ ଦେବାଶିଷ ଚୌଧୁରୀ କହିଛନ୍ତି, ଏହା ଏକ ଗୁରୁତର ହାର୍ଟ ଆଟାକ୍ ଥିଲା। ସେ ବର୍ତ୍ତମାନ ସୁଦ୍ଧା ବିପଦମୁକ୍ତ ନାହାନ୍ତି।' ନିକଟରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଥିବା ତାମିମ ବାଂଲାଦେଶ ପାଇଁ ୭୦ ଟେଷ୍ଟ, ୨୪୩ ଏକଦିବସୀୟ ଓ ୭୮ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୫୧୩୪, ୮୩୫୭ ଓ ୧୭୫୮ ରନ ସଂଗ୍ରହ କରିଛନ୍ତି। ତିନୋଟି ଯାକ ଫର୍ମାଟ୍‌ରେ ସେ ୨୫ ଶତକ ମାରିଛନ୍ତି।

## କଳାହାଣ୍ଡି କପ୍ ଆନ୍ତଃଜିଲ୍ଲା କ୍ରିକେଟ

# ଜ୍ୟୋତିଙ୍କ ଶତକ, ରାକେଶଙ୍କୁ ୬ ୱିକେଟ୍

କଟକ,୨୪।୩(ସମିସ)



ରାକେଶ ବାରିକ



ଆଦିତ୍ୟ ରାଉତ



ପପୁ ରାୟ



ଜ୍ୟୋତି ରଞ୍ଜନ

ବାମହାତୀ ଅର୍ଥୋଡକ୍ସ ପପୁ ରାୟଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ କଳାହାଣ୍ଡି କପ୍‌ର ଏକ ଲିଗ୍ ମ୍ୟାଚ୍‌ରେ ଯାଜପୁର ୬୩ରନରେ ମୟୂରଭଞ୍ଜକୁ ପରାସ୍ତ କରିଛି। ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏହି ମ୍ୟାଚ୍ ଡ୍ରିମସ ଗ୍ରାଉଣ୍ଡରେ ଖେଳାଯାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଯାଜପୁର ମାତ୍ର ୧୦୫ରନରେ ଅଲଆଉଟ ହୋଇଥିଲା। ପ୍ରମୁଖ ବ୍ୟାଟରଙ୍କ ବିଫଳତା ପରେ ପପୁ ସର୍ବାଧିକ ୪୨ରନ କରିଥିଲେ। ମୟୂରଭଞ୍ଜର ଅଭିଜିତ ଘନଙ୍କୁ ୪ଟି ୱିକେଟ ମିଳିଥିଲା। ୧୦୫ରନର ବିଜୟ ଲକ୍ଷ୍ୟକୁ ପିଛା କରି ମୟୂରଭଞ୍ଜ ମାତ୍ର ୪୨ରନରେ ସୀମିତ ରହିଥିଲା। ଶିବସୁନ୍ଦର ଦାସ ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଥିବା ବେଳେ ସେଖ ଆଝାରୁଦ୍ଦିନ ଏବଂ ପପୁ ୨ଟି ଲେଖାଏ ୱିକେଟ ବାଣ୍ଟି ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ନିମନ୍ତେ ପପୁ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ବାରବାଟୀ ଷ୍ଟାଡିୟମରେ କୋରାପୁଟ ୪ ୱିକେଟରେ ନବରଙ୍ଗପୁରକୁ ପରାସ୍ତ କରିଛି। ଆଦିତ୍ୟ ରାଉତଙ୍କ ପାଞ୍ଚ ୱିକେଟ ସଫଳତା ଯୋଗୁଁ ନବରଙ୍ଗପୁର ୭୫ରନରେ ଅଲଆଉଟ ହୋଇଥିଲା। ୧୬ତମ ଓଭରରେ କୋରାପୁଟ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଆଦିତ୍ୟ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସନସାଇନ ଗ୍ରାଉଣ୍ଡରେ ଖୋର୍ଦ୍ଧା ୧୬୭ରନରେ ବୌଦ୍ଧକୁ ପରାସ୍ତ କରିଛି। ଜ୍ୟୋତି ରଞ୍ଜନ ବେହେରାଙ୍କ ୧୧୨ରନ ବଳରେ ଖୋର୍ଦ୍ଧା ସମସ୍ତ ୱିକେଟ ହରାଇ ୨୭୮ରନ କରିଥିଲା। ଜବାବରେ ବୌଦ୍ଧ ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ କରି ମାତ୍ର ୧୦୧ରନ ସଂଗ୍ରହ କରିଥିଲା। ଜ୍ୟୋତି ରଞ୍ଜନ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅଡଶପୁର ଗ୍ରାଉଣ୍ଡରେ ଏକ ଲୋସ୍କୋରିଂ ମ୍ୟାଚ୍‌ରେ ଭୁବନେଶ୍ୱର-ବି ୬୮ରନରେ ଗଜପତିକୁ ହରାଇଛି। ଭୁବନେଶ୍ୱର-ବି ୧୪୩ରନରେ ଅଲଆଉଟ ହୋଇଥିଲା। ସିଦ୍ଧାନ୍ତ ଜେନା ସର୍ବାଧିକ ୫୧ରନ କରିଥିଲେ। ଗଜପତିର ଶୁଭମ ରାଉତ ୪ଟି ୱିକେଟ ଦଖଲ କରିଥିଲେ। ତେବେ ରମଣୀ ଜେନାଙ୍କ ଅପରାଜିତ ୪୬ରନର ସଂଘର୍ଷପୂର୍ଣ୍ଣ ପାଳି ସତ୍ତ୍ୱେ ଗଜପତି ୭୫ରନରେ ସୀମିତ ରହିଥିଲା। ଭୁବନେଶ୍ୱର-ବିର ରାକେଶ ବାରିକ ୭ରନ ବିନିମୟରେ ୬ଟି ୱିକେଟ ଅକ୍ତିଆର କରି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

# ଓଡ଼ିଶା ଫେରିବେ ଶୁଭ୍ରାଂଶୁ ସେନାପତି!



କଟକ,୨୪।୩ (ସମିସ): ରାଜ୍ୟ କ୍ରିକେଟରୁ ଗୋଟିଏ ବର୍ଷ ଦୂରେଇ ରହିବା ପରେ ଶୁଭ୍ରାଂଶୁ ଶେଖର ସେନାପତି ଘର ବାହୁଡିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଗତ ସିଜନ ସେ ମଧ୍ୟପ୍ରଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଆଗାମୀ ସିଜନରେ ସେ ଓଡ଼ିଶା ପାଇଁ ଖେଳିବେ ବୋଲି ଆଲୋଚନା ଜୋର ଧରିଛି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ଶୁଭ୍ରାଂଶୁଙ୍କୁ ଏକାଧିକ ପ୍ରସ୍ତାବ ଦିଆଯାଇଛି। ମଧ୍ୟପ୍ରଦେଶ ଛାଡି ଓଡ଼ିଶା ପକ୍ଷରୁ ଖେଳିବା ନିମନ୍ତେ ଓସିଏ ପଦାଧିକାରୀ ଆଲୋଚନା କରିଛନ୍ତି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ମଧ୍ୟପ୍ରଦେଶ କ୍ରିକେଟ ସଂଘରୁ ଶୁଭ୍ରାଂଶୁଙ୍କୁ ଏଯାବତ୍ ଏନଓସି ମିଳିନାହିଁ। ସମ୍ଭବତଃ ଏପ୍ରିଲ ମାସରେ ସେ ଓଡ଼ିଶା ଶିବିରରେ ସାମିଲ ହୋଇ ପାରନ୍ତି ବୋଲି ଅନୁମାନ କରାଯାଉଛି। ଓଡ଼ିଶା ଦଳ ଶ୍ରୀଲଙ୍କାରେ କିଛି ଅଭ୍ୟାସ ମ୍ୟାଚ୍ ଖେଳିବ ବୋଲି ଓସିଏ ପକ୍ଷରୁ ଯୋଜନା କରାଯାଇଛି। ଏ ବାବଦରେ ଶୁଭ୍ରାଂଶୁଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେ କୌଣସି ସ୍ପଷ୍ଟ ଉତ୍ତର ଦେଇ ନଥିଲେ।

- ମଧ୍ୟପ୍ରଦେଶ କ୍ରିକେଟ୍ ସଂଘର ଏନଓସିକୁ ଅପେକ୍ଷା
- ଏପ୍ରିଲରେ ରାଜ୍ୟ ଦଳ ସହ ଶ୍ରୀଲଙ୍କା ଯାଇପାରନ୍ତି

ବିସିସିଆଇର ଗତ ଘରୋଇ ସିଜନ୍‌ରେ ଶୁଭ୍ରାଂଶୁ ମଧ୍ୟପ୍ରଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ୬ଟି ରଣଜୀ ମ୍ୟାଚ୍‌ରେ ୨୫୧ରନ କରିଥିବା ବେଳେ ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ରେ ୧୦ଟି ମ୍ୟାଚ୍‌ରୁ ୨୫୪ରନ, ବିଜୟ ହଜାର ଟ୍ରଫିରେ ୪ଟି ମ୍ୟାଚ୍‌ରୁ ୧୩୨ରନ ସଂଗ୍ରହ କରିଥିଲେ। ଅନେକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ମଧ୍ୟପ୍ରଦେଶ ନିମନ୍ତେ ଉପଯୋଗୀ ପାଳି ଖେଳିଥିଲେ। ମାତ୍ର ଗୋଟିଏ ସିଜନ ଖେଳିବା ପରେ ତାଙ୍କୁ ଘରୋଇ ଦଳକୁ ଫେରାଇ ଆଣିବା ନିମନ୍ତେ ଓସିଏ ଉଦ୍ୟମ କରିଛି। ଜଣେ ବରିଷ୍ଠ ପଦାଧିକାରୀଙ୍କ କହିବା ମୁତାବକ, ଆଗାମୀ ଦିନରେ ଓଡ଼ିଶା କ୍ରିକେଟ ଲିଗ୍(ଓସିଏଲ) ବଡ ଧରଣର ଆୟୋଜନ ହେବ। ଏହାଛଡ଼ା ରାଜ୍ୟ ବରିଷ୍ଠ ଦଳ ଏପ୍ରିଲ ମାସରେ ଶ୍ରୀଲଙ୍କା ଗସ୍ତରେ ଯିବ। ଦଳରେ କିଛି ନବାଗତ ଖେଳାଳି ସାମିଲ ହେବେ। ଏହି ସବୁ ମ୍ୟାଚ୍ ସୂଚୀ ନିମନ୍ତେ ଶୁଭ୍ରାଂଶୁଙ୍କୁ ଓଡ଼ିଶା ଫେରାଇ ଆଣିବାକୁ ଆଲୋଚନା ହୋଇଛି। ବର୍ତ୍ତମାନ ସୁଦ୍ଧା ଏହି ଘଟଣାରେ କୌଣସି ସ୍ପଷ୍ଟତା ଆସିନାହିଁ ବୋଲି ପଦାଧିକାରୀ ଜଣକ କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS